# ଧରିତ୍ରୀ DHARITRI

ଧରିତ୍ରୀ 51 Years

ଭୁବନେଶ୍ୱର, ଶୁକ୍ରବାର, ଫେବୃଆରୀ ୨୧/୨୦୨୫ (୧୬ ପୃଷ୍ଠା) | Bhubaneswar, Friday, February 21/2025 | Page 16 | ₹ 7.00 | RAYAGADA

୫୧ଶ ଭାଗ ୮୯ ସଂଖ୍ୟା | www.orissakhabar.com/www.dharitri.com | Printed at Rayagada, Bhubaneswar, Sambalpur & Angul | VOLUME 51 ISSUE 89 | ମୂଲ୍ୟ₹୭/-


DSPL-390

ଓଡ଼ିଶା ଶାସନ



**ଶ୍ରୀ ନରେନ୍ଦ୍ର ମୋଦୀ**
ପ୍ରଧାନମନ୍ତ୍ରୀ



**ଶ୍ରୀ ମୋହନ ଚରଣ ମାଝୀ**
ମୁଖ୍ୟମନ୍ତ୍ରୀ, ଓଡ଼ିଶା

# ଅନ୍ତର୍ଜାତୀୟ ମାତୃଭାଷା ଦିବସ

## ୨୧ ଫେବୃଆରୀ ୨୦୨୫

"ଉଚ୍ଚ ହେବା ପାଇଁ କର ଯେବେ ଆଶା
ଉଚ୍ଚ କର ଆଗେ ନିଜ ମାତୃଭାଷା ।"
*ସ୍ୱଭାବ କବି ଗଙ୍ଗାଧର ମେହେର*

**ଅନ୍ତର୍ଜାତୀୟ ମାତୃଭାଷା ଦିବସ ଅବସରରେ ମାତୃଭାଷାର ସୁରକ୍ଷା ସହିତ ଏକ ସମୃଦ୍ଧ ଶୈକ୍ଷିକ ବାତାବରଣ ଗଢ଼ିତୋଳିବାକୁ 'ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ'ର ପ୍ରୟାସ ।**

ଗୁଜରାଟ, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ, ଛତିଶଗଡ଼, ମଧ୍ୟପ୍ରଦେଶ, ଆନ୍ଧ୍ରପ୍ରଦେଶ ଓ ତାମିଲନାଡୁରେ ଓଡ଼ିଆ ଭାଷା ଶିକ୍ଷା ପାଇଁ ୬୧ ହଜାରରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କୁ ଓଡ଼ିଆ ସାହିତ୍ୟ ପୁସ୍ତକ ପ୍ରଦାନ ।

ଆଗାମୀ ଶିକ୍ଷା ବର୍ଷରେ ୫ ଲକ୍ଷ ୪୬ ହଜାରରୁ ଊର୍ଦ୍ଧ୍ୱ ବେସରକାରୀ ଓଡ଼ିଆ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କୁ ପାଠ୍ୟପୁସ୍ତକ ଯୋଗାଇବା ପାଇଁ ବ୍ୟବସ୍ଥା ।

ଓଡ଼ିଆ ଭାଷାରେ ହାଇସ୍କୁଲ୍ ସାର୍ଟିଫିକେଟ୍ ପରୀକ୍ଷା-୨୦୨୪ରେ ଓଡ଼ିଆରେ ସର୍ବାଧିକ ନମ୍ବର ରଖିଥିବା ୭୧୬୦ଜଣ ଛାତ୍ରଛାତ୍ରୀଙ୍କୁ ୫ କୋଟି ୩୭ ଲକ୍ଷ ଟଙ୍କାର 'ମୁଖ୍ୟମନ୍ତ୍ରୀ ଓଡ଼ିଆ ଭାଷାବୃତ୍ତି ପୁରସ୍କାର' ପ୍ରଦାନ ।

୪୨୭୩୯ ବିଦ୍ୟାଳୟରେ ଗପ ଶୁଣିବା ଓ ଗପ କହିବା କାର୍ଯ୍ୟକ୍ରମ ।

୪୮୬୫୮ ବିଦ୍ୟାଳୟରେ ଆମ ସଂସ୍କୃତି, ଆମ ଖେଳନା କାର୍ଯ୍ୟକ୍ରମ ।

ରାଜ୍ୟସ୍ତରୀୟ ଭାରତୀୟ ଭାଷା ଉତ୍ସବ ସମାରୋହ ୧୧ ଡିସେମ୍ବର ୨୦୨୪ରେ ଅନୁଷ୍ଠିତ ।

ଭାଷା ଭିତ୍ତିକ ଆକାଂକ୍ଷୀ ପାଠ୍ୟକ୍ରମ 'ସାହିତ୍ୟ ସୃଜନୀ' ମାଧ୍ୟମିକ ବିଦ୍ୟାଳୟରେ ପ୍ରଚଳନ ।

ଉଚ୍ଚ ବିଦ୍ୟାଳୟ ସ୍ତରରେ ଓଡ଼ିଆ ଶିକ୍ଷାର ବିକାଶ ପାଇଁ ୪୯୬ଜଣ ଓଡ଼ିଆ ପ୍ରଶିକ୍ଷିତ ସ୍ନାତକ ଶିକ୍ଷକ ପଦବୀ ସୃଷ୍ଟି କରାଯାଇ ନିଯୁକ୍ତି ପ୍ରକ୍ରିୟା ଜାରିରହିଛି ।

ଜନଜାତି ଅଧ୍ୟୁଷିତ ଅଞ୍ଚଳରେ ୧୩୧୭ଟି ବିଦ୍ୟାଳୟରେ ପ୍ରାଥମିକ ସ୍ତରରେ ୨୧ଟି ଭାଷାରେ ମାତୃଭାଷା ଭିତ୍ତିକ ବହୁଭାଷୀ ଶିକ୍ଷା କାର୍ଯ୍ୟକ୍ରମ ।

OIPR-27068/13/0038/2425

**ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଓଡ଼ିଶା ସରକାର**

वित्त मंत्रालय
MINISTRY OF
FINANCE
Government of India

# କୃଷି ବିକାଶକୁ ପ୍ରୋତ୍ସାହନ



UNION BUDGET 2025-2026

## ସମୃଦ୍ଧ ଅନ୍ନଦାତା, ସମୃଦ୍ଧ ଭାରତ

### ଚାଷୀଙ୍କୁ ମିଳିଛି ନୂଆ ସୁବିଧା
### ପ୍ରଶସ୍ତ ହେଉଛି ଆତ୍ମନିର୍ଭର ଓ ବିକଶିତ ଭାରତର ମାର୍ଗ

ପିଏମ୍ ଧନ-ଧାନ୍ୟ କୃଷି ଯୋଜନା
100 ଜିଲ୍ଲାରେ ବଢ଼ାଇବ ଉତ୍ପାଦକତା,
ଲାଭ ପାଇବେ 1.7 କୋଟି ଚାଷୀ

ପ୍ରାୟ 7.7 କୋଟି ମତ୍ସ୍ୟଜୀବୀ, ଚାଷୀ ଓ ଦୁଗ୍ଧ ଚାଷୀଙ୍କ
ସହାୟତା ଲାଗି କିଷାନ କ୍ରେଡିଟ୍ କାର୍ଡ (କେସିସି)ର
ଋଣ ସୀମା ବଢ଼ାଇ 5 ଲକ୍ଷ ଟଙ୍କା କରି ଦିଆଯାଇଛି

ଭାରତର ସାମୁଦ୍ରିକ ଖାଦ୍ୟ କ୍ଷେତ୍ରର ଉଦ୍ୟୋଗୀ
ଏବଂ ଚାଷୀଙ୍କ ସହାୟତା ପାଇଁ ଫ୍ରୋଜନ ଫିଶ୍
ପେଷ୍ଟ ଉପରେ ମୂଳ ସୀମା ଶୁଳ୍କ 30%ରୁ ହ୍ରାସ
କରି 5% ଏବଂ ଫିଶ୍ ହାଇଡ୍ରୋଲାଇସେଟ୍
ଉପରେ 15%ରୁ କମାଇ 5% କରି ଦିଆଯାଇଛି

କମ୍ପ୍ରେହେନ୍ସିଭ୍ ରୁରାଲ ପ୍ରସ୍ପରିଟି ଆଣ୍ଡ ରେସିଲିଏନ୍ସ
କାର୍ଯ୍ୟକ୍ରମ ଅଧୀନରେ ତାଲିମ, ପ୍ରଯୁକ୍ତି ଓ ନିବେଶ
ଦ୍ୱାରା ସ୍ଥାନୀୟ କୃଷି ଏବଂ ରୋଜଗାର ବୃଦ୍ଧି କରାଯିବ,
ଯାହାଫଳରେ ପ୍ରବାସ ବାଧ୍ୟବାଧକତା ନୁହେଁ ବରଂ
ଏକ ବିକଳ୍ପ ପାଲଟିବ (100 କୃଷି ଜିଲ୍ଲାରୁ ଶୁଭାରମ୍ଭ)

ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟ ଏବଂ ଗ୍ରାମାଞ୍ଚଳ
ଲୋକମାନଙ୍କର ଋଣ ଆବଶ୍ୟକତା ନିମନ୍ତେ
'ଗ୍ରାମୀଣ କ୍ରେଡିଟ୍ ସ୍କୋର' ଢାଞ୍ଚା ପ୍ରସ୍ତୁତ

ଡାଲି ବିଶେଷ କରି, ହରଡ଼, ବିରି ଏବଂ
ମସୁର ଉପରେ ଆତ୍ମନିର୍ଭରଶୀଳତା ପାଇଁ
ଏକ ସ୍ୱତନ୍ତ୍ର ମିଶନ

CBC 15201/13/0011/2425

# ଅରୁଣାଚଳ ସୀମାରେ ଚାଇନା ବସାଉଛି ୯୦ ଗାଁ

ଚାଇନା ଏହାର ବିସ୍ତାର ନୀତି 'ପ୍ରସ୍ପରସ୍ ଭିଲେଜେସ୍' ଅନୁଯାୟୀ ଅରୁଣାଚଳ ପ୍ରଦେଶର ଅପରପାର୍ଶ୍ୱ ଏଲ୍ଏସି ସଂଲଗ୍ନ ଅଞ୍ଚଳରେ ୯୦ ନୂଆ ବସତି ସ୍ଥାପନ କରୁଛି। ଚାଇନା ପକ୍ଷରୁ ଏଲ୍ଏସି ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଅଦ୍ୟାବଧି ୬୨୮ଟି ଗ୍ରାମ ପ୍ରତିଷ୍ଠା କରାଯାଇଥିବାବେଳେ ଆହୁରି ୯୦ ବସତି ସ୍ଥାପନ ବେଜିଂର କ୍ଷେତ୍ରୀୟ ଦାବିକୁ ମଜଭୁତ କରିବା ସହ ଅନିର୍ଦ୍ଧାରିତ ସୀମାରେ ପିପୁଲ୍ସ ଲିବରେଶନ୍ ଆର୍ମି (ପିଏଲ୍ଏ)ର ସାମରିକ ପ୍ରସ୍ତୁତିକୁ ମଧ୍ୟ ମଜଭୁତ କରିବ ବୋଲି କୁହାଯାଉଛି। ଅନ୍ୟପକ୍ଷେ କେନ୍ଦ୍ର ସରକାର ସୀମାନ୍ତ ଅଞ୍ଚଳରେ ଗ୍ରାମଗୁଡ଼ିକୁ ବିକଶିତ କରିବା ପାଇଁ ୨୦୨୩ ଫେବୃଆରୀରେ 'ଭାଇବ୍ରାଣ୍ଟ ଭିଲେଜ୍ କାର୍ଯ୍ୟକ୍ରମ' ଆରମ୍ଭ କରିଥିଲେ। କିନ୍ତୁ ଏହି କାର୍ଯ୍ୟକ୍ରମ ଅଧୀନରେ ସରକାର ଗତ ୨ ବର୍ଷ ଭିତରେ ୯୦% ପାଣ୍ଠିକୁ ଖର୍ଚ୍ଚ କରି ନ ଥିବା ଦର୍ଶାଇ ଏଥିଯୋଗୁ ଭାରତର ଜାତୀୟ ସ୍ୱାର୍ଥ ବିପନ୍ନ ହୋଇଥିବା କଂଗ୍ରେସ ସମାଲୋଚନା କରିଛି।


The Tribune
Trending | Videos | India | World | Sports

To date, China has established a total of 628 such villages, with the current 90 villages forming part of its latest expansion. The sources also note that China is seeking to create a legal defence under the Border Defence Cooperation Agreement (2005) with India, which addresses border settlements and local populations residing along the border. According to Article VII of the agreement, "The two sides shall safeguard the due interests of their settled populations in the border areas." So, as and when a situation arises to demarcate the LAC, these villages do not get disturbed in any such exercise.

ଦ ଟ୍ରିବ୍ୟୁନ୍‌ରେ ପ୍ରକାଶିତ ରିପୋର୍ଟ।



**ନୂଆଦିଲ୍ଲୀ, ୨୦।୨ (ଟ୍ରିବ୍ୟୁନ୍)**

ତିବ୍ବତରେ ୨ଟି ସଦ୍ୟ ଘଟଣାକ୍ରମ ଉପରେ ସୁରକ୍ଷା ବିଶେଷଜ୍ଞମାନେ ନଜର ରଖିଛନ୍ତି। ପ୍ରଥମଟି ହେଲା ପ୍ରକୃତ ନିୟନ୍ତ୍ରଣରେଖା (ଏଲ୍ଏସି) ସଂଲଗ୍ନ ଅଞ୍ଚଳ ଉପରେ ଚାଇନା ୯୦ଟି ନୂଆ ଗ୍ରାମ ସ୍ଥାପନ କରୁଛି। ଅନ୍ୟ ଏକ ପଦକ୍ଷେପ ସ୍ୱରୂପ ତିବ୍ବତ ଓ ନେପାଳର ମୁସ୍ତାଙ୍ଗ ସୀମା କ୍ରସିଂ ପଏଣ୍ଟରେ ବେଜିଂ ନିଜ ଭିତ୍ତିଭୂମିକୁ ସୁଦୃଢ଼ କରୁଛି। ଚାଇନାର କମ୍ୟୁନିଷ୍ଟ ଶାସନରୁ ବର୍ତ୍ତିବା ପାଇଁ ତିବ୍ବତୀୟ ଶରଣାର୍ଥୀମାନେ ଏହି ରୁଟ୍‌କୁ ବାରମ୍ବାର ବ୍ୟବହାର କରିଥାଆନ୍ତି। ସୂତ୍ରରୁ ଜଣାପଡ଼ିଛି ଯେ, ଚାଇନା ଏହାର ବିସ୍ତାର ନୀତି 'ପ୍ରସ୍ପରସ୍ ଭିଲେଜେସ୍' (ଶିଆଓକାଙ୍ଗ୍) ଅନୁଯାୟୀ ଅରୁଣାଚଳ ପ୍ରଦେଶର ଅପରପାର୍ଶ୍ୱ ଏଲ୍ଏସି ସଂଲଗ୍ନ ଅଞ୍ଚଳରେ ୯୦ ନୂଆ ବସତି ସ୍ଥାପନ କରୁଛି। ଏହି ଗ୍ରାମଗୁଡ଼ିକ ଚାଇନାର କ୍ଷେତ୍ରୀୟ ☞ପୃଷ୍ଠା-୨

## ପିଏଲ୍ଏର ମନୋବଳ ବଢ଼ାଉଛନ୍ତି ଜିନ୍‌ପିଙ୍ଗ୍

**ୱାଶିଂଟନ୍, ୨୦।୨ (ଡବ୍ଲ୍ୟୁଏସ୍‌ଜେ)**

ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ୍ ପିପୁଲ୍ସ ଲିବରେଶନ୍ ଆର୍ମି (ପିଏଲ୍ଏ)ର ଅନେକ ସାମରିକ କମାଣ୍ଡରଙ୍କୁ ଦୁର୍ନୀତି ଓ ଆନୁଗତ୍ୟହୀନତା ପାଇଁ ବହିଷ୍କାର କରିଛନ୍ତି। ସେମାନଙ୍କ ଏଭଳି କାର୍ଯ୍ୟ ଯୋଗୁ ସେନାର ଆଦର୍ଶଗତ ଉତ୍ସାହ ଓ ନୈତିକ ମନୋବଳ ଦୁର୍ବଳ ହେଉଥିବା ସେ ଦର୍ଶାଇଛନ୍ତି।

ଆମେରିକାର ୱାଲ୍ଷ୍ଟ୍ରିଟ୍ ଜର୍ନାଲରେ ପ୍ରକାଶିତ ରିପୋର୍ଟ ଅନୁଯାୟୀ, ବିଶ୍ୱର ସର୍ବବୃହତ୍ ସଶସ୍ତ୍ର ବାହିନୀରେ ଉତ୍ସାହ ଭରିଦେବା ପାଇଁ ଜିନ୍‌ପିଙ୍ଗ୍ ଏକ ଅଭିଯାନ ଆରମ୍ଭ କରିଛନ୍ତି। ତଦନୁଯାୟୀ, ଚାଇନା ସ୍ଥଳସେନା, ☞ପୃଷ୍ଠା-୨

# ମହମ୍ମଦ ଶାମିଙ୍କ ରେକର୍ଡ




ଉଇକେଟ ହାସଲ ପରେ ମହମ୍ମଦ ଶାମିଙ୍କୁ ସାଥି ଖେଳାଳି ବଧେଇ ଜଣାଉଛନ୍ତି।

**ଦୁବାଇ, ୨୦।୨ (ପି.ଟି.)**

ବାଂଲାଦେଶ ବିପକ୍ଷ ଚାମ୍ପିୟନ୍ସ ଟ୍ରଫି ମ୍ୟାଚରେ ଷ୍ଟାର ପେସର ମହମ୍ମଦ ଶାମି ଦିନିକିଆ କ୍ରିକେଟରେ ଦ୍ରୁତ ୨୦୦ ଉଇକେଟ ପୂରଣ କରିଛନ୍ତି। ଗୁରୁବାର ଖେଳାଯାଇଥିବା ମ୍ୟାଚରେ ୫ ଉଇକେଟ ସଫଳତା ହାସଲ କରିବା ସହ ସେ ଏହି କୀର୍ତ୍ତିମାନ ନିଜ ନାମରେ କରିଛନ୍ତି। ୩୪ ବର୍ଷୀୟ ଶାମି କ୍ୟାରିୟରର ୧୦୪ତମ ମ୍ୟାଚରେ ଏହି ମାଇଲଖୁଣ୍ଟରେ ପହଞ୍ଚିଛନ୍ତି। ତାଙ୍କ ପୂର୍ବରୁ ଏହି ରେକର୍ଡ ଭାରତର ପୂର୍ବତନ ପେସର ଅଜିତ ଅଗରକରଙ୍କ ନାମରେ ଥିଲା। ସେ କ୍ୟାରିୟରର ୧୩୩ତମ ମ୍ୟାଚରେ ୨୦୦ ଉଇକେଟ ଅର୍ଜନ କରିଥିଲେ। ତେବେ ଶାମି ଅଷ୍ଟମ ଭାରତୀୟ ☞ପୃଷ୍ଠା-୨

# ଅଚ୍ୟୁତଙ୍କୁ ହାଜର ହେବାକୁ ନିର୍ଦ୍ଦେଶ

**ଭୁବନେଶ୍ୱର, ୨୦।୨ (ସୁଚିସ୍ମିତା ସାହୁ)**

କିଟ୍ ବିଶ୍ୱବିଦ୍ୟାଳୟରେ ବି.ଟେକ୍ ପଢୁଥିବା ନେପାଳୀ ଛାତ୍ରୀ ପ୍ରକ୍ରିତି ଲାମ୍‌ସଲଙ୍କ ମୃତ୍ୟୁ ଓ ଆନ୍ଦୋଳନରତ ଛାତ୍ରୀଛାତ୍ରଙ୍କୁ ଆକ୍ରମଣ ସହ ଜୋର୍‌ଜବରଦସ୍ତ ବସ୍‌ରେ ନେଇ କଟକ ରେଳ ଷ୍ଟେଶନରେ ଛାଡିବା ଘଟଣାକୁ ଗୁରୁତ୍ୱର ସହ ନେଇଛନ୍ତି ରାଜ୍ୟ ସରକାର। ଏକ ଉଚ୍ଚସ୍ତରୀୟ କମିଟି ଏହି ଘଟଣାର ତଦନ୍ତ ଆରମ୍ଭ କରିଥିବାବେଳେ ଗୁରୁବାର ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ କିଟ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କୁ ନୋଟିସ ଜାରି କରାଯାଇଛି। ଶୁକ୍ରବାର ସନ୍ଧ୍ୟା ୬ଟା ୩୦ରେ ☞ପୃଷ୍ଠା-୨

**କିଟ୍‌ରେ ନେପାଳୀ ଛାତ୍ରୀଙ୍କ ମୃତ୍ୟୁ, ଆକ୍ରମଣ ଘଟଣା**



ଅଚ୍ୟୁତ ସାମନ୍ତ

# ମହାନଦୀରେ ନିର୍ମାଣ ହେବ ୧୬ ଡ୍ୟାମ୍, ୧୫ ବ୍ୟାରେଜ: ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୨୦।୨ (ବନ୍ଦନା ସେଠୀ)**

ରାଜ୍ୟ ସ୍ୱାର୍ଥକୁ ଦୃଷ୍ଟିରେ ରଖି ମହାନଦୀରେ ଆଉ ୧୬ ଡ୍ୟାମ୍ ଏବଂ ୧୫ ବ୍ୟାରେଜ୍ ପ୍ରକଳ୍ପ ନିର୍ମାଣ ହେବ। ଏଥିସହ ମହାନଦୀରେ ୪୧ଟି ଇନ୍-ଷ୍ଟ୍ରିମ୍ ଷ୍ଟୋରେଜ ଷ୍ଟ୍ରକ୍ଚର ନିର୍ମାଣ କରିବାକୁ ଯୋଜନା ରହିଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୂଚନା ଦେଇଛନ୍ତି। ଗୁରୁବାର ବିଧାନସଭାରେ ବିଜେଡି ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ଏକ ପ୍ରଶ୍ନର ଲିଖିତ ଉତ୍ତରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ମହାନଦୀ ଅବବାହିକାର ଉପରମୁଣ୍ଡରେ ଛତିଶଗଡ଼ ସରକାର ବହୁ ଅଣଯୋଜନାବଦ୍ଧ ପ୍ରକଳ୍ପ ମାଧ୍ୟମରେ ଅତ୍ୟଧିକ ନଦୀଜଳ ବ୍ୟବହାର କରୁଥିବାରୁ ଓଡ଼ିଶାର ତଳମୁଣ୍ଡକୁ ଜଳ ପ୍ରବାହ କ୍ରମଶଃ ହ୍ରାସ ପାଉଛି। ଆନ୍ତଃରାଜ୍ୟ ସୀମାନ୍ତରେ ଅବସ୍ଥିତ ହୀରାକୁଦ ଡ୍ୟାମ୍‌ରେ ମଧ୍ୟ ଜଳସ୍ତର ଖସିବାରେ ଲାଗିଛି, ଯାହାକୁ ନେଇ ଦୁଇ ରାଜ୍ୟ ମଧ୍ୟରେ ବିବାଦ ଲାଗି ରହିଛି। ଏହି ମହାନଦୀ ଜଳ ବିବାଦ ପାଇଁ ଓଡ଼ିଶା ଟ୍ରିବ୍ୟୁନାଲର ଆଶ୍ରୟ ନେଇ ବହୁ ଆବେଦନ ମାଧ୍ୟମରେ ନିଜ ଦାବି ରଖି ଆସୁଛି। ଏହି ମାମଲା ବର୍ତ୍ତମାନ ବିଚାରାଧୀନ ଥିବାରୁ ରାଜ୍ୟବାସୀ ସ୍ୱାର୍ଥ ପାଇଁ ମହାନଦୀ ଜଳର ସମାନତା ସହିତ ସ୍ଥାୟୀ ଜଳ ବିକାଶକୁ ସୁରକ୍ଷିତ ରଖିବା ଲାଗି ରାଜ୍ୟ ସରକାର ବଡ଼ ପଦକ୍ଷେପ ନେବାକୁ ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ** | ଏଆଇର ଗତିଶୀଳତା

KHIMJI TRUST SINCE 1936

Handcrafting blessings since 1936

KHIMJI® JEWELLERS SINCE 1936



Wedding Collection 2025

Experience the timeless beauty of antique gold jewellery paired with the sparkle of precious stones. Thoughtfully crafted by skilled hands and watchful eyes, each piece is designed to make your special day shine and leave behind a legacy of elegance.

UP TO 50% OFF* On Gold Jewellery making charges

UP TO 20% OFF* On Diamonds

100% BIS Hallmarked HUID Pure Gold Jewellery | 100% Exchange of Old Gold | Fair Price Policy | Free Insurance on Diamonds | Tested and Certified Diamonds | Safe Gold Purchase Scheme | Lifetime Buyback Guarantee

STORES ONLY AT: BHUBANESWAR 621, Saheed Nagar, Janpath | BHUBANESWAR 309, District Centre Chandrasekharpur | BHUBANESWAR 5089, Soubhagya Nagar | BHUBANESWAR 551/1815/1816, Samantarapur Chowk | BERHAMPUR Venkatraju Arcade Sano Bazar | CUTTACK 558/834 Cantonment Road | JHARSUGUDA Sarbahal Road Marwadi Para | PURI Opp. Police Line VIP Road | ROURKELA Kesar Bhawan Main Road | ANGUL (Opening Soon) | JAJPUR ROAD (Opening Soon)

89 Years Of Trust

www.khimjijewellers.com | 1800-313-1777

Follow us on:

*T&C Apply.

# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ସଙ୍ଗୀତ ସୁଧାକର ବାଳକୃଷ୍ଣ ଦାଶ ଫାଉଣ୍ଡେଶନର ୨୫ତମ ରୌପ୍ୟଜୟନ୍ତୀ, ଓଡ଼ିଶୀ ସଙ୍ଗୀତ ମହୋତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- ବିଶ୍ୱ ମାତୃଭାଷା ଦିବସ ଓ ସମ୍ବର୍ଦ୍ଧନା, ସ୍ଥାନ: ଗୋଦାବରୀଶ ସାହିତ୍ୟ ସଂସଦ, ୟୁନିଟ୍-୩, ସମୟ: ପୂର୍ବାହ୍ନ ୧୧ଟା।
- ନିଖିଳ ଓଡ଼ିଶା ସବୁଜ ପତ୍ରିକାଧାରୀ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ ନିମନ୍ତେ ପଦଯାତ୍ରା, ସ୍ଥାନ: ଭଗବତୀ ଭବନ, ଅଶୋକ ନଗର, ସମୟ: ପୂର୍ବାହ୍ନ ୧୧ଟା।
- ସୁଭଦ୍ରା ଶକ୍ତି ମେଳା ନେଇ ଖବରଦାତା ସମ୍ମିଳନୀ, ସ୍ଥାନ: ମିଶନ ଶକ୍ତି ଭବନ, ପୋଖରୀପୁଟ, ସମୟ: ପୂର୍ବାହ୍ନ ୧୧ଟା ୪୫।
- ଅନ୍ତର୍ଜାତୀୟ ମାତୃଭାଷା ଦିବସ ସାହିତ୍ୟ ଓ ସଙ୍ଗୀତ ସମାରୋହ, ସ୍ଥାନ: ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୨ଟା ୩୦।
- ଉତ୍କଳ ସମ୍ମିଳନୀ ପକ୍ଷରୁ ବିଶ୍ୱ ମାତୃଭାଷା ଦିବସ ପାଳନ, ସ୍ଥାନ : ଉତ୍କଳ ସମ୍ମିଳନୀ କେନ୍ଦ୍ରୀୟ କାର୍ଯ୍ୟାଳୟ, ଅଶୋକ ନଗର, ସମୟ: ଅପରାହ୍ନ ୫ଟା।
- ବିଶ୍ୱ ମାତୃଭାଷା ଦିବସ ଅବସରରେ ଅନ୍ତର୍ଜାତୀୟ ମାତୃଭାଷା ସମ୍ମିଳନୀ, ସ୍ଥାନ: ହୋଟେଲ ସ୍ୱସ୍ତି ପ୍ରିମିୟମ, ସମୟ: ଅପରାହ୍ନ ୫ଟା ୩୦।
- ସଂଭାବନାର ବିଶ୍ୱ ମାତୃଭାଷା ଦିବସ ସମାରୋହ, ସ୍ଥାନ: ସୂଚନା ଭବନ, ସମୟ: ସନ୍ଧ୍ୟା ୬ଟା।

## ବାଲେଶ୍ୱର
- ଏଫ୍ଏମ୍ୟୁରେ ବିଜ୍ଞାନ ଛାତ୍ରୀଛାତ୍ରଙ୍କ ପ୍ରଶିକ୍ଷଣ ଶିବିରର ପଞ୍ଚମ ଦିବସ, ସ୍ଥାନ: ନୂଆପାଢ଼ୀ କ୍ୟାମ୍ପସ, ରେମୁଣା, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା ୩୦।
- ୩୫ତମ ଆଭାସୀ ଆଲୋଚନା ଚକ୍ର, ସ୍ଥାନ: ସ୍ୱର୍ଣ୍ଣବୃନ୍ତ ସାହିତ୍ୟ ପରିବାର, ମିତ୍ରପୁର, ନୀଳଗିରି, ସମୟ: ସନ୍ଧ୍ୟା ୭ଟା।
- ବାଲେଶ୍ୱର ବାର ଆସୋସିଏଶନର ୧୨୬ତମ ବାର୍ଷିକ ଉତ୍ସବ, ସ୍ଥାନ: ସିଭିଲ କୋର୍ଟ ପରିସର, ବାଲେଶ୍ୱର, ସମୟ: ସନ୍ଧ୍ୟା ୭ଟା।

## ଭଦ୍ରକ
- ମା' ସୁବର୍ଣ୍ଣମୁଖୀଙ୍କ ମନ୍ଦିରର ବାର୍ଷିକୋତ୍ସବ, ସ୍ଥାନ: ସୋଧ, ଧାମନଗର, ସମୟ: ସକାଳ ୭ଟା।
- ସମ୍ବେଦନଶୀଳ ଶିଶୁ ପ୍ରସଙ୍ଗରେ ଗୋପନୀୟତା କର୍ମଶାଳା, ସ୍ଥାନ: ଜିଲା ସଂସ୍କୃତି ଭବନ, ଭଦ୍ରକ, ସମୟ: ପୂର୍ବାହ୍ନ ୧୧ଟା।
- ଯଜ୍ଞ ପୂର୍ଣ୍ଣାହୁତି ଓ ମହାପ୍ରଭୁଙ୍କ ନବଯୌବନ ବେଶ ଦର୍ଶନ, ସ୍ଥାନ: ମୂଳଗାଁ, ଭଦ୍ରକ, ସମୟ: ଅପରାହ୍ନ ୪ଟା।

## କେନ୍ଦୁଝର
- ଅଷ୍ଟମ ପ୍ରହର ଦିବାରାତ୍ର ନାମ ଯଜ୍ଞ, ସ୍ଥାନ: ବଂଚୋ, ହାଟଡିହୀ, ସମୟ : ପ୍ରାତଃ ୫ ଟା।
- ଶ୍ରୀମା ଙ୍କ ଜୟନ୍ତୀ ଉତ୍ସବ, ସ୍ଥାନ : ଛେନାପଦୀ, ହାଟଡ଼ିହୀ, ସମୟ : ସକାଳ ୯ ଟା।

## ମୟୂରଭଞ୍ଜ
- ବିଶ୍ୱଶାନ୍ତି ମହାଯଜ୍ଞ ଉପଲକ୍ଷେ ସୂର୍ଯ୍ୟପୂଜା, ସ୍ଥାନ:ସାରସକ୍ଷେତ୍ର,ସାରସକଣା, ସମୟ: ସକାଳ ୭ଟା।
- କରଞ୍ଜିଆ ସହିତ ଜେକେସିସି କ୍ରିକେଟ ମ୍ୟାଚ, ସ୍ଥାନ: ବାରିପଦା ଷ୍ଟାଡିୟମ ପଡ଼ିଆ,ସମୟ: ସକାଳ ୯ଟା।
- ଭୀମମେଳା ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ପାଉଁଶିଆ ଭୀମମେଳା ପଡ଼ିଆ, ବଡ଼ସାହି, ସମୟ: ଅପରାହ୍ନ ୫ଟା।

## ଗଞ୍ଜାମ
- ବିଶ୍ୱ ମାତୃ ଦିବସ ପାଳନ, ସ୍ଥାନ:ବୁଗୁଡା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ସମୟ: ପୂର୍ବାହ୍ନ ୧୦ଟା।
- ଶ୍ରୀମାଙ୍କ ମହାଆବିର୍ଭାବ ଦିବସ, ସ୍ଥାନ: ଭଞ୍ଜନଗର ଶ୍ରୀଅରବିନ୍ଦ ଶକ୍ତିପୀଠ, ସମୟ: ସନ୍ଧ୍ୟା ୬ ଟା।

## କନ୍ଧମାଳ
- ପଞ୍ଚୁଦଣ୍ଡ ପରିଚାଳନା କମିଟିର ୧୩ ଶମ୍ଭୁ ମିଳନ ପ୍ରଭୃତି ବୈଠକ, ସ୍ଥାନ: ଶାଳବଣ, ଗୁଇବନ୍ଧ,ବାଲିଗୁଡା,ସମୟ : ପୂର୍ବାହ୍ନ ୧୦ଟା।

## ଢେଙ୍କାନାଳ
- ଜିଲାସ୍ତରୀୟ ଆଶା, ଜିକେଏସ୍, ଜାସ୍ ଓ ମାସ୍ ସମ୍ମିଳନୀ, ସ୍ଥାନ: ଢେଙ୍କାନାଳ ଜିଲା ପରିଷଦ ହଲ, ସମୟ: ପୂର୍ବାହ୍ନ ୧୦ଟା୩୦।

## ଜଗତ୍‌ସିଂହପୁର
- ବିଶେଶ୍ୱର ମହାଦେବଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ଓଲରା ଗ୍ରାମ, ପଦ୍ମପୁର ପଞ୍ଚାୟତ, ଏରସମା, ସମୟ: ସକାଳ ୬ଟା।
- କଳିଙ୍ଗ ମହିଳା ଶକ୍ତି ସଂଗଠନ ପକ୍ଷରୁ ସାଧାରଣ ସଭା ଓ ଖବରଦାତା ସମ୍ମିଳନୀ, ସ୍ଥାନ: ଗଲ୍ଫ ପଡ଼ିଆ, ବଡ଼ପଡ଼ିଆ,ପାରାଦୀପ, ସମୟ: ପୂର୍ବାହ୍ନ ୧୧ଟା।
- ଶ୍ରୀମାଙ୍କ ଜନ୍ମ ମହୋତ୍ସବ, ସ୍ଥାନ: ଅରୋମୀରା ଦିବ୍ୟଜ୍ୟୋତି ଆଶ୍ରମ, ଲକ୍ଷ୍ଣକ ନିକଟ, ତିର୍ତ୍ତୋଲ, ସମୟ: ପୂର୍ବାହ୍ନ ୧୧ଟା ୩୦।

## କେନ୍ଦ୍ରାପଡ଼ା
- ଶ୍ରୀଅଭିରାମ ପରମହଂସ ଦେବଙ୍କ ସନାତନ ଧର୍ମ ସମ୍ମିଳନୀ, ସ୍ଥାନ: ମହୁଲିଆ, ରାଜନଗର, ସମୟ: ସକାଳ ୬ଟା।
- ଆଜାଦ କ୍ଲବ ପକ୍ଷରୁ ଫୁଟ୍‌ବଲ ଖେଳ ପ୍ରତିଯୋଗିତା, ସ୍ଥାନ: କେନ୍ଦ୍ରାପଡ଼ା ସରକାରୀ ହାଇସ୍କୁଲ ଖେଳପଡ଼ିଆ, କେନ୍ଦ୍ରାପଡ଼ା ସହର, ସମୟ: ଅପରାହ୍ନ ୫ଟା।
- ଚିତ୍ରୋତ୍ପଳା ମହୋତ୍ସବ, ସ୍ଥାନ: ଶ୍ରୀବିଶ୍ୱେଶ୍ୱର ମହାଦେବ ନିକଟ, ଗରଦପୁର, ସମୟ: ସନ୍ଧ୍ୟା ୭ଟା।

## ନୟାଗଡ଼
- ମହାପ୍ରଭୁ ନୀଳମାଧବଙ୍କ ମାଘମେଳାର ୧୪ତମ ଦିବସ, ସ୍ଥାନ: କଣ୍ଟିଲୋ ମିନି ଷ୍ଟାଡିୟମ, ସମୟ:ସକାଳ ୭ଟା।
- ଶ୍ରୀଶ୍ରୀ ଶିରିଡି ସାଇ ମନ୍ଦିର ଓ ନୂତନ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଅବସରରେ ଯଜ୍ଞ, ଷୋଡଶ ଉପଚାର ପୂଜା, ସ୍ଥାନ: ନୟାଗଡ଼ ବ୍ଲକ ତୁଳସୀପୁରସ୍ଥ ୫୭ନଂ. ଜାତୀୟ ରାଜପଥ କଡ, ସମୟ:ମଧ୍ୟାହ୍ନ ୧୨ଟା ୩୦।
- ମହେନ୍ଦ୍ର ସ୍ୱାଇଁ ସ୍ମାରକୀ ଫୁଟବଲ ଟୁର୍ନାମେଣ୍ଟର ପ୍ରସ୍ତୁତି ବୈଠକ, ସ୍ଥାନ: ଖଣ୍ଡପଡ଼ା ମଧୁବନ ମିନି ଷ୍ଟାଡିୟମ, ସମୟ: ଅପରାହ୍ନ ୪ଟା।

## ରାୟଗଡ଼ା
- ମାଟ୍ରିକ୍ ବୋର୍ଡ ପରୀକ୍ଷା, ସ୍ଥାନ: ଜିସିଡି ହାଇସ୍କୁଲ, ରାୟଗଡା, ସମୟ: ପୂର୍ବାହ୍ନ ୧୦ଟା।

## ନବରଙ୍ଗପୁର
- ମାଟ୍ରିକ୍‌ବୋର୍ଡ ପରୀକ୍ଷା, ସ୍ଥାନ: ଝରିଗାଁ ବ୍ଲକର ୧୧ ପରୀକ୍ଷା କେନ୍ଦ୍ର, ଡାବୁଗାଁ ବ୍ଲକର ୭ ପରୀକ୍ଷା କେନ୍ଦ୍ର, ସମୟ: ସକାଳ ୯ଟା।
- ଲୋକପ୍ରତିନିଧି, ମିଶନ ଶକ୍ତି ଓ ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ତାଲିମ୍, ସ୍ଥାନ: ନବରଙ୍ଗପୁର ଜିଭିଏସ୍ ବୈଠକ ଗୃହ, ସମୟ: ପୂର୍ବାହ୍ନ ୧୧ଟା।
- ବାର୍ଷିକ ଉତ୍ସବ, ସ୍ଥାନ: ପାପଡ଼ାହାଣ୍ଡି ବ୍ଲକ ଦଳେଇଗୁଡ଼ା ସରକାରି ଆଶ୍ରମ ବିଦ୍ୟାଳୟ, ସମୟ: ଅପରାହ୍ନ ୩ ଟା।

## କୋରାପୁଟ
- କୋରାପୁଟ ବନ ବିଭାଗ ପକ୍ଷରୁ ବନାଗ୍ନୀ ପ୍ରତିକାରରେ ଆମର ଭୂମିକା ଶୀର୍ଷକ ବୈଠକ, ସ୍ଥାନ: କୋରାପୁଟ କେନ୍ଦ୍ରୀୟ ନର୍ସରୀ, ମାଛରା, କୋରାପୁଟ, ସମୟ: ପୂର୍ବାହ୍ନ ୧୦ ଟା।
- ରାଜ୍ୟ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ମାଟ୍ରିକ ପରୀକ୍ଷା ଆରମ୍ଭ, ସ୍ଥାନ: ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟ, କୋରାପୁଟ, ସମୟ : ପୂର୍ବାହ୍ନ ୧୦ ଟା।
- ଶିଶୁ ଅଧିକାର ନେଇ ଜିଲାସ୍ତରୀୟ କର୍ମଶାଳା, ସ୍ଥାନ: ଦକ୍ଷତା ବୃଦ୍ଧି ତାଲିମ କେନ୍ଦ୍ର କୋରାପୁଟ, ସମୟ: ପୂର୍ବାହ୍ନ ୧୧ ଟା।
- କୁନ୍ଦୁରା ବ୍ଲକ୍ ସାମ୍ବାଦିକ ସଂଘର ପ୍ରଥମ ପ୍ରତିଷ୍ଠା ଦିବସ, ସ୍ଥାନ: ଶିକ୍ଷକ ଭବନ, କୁନ୍ଦୁରା, ସମୟ: ମଧ୍ୟାହ୍ନ ୧୨ଟା।
- ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ବାର୍ଷିକ ଉତ୍ସବ, ସ୍ଥାନ: ସ୍କୁଲ ପରିସର, କୁନ୍ଦୁରା, ସମୟ: ଅପରାହ୍ନ ୫ଟା।

## ସମ୍ବଲପୁର
- ଯୋଗ ପରିବାର ଆୟୋଜିତ ନିଃଶୁଳ୍କ ଯୋଗ ଶିବିର, ସ୍ଥାନ : ଗାନ୍ଧୀ ପାର୍କ, ସମୟ : ସକାଳ ୬ଟା।
- ସମ୍ବଲପୁରୀ ଦରପନ ଆୟୋଜିତ ମାତୃଭାଷା ଦିବସ, ସ୍ଥାନ: ସମ୍ବଲପୁରୀ ଡେରା, ସମୟ: ସକାଳ ୯ଟା ୩୦।
- ସ୍ପୋର୍ଟିଂ ୟୁନିୟନ କ୍ରିକେଟ କ୍ଲବ ଆୟୋଜିତ ୧୩ତମ ଦୀନବନ୍ଧୁ ଗୋସ୍ୱାମୀ ସ୍ମାରକୀ ସର୍ବଭାରତୀୟ କ୍ରିକେଟ ଟୁର୍ନାମେଣ୍ଟର ୟୁନିୟନ ସ୍ପୋର୍ଟିଂ କଟକ ଏବଂ ସମ୍ବଲପୁର ଫୋରସି ମ୍ୟାଚ, ସ୍ଥାନ : ହାୱା ମଇଦାନ, ସମୟ: ସକାଳ ୮ଟା ୩୦।
- ବୈଷୟିକ ସାଂସ୍କୃତିକ ଉତ୍ସବ ଦ୍ୱିତୀୟ ଦିବସର କାର୍ଯ୍ୟକ୍ରମ, ସ୍ଥାନ: ଭିସୁଟ ପ୍ରେକ୍ଷାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଭୁବନେଶ୍ୱର ଓ ସମ୍ବଲପୁର ଏମ୍‌ଏମସିସି ମଧ୍ୟରେ କ୍ରିକେଟ ମ୍ୟାଚ, ସ୍ଥାନ : ହାୱା ମଇଦାନ, ସମୟ ଅପରାହ୍ନ ୧୨ଟା ୩୦।
- ବର୍ଷିୟାନ କ୍ରୀଡ଼ା ସଂଘ ଆୟୋଜିତ ଦ୍ୱିତୀୟ ଆନ୍ତଃଜିଲା(ପଶ୍ଚିମ ଓଡ଼ିଶା ସ୍ତରୀୟ) ବିଜୟ ବାହାଦୁର ସିଂହ ଏବଂ ଭୀମସେନ ଛତର ସ୍ମାରକୀ ଫୁଟବଲ ଟୁର୍ନାମେଣ୍ଟର ପ୍ରଥମ ସେମିଫାଇନାଲ ମ୍ୟାଚ ସମ୍ବଲପୁର ଜିଲା ବନାମ ନୂଆଁପଡା ଜିଲା, ସ୍ଥାନ : ବୀର ସୁରେନ୍ଦ୍ର ସାଏ ଷ୍ଟାଡ଼ିୟମ, ସମୟ : ଅପରାହ୍ନ ୩ଟା।
- ସମ୍ବଲପୁର ବିଶ୍ୱବିଦ୍ୟାଳୟ ସୂଚନା ଓ ପ୍ରଯୁକ୍ତି ପ୍ରତିଷ୍ଠାନର ୧୫ତମ ବାର୍ଷିକ ଉତ୍ସବ ଆବାହନୀ-୨୫, ସ୍ଥାନ : ସୁଇଟ ପରିସର, ସମୟ : ସନ୍ଧ୍ୟା ୬ଟା।

## ରାଉରକେଲା
- ପାନୀୟ ଜଳ ସମସ୍ୟା ନେଇ ୱାଟକୋ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ, ସ୍ଥାନ: ଉଦିତନଗର କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଇସ୍କନ ପକ୍ଷରୁ ସାମୂହିକ ନଗର ସଙ୍କୀର୍ତ୍ତନ, ସ୍ଥାନ: ସିଭିଲଟାଉନଶିପ୍, ସମୟ: ସକାଳ ୫ଟା।
- ବିଶ୍ୱ ମାତୃ ଦିବସ ପାଳନ, ସ୍ଥାନ: ଆମ୍ବାଗାନ ଛକ, ସେକ୍ଟର-୧୯, ସମୟ: ପୂର୍ବାହ୍ନ ୧୦ଟା ୩୦।
- ରାଉରକେଲା ହନୁମାନ ବାଟିକାର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ହନୁମାନ ବାଟିକା, ସମୟ: ସକାଳ ୬ଟା ୩୦।
- ନିଃଶୁଳ୍କ ହାର୍ନିଆ ଅସ୍ତ୍ରୋପଚାର ଶିବିର, ସ୍ଥାନ: ବ୍ୟାସଭବନ, ସମୟ: ମଧ୍ୟାହ୍ନ ୧୨ଟା ୩୦।
- ଏସ୍‌ବିଆଇ ଲାଇଫ୍ ରାଉରକେଲା ଡିଭିଜନାଲ ଶାଖାର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ସିଭିଲଟାଉନଶିପ୍, ସମୟ: ଅପରାହ୍ନ ୩ଟା।

## ବରଗଡ଼
- ଶ୍ରୀ ମହାକାଳେଶ୍ୱର ମନ୍ଦିର ପ୍ରତିଷ୍ଠା ମହୋତ୍ସବ, ସ୍ଥାନ: ଗଙ୍ଗାଧର ନଗର, ବରଗଡ଼, ସମୟ: ସକାଳ ୮ଟା।
- ଶ୍ରୀ ବୈଭବ ଭେଙ୍କଟେଶ୍ୱର ସ୍ୱାମୀଜୀଙ୍କର ବ୍ରହ୍ମୋତ୍ସବ, ସ୍ଥାନ: ବୈଭବ ଭେଙ୍କଟେଶ୍ୱର ସ୍ୱାମୀ ମନ୍ଦିର, ତୁରୁଙ୍ଗା, ବରଗଡ଼, ସମୟ: ସକାଳ ୮ଟା।
- ଝାରବନ୍ଧ ସ୍ନାତକ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ମହାବିଦ୍ୟାଳୟ ପରିସର, ଝାରବନ୍ଧ, ସମୟ: ପୂର୍ବାହ୍ନ ୧୦ଟା।
- ଅଲେଖ ମହିମାଧର୍ମୀ ସାଧୁସନ୍ଥଙ୍କ ସମାବେଶ,ସ୍ଥାନ:ବନଦୁର୍ଗା ମନ୍ଦିର ପ୍ରାଙ୍ଗଣ, ଝାରବନ୍ଧ,ସମୟ: ପୂର୍ବାହ୍ନ ୧୧ଟା।
- ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକ ଉତ୍ସବ, ସ୍ଥାନ: ବିଦ୍ୟାଳୟ ପରିସର, କାଦୋବାହାଲ, ଅତାବିରା,ସମୟ: ସନ୍ଧ୍ୟା ୫ଟା।

## କଳାହାଣ୍ଡି
- ଜିଲାସ୍ତରୀୟ ନିଯୁକ୍ତି ମେଳା, ସ୍ଥାନ: ଭବାନୀପାଟଣା ନକଟିଗୁଡା ସିଟି ସ୍କୁଲ ପଡିଆ, ସମୟ: ପୂର୍ବାହ୍ନ ୧୦ଟା।
- ଟିପିଡବ୍ଲ୍ୟୁଓଡିଏଲ୍ ପକ୍ଷରୁ ଅଭିଯୋଗ ପ୍ରତିବିଧାନ ମଞ୍ଚ, ସ୍ଥାନ: କେସିଙ୍ଗା ସେକ୍ସନ ଅଫିସ, ସମୟ: ପୂର୍ବାହ୍ନ ୧୦ଟା।
- ଗବେଷଣାତ୍ମକ ପୁସ୍ତକ 'ବାତାୟନରେ କଳାହାଣ୍ଡି' ଲୋକାର୍ପଣ ଉତ୍ସବ, ସ୍ଥାନ: ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୪ଟା।

## ବୌଦ୍ଧ
- ଦ୍ୱିତୀୟ ସେବା ମହୋତ୍ସବର ଦ୍ୱିତୀୟ ଦିବସ, ସ୍ଥାନ: ବାବା ଗୁପ୍ତେଶ୍ୱର ମନ୍ଦିର ପଡିଆ, ବୁରୁବୁଡା, ହରଭଙ୍ଗା, ସମୟ: ସକାଳ ୯ଟା।

## ଦେବଗଡ଼
- ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳନ, ସ୍ଥାନ: ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ହେଟଖମାର, ତିଲେଇବଣି ବ୍ଲକ, ସମୟ: ପୂର୍ବାହ୍ନ ୧୧ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠ ସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର
- ବିଶ୍ୱ କୋସଲି ମାତୃଭାଷା ଦିବସ ପାଳନ, ସ୍ଥାନ: ସୋନପୁର ସୁବର୍ଣ୍ଣା ନାରୀ ଜାଗରଣ କେନ୍ଦ୍ର, ସମୟ: ପୂର୍ବାହ୍ନ ୧୦ଟା।
- ରାମଧୁନ କପ୍ ସର୍ବଭାରତୀୟ ଫୁଟବଲ ଟୁର୍ନାମେଣ୍ଟର ପଞ୍ଚମ ଦିବସ, ସ୍ଥାନ: ସୋନପୁର ଗାନ୍ଧୀ ଷ୍ଟାଡିୟମ, ସମୟ: ଅପରାହ୍ନ ୩ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଗଜକେଶରୀ ଯୋଗ ଫଳସ୍ୱରୂପ ବନ୍ଧୁମିଳନ, ଧାର୍ମିକ କାର୍ଯ୍ୟ ଓ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ବାଧକାଧିପତି ଶନି ରାଶିକୁ ଅବଲୋକନ କରୁଥିବାରୁ ଶାରୀରିକ ସ୍ତରରେ ଶିଥିଳତା ଅନୁଭବ କରିବେ। ଶିଳ୍ପ, ନିର୍ମାଣ, ବାଣିଜ୍ୟ ଓ ପରିବହନ ବାଧାପ୍ରାପ୍ତ ହେବ। କେତେକ କ୍ଷେତ୍ରରେ ପ୍ରତିଯୋଗିତା ମନୋଭାବ ଉପୁଜି ପାରେ।

**ବୃଷ** ରାଶିରେ ଦେବଗୁରୁ ଅବସ୍ଥାନ କରିଥିବାରୁ ଆଜି ସାମଗ୍ରିକ ସୁଖ, ସୁବିଧା ପ୍ରଦାନ କରିବାରେ ସମର୍ଥ ହେବେ। ଆର୍ଥିକ ଅଭିବୃଦ୍ଧି, ସାମାଜିକ ସମ୍ମାନ ଓ ଫଳପ୍ରଦ ଆଲୋଚନା ପ୍ରୀତିଦାୟକ ରହିବ। ଘରୋଇ ଝମେଲା କାରଣରୁ ମନ ଭଲ ରହି ନ ପାରେ। ପରିବହନ, ଲେଖାପଢ଼ା ଓ ପ୍ରଶାସନ କ୍ଷେତ୍ରରେ ଶୁଭଫଳ ପାଇବେ।

**ମିଥୁନ** ବକ୍ରୀ ମଙ୍ଗଳ ରାଶିରେ ରହିଥିବାରୁ ପାରିବାରିକ ଓ କର୍ମକ୍ଷେତ୍ରରେ ସମସ୍ୟା ଲାଗିରହିପାରେ। ଅଟକି ରହିଥିବା କାମ ସୁବିଧାରେ ହୋଇଯିବ। ଶନି କ୍ଷେତ୍ରସ୍ଥ ବୁଧଙ୍କ ପ୍ରଭାବରେ ଦୈହିକ ଦୁର୍ବଳତା କର୍ମକ୍ଷେତ୍ରକୁ ମନ୍ଥର କରିବାର ଆଶଙ୍କା ରହିଛି। ଦ୍ୱନ୍ଦ୍ୱରେ ପଡି ବନ୍ଧୁମାନଙ୍କ କଥାକୁ ଓଲଟା ବୁଝି ମନକୁ ଭାରାକ୍ରାନ୍ତ କରିପାରନ୍ତି।

**କର୍କଟ** ନୀଚରାଶିରେ ଚନ୍ଦ୍ର ଥିବାରୁ ଅତୀତ କଥାକୁ ଚିନ୍ତା କରି ମନସ୍ତାପ କରିପାରନ୍ତି। କର୍ମକ୍ଷେତ୍ରରେ ପରିସ୍ଥିତିକୁ ଯେତେଟା ଜଟିଳ ମନେକରୁଛନ୍ତି ସେମିତି କିଛି ହେବନି। ବ୍ୟବସାୟ, ବାଣିଜ୍ୟ ଓ ପରିବହନ ତଥା ନିର୍ମାଣରେ ପ୍ରତିବନ୍ଧକ ସୃଷ୍ଟିଜନିତ କାମ ସ୍ଥଗିତ ରହିଯାଇପାରେ। ଆକସ୍ମିକ ଭାବେ ଅନ୍ୟଉପରେ ରାଗି ଅନର୍ଥ ଓ ଶତ୍ରୁତା ସୃଷ୍ଟି କରିପାରନ୍ତି।

**ସିଂହ** ତିନୋଟିଗ୍ରହ ରାଶିକୁ ଦେଖୁଥିବାରୁ ପ୍ରତ୍ୟେକ କ୍ଷେତ୍ରରେ ଯୁକ୍ତିଯୁକ୍ତ କଥା କହି କାମ ହାସଲ କରିପାରିବେ। ପାରିବାରିକ ପରିସ୍ଥିତି ବିଶେଷ ଭଲ ନ ହେଲେ ମଧ୍ୟ ମନ୍ଦ ହେବନି। କ୍ରୀଡ଼ା, ସାହିତ୍ୟଚର୍ଚ୍ଚା, ଚଳଚ୍ଚିତ୍ର, ସଙ୍ଗୀତ ପ୍ରଭୃତିରେ ସଫଳତା ଯୋଗୁ ମନ ଖୁସି ରହିବ। ପାରିବାରିକ ସ୍ଥିତି ପୂର୍ବଭଳି ରହିବା ଯୋଗୁ ମନ ଖୁସି ରହିପାରେ।

**କନ୍ୟା** ଶୁକ୍ର ଓ ବୁଧଙ୍କ ଯୋଗୁ ଦୈହିକ, ମାନସିକ ଓ ଶାରୀରିକ ସୁସ୍ଥତା ଅକ୍ଷୁଣ୍ଣ ରହିବ। ବନ୍ଧୁଙ୍କ ଅନୁରୋଧରେ କୌଣସି ସ୍ଥଗିତ କାମ ଆରମ୍ଭ କରିବା ସକାଶେ ମନ ବଳାଇବେ। ଖଳ ଲୋକମାନଙ୍କ କଥାରେ ପଡ଼ି ଭୁଲ୍ ମାର୍ଗ ଅନୁସରଣ କରି ହଇରାଣ ହେବାକୁ ପଡ଼ିପାରେ।

**ତୁଳା** ସାଧାରଣ କେତେକ ବ୍ୟତିକ୍ରମକୁ ବାଦ୍ ଦେଲେ ଦିନଟି ଭଲରେ କଟିବ। ଶନିଙ୍କ ସୁପ୍ରଭାବରୁ ରାଜନୈତିକ ସ୍ଥିତିର ସମୀକ୍ଷା, ବ୍ୟବସାୟିକ ସ୍ଥିତିର ଅଗ୍ରଗତିରେ ସନ୍ତୋଷ ପାଇବେ। ସନ୍ଦେହ ଓ ବୁଝାମଣା ଅଭାବରୁ ବନ୍ଧୁଙ୍କ ଉପରେ ରାଗିବାରୁ ବିବାଦ ବଢ଼ିପାରେ। ଶିଳ୍ପ, ବାଣିଜ୍ୟ, ସାହିତ୍ୟ, ସାମ୍ବାଦିକତା ଓ ପ୍ରଶାସନିକ ସ୍ତରରେ ଉନ୍ନତି ପରିଲକ୍ଷିତ ହେବ।

**ବିଛା** ଅଷ୍ଟମସ୍ଥ ରାଶ୍ୟାଧିପ କାରଣରୁ ବନ୍ଧୁଙ୍କ ସହ ମନୋମାଳିନ୍ୟ ଯୋଗୁ ଉଦାସ ରହିବେ। ଅସଂଯତ କାର୍ଯ୍ୟକଳାପ ପାଇଁ ଉଚ୍ଚବର୍ଗଙ୍କଠାରୁ ସମାଲୋଚିତ ହେବେ। ରାଜନୀତି, ପ୍ରଶାସନ, କଳା, ସାହିତ୍ୟ, ସାମ୍ବାଦିକତାରେ ସମସ୍ୟା ସମାଧାନ ହୋଇଯିବ। ବିଶିଷ୍ଟବ୍ୟକ୍ତିମାନଙ୍କ ଦ୍ୱାରା ସଭାସମିତିରେ ପ୍ରଶଂସିତ ହୋଇପାରନ୍ତି।

**ଧନୁ** ବୁଧ ଭାଗ୍ୟସ୍ଥାନକୁ ଦେଖୁଥିବାରୁ କର୍ମକ୍ଷେତ୍ରରେ ଅସଂଗତି ରହିଲେ ମଧ୍ୟ ଅସୁବିଧା ହେବ ନାହିଁ। ଶନିକ୍ଷେତ୍ରସ୍ଥ ବୁଧଙ୍କ ପ୍ରଭାବରୁ ବନ୍ଧୁଙ୍କ ଭୁଲ୍‌ବୁଝାମଣାକୁ ସୁଧାରି ନେବେ। ପଡ଼ୋଶୀ ସହଯୋଗର ହାତ ବଢ଼ାଇ କାର୍ଯ୍ୟହାସଲରେ ସହାୟକ ହେବେ। ଆଜି ଦିନଟିରେ ଯାନବାହନରେ ସତର୍କତା ରକ୍ଷା କରିବା ଭଲ ହେବ।

**ମକର** ଆଜିର ଗ୍ରହସ୍ଥିତିର ବୈଷମ୍ୟତା ପାରିବାରିକ କ୍ଷେତ୍ରରେ ଅଶାନ୍ତିଜନିତ ମନରେ ସରସତା ରହିବ ନାହିଁ। ପ୍ରକୃତ ଘଟଣା ନ ବୁଝି ଉପରିସ୍ଥ କର୍ମଚାରୀ କ୍ରୋଧ ପ୍ରକାଶ କରିପାରନ୍ତି। ପୁତ୍ରକନ୍ୟାଙ୍କ ହେତୁକ ସମସ୍ୟା ସମାଧାନ ହେତୁ ଆଶ୍ୱସ୍ତି ଅନୁଭବ କରିବେ। ରପ୍ତାନି କାରବାର, ନିର୍ମାଣ, ପରିବହନ ଏଜେନ୍ସି, ସାହିତ୍ୟ, ସାମ୍ବାଦିକତାରେ ପ୍ରଶଂସିତ ହେବେ।

**କୁମ୍ଭ** ସ୍ୱରାଶି ପ୍ରତି ଶନିଙ୍କ ସ୍ଥିତି ଶାରୀରିକ, ସାମାଜିକ, ଗଣତାନ୍ତ୍ରିକ, ଆଇନ ପ୍ରଭୃତି କ୍ଷେତ୍ରରେ ସୁଫଳ ପ୍ରଦାନ କରିବ। ଜଣେ ବନ୍ଧୁ ପାରିବାରିକ କ୍ଷେତ୍ରର ସମସ୍ୟା ସମାଧାନ କରିବା ସକାଶେ ଚେଷ୍ଟା କରିବେ। ଜମିଜମା କିମ୍ବା କଚେରି ମାମଲା କ୍ଷେତ୍ରରେ ଆଶାଜନକ ଫଳ ପାଇବେ। ନୂତନ ଚୁକ୍ତିପତ୍ର ବନ୍ଧୁଙ୍କ ଜରିଆରେ ସ୍ୱାକ୍ଷରିତ ହୋଇପାରେ।

**ମୀନ** ସମସ୍ୟା ଓ ପ୍ରତିବନ୍ଧକକୁ ପଛକୁ ପକାଇ ବାସ୍ତବତାରେ ଉତ୍‌ଫୁଲ୍ଲିତ ରହିବେ। ଅଟକି ରହିଥିବା କାମ ସୁବିଧାରେ ସମ୍ପନ୍ନ ହେବା କଷ୍ଟକର ହୋଇପାରେ। ଆନୁଷ୍ଠାନିକ କାମରେ ଅର୍ଥ ଓ ସମ୍ମାନ ପାଇବାରେ କୌଣସି ଅସୁବିଧା ହେବନାହିଁ। ଶୁକ୍ରଙ୍କ ପ୍ରଭାବରେ ସାହିତ୍ୟ, ସଙ୍ଗୀତ ଓ ଚଳଚ୍ଚିତ୍ର କ୍ଷେତ୍ରରେ ଆଶାତୀତ ସଫଳତା ହାସଲ କରିବେ।

ଆଜି ଫେବୃଆରୀ ୨୧ ତାରିଖ, ବିଶ୍ୱ ମାତୃଭାଷା ଦିବସ, ଶ୍ରୀମାଙ୍କ ଜୟନ୍ତୀ, ଫାଲଗୁନ କୃଷ୍ଣ ଅଷ୍ଟମୀ ଯୁକ୍ତ ନବମୀ ଶୁକ୍ରବାର, ରାଶିନକ୍ଷତ୍ର-ଅନୁରାଧା/ବିଛା, ନବମୀର ପାର୍ବଣ ଶ୍ରାଦ୍ଧ, ଅଦ୍ୟ ବିବାହପାଣିଗ୍ରହଣ, ସକାଳ ଘ.୦୬।୧୫ ମି. ଗତେ ଘ.୦୭.୦୧ମି. ମଧ୍ୟେ, ଘ.୦୭.୪୭ ମି. ଗତେ ଘ.୦୯.୦୫ ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୦.୩୪ମି. ଗତେ ଘ.୧୨.୦୦ମି. ମଧ୍ୟେ ରାହୁ କାଳ।

# ସ୍ଥିତାବସ୍ଥା ବଜାୟ ରଖିବାକୁ ଆଦେଶ

**କଟକ,୨୦।୨(କାର୍ତ୍ତିକ ସାହୁ)**

ବଲାରପୁର ପେପର ମିଲ୍‌କୁ ଶିଳ୍ପ ପାଇଁ ଦିଆଯାଇଥିବା ସରକାରୀ ଜମି ଶିଳ୍ପ ଉଦ୍ଦେଶ୍ୟରେ ବ୍ୟବହାର ହେଉନାହିଁ। ତାହାକୁ ପ୍ଲଟିଂ ବିକ୍ରି କରିବାକୁ ଉଦ୍ୟମ ହୋଇଛି। ଜମିର କିସମ ପରିବର୍ତ୍ତନ କରିବାକୁ ଆବେଦନ ମଧ୍ୟ କରାଯାଇଛି। ତେଣୁ ଉକ୍ତ ଜମିକୁ ନେଇ ଓଡ଼ିଶା ରାଜ୍ୟ ସରକାରଙ୍କ ସହ ବଲାରପୁର ପେପର ମିଲ୍‌ର ହୋଇଥିବା ରାଜିନାମା(ଏମ୍‌ଓୟୁ)କୁ ରଦ୍ଦ କରିବା ପାଇଁ ଆଗତ ମାମଲାର ଶୁଣାଣି ହାଇକୋର୍ଟରେ ବୁଧବାର ହୋଇଛି। ହାଇକୋର୍ଟର କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଅରିନ୍ଦମ ସିହ୍ନା ଓ ବିଚାରପତି ଏମ. ଏସ୍. ସାହୁଙ୍କୁ ନେଇ ଗଠିତ ଖଣ୍ଡପୀଠ ମାମଲାର ଶୁଣାଣି କରି ସମ୍ପୃକ୍ତ ଜମିର ସ୍ଥିତାବସ୍ଥା ବଜାୟ ରଖିବାକୁ ଆଦେଶ ଦେଇଛନ୍ତି। ଏଥିସହ ରାଜ୍ୟ ସରକାରଙ୍କ ସମେତ ଅନ୍ୟ ପ୍ରତିପକ୍ଷ ଏ ସଂକ୍ରାନ୍ତରେ ସତ୍ୟପାଠ ଦାଖଲ କରିବାକୁ ଖଣ୍ଡପୀଠ ଆଦେଶ ଦେଇଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ମାର୍ଚ୍ଚ ୧୯ ତାରିଖକୁ ଧାର୍ଯ୍ୟ ହୋଇଛି। ଆବେଦନକାରୀ ରମେଶ ଚନ୍ଦ୍ର ନାୟକ ଓ ଅନ୍ୟମାନଙ୍କ ପକ୍ଷରୁ ଆଇନଜୀବୀ ବି.ପି.ବି. ବାହାଳି ମାମଲା ପରିଚାଳନା କରୁଛନ୍ତି।

**ବଲାରପୁର ପେପର ମିଲ୍ ବିରୋଧରେ ହାଇକୋର୍ଟରେ ମାମଲା**

# କିଟ୍ କର୍ତ୍ତୃପକ୍ଷଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବିକଲା ଛାତ୍ର ସଂଗଠନ







**ଭୁବନେଶ୍ୱର,୨୦।୨(ସୁଚିସ୍ମିତା ସାହୁ)**

କିଟ୍ ବିଶ୍ୱବିଦ୍ୟାଳୟ ଛାତ୍ରୀ ମୃତ୍ୟୁ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରାଯାଉ। ଦୋଷୀକୁ ଦଣ୍ଡ ଦେବା ସହିତ ନେପାଳର ଛାତ୍ରୀଛାତ୍ରଙ୍କୁ ଅମାନୁଷିକ ଭାବେ ଆକ୍ରମଣ କରି ବିତାଡିତ କରିଥିବା କର୍ତ୍ତୃପକ୍ଷଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଉ। ନେପାଳୀ ଛାତ୍ରୀଛାତ୍ରଙ୍କ ସମେତ ସମସ୍ତଙ୍କ ନିରାପତ୍ତାକୁ ସୁନିଶ୍ଚିତ କରିବା, କ୍ୟାମ୍ପସ ଚତୁଃପାର୍ଶ୍ୱରେ ଥିବା ମଦ ଓ ମାଦକ ଦ୍ରବ୍ୟ ବିକ୍ରି କରୁଥିବା ଦୋକାନଗୁଡିକ ତୁରନ୍ତ ବନ୍ଦ କରିବାକୁ ଅଲ ଇଣ୍ଡିଆ ଡେମୋକ୍ରାଟିକ ଷ୍ଟୁଡେଣ୍ଟ୍ସ ଅର୍ଗାନାଇଜେସନ୍ (ଏଆଇଡିଏସ୍ଓ) ଦାବି କରିଛି। ଏହି ପରିପ୍ରେକ୍ଷୀରେ ଗୁରୁବାର ଛାତ୍ରୀଛାତ୍ରମାନେ ବିଧାନସଭା ସମ୍ମୁଖ ଲୋୟର ପିଏମ୍‌ଜିରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପରେ ବିକ୍ଷୋଭସ୍ଥଳରୁ ଏକ ପ୍ରତିନିଧି ଦଳ ମୁଖ୍ୟମନ୍ତ୍ରୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଏଆଇଡିଏସଓ ରାଜ୍ୟ ସମ୍ପାଦକ ସିଦ୍ଧାର୍ଥ ରଥ, ଉପ-ସଭାପତି ନିରୁପମା ବେହେରା, ଭାଗ୍ୟରବି ଦାସ, କାର୍ଯ୍ୟାଳୟ ସମ୍ପାଦକ ନସିମ ସରକାର, କୋଷାଧ୍ୟକ୍ଷା ସର୍ପ୍ରୁଣିନୀ ରାଉଳ ପ୍ରମୁଖ ଏହାର ନେତୃତ୍ୱ ନେଇଥିଲେ। ସେହିପରି କିଟ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ଗିରଫଦାରୀ ଦାବିରେ ସିପିଆଇ ଭୁବନେଶ୍ୱର ଆଞ୍ଚଳିକ କମିଟି ପକ୍ଷରୁ ବିକ୍ଷୋଭ ଶୋଭାଯାତ୍ରା କରାଯାଇଛି।

**ପ୍ରଥମ ପୃଷ୍ଠାରୁ...**

## ଅରୁଣାଚଳ ସୀମାରେ...

ଦାବିକୁ ମଜଭୁତ କରିବା ସହ ଅନିର୍ଦ୍ଧାରିତ ସୀମାରେ ସାମରିକ ପ୍ରସ୍ତୁତିକୁ ମଧ୍ୟ ମଜଭୁତ କରିବ ବୋଲି କୁହାଯାଉଛି। ଅଦ୍ୟାବଧି ଚାଇନା ଏଭଳି ୬୨୮ଟି ଗ୍ରାମ ପ୍ରତିଷ୍ଠା କରିସାରିଥିବାବେଳେ ଆହୁରି ୯୦ ବସତି ସ୍ଥାପନ ହେଉଛି ଏହାର ସବୁଠୁ ବଡ଼ ବିସ୍ତାର। ସୂତ୍ରରୁ ଆହୁରି ଜଣାପଡ଼ିଛି ଯେ, ବର୍ଡର ଡିଫେନ୍ସ କୋ-ଅପରେଶନ୍ ଏଗ୍ରିମେଣ୍ଟ (୨୦୦୫) ଅଧୀନରେ ଚାଇନା ଭାରତଠାରୁ ଏକ ଆଇନଗତ ପ୍ରତିରକ୍ଷା ନିର୍ମାଣ ଚାହୁଁଛି, ଯଦ୍ୱାରା ସୀମା ବିବାଦ ଓ ସୀମାନ୍ତରେ ବସବାସ କରୁଥିବା ସ୍ଥାନୀୟ ଲୋକଙ୍କ ବିବାଦର ସମାଧାନ ହୋଇପାରିବ। ଏହି ଚୁକ୍ତିର ଆର୍ଟିକିଲ ୮ ଅନୁସାରେ ଉଭୟ ପକ୍ଷ ସୀମାରେ ବସବାସ କରୁଥିବା ନିଜ ନିଜ ଲୋକଙ୍କ ସ୍ୱାର୍ଥର ସୁରକ୍ଷା କରିପାରିବେ। ଏଲ୍‌ଏସି ପରିମାପ ନେଇ ଯେତେବେଳେ ପ୍ରଶ୍ନ ଉଠିବ, ଏହି ପ୍ରକ୍ରିୟା ଦ୍ୱାରା ଉକ୍ତ ଗ୍ରାମଗୁଡ଼ିକୁ ନେଇ କେହି ହସ୍ତକ୍ଷେପ କରିବେ ନାହିଁ।

ସୀମାରେ ଭାରତ ପକ୍ଷରୁ ମଧ୍ୟ ନିଜସ୍ୱ ଗ୍ରାମ ନିର୍ମାଣ ଯୋଜନା ରହିଛି। ଭାଇବ୍ରାଣ୍ଟ ଭିଲେଜେସ୍ ପ୍ରୋଗ୍ରାମ ଅଧୀନରେ ଅରୁଣାଚଳ ପ୍ରଦେଶରେ ଭାରତ ପୂର୍ବରୁ ରହିଥିବା ଗ୍ରାମଗୁଡ଼ିକର ଉନ୍ନତୀକରଣ କରୁଛି। ପରବର୍ତ୍ତୀ ୧୦ ବର୍ଷ ମଧ୍ୟରେ ୨,୯୬୩ଟି ଗ୍ରାମକୁ ବିକଶିତ କରିବା ଲକ୍ଷ୍ୟରେ ୨୦୨୩ ଏପ୍ରିଲ ୧୩ରେ କିବିଥୁଠାରେ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା।

ଦ୍ୱିତୀୟ ଚିନ୍ତାଜନକ ଘଟଣାକ୍ରମ ହେଲା, ତିବ୍ବତ ଓ ନେପାଳର ମୁସ୍ତାଙ୍ଗ୍ ସୀମାନ୍ତ କୋରାଲା କ୍ରସିଂ ପଏଣ୍ଟରେ ଚାଇନା ବଡ଼ ଧରଣର ପରିବର୍ତ୍ତନ କରୁଛି। ତିବ୍ବତୀୟ ଶରଣାର୍ଥୀମାନେ ବହୁ ସମୟ ଧରି ଏହି ସୀମା ଦେଇ ଅତିକ୍ରମ କରିଆନ୍ତି। ଏଠାରେ ଚାଇନା ପକ୍ଷରୁ ବଡ଼ ଧରଣର ଭିତ୍ତିଭୂମି ନିର୍ମାଣ କରାଯିବା ଭାରତ ପାଇଁ ଏକ ଆହ୍ୱାନ ବୋଲି କୁହାଯାଉଛି। ନେପାଳସ୍ଥିତ ମୁସ୍ତାଙ୍ଗ୍ ହେଉଛି ବୌଦ୍ଧ ଧର୍ମାବଲମ୍ବୀ ବହୁଳ ଅଞ୍ଚଳ। ୧୯୫୯ରେ ଚାଇନା ଶାସନ ବିରୋଧରେ ତିବ୍ବତୀୟଙ୍କ ବିଦ୍ରୋହ ବେଳେ ଏହି ଅଞ୍ଚଳ ଚର୍ଚ୍ଚାକୁ ଆସିଥିଲା। ଚାଇନାର ଦମନମୂଳକ କାର୍ଯ୍ୟାନୁଷ୍ଠାନରୁ ତିବ୍ବତୀୟ ଶରଣାର୍ଥୀମାନେ ବର୍ତ୍ତିବା ପାଇଁ ୧୫,୨୫୦ ଫୁଟ୍ ଉଚ୍ଚତାରେ ଅବସ୍ଥିତ କୋଲାରା ବର୍ଡର କ୍ରସିଂକୁ ବ୍ୟବହାର କରିଆସିଛନ୍ତି।

## ମୋଦି ସରକାର ଭାରତର ଜାତୀୟ ସୁରକ୍ଷାକୁ ବିପନ୍ନ କରୁଛନ୍ତି: ଖାର୍ଗେ

ଅରୁଣାଚଳ ପ୍ରଦେଶ ସୀମାରେ ଚାଇନା ପକ୍ଷରୁ ୯୦ଟି ନୂତନ ଗ୍ରାମ ପ୍ରତିଷ୍ଠା କରାଯିବା ନେଇ ରିପୋର୍ଟ ପ୍ରକାଶ ପାଇବା ପରେ କେନ୍ଦ୍ରକୁ କଂଗ୍ରେସ ପକ୍ଷରୁ ସମାଲୋଚନା କରାଯାଇଛି। କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ଏକ୍ସ'ରେ ଉଲ୍ଲେଖ କରିଛନ୍ତି ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ସରକାର ଜାତୀୟ ସୁରକ୍ଷା ପରିବର୍ତ୍ତେ 'ପିଆର୍ ଷ୍ଟଣ୍ଟ' ଏବଂ 'ମିଥ୍ୟା ବିଜ୍ଞାପନ'କୁ ପ୍ରାଧାନ୍ୟ ଦେଉଛନ୍ତି। ମୋଦିଜୀ, ଆପଣ ଚାଇନାକୁ 'ନାଲିଆଖି' ଦେଖାଇବା ପରିବର୍ତ୍ତେ 'ଲାଲସଲାମ' କରୁଛନ୍ତି। ଏଥିଯୋଗୁ ଭାରତର ଜାତୀୟ ସୁରକ୍ଷା, କ୍ଷେତ୍ରୀୟ ସାର୍ବଭୌମତ୍ୱ ଓ ଅଖଣ୍ଡତା ପ୍ରତି ବିପଦ ସୃଷ୍ଟି ହୋଇଛି ବୋଲି ଖାର୍ଗେ ସମାଲୋଚନା କରିଛନ୍ତି। ମୋଦି ସରକାର ଭାଇବ୍ରାଣ୍ଟ ଭିଲେଜ୍ କାର୍ଯ୍ୟକ୍ରମକୁ ପ୍ରୋତ୍ସାହନ ଦେଉଥିବା ନେଇ ଆପଣ ସଂସଦରେ ଅତିରଞ୍ଜିତ କରି କହୁଛନ୍ତି। କିନ୍ତୁ ସତ ହେଉଛି ଯେ, ଗତ ୨ ବର୍ଷ ଭିତରେ ଏହାର ୯୦% ପାଣ୍ଠିକୁ ଖର୍ଚ୍ଚ କରାଯାଇପାରି ନାହିଁ। ୨୦୨୩ ଫେବୃଆରୀରେ ଏହି ଯୋଜନା ଆରମ୍ଭ ହୋଇଥିଲା। ଆବଣ୍ଟିତ ୪,୮୦୦ କୋଟି ଟଙ୍କାରୁ ମାତ୍ର ୫୦୯ କୋଟି ଟଙ୍କା ଖର୍ଚ୍ଚ କରାଯାଇଥିବା ଖାର୍ଗେ ନିଜ ପୋଷ୍ଟରେ ଲେଖିଛନ୍ତି।

## ପିଏଲ୍‌ଏର ମନୋବଳ...

ବାୟୁସେନା ଓ ନୌସେନାର ୨୦ ଲକ୍ଷ ସୈନ୍ୟ ଜିନ୍‌ପିଙ୍ଗ୍‌ଙ୍କ ଭାଷଣ ଏବଂ ଶାସକ କମ୍ୟୁନିଷ୍ଟ ପାର୍ଟିର ନିୟମକୁ ଅଧ୍ୟୟନ କରୁଛନ୍ତି। ଏହାଦ୍ୱାରା ସେମାନଙ୍କ ଜୀବନରେ ବୈପ୍ଳବିକ ମନୋଭାବ ସୃଷ୍ଟି ହେବ ବୋଲି କୁହାଯାଉଛି। ଗତ ଜୁନ୍‌ରେ ଜିନ୍‌ପିଙ୍ଗ୍ ବରିଷ୍ଠ କମାଣ୍ଡରମାନଙ୍କ ଏକ ସମ୍ମିଳନୀକୁ ସମ୍ବୋଧିତ କରି କହିଥିଲେ, ସେନାରେ ଆମେ ଦଳୀୟ ନିରଙ୍କୁଶ ନେତୃତ୍ୱକୁ ବଜାୟ ରଖିବା ଜରୁରୀ। କମ୍ୟୁନିଷ୍ଟ ପାର୍ଟି ପ୍ରତି ବିଶ୍ୱସ୍ତ ଓ ଅନୁଗତ ବ୍ୟକ୍ତିମାନେ ବନ୍ଧୁକ ଧରିବା ଆବଶ୍ୟକ ବୋଲି ସେ କହିଥିଲେ। ଜିନ୍‌ପିଙ୍ଗ୍‌ଙ୍କ ଏହି ଭାଷଣ ତାଙ୍କ ସୈନ୍ୟଙ୍କ ମଧ୍ୟରେ ଦେଶାତ୍ମବୋଧ ଓ ଶୃଙ୍ଖଳା ଭରିଦେବ ବୋଲି ମନେକରାଯାଉଛି।

## ମହମ୍ମଦ ଶାମିଙ୍କ...

ଭାବେ ଦିନିକିଆ କ୍ରିକେଟରେ ୨୦୦ ଉଇକେଟ ଅକ୍ତିଆର କରିଛନ୍ତି। ଏତଦ ବ୍ୟତୀତ ୫୦ ଓଭରିଆ ଆଇସିସି ଇଭେଣ୍ଟରେ ଶାମି ଭାରତ ପାଇଁ ସର୍ବାଧିକ ଉଇକେଟ ନେବାର ରେକର୍ଡ ନିଜ ନାମରେ କରିଛନ୍ତି। ଦିନିକିଆ ବିଶ୍ୱକପ ଓ ଚାମ୍ପିୟନ୍ସ ଟ୍ରଫିକୁ ମିଶାଇ ଶାମି ମୋଟ ୬୦ ଉଇକେଟ ନେଇଛନ୍ତି। ଏହି ରେକର୍ଡ ପୂର୍ବରୁ ଜାହିର ଖାନ୍‌ଙ୍କ ନାମରେ ଥିଲା। ସେ ୫୯ ଉଇକେଟ ନେଇଥିଲେ। ଏହି ତାଲିକାରେ ଜାଭାଗଲ ଶ୍ରୀନାଥ (୪୭) ଓ ରବୀନ୍ଦ୍ର ଜାଡେଜା (୪୩) ରହିଛନ୍ତି।

## ଅଚ୍ୟୁତଙ୍କୁ ହାଜର...

ଉଚ୍ଚସ୍ତରୀୟ ତଦନ୍ତ କମିଟି ନିକଟରେ ହାଜର ହେବାକୁ ଅଚ୍ୟୁତଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଛାତ୍ରୀ ଆତ୍ମହତ୍ୟା ମାମଲା ଓ ଏହା ପରବର୍ତ୍ତୀ ଘଟଣାରେ କିଟ୍ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ କ'ଣ ପଦକ୍ଷେପ ଗ୍ରହଣ କରିଛନ୍ତି, ସେ ସମ୍ବନ୍ଧୀୟ ସମସ୍ତ ଡକ୍ୟୁମେଣ୍ଟ କମିଟି ନିକଟରେ ଉପସ୍ଥାପନ କରିବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି।

ସୂଚନାଯୋଗ୍ୟ, ଏହି କମିଟି ବୁଧବାର କ୍ୟାମ୍ପସ ପରିଦର୍ଶନ କରିବା ସହ ହଷ୍ଟେଲରେ ଥିବା ନେପାଳୀ ଛାତ୍ରୀଛାତ୍ର ଓ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ସହିତ ବିସ୍ତୃତ ଆଲୋଚନା କରିଥିଲେ। ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଦ୍ୱାରା କେବଳ ନେପାଳ ଛାତ୍ରୀଛାତ୍ରଙ୍କ ପାଇଁ ସାଇନ-ଏ-ଡାଏ ଘୋଷଣା ହେବା ଏବଂ ସେମାନଙ୍କୁ କ୍ୟାମ୍ପସରୁ ଲୋକ ଲଗାଇ ବିଦା କରିବା ଆଦି ବିଷୟରେ ତଦନ୍ତ କରାଯିବ। ସେମାନଙ୍କୁ ସୁରକ୍ଷିତ ଭାବେ ଫେରାଇ ଆଣିବା ସହ କ୍ୟାମ୍ପସରେ ଥିବା ଛାତ୍ରୀଛାତ୍ରଙ୍କ ସୁରକ୍ଷା ସୁନିଶ୍ଚିତ କରିବାକୁ କର୍ତ୍ତୃପକ୍ଷଙ୍କ ଦ୍ୱାରା ନିଆଯାଇଥିବା ପଦକ୍ଷେପ ବିଷୟରେ ମଧ୍ୟ ଉକ୍ତ କମିଟି ତଦାରଖ କରିବ। ଛାତ୍ରୀଛାତ୍ରଙ୍କ ଆତ୍ମବିଶ୍ୱାସ ଫେରାଇ ଆଣିବାକୁ ବିଭାଗ ପକ୍ଷରୁ ଅଭିଜ୍ଞ ପରାମର୍ଶଦାତାଙ୍କୁ ନିୟୋଜିତ କରାଯିବ ବୋଲି ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ କୁହାଯାଇଛି।

## ମହାନଦୀରେ ନିର୍ମାଣ ହେବ...

ଯାଉଛନ୍ତି। ଅପରପକ୍ଷେ ବିଜେଡି ଉପନେତା ପ୍ରସନ୍ନ ଆଚାର୍ଯ୍ୟ ପ୍ରଶ୍ନକାଳରେ ଏହି ପ୍ରସଙ୍ଗ ଉଠାଇଥିଲେ। ଛତିଶଗଡ଼ ସରକାର ମହାନଦୀର ଉପର ଅବବାହିକା ଅଞ୍ଚଳରେ ୮/୯ଟି ବ୍ୟାରେଜ ନିର୍ମାଣ କରିଛନ୍ତି। ଏହାଦ୍ୱାରା ଓଡ଼ିଶା ଗ୍ରୀଷ୍ମ ସମୟରେ ବିଶେଷମାତ୍ରାରେ ପ୍ରଭାବିତ ହେଉଛି। ଏନେଇ ରାଜ୍ୟ ସରକାର କ'ଣ ପଦକ୍ଷେପ ନେଇଛନ୍ତି ବୋଲି ପ୍ରସନ୍ନ ପ୍ରଶ୍ନ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ପକ୍ଷରୁ ସଂସଦୀୟ ବ୍ୟାପାର ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଉତ୍ତର ରଖିଥିଲେ। ସେ କହିଲେ, ଭାଜପା ସରକାର ଗତ ୮ମାସ ଧରି କ୍ଷମତାରେ ଅଛି। ଏତେ କମ୍ ସମୟ ମଧ୍ୟରେ ବନ୍ଧ ନିର୍ମାଣ ହୋଇପାରିବ ନାହିଁ। ତେବେ ରାଜ୍ୟ ସରକାର ୩୧ଟି ବୃହତ୍ ଓ ମଧ୍ୟମ ଜଳପ୍ରକଳ୍ପ, ୨୭ଟି ବ୍ୟାରେଜ, ୭୨ଟି ଆଇଏସ୍‌ଏସ୍ ଡାଞ୍ଚା ଏବଂ ୭୯ଟି କ୍ଷୁଦ୍ର ଜଳପ୍ରକଳ୍ପ କରିବାକୁ ଯୋଜନା କରିଛନ୍ତି। ଏଥିପାଇଁ ୫୧ହଜାର କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି। ଜଳସମ୍ପଦ ବିଭାଗ ଏଥିପାଇଁ ରୋଡ୍‌ମ୍ୟାପ୍ ପ୍ରସ୍ତୁତ କରୁଛି। ଏନେଇ ଆଗାମୀ ୫ବର୍ଷ ମଧ୍ୟରେ ପଦକ୍ଷେପ ନିଆଯିବ ବୋଲି ମହାଲିଙ୍ଗ ବିଧାନସଭାରେ ତଥ୍ୟ ରଖିଛନ୍ତି। ସେ ଆହୁରି କହିଛନ୍ତି, ଛତିଶଗଡ଼ରେ ଯେଉଁ ଡ୍ୟାମ ହୋଇଛି ତାକୁ ନେଇ ବିଧାନସଭାରେ ଅନେକ ବାର ଆଲୋଚନା ହୋଇଛି। ଗତ ୨୪ବର୍ଷର ପ୍ରସଙ୍ଗକୁ ଦୋହରାଇବାକୁ ଚାହୁଁନି। ଏତେବର୍ଷ ସରକାରରେ ଥିବା ବିଜେଡି ମହାନଦୀର ତଳମୁଣ୍ଡରେ କେତୋଟି ଡ୍ୟାମ କରିଛି, ତାହାର ତଥ୍ୟ ବର୍ତ୍ତମାନର ବିରୋଧୀ ଦଳ ନେତା ତଥା ତତ୍କାଳୀନ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଥିବ। ତେଣୁ ପ୍ରଥମେ ନିଜକୁ ନିଜେ ପ୍ରଶ୍ନ ପଚାରନ୍ତୁ ବୋଲି ମହାଲିଙ୍ଗ ଟେରଛା ବାଣ ମାରିଛନ୍ତି।

**ଖୋର୍ଦ୍ଧା ଜିଲା ମହୋତ୍ସବରେ ଧରିତ୍ରୀ ଏବଂ ଓଡ଼ିଶାପୋଷ୍ଟ ଷ୍ଟଲ ଉଦ୍‌ଘାଟିତ**

# 'ଧରିତ୍ରୀ ତା'ର ସ୍ୱତନ୍ତ୍ରତା ବଜାୟ ରଖିଛି'




ଖୋର୍ଦ୍ଧା,୨୦।୨ (ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଜିଲା ପ୍ରଶାସନ ଏବଂ ଓର୍‌ମାସ ଆନୁକୂଲ୍ୟରେ ଗୁରୁବାରଠାରୁ ଜିଲା ମହୋତ୍ସବ, ପୁସ୍ତକ ମେଳା ଓ ପଲ୍ଲିଶ୍ରୀ ମେଳା ଆରମ୍ଭ ହୋଇଛି। ଏହି ମେଳାରେ ଧରିତ୍ରୀ ଏବଂ ଓଡ଼ିଶାପୋଷ୍ଟ ପୁସ୍ତକ ଷ୍ଟଲ ଉଦ୍‌ଘାଟିତ ହୋଇଯାଇଛି। ଖୋର୍ଦ୍ଧା ଅତିରିକ୍ତ ଜିଲାପାଳ ପ୍ରତାପ ଚନ୍ଦ୍ର ବେଉରା ମୁଖ୍ୟ ଅତିଥିଭାବେ ଯୋଗଦେଇ ଷ୍ଟଲ ଉଦ୍‌ଘାଟନ କରି କହିଥିଲେ, ଧରିତ୍ରୀ ୫୦ବର୍ଷ ଅତିକ୍ରାନ୍ତ କରି ୫୧ ବର୍ଷରେ ପହଞ୍ଚିବାବେଳେ ତା'ର ସ୍ୱତନ୍ତ୍ରତା ବଜାୟ ରଖିଛି। ଏହାର ବାର୍ଷିକ ବିଶେଷାଙ୍କ ନବକଳେବର, ସୂତାଖିଅରେ ବିଶ୍ୱ, ଅକଳରେ ଅର୍ଥନୀତି ଆଦି ବେଶ୍ ଉଚ୍ଚକୋଟୀର ହୋଇଛି ବୋଲି ବେଉରା କହିଥିଲେ। ସମ୍ମାନିତ ଅତିଥିଭାବେ ଖୋର୍ଦ୍ଧା ବାର୍ ସଂଘ ସଭାପତି ଜୀବନ ଜ୍ୟୋତି ମିଶ୍ର ଯୋଗଦେଇ ଯୁବପିଢ଼ି ସାହିତ୍ୟାନୁରାଗୀ ହେବାକୁ ପରାମର୍ଶ ଦେଇଥିଲେ। ଯୁବ ସମାଜ ପୁସ୍ତକ ପଠନ ଅଭ୍ୟାସ କରନ୍ତୁ। ସେହିପରି ଶିକ୍ଷାବିତ୍ ସତ୍ୟବାଦୀ ବଳିୟାରସିଂହ କହିଥିଲେ, ଆଜିର ଯୁବପିଢ଼ି ହେଉଛନ୍ତି ଦେଶର ଆଗାମୀ ଭବିଷ୍ୟତ। ଯୁବକମାନେ ଅସୀମ ଶକ୍ତିର ଉତ୍ସ। ଅନ୍ତର୍ନିହିତ ପ୍ରତିଭା, ଜ୍ଞାନ ପରିସୀମା ବୃଦ୍ଧି କରନ୍ତୁ। ଓୟୁଜେ ଜିଲା ସଭାପତି ତପନ ନାୟକ କହିଥିଲେ, ଧରିତ୍ରୀର ବଳିଷ୍ଠ ସମ୍ପାଦକୀୟ, ନିର୍ଭୀକତା, ସତ୍ୟ ଓ ତଥ୍ୟଭିତ୍ତିକ ଖବର ପରିବେଷଣ ଦିଗରେ ସ୍ୱତନ୍ତ୍ରତା ରହିଛି। ଧରିତ୍ରୀର ଉତ୍ତୋରତ୍ତର କାମନା ସହ ଯୁବ ସାମ୍ବାଦିକମାନଙ୍କ ପାଇଁ ଏହା ପ୍ରେରଣାର ଉତ୍ସ ହେଉ ବୋଲି କହିଥିଲେ। ଜିଲା ପ୍ରେସ୍ କ୍ଲବ ସଭାପତି ଶୁଭ୍ରାଂଶୁ ସାମନ୍ତରାୟ କହିଥିଲେ, ଭବିଷ୍ୟତ ଭାରତର କର୍ଣ୍ଣଧାର ହେଉଛନ୍ତି ଯୁବପିଢ଼ି। ସେବା ଓ ସମର୍ପଣ ଭାବେ ସମାଜର ପ୍ରଗତିପଥରେ ଅଗ୍ରସର ହେବାକୁ ପରାମର୍ଶ ଦେଇଥିଲେ। ବ୍ଲକ ଉପାଧ୍ୟକ୍ଷ ପ୍ରକାଶ ସାମନ୍ତରାୟ କହିଥିଲେ, ପୁସ୍ତକକୁ ବନ୍ଧୁ ଭାବେ ଗ୍ରହଣ କଲେ ଉଜ୍ଜ୍ୱଳ ଭବିଷ୍ୟତ ହେବ। ସମ୍ମିଳିତ କର୍ମଜୀବୀ ସାମ୍ବାଦିକ ସଂଘ ସଭାପତି ପ୍ରକାଶ ହାତୀ ଧରିତ୍ରୀକୁ ଶୁଭେଚ୍ଛା ଜଣାଇବା ସହ ସାମ୍ବାଦିକତା କ୍ଷେତ୍ରରେ ମାଇଲଖୁଣ୍ଟ ହେଉ। ଗଠନମୂଳକ ଖବର ପରିବେଷଣ ଦିଗରେ ଖବରଦାତାମାନେ ବ୍ରତୀ ହୁଅନ୍ତୁ ବୋଲି କହିଥିଲେ। କଳିଙ୍ଗ ପାଇକ ସଙ୍ଗଠନର କୃଷ୍ଣଚନ୍ଦ୍ର ହରିଚନ୍ଦନ କହିଥିଲେ, ସକାଳ ଆରମ୍ଭ ଧରିତ୍ରୀ ଖବରକାଗଜରୁ ହୋଇଥାଏ। ଯେତେ ଖବରକାଗଜ ପଢ଼ିଲେ ମଧ୍ୟ ଧରିତ୍ରୀ ନ ପଢ଼ିଲେ ଭଲ ଲାଗେନି। ଧରିତ୍ରୀ ଅନେକଙ୍କ ମଧ୍ୟରେ ଏକତା ବଜାୟ ରଖିଛି। ନାଇଜର କୁଳସଚିବ ଅଭୟ ନାୟକ, ଉପଜିଲାପାଳ କିଶୋର ଚନ୍ଦ୍ର ପଣ୍ଡା, ବିଡିଓ କ୍ଷୀରାବ୍ଧି ତନୟା ସାହୁ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଜ୍ୟୋତ୍ସ୍ନାମୟୀ ଆଚାର୍ଯ୍ୟ, ଜିଲା ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସ, ସାମାଜିକର୍ମୀ ଶୋଭନ ଘୋଷ, ବିଶିଷ୍ଟ କବି ତଥା ଲେଖକ ଶଙ୍କର ସାହୁ, ଓୟୁଜେ ଜିଲା ସଭାପତି ତପନ ନାୟକ, ଧରିତ୍ରୀ ଉପବାର୍ତ୍ତା ସମ୍ପାଦକ ଲାଲା ସୁନିଲ ରଥ ପ୍ରମୁଖ ଅତିଥିଭାବେ ଉପସ୍ଥିତ ଥିଲେ। ଧରିତ୍ରୀ ଖୋର୍ଦ୍ଧା ଜିଲା ପ୍ରତିନିଧି ପ୍ରଭାତ ପାଣିଗ୍ରାହୀ ସଂଯୋଜନା କରିଥିଲେ।




# ଆଜିଠୁ ମାଟ୍ରିକ୍ ପରୀକ୍ଷା

କଟକ,୨୦।୨(କାର୍ତ୍ତିକ ସାହୁ)

ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ଚଳିତବର୍ଷର ମାଟ୍ରିକ୍ ପରୀକ୍ଷା ଫେବୃଆରୀ ୨୧ ତାରିଖ ଶୁକ୍ରବାରଠାରୁ ଆରମ୍ଭ ହୋଇ ମାର୍ଚ୍ଚ ୬ରେ ଶେଷ ହେବ। ସେହିପରି ଏକ ସଙ୍ଗେ ମଧ୍ୟମା ଓ ରାଜ୍ୟ ମୁକ୍ତ ବିଦ୍ୟାଳୟ ପରୀକ୍ଷା ମଧ୍ୟ ଅନୁଷ୍ଠିତ ହେବ। ଏଥିପାଇଁ ବୋର୍ଡ ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ପରୀକ୍ଷାର୍ଥୀମାନେ ସକାଳ ସାଢେ ୭ଟାରୁ ସାଢେ ୮ଟା ମଧ୍ୟରେ ପରୀକ୍ଷା କେନ୍ଦ୍ରକୁ ପ୍ରବେଶ କରିବେ। ସକାଳ ୯ଟାରେ ପରୀକ୍ଷା ଆରମ୍ଭ ହୋଇ ସାଢେ ୧୧ଟାରେ ଶେଷ ହେବ। ପରୀକ୍ଷା ସୁପରିଚାଳନା ପାଇଁ କଟକ ବଜ୍ରକବାଟି ରୋଡ୍‌ସ୍ଥିତ ବୋର୍ଡ ମୁଖ୍ୟାଳୟରେ ନିୟନ୍ତ୍ରଣ କକ୍ଷ ଖୋଲାଯାଇଛି। ଏଥିସହ ରାଜ୍ୟର ୬୦୦ ପରୀକ୍ଷା କେନ୍ଦ୍ରରୁ ଲାଇଭ୍ ଯୋଗେ ବୋର୍ଡ ମୁଖ୍ୟାଳୟ ସହ ସଂଯୋଗ ରହିବ। ଏହାଦ୍ୱାରା ବୋର୍ଡ କାର୍ଯ୍ୟାଳୟରୁ ସିଧାସଳଖ ସେହି ପରୀକ୍ଷା କେନ୍ଦ୍ରଗୁଡ଼ିକର ପରୀକ୍ଷା ପରିଚାଳନାକୁ ନିୟନ୍ତ୍ରଣ କରାଯାଇପାରିବ। ପରୀକ୍ଷା ସଂକ୍ରାନ୍ତୀୟ ସମସ୍ତ ତଥ୍ୟ ବୋର୍ଡ ମୁଖ୍ୟାଳୟକୁ ସିଧାସଳଖ ପରୀକ୍ଷାକେନ୍ଦ୍ର ଓ ନୋଡାଲ କେନ୍ଦ୍ରଗୁଡ଼ିକରୁ ଆସିବା ନିମନ୍ତେ ଅସ୍ଥାୟୀ ଭାବେ ବ୍ୟବସ୍ଥା କରାଯାଇଛି। ଏଥିସହ ମାର୍ଚ୍ଚ ୧୯ ତାରିଖରୁ ଖାତାଦେଖା ଆରମ୍ଭ ହେବ ବୋଲି ବୋର୍ଡ ମୁଖ୍ୟାଳୟ ପକ୍ଷରୁ ଜଣାପଡିଛି। ସୂଚନାନୁସାରେ, ରାଜ୍ୟର ମୋଟ୍ ୨୯୭୯ କେନ୍ଦ୍ରରେ ୫,୧୦,୭୭୮ ଜଣ ମାଟ୍ରିକ୍ ପରୀକ୍ଷାର୍ଥୀ ପରୀକ୍ଷା ଦେବେ। ସେହିପରି ରାଜ୍ୟ ମୁକ୍ତ ବିଦ୍ୟାଳୟ ପରୀକ୍ଷା ୧୦୨ଟି କେନ୍ଦ୍ରରେ ୭୭୬୬ ଜଣ ଓ ମଧ୍ୟମା ପରୀକ୍ଷା ୫୨ଟି କେନ୍ଦ୍ରରେ ୩୭୯୨ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବେ। ତେବେ ତିନୋଟିଯାକ ପରୀକ୍ଷାର ପ୍ରଶ୍ନପତ୍ର ସୁରକ୍ଷିତ ଭାବେ ଗଚ୍ଛିତ ରଖିବା ପାଇଁ ୩୦ଟି ଜିଲାରେ ୩୧୪ ନୋଡାଲ କେନ୍ଦ୍ର କରାଯାଇଛି। ସେଥିମଧ୍ୟରେ ପୋଲିସ ଥାନାରେ ୨୧ଟି ନୋଡାଲ କେନ୍ଦ୍ର ଓ ବିଟ୍ ହାଉସ୍‌ରେ ଗୋଟିଏ କେନ୍ଦ୍ର କରାଯାଇଛି।

## ପରୀକ୍ଷା ପାଇଁ ଚତୁଃସ୍ତରୀୟ ସ୍କ୍ୱାଡ୍ ବ୍ୟବସ୍ଥା

କଟକ,୨୦।୨(କାର୍ତ୍ତିକ ସାହୁ): ଶୃଙ୍ଖଳିତ ମାଟ୍ରିକ ପରୀକ୍ଷା ପରିଚାଳନା ତଦାରଖ ପାଇଁ ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ପକ୍ଷରୁ ଚତୁଃସ୍ତରୀୟ ସ୍କ୍ୱାଡ୍ ବ୍ୟବସ୍ଥା କରାଯାଇଛି। ସମସ୍ତ ଜିଲା ଶିକ୍ଷାଧିକାରୀଙ୍କ ଦ୍ୱାରା ୭୦ଟି ଫ୍ଲାଇଂ ସ୍କ୍ୱାଡ୍ ଗଠନ କରାଯାଇଛି। ବୋର୍ଡ ମୁଖ୍ୟାଳୟ ପକ୍ଷରୁ ୪୨ଟି ସ୍ୱତନ୍ତ୍ର ସ୍କ୍ୱାଡ୍ ପରୀକ୍ଷା ପରିଚାଳନା ଯାଞ୍ଚ କରିବ। ସେହିପରି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଅଧିକାରୀଙ୍କୁ ନେଇ ଗଠିତ ସ୍ୱତନ୍ତ୍ର ସ୍କ୍ୱାଡ୍ ଏବଂ ପ୍ରତି ଜିଲାରେ ବିଡିଓ, ତହସିଲଦାର ଓ ଜିଲା ପ୍ରଶାସନର ଅଧିକାରୀଙ୍କୁ ନେଇ ଗଠିତ ସ୍କ୍ୱାଡ୍ ପରୀକ୍ଷା ପରିଚାଳନା ତଦାରଖ ନିମନ୍ତେ ପ୍ରସ୍ତୁତ ହୋଇରହିଛନ୍ତି।




# କିଟ୍‌ରେ ନେପାଳୀ ଛାତ୍ରଙ୍କୁ ମାଡ଼ ଘଟଣାରେ ଆଉ ୫ ଗିରଫ



ଗିରଫ ହୋଇଥିବା କିଟ୍ ବିଶ୍ୱବିଦ୍ୟାଳୟର କର୍ମଚାରୀ।

**ଜାମିନ ନାମଞ୍ଜୁର ପରେ ଜେଲ ଗଲେ**

ଭୁବନେଶ୍ୱର,୨୦।୨ (ସତ୍ୟଜିତ୍ ରାଉତ)

କିଟ୍ ବିଶ୍ୱବିଦ୍ୟାଳୟରେ ନେପାଳୀ ଛାତ୍ରଙ୍କୁ ମାଡ଼ ମାରି କ୍ୟାମ୍ପସରୁ ବିଦା କରିବା ଘଟଣାରେ ଇନ୍‌ଫୋସିଟି ଥାନା ପୋଲିସ ଗୁରୁବାର ଆଉ ୫ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତଙ୍କ ମଧ୍ୟରେ ୪ଜଣ ବାଉନ୍‌ସର ଅଛନ୍ତି। ସେମାନେ ହେଲେ ଅଜୟ କୁମାର ସ୍ୱାଇଁ (୪୬), ସରୋଜ କୁମାର ରାଉତରାୟ (୪୫), ଚନ୍ଦନ କୁମାର ସ୍ୱାଇଁ (୨୯), ସୁଧାଂଶୁ ଶେଖର ବେହେରା (୪୧) ଏବଂ ଫିଲ୍ଡ ଅଫିସର ରମାକାନ୍ତ ସେଠୀ (୩୭)। ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ସେମାନଙ୍କୁ ଜାମିନ ପାଇଁ ଆବେଦନ ହୋଇଥିଲା। ହେଲେ ପୋଲିସ ପକ୍ଷରୁ ଦିଆଯାଇଥିବା ପ୍ରମାଣଗୁଡ଼ିକୁ ଆଧାର କରି ବିଚାରପତି ଜାମିନ ନାମଞ୍ଜୁର କରିଦେଇଥିଲେ। ଫଳରେ ଅଭିଯୁକ୍ତମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛିଥିବା ସୂଚନା ଦିଆଯାଇଛି।

ସୂଚନାଯୋଗ୍ୟ, ପୀଡ଼ିତା ମୃତା ପ୍ରକ୍ରିତି ଲାମ୍‌ସଲ୍‌ଙ୍କୁ ନ୍ୟାୟ ଦେବାକୁ ନେପାଳୀ ଛାତ୍ରୀଛାତ୍ରମାନେ ଶିକ୍ଷାନୁଷ୍ଠାନର ମୁଖ୍ୟ ଅଧିକାରୀଙ୍କ ବିରୋଧରେ ଆନ୍ଦୋଳନ କରିଥିଲେ। ହେଲେ ଆନ୍ଦୋଳନକାରୀଙ୍କୁ ଖୁବ୍‌ଶୀଘ୍ର ହଷ୍ଟେଲ ତଥା ଶିକ୍ଷାନୁଷ୍ଠାନ ପରିସର ଖାଲି କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ସୋମବାର ପୂର୍ବାହ୍ନ ୧୧ରୁ ମଧ୍ୟାହ୍ନ ୧୨ଟା ୩୦ ମଧ୍ୟରେ ଛାତ୍ରୀଛାତ୍ରମାନେ ହଷ୍ଟେଲ ଖାଲି କରୁଥିବାବେଳେ ଅଭିଯୁକ୍ତମାନେ ସେଠାରେ ପହଞ୍ଚି ଯଥାଶୀଘ୍ର ସେଠାରୁ ଚାଲିଯିବାକୁ ତାଗିଦ୍ କରିଥିଲେ। ଛାତ୍ରମାନେ ହଷ୍ଟେଲ ଖାଲି କରିବାରେ ସାମାନ୍ୟ ବିଳମ୍ବ କରିବାରୁ ଅଭିଯୁକ୍ତମାନେ ସେମାନଙ୍କୁ ଗାଳିଗୁଲଜ କରିବା ସହ ଆକ୍ରମଣ ଓ ମାରପିଟ କରିଥିଲେ। ଏହାପୂର୍ବରୁ ମଙ୍ଗଳବାର ଏହି ମାମଲାରେ କିଟ୍‌ର ୩ଜଣ ଅଧିକାରୀ ଏବଂ ୨ଜଣ ସୁରକ୍ଷା କର୍ମୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ତେବେ ପୋଲିସ କୋହଳ ଦଫା ଲଗାଇଥିବାରୁ ସେମାନଙ୍କୁ ତୁରନ୍ତ ଜାମିନ ମିଳି ଯାଇଥିଲା।

# ରିମାଣ୍ଡରେ ପୁରୁଷବନ୍ଧୁ ଆଦଭିକ୍

ଭୁବନେଶ୍ୱର,୨୦।୨ (ସତ୍ୟଜିତ୍ ରାଉତ)

**କିଟ୍‌ରେ ଛାତ୍ରୀ ମୃତ୍ୟୁ, ନିର୍ଯାତନା ଘଟଣା**
- ଭଏସ୍ ସ୍ପେକ୍‌ଟ୍ରୋଗ୍ରାଫି ଟେଷ୍ଟ ହେବ
- ବଜରଙ୍ଗ ଦଳର ବିକ୍ଷୋଭ, ପୋଲିସ ସହ ଧସ୍ତାଧସ୍ତି

କିଟ୍ ବିଶ୍ୱ ବିଦ୍ୟାଳୟରେ ବି.ଟେକ୍ ଛାତ୍ରୀ ପ୍ରକ୍ରିତି ଲାମସଲ୍ ଆତ୍ମହତ୍ୟା ଘଟଣାରେ ସରକାରଙ୍କ ପକ୍ଷରୁ ଉଚ୍ଚସ୍ତରୀୟ କମିଟି ଦ୍ୱାରା ତଦନ୍ତ ଚାଲିଛି। ଅପରପକ୍ଷରେ ପ୍ରକ୍ରିତିଙ୍କୁ ବ୍ଲାକମେଲ୍ କରି ଗିରଫ ହୋଇଥିବା ଅଭିଯୁକ୍ତ ପୁରୁଷବନ୍ଧୁ ଆଦଭିକ୍ ଶ୍ରୀବାସ୍ତବ ୩ ଦିନିଆ ପୋଲିସ ରିମାଣ୍ଡରେ ଆସିଛନ୍ତି। ବୁଧବାରଠାରୁ ଝାରପଡ଼ା ଜେଲରୁ ଅଭିଯୁକ୍ତ ଆଦଭିକ୍‌ଙ୍କୁ ପୋଲିସ ଟିମ୍ ଆଣି ମାରାଥନ୍ ଜେରା କରୁଛି। ପ୍ରକ୍ରିତିଙ୍କୁ ସେ କେବେଠୁ ପ୍ରେମ କରୁଥିଲେ, ସମ୍ପର୍କରେ ଫାଟ ସୃଷ୍ଟି ହେବାର କାରଣ, କାହିଁକି ନିର୍ଯାତନା ଦେଲେ, କିଭଳି ନିର୍ଯାତନା ଦେଉଥିଲେ ଆଦି ଦିଗକୁ ନେଇ ଆଦଭିକ୍‌ଙ୍କଠୁ ପୋଲିସ ତଥ୍ୟ ହାସଲ କରୁଛି। ଅନ୍ୟପକ୍ଷରେ ଆଦଭିକ୍‌ଙ୍କ ଭଏସ୍ ସ୍ପେକ୍‌ଟ୍ରୋଗ୍ରାଫି ଟେଷ୍ଟ ହେବ ବୋଲି ସୂଚନା ମିଳିଛି। ଏହି ଘଟଣାରେ ପ୍ରକ୍ରିତି ଓ ଆଦଭିକ୍ ବାର୍ତ୍ତାଳାପର ଏକ ଅଡିଓ କଲ ଭାଇରାଲ ହୋଇଥିଲା। ଉକ୍ତ ଭାଇରାଲ ଅଡିଓରେ ଆଦଭିକ୍ ଗାଳିଗୁଲଜ କରୁଥିବା ବେଳେ ପ୍ରକ୍ରିତି କାନ୍ଦୁଥିବା ଶୁଣିବାକୁ ମିଳିଥିଲା। ତେବେ ଏଥିରେ ଥିବା ପୁରୁଷ କଣ୍ଠସ୍ୱର ଆଦଭିକ୍‌ଙ୍କ କି ନୁହେଁ ତାହା ପ୍ରମାଣ କରିବାକୁ ପୋଲିସ ଉକ୍ତ ଭଏସ୍ ଟେଷ୍ଟ କରିବ। ଷ୍ଟେଟ୍ ଫରେନ୍‌ସିକ୍ ସାଇନ୍ସ ଲାବୋରେଟୋରି (ଏସ୍‌ଏଫ୍‌ଏସ୍‌ଏଲ୍)ରେ ଏହି ପରୀକ୍ଷା କରାଯିବ ବୋଲି ସୂଚନା ମିଳିଛି। କିଟ୍ ମୁଖ୍ୟ ଫାଟକ ସାମ୍ନାରେ ବଜରଙ୍ଗ ଦଳ ପକ୍ଷରୁ ବିକ୍ଷୋଭ ବେଳେ କର୍ମୀମାନେ କିଟ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ବିରୋଧରେ ନାରାବାଜି ଦେଇଥିଲେ। ତେବେ ମୁଖ୍ୟ ରାସ୍ତାରେ ଭିଡ଼ ପରିଚାଳନା କରି ଯାତାୟାତ ସ୍ୱାଭାବିକ କରିବାକୁ ପୋଲିସ ଫୋର୍ସ ଆନ୍ଦୋଳନକାରୀଙ୍କୁ ଘଉଡ଼ାଇଥିଲେ। ଫଳରେ ପୋଲିସ ସହ ବଜରଙ୍ଗ ଦଳର ଠେଲାପେଲା ପରିସ୍ଥିତି ଉପୁଜିଥିଲା।












ଯଦି କୌଣସି ସମସ୍ୟା ଆସେ– ତେବେ ତା'ସମ୍ବନ୍ଧେ ବିକ୍ଷିପ୍ତ ଭାବେ ମୁଣ୍ଡ ନ ଖେଳାଇ ଯଦି ଶୁଭେଚ୍ଛାର ଅଭୀପ୍ସା ନେଇ ଏକ ଶୁଭସଂକଳ୍ପ ପାଇଁ ପ୍ରୟୋଜନ ବୋଧ ସହିତ ନୀରବ ଓ ଶାନ୍ତଭାବେ ଅପେକ୍ଷା କର – ତେବେ ସମାଧାନ ଖୁବ୍‌ଶୀଘ୍ର ଆସିଥିବା– ଏବଂ ତୁମେ ନୀରବ ଥିବାରୁ ତାହା ଶୁଣିବାକୁ ସମର୍ଥ ହେବ। –ଶ୍ରୀମା



# ଏଆଇର ଗତିଶୀଳତା



ଡାରୋନ ଆକେମୋଗ୍ଲୁ

ନିକଟରେ ପ୍ୟାରିସ୍‌ରେ ଅନୁଷ୍ଠିତ ଏଆଇ (ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ) ଆକ୍ସନ ସମିଟ୍ ବା ସମ୍ମିଳନୀରେ ମୁଁ ଭାଗ ନେଇଥିଲି। ସାମାଜିକ କଲ୍ୟାଣ ଦିଗରେ ଏଆଇ ବା କୃତ୍ରିମ ବୁଦ୍ଧିମତ୍ତାକୁ କିଭଳି ଅଧିକ ସଞ୍ଚାଳନ କରାଯାଇପାରିବ, ତାହା ଉପରେ ଆଲୋଚନାରେ ଗୁରୁତ୍ୱ ଦିଆଯାଇଥିଲା। ଗୋଟିଏ ସମୟ ଥିଲା, ସିଲିକନ୍ ଭ୍ୟାଲିରୁ ଏଆଇ ଗତିଶୀଳତା ପାଇଁ ଅଧିକ ଦାବି ହେଉଥିଲା। କିନ୍ତୁ ଏବେ ଆମେରିକା ସରକାରରୁ ଏହା କରାଯାଉଛି। ଏଭଳି ସ୍ଥିତିରେ ପ୍ରଯୁକ୍ତି ବା ଟେକ୍ନୋଲୋଜିରୁ ଆମେ କ'ଣ ଚାହୁଁ ତାହା ଉପରେ ଗୁରୁତ୍ୱ ଦେବା ପାଇଁ ଏହି ସମ୍ମିଳନୀ ଏକ ସୁଯୋଗ ଥିଲା। ମୋର ଏକ ବକ୍ତବ୍ୟରେ ଦର୍ଶାଇଥିଲି ଯେ, ମାନବ ସମାଜ ପାଇଁ ଯାହା ମୂଲ୍ୟବାନ୍ ଓ ଅଧିକ ଗୁରୁତ୍ୱପୂର୍ଣ୍ଣ, ତାହା ଉପରେ ପ୍ରଶ୍ନ ଉତ୍ଥାପନ ଓ ଆଲୋଚନା କରାଯିବା ଉଚିତ୍। ଦେଖିବାକୁ ଗଲେ ବିକାଶମୂଳକ ଦିଗରେ ଆମେ ସ୍ୱତନ୍ତ୍ର ଭାବରେ କିଛି ଭଲ କିମ୍ବା ସଫଳତାର ଅନୁଭବ ହାସଲ କରିଛୁ। ବିଶେଷକରି ଛୋଟ ବଡ଼ ସମସ୍ୟା ସମାଧାନର ପଥ ଗଢ଼ିବାରେ ଆମର ଦକ୍ଷତା ରହିଛି। କେବଳ ଜ୍ଞାନ ସୃଷ୍ଟି କରିବାରେ ନୁହେଁ, ବରଂ ତାହାକୁ ଶେୟାର କରିବାରେ ମଧ୍ୟ ଆମର କ୍ଷମତା ଅଛି। ଏହା ସତ୍ୟ ଯେ, ମାନବ ଜୀବନର ଯାତ୍ରା ସବୁବେଳେ ସରଳ ରହିନାହିଁ। ଅନେକ ସମୟରେ ଆମର କ୍ଷମତା, ମେଶିନ, ଜ୍ଞାନ ବ୍ୟାପକ କ୍ଷତି ଘଟାଏ। ତେବେ ଏବକାର ସ୍ଥିତିରେ ଲଗାତର ଅନୁଧ୍ୟାନ ଏବଂ ଅତ୍ୟଧିକ ତଥ୍ୟ ଶେୟାରର ଆବଶ୍ୟକତା ରହିଛି।

୨ ଲକ୍ଷ ବର୍ଷରୁ ଊର୍ଦ୍ଧ୍ୱ ହେଲା ଟେକ୍ନୋଲୋଜି ବିକାଶର କେନ୍ଦ୍ରରେ ରହିଆସିଛି। ପ୍ରସ୍ତର ଯୁଗରୁ ଏଯାବତ୍ ଆମେ ସମ୍ମୁଖୀନ ହେଉଥିବା ଆହ୍ୱାନଗୁଡ଼ିକର ସମାଧନ ବାଟ ବାହାର କରିଛୁ। କାହାଣୀ କଥନ ଓ ଲେଖିବା ଶୈଳୀ ଉଦ୍ଭାବନ କରିବାଠାରୁ ଆରମ୍ଭ କରି ଛାପାଖାନା ଓ ଇଣ୍ଟରନେଟ ପର୍ଯ୍ୟନ୍ତ ଆମେ ଜ୍ଞାନ ବିତରଣ କରିବାର ନୂତନ ତଥା ଉନ୍ନତ ପଦ୍ଧତି ବିକାଶ କରିପାରିଛୁ। ବିଗତ ୨୦୦ ବର୍ଷ ମଧ୍ୟରେ କିପରି ଜ୍ଞାନ ଉପରେ ଅଧିକ ସ୍ୱାଧୀନ ଓ ଉତ୍ତମ ପରୀକ୍ଷା କରିବାକୁ ହେବ, ତାହା ମଧ୍ୟ ଆମେ ହାସଲ କରିଛୁ। ଏହା ସହ ଜ୍ଞାନର ଆଦାନ ପ୍ରଦାନ କରିଛୁ। ବୈଜ୍ଞାନିକ ପ୍ରକ୍ରିୟା ଆମକୁ ନିର୍ଦ୍ଧାରିତ ତଥ୍ୟ ଦେଇଛି। ପ୍ରତ୍ୟେକ ପିଢ଼ିକୁ ତାହାର ପୂର୍ବ ପିଢ଼ିର ବିକାଶ ଉପରେ ଗଢ଼ିଉଠିବା ପାଇଁ ବାଟ ଦେଖାଇଛି। ଏହା ମଧ୍ୟ ବିଗତ ଦୁଇ ଶତାବ୍ଦୀ ମଧ୍ୟରେ ଅଧିକାଂଶ ଦେଶରେ ଉଲ୍ଲେଖନୀୟ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିଛି। ଦୁଇ ଦେଶ କିମ୍ବା ଦେଶ–ଦେଶ ମଧ୍ୟରେ ଆର୍ଥିକ ବିକାଶ ଗମ୍ଭୀର ଅସମାନତା ସୃଷ୍ଟି କରିଥିଲେ ମଧ୍ୟ ଏବେ ପ୍ରାୟ ସବୁଠି ଲୋକେ ଅଷ୍ଟାଦଶ ଶତାବ୍ଦୀ ତୁଳନାରେ




ଅଧିକ ସୁସ୍ଥ ଓ ସମୃଦ୍ଧ ହୋଇ ପାରିଛନ୍ତି। ଏଆଇ ଏହି ଧାରାକୁ ଆହୁରି ଅଧିକ ଶକ୍ତି ଯୋଗାଇଲା। ଏହା ମାନବ କୌଶଳ, ବୁଦ୍ଧି ଓ ଜ୍ଞାନକୁ ଅନୁକୂଳ କରି ଏବଂ ଆମର ନୀତି ନିର୍ଦ୍ଧାରଣ, ଅନୁଧ୍ୟାନ ଏବଂ ଉପଯୋଗୀ ଜ୍ଞାନ ବ୍ୟବହାରରେ ଉନ୍ନତି ଆଣିପାରିଲା।

ଏହି ଉଦ୍ଦେଶ୍ୟ ପାଇଁ ଏଆଇ ଦରକାର କି ନାହିଁ ତାହା ଉପରେ କେତେକେ ପ୍ରଶ୍ନ ଉଠାଇପାରନ୍ତି। ତଥାପି ଆମେ ବ୍ୟାପକ ତଥ୍ୟର ଏକ ଯୁଗରେ ବାସ କରୁଛୁ। ଜଣେ ସବୁ କିଛି ଚାହାନ୍ତୁ ବା ନ ଚାହାନ୍ତୁ, ତଥ୍ୟସବୁ ଇଣ୍ଟରନେଟ୍‌ରେ ଉପଲବ୍ଧ। କିନ୍ତୁ ଉପଯୋଗୀ ତଥ୍ୟ ସହଜରେ ମିଳେନାହିଁ। ତେବେ ଏକ ନିର୍ଦ୍ଦିଷ୍ଟ କ୍ଷେତ୍ରରେ, ନିର୍ଦ୍ଦିଷ୍ଟ ସମସ୍ୟାର ସମାଧାନ କରିବା ପାଇଁ ଠିକ୍ ସମୟରେ ଯଦି ତୁମେ ତଥ୍ୟ ପାଇଗଲ; ତେବେ ଜାଣିବ ଯେ ତୁମର ଭାଗ୍ୟ ଭଲ। କେବଳ ତଥ୍ୟ ନୁହେଁ, ଉପଯୋଗୀ ତଥା ଗୁରୁତ୍ୱପୂର୍ଣ୍ଣ ବ୍ୟାବହାରିକ ଜ୍ଞାନ କମ୍ପାନୀ କର୍ମଚାରୀଙ୍କୁ ଅଧିକ ଉତ୍ପାଦନକ୍ଷମ କରିଥାଏ, ନୂଆ ଉପକରଣକୁ ନିୟନ୍ତ୍ରଣ କରି ଜଟିଳ କାର୍ଯ୍ୟକୁ ସମ୍ପାଦନ ଲାଗି ଇଲେକ୍ଟ୍ରିସିଆନଙ୍କୁ ସକ୍ଷମ କରେ, ସ୍ୱାସ୍ଥ୍ୟସେବାରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାରେ ନର୍ସଙ୍କୁ ସାହାଯ୍ୟ କରିବାରେ ମଧ୍ୟ ପ୍ରମୁଖ ଭୂମିକା ନେଇଥାଏ। ଏହାସହ ସମସ୍ତ କୌଶଳ ଓ ପୃଷ୍ଠଭୂମିର କର୍ମଚାରୀଙ୍କୁ ନୂତନ ତଥା ଅଧିକ ଉତ୍ପାଦକ ଭୂମିକା ନିର୍ବାହ କରିବା ଲାଗି ଅନୁମତିଦିଏ। ଏଆଇକୁ ଠିକ୍ ଭାବରେ ବିକାଶ କରି ବ୍ୟବହାର କଲେ ତାହା ଆମ ଜୀବନକୁ ଉନ୍ନତ କରିପାରିବ। ଏହା କେବଳ ଯେ ଆମ ବୁଦ୍ଧିକୁ ଅଧିକ ଶକ୍ତି ଯୋଗାଏ ତାହା ନୁହେଁ, ବରଂ କାର୍ଯ୍ୟ କ୍ଷମତାକୁ ବଢ଼ାଇଥାଏ। ତଥାପି ଏଆଇର ବ୍ୟାପକ ଶକ୍ତିକୁ ଦେଖିଲେ ଏହା ମଧ୍ୟ ଏବେ ମାନବତା ପ୍ରତି ଗମ୍ଭୀର ବିପଦ ଭାବେ ଉଭା ହୋଇଛି। ଅତି ବୁଦ୍ଧିମତ୍ତାସମ୍ପନ୍ନ ମେଶିନଗୁଡ଼ିକ କୌଣସି ଏକ ସମୟରେ ଆମକୁ ନିୟନ୍ତ୍ରଣ କରିବାରେ ଅଟକି ଯିବନାହିଁ, ବରଂ ଶିଖିବା, ପରୀକ୍ଷା କରିବା, ଜ୍ଞାନ ବାଣ୍ଟିବା ଏବଂ କାର୍ଯ୍ୟକଳାପରେ ଆମର ସାମର୍ଥ୍ୟକୁ ଏହା ଦୁର୍ବଳ କରିଦେବ। ଯଦି ଏଆଇ ନିରନ୍ତର ଭାବେ କାମ ଓ ଚାକିରି ହଟାଇବ, ତେବେ ଆମକୁ ଏହା ନ୍ୟୂନ କରି ରଖିବ। ଆମ ଜୀବନକୁ ନିୟନ୍ତ୍ରଣ କରିବା ଲାଗି ଅଳ୍ପ କେତେକ କମ୍ପାନୀକୁ ସଶକ୍ତ କରିବ ଏବଂ ଅତ୍ୟଧିକ ଅସମାନତା ଓ ଭିନ୍ନତା ଥିବା ଏକ ଦ୍ୱିସ୍ତରୀୟ ସମାଜ ସୃଷ୍ଟି କରିବ। ଏହା ମଧ୍ୟ ଗଣତନ୍ତ୍ର ଓ ମାନବ ସଭ୍ୟତାକୁ ନଷ୍ଟ କରିଦେଇପାରେ।

ଆମେ ଏବେ ଏହି ଦିଗରେ ଅଗ୍ରସର ହେଉଛୁ ବୋଲି ମୋ ମନରେ ଅଶଙ୍କା ଉପୁଜୁଛି, କିନ୍ତୁ କୌଣସିଟି ପୂର୍ବ ନିର୍ଦ୍ଧାରିତ ନୁହେଁ। ଆମ ସମାଜକୁ ନିୟନ୍ତ୍ରଣ କରିବା ଲାଗି ଆମକୁ ଉନ୍ନତ ଉପାୟ ବାହାର କରିବାକୁ ପଡ଼ିବ ଏବଂ ପ୍ରଯୁକ୍ତି ପାଇଁ ଏକ ଦିଶା ବାଛିବାକୁ ହେବ; ଯାହା ଜ୍ଞାନ ଆହରଣକୁ ବଢ଼ାଇବା ସହ ମାନବସମାଜକୁ ଅଧିକ ସଶକ୍ତ କରିପାରିବ। ଆମେ ନିଶ୍ଚିତ ହେବାକୁ ହେବ ଯେ, ଏଆଇ ଭଲ ଚାକିରି ସୃଷ୍ଟି ଏବଂ ଶିକ୍ଷାଠାରୁ ଆରମ୍ଭ କରି ଆୟ ପର୍ଯ୍ୟନ୍ତ ସବୁଥିରେ କ୍ଷମତା ବୃଦ୍ଧି କରିପାରିବ। କିନ୍ତୁ ପ୍ରଥମେ ସମସ୍ତଙ୍କୁ ସ୍ୱୀକାର କରିବାକୁ ହେବ ଯେ, ଏହି ସାମାଜିକ ଆକାଂକ୍ଷିତ ପଥ ପ୍ରଯୁକ୍ତିଗତ ଦୃଷ୍ଟିକୋଣରୁ ସମ୍ଭବ। ଯଦି ପ୍ରଯୁକ୍ତିବିତ୍, ଯନ୍ତ୍ରୀ ଏବଂ କାର୍ଯ୍ୟନିର୍ବାହୀ ଅଧିକାରୀମାନେ ଗଣତାନ୍ତ୍ରିକ ବ୍ୟବସ୍ଥା ସହ ଏକାଠି କାମ କରିବେ ଏବଂ ଆମେରିକା, ୟୁରୋପ ଓ ଚାଇନାରେ ଏଆଇ ବିକାଶକାରୀମାନେ ବିଶ୍ୱର ଅବଶିଷ୍ଟ ଦେଶଗୁଡ଼ିକରେ ରହୁଥିବା ୫୦୦ କୋଟି ଲୋକଙ୍କ କଥା ଶୁଣିବେ, ତେବେ ଏଆଇ ମାନବଜାତିକୁ ସମର୍ଥନ କରିବା ଦିଗରେ ଅଗ୍ରସର ହେବ। ଏଥିପାଇଁ ବିଶେଷଜ୍ଞଙ୍କଠାରୁ ଆମେ ଅଧିକ ବିଚାରଶୀଳ ପରାମର୍ଶ ଏବଂ ରାଜନେତାଙ୍କଠାରୁ ପ୍ରେରଣାଦାୟକ ନେତୃତ୍ୱ ଚାହୁଁ। ସେମାନେ ନୀତି ଓ ନିୟାମକ ଆଧାରରେ ମାନବଜାତିକୁ ସମର୍ଥନ କରୁଥିବା ଏଆଇକୁ ଉତ୍ସାହିତ କରିବାରେ ଅଧିକ ଧ୍ୟାନ ଦେବା ଉଚିତ।

କିନ୍ତୁ ନୀତିନିୟମଠାରୁ ଆମେ ଅଧିକ କିଛି ଆବଶ୍ୟକ କରୁ। ଆଶା କରାଯାଏ, ସିଲିକନ୍ ଭ୍ୟାଲି ମଡେଲର ବିକଳ୍ପସବୁ ଅଛି ବୋଲି ୟୁରୋପୀୟ ଏଆଇ କମ୍ପାନୀଗୁଡ଼ିକ ଏବଂ ଗବେଷକମାନେ ଦର୍ଶାଇପାରିବେ। ଏହା ହାସଲ କରିବା ପାଇଁ ୟୁରୋପୀୟ ସମାଜ ଏଆଇର ସାମାଜିକ ଉପକାରିତା ଦିଗକୁ ଉତ୍ସାହିତ କରିବା ଉଚିତ୍। ୟୁରୋପୀୟ ନେତାମାନେ ଆବଶ୍ୟକ ଡିଜିଟାଲ ଭିତ୍ତିଭୂମି ଉପରେ ନିବେଶ କରିବା ଆବଶ୍ୟକ। ଏହା ସହ ସେମାନେ ନିବେଶକୁ ନିରୁତ୍ସାହିତ ନ କରିବା କିମ୍ବା ଏଆଇ ଗବେଷକମାନଙ୍କୁ ଦୂରେଇ ନ ଦେବା ଭଳି ଆଇନ ଗଠନ କରିବା ଦରକାର। ସଫଳ ଷ୍ଟାର୍ଟଅପ୍ ବୃଦ୍ଧି କରିବା ଲାଗି ପାଣ୍ଠି ଯୋଗାଣ ପ୍ରକ୍ରିୟା ସୃଷ୍ଟି କରିବାକୁ ପଡ଼ିବ। ନିଜର ଏକ ମଜଭୁତ ଏଆଇ ଶିଳ୍ପ ବିନା ୟୁରୋପର ବିଶ୍ୱସ୍ତରରେ କୌଣସି ଗୁରୁତ୍ୱ ରହିବ ନାହିଁ।

**୨୦୨୪ ନୋବେଲ ବିଜେତା (ଅର୍ଥନୀତି)**

## ପରୀକ୍ଷା ପାଇଁ ପ୍ରସ୍ତୁତି



ଡ. ଅରୁନ୍ଧତୀ ଦେବୀ

ଖୁବ୍ କମ୍ ଦିନ ଭିତରେ ବିଦ୍ୟାଳୟଠାରୁ ମହାବିଦ୍ୟାଳୟ ଶିକ୍ଷା ଶ୍ରେଣୀ ଭିତରେ ପରୀକ୍ଷା ଆରମ୍ଭ ହୋଇଯାଇଛି। ବାର୍ଷିକ ପରୀକ୍ଷାଫଳ ହୋଇଥିବାରୁ ପରୀକ୍ଷାକୁ ନେଇ କେବଳ ଛାତ୍ରୀଛାତ୍ର ନୁହନ୍ତି ଅଭିଭାବକ, ବୁଦ୍ଧିଜୀବୀ ଓ ଶିକ୍ଷକ ବା ଶିକ୍ଷୟିତ୍ରୀମାନଙ୍କ ଭିତରେ ଏକ ପ୍ରକାର ବ୍ୟସ୍ତତା, ଆଶଙ୍କା ଆଉ ପ୍ରସ୍ତୁତିକୁ ନେଇ ଅନେକ ଚର୍ଚ୍ଚା। ଅନେକେ ହୁଏତ ଜାଣି ନ ଥାନ୍ତି ପିଲାମାନଙ୍କ ପରୀକ୍ଷାକୁ ନେଇ ସେମାନଙ୍କ ଭିତରେ ଏକ ପ୍ରକାର ଚାପ, ଉତ୍କଣ୍ଠା ଓ ଆଶଙ୍କା ସୃଷ୍ଟି କରାଯାଏ। ବର୍ଷ ତମାମ ଯେଉଁ ଶିକ୍ଷା ଖସଡ଼ାକୁ ପିଲାମାନେ ନିତ୍ୟ ନିୟମିତ ଅଧ୍ୟୟନ କରୁଥିଲେ କେତେଟା ଦିନକୁ ଆଖିରେ ରଖି ପିଲାମାନଙ୍କ ଭିତରେ ଆଶଙ୍କା, ଚାପ ସୃଷ୍ଟିକରିବା ସମ୍ପୂର୍ଣ୍ଣ ରୂପେ ଅନୁଚିତ। ପିଲାମାନଙ୍କୁ ଯଥାସମ୍ଭବ ଚାପ ଓ ବ୍ୟସ୍ତତାଠାରୁ ଦୂରେଇରଖିବା ଶ୍ରେଷ୍ଠ ମାଧ୍ୟମ। ପରୀକ୍ଷା ପୂର୍ବରୁ ପ୍ରସ୍ତୁତି ଦିଗକୁ ଦେଖିଲେ ଶୋଇବାର ଯଥେଷ୍ଟ ପୂର୍ବରୁ ପିଲାଟିର ପାଠପଢ଼ା ଶେଷ ପାଇଁ ଦୃଷ୍ଟି ଦିଅନ୍ତି। ପ୍ରତିଦିନ ୬ରୁ ୮ଘଣ୍ଟା ଶୋଇବା ଭଲ। ଠିକ୍ ଭାବେ ବିଶ୍ରାମ ନ ହେଲେ ଓ ନିର୍ଦ୍ଦିଷ୍ଟ ଅନ୍ତରରେ ଖାଦ୍ୟ ବ୍ୟବସ୍ଥାର ଖସଡ଼ା ନ ରଖିଲେ ପିଲାମାନଙ୍କର ପ୍ରସ୍ତୁତିରେ ବ୍ୟତିକ୍ରମ ଦେଖାଯାଏ। ପରୀକ୍ଷା ପାଇଁ ପ୍ରସ୍ତୁତିର ଖସଡ଼ା ତିଆରିକରି ନିଜେ ଏକ ପାଠ୍ୟସୂଚୀ ପ୍ରସ୍ତୁତ କରନ୍ତୁ। ପାଠପଢ଼ା ବେଳେ ହାତ ପାଖରେ ଖାତା, ବହି, ପେନ୍‌ସିଲ ପରି ଆବଶ୍ୟକ ଜିନିଷ ରଖନ୍ତୁ। ଏସବୁ ଜିନିଷ ଖୋଜିବା ପାଇଁ ଯେପରି ଜଣେ ଅନ୍ୟମନସ୍କ ନ ହୁଏ ଏବଂ ଏହା ପାଇଁ ଯେପରି ସମୟ ଅତିବାହିତ ନ କରେ। ସେହିପରି କ୍ରମାଗତ ଭାବେ ୪/୫ ଘଣ୍ଟା ଧରି ପାଠ ପଢ଼ିବା ଅପେକ୍ଷା ମଝିରେ କିଛି ମଧ୍ୟାନ୍ତର ସମୟ ରଖି ଏବଂ ପଢୁଥିବା ଜିନିଷକୁ ଚିନ୍ତନକରି ଏକ ମୁକ୍ତ ପରିବେଶରେ ନିଜକୁ ରଖିପାରିଲେ ଏହା ବହୁତ ଭଲ କାମ ଦିଏ। ରାତି ରାତି ଅନିଦ୍ରା ହୋଇ ପିଲାମାନଙ୍କୁ ଘୋଷା ଶୁଆ କରିବା ଅଭ୍ୟାସ ଭଲ ନୁହେଁ। ବର୍ତ୍ତମାନ ସମୟର କେବଳ ସିଲେକ୍ଟିଭ୍ ପ୍ରଶ୍ନ ଉତ୍ତର ପ୍ରସ୍ତୁତ ନ ହୋଇ ପିଲାଟିକୁ ପୁସ୍ତକାବଳୀର ସମସ୍ତ ଅଧ୍ୟାୟକୁ ନିଜ ଦଖଲରେ ରଖିବା ପାଇଁ ମାନସିକତାରେ ସହାୟକ ହୁଅନ୍ତୁ। ପିଲାମାନେ ପାଠ ପଢ଼ିବା ବେଳେ ସେମାନଙ୍କୁ ଗରିଷ୍ଠ ଖାଦ୍ୟଠାରୁ ଦୂରେଇରଖନ୍ତୁ।

ସକାଳୁ ଉଠିବା ପରେ ମସ୍ତିଷ୍କ ସବୁଠାରୁ ଅଧିକ ସଜାଗ ଥିବାରୁ ଏହି ସମୟଟି ପିଲାମାନଙ୍କ ପାଠପଢ଼ା ପାଇଁ ଖୁବ୍ ଭଲ। ମଧ୍ୟାହ୍ନରେ ଭୋଜନ ପରେ ପିଲାମାନେ ବିଶ୍ରାମନେବା ବହୁତ ଭଲ। ବିଶେଷକରି ପରୀକ୍ଷା ସମୟରେ ପିଲାମାନଙ୍କ ମନ ବେଳେ ବେଳେ ଅସ୍ଥିର ରହେ। ପିଲାମାନଙ୍କର ମନସ୍ତାତ୍ତ୍ୱିକ ଦିଗକୁ ଦେଖି ଆପଣ ତାକୁ ପ୍ରେରଣା ଦିଅନ୍ତୁ। ମାନସିକ ଚାପ ପାଇଁ ମନ ଅସ୍ଥିର ହୋଇଥାଏ। ଏ ସମୟରେ ପିଲାମାନଙ୍କୁ କୌଣସି ବାହ୍ୟ ସମସ୍ୟା ବା ଉଦ୍‌ବେଗ ବା ପାରିବାରିକ ସମସ୍ୟା ଜଣାନ୍ତୁ ନାହିଁ। ପିଲାଟିକୁ ଜଣେ ବନ୍ଧୁ ଭାବରେ ବେଶ୍ ହାଲକାରେ ତା' ମାନସିକତା ବୁଝନ୍ତୁ। ଅମୁକ ଡିଭିଜନ ପାଇଲେ ବା ଅମୁକ ର୍‍ୟାଙ୍କ୍ ପାଇଲେ ଏଇଆ ଦିଆଯିବ ଏପରି ପ୍ରଲୋଭନ ଦିଅନ୍ତୁ ନାହିଁ ବା ଏକ ନିର୍ଦ୍ଦିଷ୍ଟ ପରୀକ୍ଷା ଫଳ ପାଇଁ ପିଲାଟିକୁ ବାଧ୍ୟବାଧ୍ୟକତା ଚାପ ତା'ଉପରେ ଲଦନ୍ତୁନାହିଁ। ପିଲାଟିର ଏହି ପରୀକ୍ଷା ଜୀବନର ଶେଷ ପରୀକ୍ଷା ନୁହେଁ ବା ଏ ପରୀକ୍ଷାରେ ପିଲାଟିର ଫଳ କିଛି କମିଗଲେ ଯେ ତା'ର ଭବିଷ୍ୟତ ବା କ୍ୟାରିୟର ଯେ ଓଲଟି ପଡ଼ିବ ଏପରି ଚିନ୍ତାଧାରା ଠାରୁ ଦୂରେଇ ରଖନ୍ତୁ। ବେଳେ ବେଳେ ଦେଖାଯାଏ ତରୁଣ ବୟସରେ କେତେଜଣ ପିଲା ନିଶାଦ୍ରବ୍ୟ ପ୍ରତି ପ୍ରଲୋଭିତ ଥାଆନ୍ତି। ଏ ଦିଗଟିକୁ ଗୁରୁତର ସହ ବିଚାରକରି ତାକୁ ଦୂରେଇରଖନ୍ତୁ। ପଢୁଥିବାବେଳେ ପିଲାଟିର ପାରିପାର୍ଶ୍ୱିକ ସ୍ଥାନ ଓ ପରିବେଶ ଯେପରି ଭଲ ରହେ ସେ ଦିଗକୁ ଅବହେଳା କରନ୍ତୁ ନାହିଁ। ଏ ସମୟରେ ପିଲାଟିର କୌଣସି ଶାରୀରିକ ଅସୁସ୍ଥତା ଥିଲେ ଚିକିତ୍ସକଙ୍କ ପରାମର୍ଶ ନିଅନ୍ତୁ। ଅସାଧୁ ଉପାୟରେ ପିଲାମାନଙ୍କୁ କପି ଯୋଗାଇବା ବା ଆଉ କୌଣସି ମାଧ୍ୟମ ରାସ୍ତାରେ ତାକୁ ସହାୟତା କରିବା ଭଳି ଗୁରୁତର ଭୁଲ୍ କରିବା ତ ଦୂରର କଥା ପିଲାଟିର ମନ ଭିତରେ ପ୍ରବେଶ କରାନ୍ତୁ ନାହିଁ। ଅନ୍ୟ ଛାତ୍ରୀଛାତ୍ରଙ୍କ ଉଦାହରଣ ଦେଇ ପିଲାଟିକୁ ହତୋତ୍ସାହିତ କରନ୍ତୁ ନାହିଁ। ଆଜିକାଲି ପିଲାମାନଙ୍କ ଉପରେ ଅନେକ ପ୍ରକାର ପ୍ରଲୋଭନ ଓ ଚାପ ଦିଆଯାଉଛି। ଏଥିରୁ ନିବୃତ୍ତ ରଖି ପିଲାଟିକୁ ଜୀବନ ପରୀକ୍ଷା ପାଇଁ ପ୍ରତି ମୁହୂର୍ତ୍ତରେ ସାମ୍ନା କରିବାର ସାମର୍ଥ୍ୟ ଶିଖାନ୍ତୁ ନ ହେଲେ କେବଳ ଆପଣଙ୍କର ନୁହେଁ ଆଗାମୀ ସମୟର ମୂଲ୍ୟବାନ୍ ମୁକ୍ତାକୁ ଆପଣ ଅବହେଳା କରୁଛନ୍ତି ବୋଲି ସମୟ ଆସିବ ଆପଣ ଅନୁଭବ କରିବା ପାଇଁ ବାଧ ହେବେ।

**ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ,**
**କଟକ, ମୋ : ୯୯୩୭୧୭୨୮୧୦**

## ଏଇ ଭାରତରେ

କେରଳର ଜୋଶେଫ କରାକାଡ୍ଡୁଙ୍କ ବୟସ ୭୪। ଏହି ବୟସରେ ସେ ନିଜସ୍ୱ ଉଦ୍ୟମରେ ଜଣେ ସଫଳ ଡ୍ରାଗନ ଫ୍ରୁଟ୍ସ ଚାଷୀ ହୋଇପାରିଛନ୍ତି। ଜୋଶେଫ ପାଖାପାଖି ୧ ଏକର ଜମିରେ ୨୦ ପ୍ରକାର ଡ୍ରାଗନ ଫ୍ରୁଟ୍ସ ଚାଷ କରୁଛନ୍ତି। ସେ ବିଶେଷକରି ତାଇୱାନ, ବ୍ରାଜିଲ, ଫିଲିପାଇନ୍ସ, ଇକ୍ୱେଡର ଏବଂ ଅଷ୍ଟ୍ରେଲିଆରୁ ଏହି ସବୁ କିସମର ଡ୍ରାଗନଫ୍ରୁଟ୍ସ ସଂଗ୍ରହ କରିଛନ୍ତି। ଡ୍ରାଗନଫ୍ରୁଟ୍ସ ବିକ୍ରି କରି ସେ ଯେତିକି ରୋଜଗାର କରୁନାହାନ୍ତି, ତାହାଠାରୁ ଅଧିକ ଲାଭ ପାଉଛନ୍ତି ଚାରା ବିକ୍ରି କରି। ଚାରାରୁ ମାସକୁ ୧ ଲକ୍ଷ ଟଙ୍କା ରୋଜଗାର କରୁଛନ୍ତି। ଜୋଶେଫ ମଧ୍ୟ ନିଜ ପ୍ରଚେଷ୍ଟାରେ ନୂଆ କିସମର ଡ୍ରାଗନଫ୍ରୁଟ୍ସ ଉଦ୍ଭାବନ କରୁଛନ୍ତି। ଏଗୁଡ଼ିକ ମଧ୍ୟରେ ରେଡ୍ ଚିଲି ଓ ଓ୍ୱଣ୍ଡ ବୟ ଅନ୍ୟତମ। ଚାଷ କରିବା ପୂର୍ବରୁ ଜୋଶେଫଙ୍କର ଏକ ମେଶିନ ଟୁଲ୍ ଇଣ୍ଡଷ୍ଟ୍ରି ଥିଲା। କିନ୍ତୁ ସେ ଏହି ବ୍ୟବସାୟ ଛାଡ଼ି ବାହାରି ଆସି ସେ ଡ୍ରାଗନ ଫ୍ରୁଟ୍ସ ଚାଷ କରୁଛନ୍ତି। ସେ ଉତ୍ପାଦିତ ଡ୍ରାଗନଫ୍ରୁଟ୍ସ ଓ ଚାରାକୁ ଗୁଜରାଟ ଓ ମହାରାଷ୍ଟ୍ର ଆଦି ରାଜ୍ୟ ସମେତ ବିଦେଶରେ ବିକ୍ରି କରୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

DHARITRI

୨୧ ଫେବୃଆରୀ ୧୯୭୬

- ଲୋକଦଳର ବିଧାନସଭା ସଭ୍ୟ ଉଦୟ ନାରାୟଣ ଦେବ ଦଳରୁ ଇସ୍ତଫା ଦେଇଛନ୍ତି।
- ଦୁର୍ଘଟଣାଗ୍ରସ୍ତ ଟାସନଲୀ କୋଇଲା ଖଣିରୁ ୩୪୮ଟି ଶବ ମିଳିଥିବା ଖଣି ନିରାପତ୍ତା ନିର୍ଦ୍ଦେଶାଳୟ ସୂତ୍ରରୁ ଜଣାପଡ଼ିଛି।
- ଦକ୍ଷିଣ କୋରିଆ ଭାରତରୁ ବର୍ଷକୁ ୨ ନିୟୁତ ଟନ ଲୁହାପଥର ଆମଦାନୀ କରିବା ନେଇ ଚୁକ୍ତି ସ୍ୱାକ୍ଷରିତ।

## su | do | ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | 2 | 1 | | | |
| | 9 | | | 4 | | | | |
| | | 7 | 5 | | | 2 | 1 | |
| 8 | | | | 6 | 4 | | 3 | |
| | | | 1 | 3 | | | | 9 |
| | 7 | | | 8 | | | | 2 |
| 9 | | | | | | | | |
| | 1 | | | | | | | |
| 6 | | 2 | | | | 9 | | 3 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 5 | 6 | 1 | 8 | 4 | 3 | 2 | 7 |
| 8 | 7 | 2 | 5 | 6 | 3 | 9 | 4 | 1 |
| 4 | 1 | 3 | 2 | 7 | 9 | 8 | 6 | 5 |
| 3 | 6 | 4 | 8 | 9 | 5 | 7 | 1 | 2 |
| 5 | 2 | 7 | 6 | 3 | 1 | 4 | 9 | 8 |
| 1 | 8 | 9 | 7 | 4 | 2 | 5 | 3 | 6 |
| 2 | 3 | 8 | 4 | 1 | 7 | 6 | 5 | 9 |
| 6 | 4 | 1 | 9 | 5 | 8 | 2 | 7 | 3 |
| 7 | 9 | 5 | 3 | 2 | 6 | 1 | 8 | 4 |

ଗତକାଲିର ଉତ୍ତର

# ଭାଷାର ବିବିଧତା ବଞ୍ଚୁ



ଲୋକନାଥ ପଣ୍ଡା

ଚଳିତ ବର୍ଷ ମିଳିତ ଜାତିସଂଘ ଅନ୍ତର୍ଜାତୀୟ ମାତୃଭାଷା ଦିବସର ରୌପ୍ୟ ଜୟନ୍ତୀ ପାଳନ କରିବାକୁ ଯାଉଛି। ୧୯୯୯ ମସିହାରେ ମିଳିତ ଜାତିସଂଘ ତରଫରୁ ମାତୃଭାଷା ଦିବସକୁ ଫେବୃଆରୀ ୨୧ରେ ପାଳନ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ୨୦୦୦, ଫେବୃଆରୀ ୨୧ ତାରିଖରୁ ନିୟମିତ ଭାବରେ ଏହି ଦିବସ ପାଳନ ହୋଇଆସୁଛି। ଫେବୃଆରୀ ୨୧କୁ ଆମେ କାହିଁକି ପାଳନ କରୁଛେ ପ୍ରଶ୍ନ ପଚାରିବା। ୧୯୫୨ ମସିହାରେ ଢାକାରେ ବହୁ ସଂଖ୍ୟାରେ ଛାତ୍ର ମାତୃଭାଷାର ଅଧିକାରକୁ ନେଇ ଆନ୍ଦୋଳନ କରି ମୃତ୍ୟୁବରଣ କରିଥିଲେ, ସେମାନଙ୍କର ଭାଷା ଓ ସଂସ୍କୃତିରୁ ଲଢୁଆ ମନୋଭାବକୁ ସମ୍ମାନ ଦେବାପାଇଁ ଫେବୃଆରୀ ୨୧ରେ ଏହି ଦିବସ ପାଳନ ହୋଇଆସୁଛି। ସାରା ବିଶ୍ୱ ଭାଷାକୁ ନେଇ ଯେଉଁ ବିବିଧତା ରହିଛି, ତାହାକୁ ସମ୍ମାନ ଜଣାଇବା, ପ୍ରତ୍ୟେକ ଭାଷାକୁ ଉଚିତ ସମ୍ମାନ ଦେବା ଓ ତାହାର ସାଂସ୍କୃତିକ ବିବିଧତାକୁ ବଞ୍ଚାଇ ରଖିବା ପାଇଁ ଏହି ଦିବସ ପାଳନ କରାଯାଉଛି।

ଭାଷା ହିଁ ଜାତିର ପରିଚୟ। ନିଜ ମାତୃଭାଷାରେ ହିଁ ଯେକୌଣସି ବ୍ୟକ୍ତିର ସୃଜନଶୀଳତାର ବିକାଶ ହୋଇଥାଏ। ନିଜ ଭାଷାରେ ଯେକୌଣସି ବ୍ୟକ୍ତିବିଶେଷ ହୃଦୟରୁ କଥାବାର୍ତ୍ତା ହୋଇଥାଆନ୍ତି। ଆମେ ନିଜ ମାତୃଭାଷାରେ ହିଁ ଚିନ୍ତା କରିଥାଉ ଏବଂ ମାତୃଭାଷା ହିଁ ଚିନ୍ତା କରିବାକୁ ଖୋରାକ ଯୋଗାଇଥାଏ।

ବିଶ୍ୱରେ ୭୦୦୦ରୁ ଅଧିକ ଭାଷାଭାଷୀ ରହିଛନ୍ତି। ପାପୁଆନ୍ୟୁଗିନି ଭଳି ଛୋଟିଆ ଦେଶରେ ୮୦୦ପ୍ରକାର ଭାଷାଭାଷୀ ଅଛନ୍ତି। ଇଣ୍ଡୋନେସିଆ, ନାଇଜେରିଆ ଭଳି ଦେଶରେ ମଧ୍ୟ ୫୦୦ରୁ ଊର୍ଦ୍ଧ୍ୱ ଭାଷାଭାଷୀ ଅଛନ୍ତି। ଭାରତରେ ୭୦୦ ଭାଷାଭାଷୀ ଅଛନ୍ତି। ତେବେ ସରକାରଙ୍କ ତରଫରୁ ଅଷ୍ଟମ ଅନୁଚ୍ଛେଦରେ ୨୨ଟି ଭାଷାକୁ ଭାରତୀୟ ସମ୍ବିଧାନରେ ମାନ୍ୟତା ଦିଆଯାଇଛି।

ଓଡ଼ିଶା ପରିପ୍ରେକ୍ଷୀରେ ଯଦି ଦେଖିବା, ତେବେ ଓଡ଼ିଶାରେ ୬୨ ପ୍ରକାର ଭାଷାଭାଷୀ ରହିଛନ୍ତି ବୋଲି ପୂର୍ବରୁ ଅନେକ ଜନଗଣନା ହେଉ କିମ୍ବା ଆଦିବାସୀ ବିଭାଗ ତରଫରୁ ପ୍ରକାଶିତ ରିପୋର୍ଟ ଆଦିରେ ପ୍ରକାଶିତ ହେଉଥିଲା। କିନ୍ତୁ କିଛିବର୍ଷ ତଳେ ୩୬ ଭାଷାଭାଷୀ ନିଜର ମାତୃଭାଷାରେ କଥା ହେଉଛନ୍ତି ବୋଲି ବାହାରିଥିଲା। ବର୍ତ୍ତମାନ ଯଦି ଆମେ ଏହାକୁ ନେଇ ଏକ ଗବେଷଣା କରିବା, ତେବେ ଏହାର ସଂଖ୍ୟା ଆହୁରି କମିଯିବ ! କିନ୍ତୁ ଯଦି ଆମେ କଥିତ ଭାଷା ଓ ଲିଖିତ ଭାଷା ଦେଖିବା, ତେବେ ଜନଜାତିଙ୍କ ଭାଷା ରହିଛି, ଯାହାକି ଲୋକ ପରମ୍ପରା, ସଂସ୍କୃତି, ପରିବେଶ ଆଦିକୁ ବଞ୍ଚାଇ ରଖିଛି।

କିଛିବର୍ଷ ତଳେ ବିଶ୍ୱର କଥିତ ଭାଷାକୁ ନେଇ ଏକ ରିପୋର୍ଟ ପ୍ରକାଶିତ ହୋଇଥିଲା, ଯେଉଁଥିରେ ଅନେକ ଭାଷା ଦ୍ରୁତଗତିରେ ଲୋପ ପାଇଯାଉଛି ବୋଲି କୁହାଯାଇଥିଲା ! ସେଥିରେ ଓଡ଼ିଶାରେ ବହୁଳ ଭାବରେ କଥିତ କୁଇ, ସଉରା ମଧ୍ୟ ସ୍ଥାନ ପାଇଥିଲା ! ଏହି ରିପୋର୍ଟରେ ଦର୍ଶାଯାଇଥିଲା ଯେ, କୁଇ ହେଉ ଏବଂ ସଉରା ହେଉ, କଥିତ ଭାଷାଭାଷୀଙ୍କ ସଂଖ୍ୟା ଦ୍ରୁତ ଗତିରେ କମି ଯାଉଛି।

ଶିକ୍ଷାବିତ୍, ମନୋବିଜ୍ଞାନୀ ଓ ସରକାରଙ୍କ ନୀତିରେ ମଧ୍ୟ କୁହାଯାଉଛି ଯେ, ଯଦି ଶିଶୁଟି ମାତୃଭାଷାରେ ଭଲ କରୁଛି ବା ଭଲ ଭାବରେ ଶିଖୁଛି, ତେବେ ସେ ଅନ୍ୟ ଭାଷାଗୁଡ଼ିକ ଶିଖିବାରେ ସହାୟକ ହେଉଛି। ଶିଶୁଟି ଅନେକ ଭାଷା ଶିଖିଲେ ତାହାର ଭାଷାଗତ ଦକ୍ଷତା ବୃଦ୍ଧି ପାଉଛି। ବିଶ୍ୱରେ ଭାଷାକୁ ନେଇ ସଚେତନତା ଏବଂ ସାରା ବିଶ୍ୱରେ ଭାଷାର ସୁରକ୍ଷା ପାଇଁ ବିଶେଷ ଦାୟିତ୍ୱ ନେବା ଜରୁରୀ।



କିଛିବର୍ଷ ତଳେ 'ଦି ହିନ୍ଦୁ'ରେ ଏକ ପ୍ରବନ୍ଧ ପ୍ରକାଶ ପାଇଥିଲା, ଆଣ୍ଡାମାନ ଓ ନିକୋବର ଦ୍ୱୀପର ଗୋଟିଏ ଭାଷାର ଶେଷ ସନ୍ତକ ଭାବରେ କହୁଥିବା ମହିଳାଙ୍କ ମୃତ୍ୟୁ ଘଟିଲା ଏବଂ ସେହି ଭାଷାଟି ମରିଗଲା ! ସେହି ଲେଖାଟି ପଢ଼ି ମୋତେ ହୃଦ୍‌ବୋଧ ହେଲା ଯେ, ଭାଷା କିପରି ମରିଯାଉଛି !

ଗତ କିଛିବର୍ଷ ଧରି ଓଡ଼ିଶାର ମୂଳତଃ ଦକ୍ଷିଣ ଓଡ଼ିଶାରେ ଭାଷା ଓ ବ୍ୟବହାରକୁ ନେଇ ଲକ୍ଷ୍ୟରଖିଥିଲି। ଅନେକ ସମୟରେ ଦେଖୁଛି, କଥିତ ଭାଷା ମରି ମରି ଯାଉଛି ! ପୁରୁଖା ମହିଳାମାନେ ନିଜର ମାତୃଭାଷାରେ ଅନେକ ଦକ୍ଷତା ରହିଛି, ସଙ୍ଗୀତ, କାହାଣୀ, ନିଜ ଅଞ୍ଚଳର ଇତିହାସ, ଭାଷାକୁ ନେଇ ଅନେକ ରୋଚକତା ରହିଛି। ସେମାନଙ୍କ ମଧ୍ୟରେ ଅନେକ ପହେଲି, ଭାଷା ଭରିରହିଛି। ଯଦି ଆମେ ଏହାର ପର ପିଢ଼ିକୁ ଦେଖିବା, ଯେଉଁମାନେ କିଛି କିଛି ସ୍କୁଲ ପିଣ୍ଡା ମାଡ଼ିଛନ୍ତି, ସେମାନେ ନିଜର ମାତୃଭାଷାକୁ ଭଲପାଉଛନ୍ତି ଏବଂ ନିଜ ପିଲାମାନେ କିପରି ଅନ୍ୟ ଭାଷା ଶିଖିବେ, ଅନ୍ୟଭାଷାକୁ ଗୁରୁତ୍ୱ ଦେବେ ସେଥିପ୍ରତି ବିଶେଷ ଗୁରୁତ୍ୱ ଦେଉଛନ୍ତି। ବର୍ତ୍ତମାନ ପରିପ୍ରେକ୍ଷୀରେ ଦେଖାଯାଉଛି ସ୍ୱାମୀ ସ୍ତ୍ରୀ ଓ ଝିଅଙ୍କ ସହିତ ମାତୃଭାଷାରେ କଥା ହେଉଛନ୍ତି, କିନ୍ତୁ ନିଜ ପୁଅଙ୍କ ସହ କଥା ହେବାବେଳେ ଓଡ଼ିଆରେ କଥା ହେବାପାଇଁ ଚେଷ୍ଟା କରିଥାଆନ୍ତି।

ବିଦ୍ୟାଳୟ ସ୍ତରରେ ମାତୃଭାଷା ଆଧାରିତ ଶିକ୍ଷା କାର୍ଯ୍ୟକ୍ରମକୁ ସରକାରଙ୍କ ତରଫରୁ କୁହାଯାଉଛି, କିନ୍ତୁ ତାହା ବିଶେଷ ଭାବରେ ଫଳପ୍ରଦ ହେଉନାହିଁ !

ଏ ସମ୍ପର୍କରେ କିଛି ବିଦ୍ୟାଳୟରେ ଭାଷାକୁ ନେଇ ଶିକ୍ଷକମାନଙ୍କ ସହିତ ଆଲୋଚନା କରୁଥିଲି। ଶିକ୍ଷକଙ୍କୁ ଶିଶୁମାନଙ୍କର ମାତୃଭାଷାରେ ବିଦ୍ୟାଳୟରେ କେତେ ଅନୁକୂଳ ପରିବେଶଟିଏ ଦେଉଛନ୍ତି, ତାହାକୁ ଜାଣିବା ପାଇଁ ପ୍ରୟାସ କରୁଥିଲି। ଅନେକ ଉତ୍ତର ଆସିଥିଲା, ଶିଶୁମାନେ ଘରେ ଓଡ଼ିଆରେ କଥା ହେଉଛନ୍ତି, ଅଙ୍ଗନୱାଡିରେ ଗଲାବେଳେ ଓଡ଼ିଆ ଭାଷା ଶିଖିଯାଉଛନ୍ତି, ବିଦ୍ୟାଳୟରେ ଆସିଲେ ଭାଷାକୁ ନେଇ ବିଶେଷ ଅସୁବିଧା ହେଉନାହିଁ, ସେମାନେ ଓଡ଼ିଆରେ ବୁଝିପାରୁଛନ୍ତି ! ଆଦିବାସୀ ଅଞ୍ଚଳରେ ଅଙ୍ଗନୱାଡିରେ ମଧ୍ୟ ଶିଶୁଙ୍କ ମାତୃଭାଷାକୁ ଛାଡ଼ି ଓଡ଼ିଆ ଭାଷାକୁ ଗୁରୁତ୍ୱ ଦିଆଯାଉଛି ! କେତେଜଣ ମାତୃଭାଷା ଶିକ୍ଷକଙ୍କ ସହ ଆଲୋଚନା କରୁଥିଲି, ସେମାନଙ୍କର ମତ ଥିଲା ଏବଂ ମୁଁ ଅନୁଭବ କରୁଥିଲି, ସରକାରଙ୍କ ତରଫରୁ ଶ୍ରେଣୀଗୃହରେ ମାତୃଭାଷାକୁ ଗୁରୁତ୍ୱଦେବା କିମ୍ବା ଭାଷା ବିବିଧତାକୁ ଗୁରୁତ୍ୱଦେବା ବିଶେଷ ଭାବରେ ପ୍ରୟାସ କରାଯାଉ ନାହିଁ । ମାତୃଭାଷାକୁ କିପରି ଶିଶୁଟି ଭଲ ପାଇବ, ନିଜେ ଜଣେ କୁଇ ଭାଷାଭାଷୀ କହି ଗର୍ବ କରିବ, ନିଜ ଭାଷାରେ ଚାରି କଥା କହିବ, ଏହାକୁ ନେଇ ସେ ଏକ ଅନୁକୂଳ ପରିବେଶଟିଏ ଘରେ ହେଉ, ବିଦ୍ୟାଳୟରେ ହେଉ, କିମ୍ବା ଗୋଷ୍ଠୀ ହେଉ ତାହା ଶିଶୁଟି ପାଉ ନାହିଁ।

ସରକାରଙ୍କ ତରଫରୁ ଭାଷା, ସଂସ୍କୃତି, ପରିବେଶର ସୁରକ୍ଷା ନିମନ୍ତେ ଅନେକ କାର୍ଯ୍ୟକ୍ରମ ହେଉଛି। ଗଣମାଧ୍ୟମ ମଧ୍ୟ ଏଥିପ୍ରତି ବିଶେଷ ସର୍ତ୍ତକ ରହୁଛି, କିନ୍ତୁ ଅନେକ ସମୟରେ ଏହିସବୁ ଅନୁଷ୍ଠାନ ମାତୃଭାଷାକୁ ବିକାଶ ପାଇଁ ଉତ୍ସାହିତ କରିବା ବେଳେ ଯେଉଁ କାର୍ଯ୍ୟକ୍ରମଗୁଡ଼ିକ ନିଆଯାଉଛି, ତାହାର ଫଳାଫଳ ବିଶେଷ ଭାବରେ ଭାଷା ବଞ୍ଚିବାରେ ଫଳପ୍ରଦ ହେଉନାହିଁ! ଦେଖାଯାଉଛି ଯେଉଁଠି ତଥାକଥିତ ବିକାଶ ପହଞ୍ଚୁଛି, ସେଠାରେ ଭାଷା ମଧ୍ୟ ମରିଯାଉଛି! ଯେଉଁଠି ତଥାକଥିତ ବିକାଶ ପହଞ୍ଚିନି, ସେଠାରେ ଭାଷା ବଞ୍ଚିଛି, ସଂସ୍କୃତି ବଞ୍ଚିଛି ! ତଥାକଥିତ ବିକାଶ ସହିତ ସଂସ୍କୃତି ଓ ଭାଷା କିପରି ବଞ୍ଚିବ, ସେଥିପ୍ରତି ଗୁରୁତ୍ୱ ଦେବା ଦରକାର। ଏଥିପାଇଁ ଉପଯୁକ୍ତ ଭାବରେ ଯୋଜନା କରିବା ଆବଶ୍ୟକ। ଅନ୍ତର୍ଜାତୀୟ ଭାଷାଦିବସ ଅବସରରେ ଭାଷାର ବିବିଧତାକୁ ବଞ୍ଚାଇ ରଖିବାକୁ ନେଇ ସାରା ବିଶ୍ୱରେ ଅନେକ କାର୍ଯ୍ୟକ୍ରମ ହେଉଛି। ଯଦି ଶିକ୍ଷାରେ, ଜୀବନ ଓ ଜୀବିକାରେ, ଜ୍ଞାନକୌଶଳରେ ଓ ଦୈନନ୍ଦିନ ଜୀବନରେ ଭାଷାର ବ୍ୟବହାର ରହେ, ତେବେ ନିଶ୍ଚିତ ଭାବରେ ଭାଷା ବଞ୍ଚିବାରେ ସହାୟକ ହେବ, ନ ହେଲେ ଭାଷା ମରିଯିବ, ଭାଷା ମରିଯିବା ସହିତ ସଂସ୍କୃତି, ସାହିତ୍ୟ, ଚଳଣି, ପରିବେଶ ଆଦି ମଧ୍ୟ ମରିଯିବ।

**୪ର୍ଥ ଗଳି, ରାଣୀଗୁଡ଼ା, ରାୟଗଡ଼ା**
**ମୋ: ୯୪୩୮୦୮୧୪୩୦**

## ପାଠକ ଶ୍ରେଷ୍ଠ ବିଚାରକ

### ଭାଗଚାଷୀଙ୍କ ପାଇଁ କୁମ୍ଭୀର କାନ୍ଦଣା

ମହାଶୟ,

କୃଷକ ରେଜିଷ୍ଟ୍ରି ବିତର୍କ ହେଉ ସିରୋନାମାରେ ଧରିତ୍ରୀରେ ସ୍ଥାନିତ ନିବନ୍ଧଟି ପଢ଼ିଲି। ସ୍ତମ୍ଭକାର ଭାଗଚାଷୀଙ୍କ ସ୍ୱାର୍ଥ ପାଇଁ ଓକିଲାତି କରୁଥିବା ମନେହେଉଥିଲା। ତେବେ ଭାଗଚାଷୀଙ୍କୁ ଅଧିକ ସୁବିଧା ମିଳିଲେ ଜମି ମାଲିକଙ୍କ ପ୍ରତି ଥିବା ଭବିଷ୍ୟତ ଆଶଙ୍କା ବାବଦରେ ସେ ଯାହା ଲେଖିଛନ୍ତି ତାହା ଅମୂଳକ ନ ହୋଇପାରେ। ସତ କହିବାକୁ ଗଲେ ଏବେ ଜମି ମାଲିକ ଶ୍ରମିକ ଲଗାଇ ନିଜେ ଚାଷୀ ହୋଇ ଜମି ଚାଷ କଲେ ସର୍ବସ୍ୱାନ୍ତ ହୋଇପାରେ। ଏପଟେ ବିଲ ଧରିବାକୁ ଭାଗୁଆଳି ମିଳୁଛନ୍ତି ବା କେଉଁଠି ? ଯେଉଁମାନେ ଭାଗଚାଷୀ ରୂପେ ଜମି ଚାଷ କରୁଛନ୍ତି ମାଲିକ ନିଜର ପ୍ରାପ୍ୟ ପାଇଁ ସେମାନଙ୍କ ଦ୍ୱାରସ୍ଥ ହୋଇ କାନ୍ଦୁଆ ଯାହା ପାରୁଛୁ ବାନ୍ଧୁଆରେ ସନ୍ତୁଷ୍ଟ ହେଲା ବେଳେ ଜମି ମଧ୍ୟ ପଡ଼ିଆ ରହି ଯାଉଛି।

**– ଡି.ପି. ତ୍ରିପାଠୀ, ପୁରୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଧୀରେ ଧରା ଲଭଇ ଚେତନା
ବହେ କାହୁଁ ମନ୍ଦ ମଳୟ
ଜୀବନର ଗଉରବ ଗୀତ
ହରିଥିଲା କାଲି ଜଡ଼ ଶୀତ
କଆଜି ଆଣେ ପରାଣେ ପ୍ରଳୟ
ପଉଷର ମନ୍ଦ ମଳୟ !
–(ପୌଷ–ମଳୟ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

# ପ୍ରଧାନଶିକ୍ଷୟିତ୍ରୀଙ୍କୁ ତଣ୍ଟିଚିପି ହତ୍ୟା

- ତାଲା ପଡ଼ିଥିବା ଗ୍ୟାରେଜ୍ ଘରୁ ମିଳିଲା ମୃତଦେହ
- ସାଇଣ୍ଟିଫିକ୍ ଟିମ୍ ସହ ତଦନ୍ତ କରୁଛି ତୁମୁସିଙ୍ଗା ପୋଲିସ
- ମୃତାଙ୍କ ୨ ମୋବାଇଲ, ଝିଅଙ୍କ ମୋବାଇଲ ଫୋନ ଗାଏବ


ମୃତ ପ୍ରଧାନଶିକ୍ଷୟିତ୍ରୀ ପ୍ରଭାତୀ ଦେହୁରୀ।


ଘଟଣାସ୍ଥଳରେ ତୁମୁସିଙ୍ଗା ପୋଲିସ ତଦନ୍ତ କରୁଛି।

**କାମାକ୍ଷାନଗର, ୨୦।୨(ସୁଧୀର ପରିଡ଼ା)**

ରାତିରେ ପରିବାର ଲୋକଙ୍କ ସହ ଘରେ ଶୋଇଥିଲେ ପ୍ରଧାନଶିକ୍ଷୟିତ୍ରୀ। ହେଲେ ସକାଳୁ ତାଙ୍କ ମୃତଦେହ ଘର ବାହାରେ ଥିବା ଗ୍ୟାରେଜରେ ପଡ଼ିଥିଲା। ଗ୍ୟାରେଜ ଘର ବାହାରୁ ତାଲା ପଡ଼ିଥିବା ବେଳେ ପ୍ରଧାନଶିକ୍ଷୟିତ୍ରୀଙ୍କ ବେକରେ କଳା ଦାଗ ରହିଛି। ତେଣୁ ରାତିରେ କେହି ତାଙ୍କୁ ବାହାରକୁ ଡାକି ତଣ୍ଟିଚିପି ହତ୍ୟା କରିଥିବା ସନ୍ଦେହ କରୁଛନ୍ତି ପରିବାର ଲୋକେ। ସମ୍ପୃକ୍ତା ପ୍ରଧାନଶିକ୍ଷୟିତ୍ରୀ ହେଉଛନ୍ତି ଢେଙ୍କାନାଳ ଜିଲା ତୁମୁସିଙ୍ଗା ଥାନା ଗୁନେଇବିଲି ଗ୍ରାମର ପ୍ରଭାତୀ ଦେହୁରୀ। ସେ ତୁମୁସିଙ୍ଗା ଗ୍ରାମ ପଞ୍ଚସଖା ସରକାରୀ ଉଚ୍ଚ ବିଦ୍ୟାଳୟରେ କାର୍ଯ୍ୟରତ ଥିଲେ। ଘଟଣା ସମ୍ପର୍କରେ ପ୍ରଧାନଶିକ୍ଷୟିତ୍ରୀଙ୍କ ଶ୍ୱଶୁର ଧେଡ଼ିଆ ପଧାନ ଥାନାରେ ହତ୍ୟା ଅଭିଯୋଗ କରିବା ପରେ ତୁମୁସିଙ୍ଗା ପୋଲିସ ଓ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି।

ସୂଚନା ଅନୁଯାୟୀ, ତୁମୁସିଙ୍ଗା ଥାନା ଗୁନେଇବିଲି ଗ୍ରାମର ପ୍ରଭାତୀଙ୍କ ସ୍ୱାମୀ ୨ବର୍ଷ ତଳେ ପ୍ରାଣ ହରାଇଥିବା ବେଳେ ତାଙ୍କର ଗୋଟିଏ ଝିଅ ଓ ପୁଅ ଅଛନ୍ତି। ବୁଧବାର ରାତିରେ ପୁଅ, ଝିଅ, ଶ୍ୱଶୁର ଓ ଜଣେ ଦିବ୍ୟାଙ୍ଗ ଦିଅରଙ୍କ ସହ ପ୍ରଭାତୀ ଘରେ ଶୋଇଥିଲେ। ସକାଳୁ ଡ୍ରାଇଭର ଆସି ତାଙ୍କୁ ସ୍କୁଲ ନେବା ପାଇଁ ଡାକିଥିଲେ। ହେଲେ ପ୍ରଭାତୀ ଘରେ ନ ଥିବା ଶ୍ୱଶୁର କହିଥିଲେ। ତେବେ ପ୍ରଭାତୀ କୁଆଡ଼େ ଗଲେ ସେ ନେଇ ପରିବାର ଲୋକେ ଖୋଜାଖୋଜି କରିଥିଲେ। ପରେ ଘର ସମ୍ମୁଖରେ ତାଲା ପଡ଼ିଥିବା ଗ୍ୟାରେଜ ଘରେ ତାଙ୍କ ମୃତଦେହ ପଡ଼ିଥିବା ଦେଖିବାକୁ ମିଳିଥିଲା। ଘଟଣା ସମ୍ପର୍କରେ ପ୍ରଭାତୀଙ୍କ ଶ୍ୱଶୁର ତୁମୁସିଙ୍ଗା ଥାନାକୁ ଖବର ଦେବା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ପ୍ରଧାନ ଶିକ୍ଷୟିତ୍ରୀଙ୍କ ୨ଟି ମୋବାଇଲ ଓ ତାଙ୍କ ଝିଅଙ୍କ ମୋବାଇଲ ଫୋନ ଗାଏବ ହୋଇଥିବା ତଦନ୍ତ ବେଳେ ପୋଲିସ ଜାଣିବାକୁ ପାଇଛି। ସେହିପରି ପ୍ରଧାନ ଶିକ୍ଷୟିତ୍ରୀଙ୍କ ସୁନାହାର ମଧ୍ୟ ନାହିଁ। ପ୍ରଭାତୀଙ୍କ ଶ୍ୱଶୁର କରିଥିବା ହତ୍ୟା ଅଭିଯୋଗ ଆଧାରରେ ପୋଲିସ ନଂ. ୩୯/୨୫ରେ ଏକ ମାମଲା ରୁଜୁ କରିଛି। ଘଟଣାସ୍ଥଳରେ ଢେଙ୍କାନାଳ ଏସ୍‌ପି ଅଭିନବ ସୋନକର ପହଞ୍ଚି ତଦନ୍ତ କରିଛନ୍ତି। ତୁମୁସିଙ୍ଗା ଥାନା ଅଧିକାରୀ ମନସ୍ୱିନୀ ମହାନ୍ତି କହିଛନ୍ତି, ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ପ୍ରକୃତ ଘଟଣା ଜଣାପଡ଼ିବ। ପୋଲିସ ତଦନ୍ତ ଚଳାଇଥିବାରୁ ଖୁବ୍‌ଶୀଘ୍ର ଅଭିଯୁକ୍ତଙ୍କୁ ଧରାଯିବ। ମୃତା ପ୍ରଧାନଶିକ୍ଷୟିତ୍ରୀ କାମାକ୍ଷାନଗର ବ୍ଲକ ଓଷ୍ଟାର ସଭାପତି ଥିଲେ। ତେଣୁ ତୁରନ୍ତ ଘଟଣା ଉପରୁ ପୋଲିସ ପରଦା ହଟାଇବା ସହ ଅଭିଯୁକ୍ତଙ୍କୁ ଗିରଫ କରିବାକୁ ଓଷ୍ଟା ରାଜ୍ୟ ପରିଷଦ ସଦସ୍ୟ ଶ୍ରୀରାମ ରାଉତ ଦାବି କରିଛନ୍ତି।

# ଯୁବକଙ୍କୁ ୨୦ବର୍ଷ କାରାଦଣ୍ଡ

## ଛାତ୍ରୀ ଅପହରଣ, ବଳାତ୍କାର ମାମଲା

**ବ୍ରହ୍ମପୁର,୨୦।୨(ସୁବାସ ଚନ୍ଦ୍ର ପାଢ଼ୀ)**

ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟ ଜଜ୍ ପ୍ରଣତୀ ପଟ୍ଟନାୟକ ଗୁରୁବାର ଏକ ନାବାଳିକା ଛାତ୍ରୀ ଅପହରଣ ଓ ବଳାତ୍କାର ମାମଲାର ଶୁଣାଣି କରି ଅଭିଯୁକ୍ତ ଯୁବକଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଦୋଷୀ ଜଣକ ହେଲେ ଛତ୍ରପୁର ପୋଡ଼ାପଦରର ଜିତେନ୍ଦ୍ର ସେଠୀ(୩୪)। ଜଜ୍ ତାଙ୍କୁ ୨୦ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରିବା ସହିତ ୧୦ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦାୟ ଅଧିକ ୧୦ ମାସ ସଶ୍ରମ କାରାଦଣ୍ଡ ଭୋଗିବାକୁ ନିର୍ଦ୍ଦେଶ ରହିଛି। ସେହିପରି ପୀଡ଼ିତାଙ୍କୁ ୪ ଲକ୍ଷ ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିବାକୁ କୋର୍ଟ ଜିଲା ଆଇନ ସେବା ପ୍ରାଧିକରଣ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ମାମଲାର ବିବରଣୀରୁ ପ୍ରକାଶ ଯେ, ୨୦୨୦ ଡିସେମ୍ବର ୨ ତାରିଖରେ ଟିଉଶନରୁ ଫେରୁଥିବା ଜଣେ ନବମ ଶ୍ରେଣୀ ଛାତ୍ରୀଙ୍କୁ ଅପହରଣ କରାଯାଇଥିଲା। ଏ ନେଇ ପରିବାର ଲୋକେ କବିସୂର୍ଯ୍ୟନଗର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୩୩୪/୨୦ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଅପହରଣକାରୀ ଯୁବକ ଜଣକ ବିବାହିତ ହୋଇଥିବା ବେଳେ ସେ ତାଙ୍କ ସ୍ତ୍ରୀଙ୍କୁ ଫୋନ କରିଥିଲେ। ପୋଲିସ ସେହି ଫୋନ ନଂ. ଟ୍ରାକ କରି ୧୦ ଦିନ ପରେ ନାବାଳିକାଙ୍କୁ ଉଦ୍ଧାର କରିବା ସହିତ ଅଭିଯୁକ୍ତ ଜିତେନ୍ଦ୍ରଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଥିଲା। ମାମଲାର ବିଚାର ବେଳେ ୧୪ ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ସରକାରଙ୍କ ତରଫରୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ନାରାୟଣ ପଣ୍ଡା ମକଦ୍ଦମା ପରିଚାଳନା କରିଥିଲେ।


DSPL - 393



**ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ୍ ପରୀକ୍ଷା ୨୦୨୫**
**ଅବସରରେ**
**ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା ବାର୍ତ୍ତା**

ରାଜ୍ୟ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ୨୦୨୫ ହାଇସ୍କୁଲ ସାର୍ଟିଫିକେଟ୍ ପରୀକ୍ଷା, ରାଜ୍ୟ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ୍ ପରୀକ୍ଷା ଏବଂ ମଧ୍ୟମା ପରୀକ୍ଷା ଚଳିତ ବର୍ଷ ଫେବୃଆରୀ ୨୧ରୁ ମାର୍ଚ୍ଚ ୬ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେଉଛି । ଏହି ପରୀକ୍ଷା ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ପାଇଁ ବହୁତ ମହତ୍ୱପୂର୍ଣ୍ଣ । ତେଣୁ ଛାତ୍ରଛାତ୍ରୀମାନେ ଯେପରି ସମ୍ପୂର୍ଣ୍ଣ ଚାପମୁକ୍ତ ହୋଇ ପରୀକ୍ଷା ଦେବେ ଏବଂ ପରୀକ୍ଷାରେ ଉତମ ପ୍ରଦର୍ଶନ କରିବେ, ସେଥି ପ୍ରତି ଆମେ ସମସ୍ତେ ଯତ୍ନବାନ ହେବା ଉଚିତ୍ । ଏତଦ୍‌ବ୍ୟତୀତ ଶାନ୍ତିପୂର୍ଣ୍ଣ ତଥା ତ୍ରୁଟିଶୂନ୍ୟ ପରୀକ୍ଷା ପରିଚାଳନା ପାଇଁ ମୁଁ ଛାତ୍ରଛାତ୍ରୀ, ଶିକ୍ଷକ, ଶିକ୍ଷୟିତ୍ରୀ, ଅଭିଭାବକ ତଥା ଜନସାଧାରଣଙ୍କ ସହଯୋଗ କାମନା କରୁଛି ।

ଏହି ଅବସରରେ ପରୀକ୍ଷାର୍ଥୀମାନଙ୍କୁ ମୋର ଶୁଭକାମନା ଜଣାଇବା ସହିତ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରୁଛି ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR-27004/13/0064/2425


# ସ୍ପାଇଡର ସତୀଶ ଦେଖାଇଲେ ଡେମୋ

## ବରିଷ୍ଠ କଂଗ୍ରେସ ନେତା ନିରଞ୍ଜନଙ୍କ ଘରୁ ଚୋରି ଘଟଣା


ଅଭିଯୁକ୍ତ ସତୀଶଙ୍କୁ ନେଇ ପୋଲିସ ସିନ୍ ରିକ୍ରିଏଶନ କରୁଛି ।

**ଭୁବନେଶ୍ୱର,୨୦।୨(ସୂର୍ଯ୍ୟକାନ୍ତ ବେହେରା)**

ବରିଷ୍ଠ କଂଗ୍ରେସ ନେତା ନିରଞ୍ଜନ ପଟ୍ଟନାୟକଙ୍କ ଘରୁ ଚୋରି ଘଟଣାରେ ଝାରପଡ଼ା ଜେଲରେ ଥିବା ଆନ୍ତଃରାଜ୍ୟ ଲୁଟେରା ସତୀଶ ରେଡ୍ଡି ଓରଫ୍ ସ୍ପାଇଡର ସତୀଶଙ୍କୁ ୫ଦିନିଆ ରିମାଣ୍ଡରେ ଆଣି କମିଶନରେଟ ପୋଲିସ ମାରାଥନ ଜେରା କରୁଛି। ଗୁରୁବାର ପୋଲିସ ନିରଞ୍ଜନଙ୍କ ନୟାପଲ୍ଲୀସ୍ଥିତ ଘର ଓ ସେହି ରାସ୍ତାକୁ ସତୀଶଙ୍କୁ ନେଇ ସିନ୍ ରିକ୍ରିଏଶନ କରିଛି। ନିରଞ୍ଜନଙ୍କ ଘରେ କେମିତି ପଶିଲେ, କେଉଁ ପଟେ ଆସିଲେ, କିପରି ଚୋରି ପରେ ଚମ୍ପଟ ମାରିଲେ ତାହାର ଗୋଟି ଗୋଟି ଡେମୋ ଦେଖାଇଛନ୍ତି ଲୁଟେରା ସ୍ପାଇଡର ସତୀଶ। ଅନ୍ୟପଟେ ଚୋରି ସମୟରେ ସତୀଶ କିପରି ସିସିଟିଭି ଫୁଟେଜ, ଲୋକଙ୍କୁ ଅଣଦେଖା କରି ଯିବା ଓ ୮ ଟି ପାଚେରି ଡେଇଁ ନିରଞ୍ଜନଙ୍କ ଘରେ ପଶିବା ଏବଂ ଚୋରି ପରେ ଆଉ ଏକ ପୋଷାକ ପରିଧାନ କରି ଫେରାର ହୋଇଯାଇଥିଲେ ସେନେଇ ପୋଲିସ ଆଗରେ ବଖାଣିଥିଲେ। ଏଥିସହ ଚୋରି ଟଙ୍କା କେଉଁଠି ବିନିଯୋଗ କରିଛନ୍ତି ଓ ସତୀଶଙ୍କ ବ୍ୟାଙ୍କ ଆକାଉଣ୍ଟର ଟ୍ରାଞ୍ଜାକ୍ସନ ଉପରେ ପୋଲିସ ଅଧିକ ଖୋଳତାଡ଼ ଚଳାଇଛି। ଅଭିଯୁକ୍ତଙ୍କ ନାମରେ ୧୦୦ରୁ ଅଧିକ ଆପରାଧିକ ମାମଲା ରହିଥିବାବେଳେ କେଉଁ କେଉଁ ବଡ଼ ବଡ଼ିଆଙ୍କ ଘରୁ ଚୋରି କରିଥିଲେ ତାହାର ତଥ୍ୟ ପୋଲିସକୁ ଦେଇଥିବା ସୂଚନା ମିଳିଛି। ସୂଚନାନୁସାରେ ଗତ ୨୫ତାରିଖ ବିଳମ୍ବିତ ରାତିରେ କଂଗ୍ରେସ ନେତା ନିରଞ୍ଜନଙ୍କ ଘରୁ ସତୀଶ ଚୋରି କରିବା ପରେ ଫେରାର ହୋଇଯାଇଥିଲେ। ୧୮ ଦିନ ପରେ କମିଶନରେଟ୍ ୪ ଟି ରାଜ୍ୟରେ ଛାନ୍‌ଭିନ ପରେ ଆନ୍ଧ୍ରପ୍ରଦେଶର ବିଜୟନଗରମ୍‌ରୁ ସତୀଶଙ୍କୁ ଗିରଫ କରିଥିଲା। ଗୋଟିଏ କାର୍, ବହୁ ସୁନା ଅଳଙ୍କାର, ମୋବାଇଲ ଫୋନ, ନଗଦ ୭ ଲକ୍ଷ ଟଙ୍କା, ଅପରାଧ ବେଳେ ବ୍ୟବହୃତ ପୋଷାକ ଆଦି ସାମଗ୍ରୀ ସତୀଶଙ୍କଠାରୁ ଜବତ କରିଥିଲା।



# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଢୋଲ ବାଇଦ କୋଶେ,**
**ତୁଣ୍ଡ ବାଇଦ ସହସ୍ର କୋଶ।**

ଢୋଲର ଶବ୍ଦ ସୀମିତ। ମାତ୍ର ତୁଣ୍ଡର ଶବ୍ଦ ଏ ତୁଣ୍ଡରୁ ସେ ତୁଣ୍ଡ ହୋଇ କାହିଁ କେତେ ଦୂରକୁ ବ୍ୟାପି ଯାଇଥାଏ। ମୁଖରୁ ମୁଖ ହୋଇ କଥା ଶୀଘ୍ର ବ୍ୟାପି ଯାଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଢକ ଢକ କରି ପିଉଛି ପାଣି,**
**ମିଛେ ବୋଲୁଥାଏ ବାସି ତୋରାଣି।**

କିଛି ବ୍ୟକ୍ତି ଖାଇବାକୁ ପାଉ ନ ଥିବା ବେଳେ ନିଜର ଅଭାବ ଅସୁବିଧାକୁ ଲୁଚାଇବାକୁ ଯାଇ ଅନ୍ୟ ଆଗରେ ଭଲ ଖାଦ୍ୟ ଖାଉଥିବାର ମିଛ ଅଭିନୟ କରିଥାନ୍ତି। ଛଳନା କରୁଥିବା ବ୍ୟକ୍ତିଙ୍କ ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ନାବାଳିକାଙ୍କୁ ଯୌନ ନିର୍ଯାତନା, ଟ୍ୟୁଶନ ଶିକ୍ଷକ ଗିରଫ

**ପାଲଲହଡ଼ା,୨୦।୨(ଦିବ୍ୟଜ୍ୟୋତି ଦାଶ)**

ଅନୁଗୋଳ ଜିଲା ପାଲଲହଡ଼ା ସଦରମହକୁମାଠାରେ ଥିବା ଏକ ଘରୋଇ କୋଚିଂ ସେଣ୍ଟରରେ ପଢୁଥିବା ଜଣେ ସପ୍ତମ ଶ୍ରେଣୀ ଛାତ୍ରୀଙ୍କୁ ଯୌନ ନିର୍ଯାତନା ଦେବା ଅଭିଯୋଗରେ ଉକ୍ତ କୋଚିଂ ସେଣ୍ଟର ମାଲିକ ତଥା ଶିକ୍ଷକ ମୁକେଶ କୁମାର ବେହେରାଙ୍କୁ ପାଲଲହଡ଼ା ପୋଲିସ ଗୁରୁବାର ଗିରଫ କରିଛି। ପୋଲିସ କହିଛି, ସମ୍ପୃକ୍ତା ଛାତ୍ରୀଙ୍କ ସହ ଶିକ୍ଷକ ମୁକେଶ କୁମାରଙ୍କ ଅନ୍ତରଙ୍ଗ ମୁହୂର୍ତ୍ତର କିଛି ଫୋଟୋ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ଏହା ଜଣାପଡ଼ିବା ପରେ ନାବାଳିକା ଛାତ୍ରୀଙ୍କ ମା' ବୁଧବାର ସନ୍ଧ୍ୟାରେ ତାଙ୍କ ଝିଅଙ୍କୁ ଯୌନ ନିର୍ଯାତନା ଦିଆଯାଇଥିବା ନେଇ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଘଟଣାର ତଦନ୍ତ କରି ଅଭିଯୁକ୍ତ ଶିକ୍ଷକ ମୁକେଶଙ୍କୁ ଗିରଫ କରିଛି।

# ନୟାଗଡ଼ ଜଗନ୍ନାଥ ମନ୍ଦିରରୁ ଶ୍ରୀଜୀଉଙ୍କ ଅଳଙ୍କାର ଚୋରି

**ନୟାଗଡ଼,୨୦।୨(ଲୋକନାଥ ମିଶ୍ର):** ନୟାଗଡ଼ ଟାଉନ ଥାନା ଅଧୀନ ନୟାଗଡ଼ ପୁରୁଣା ସହର ଜଗନ୍ନାଥ ମନ୍ଦିରରୁ ବୁଧବାର ବିଳମ୍ବିତ ରାତିରେ ଶ୍ରୀଜୀଉଙ୍କ ଅଳଙ୍କାର ସମେତ ବହୁ ସାମଗ୍ରୀ ଚୋରି ହୋଇଛି । ଚୋରମାନେ ମନ୍ଦିର ଦକ୍ଷିଣ ଦ୍ୱାର କବାଟ କଡା ଭାଙ୍ଗି ବଡଠାକୁରଙ୍କ ମସ୍ତକ ଶୋଭିତ ୨ ସପ୍ତଫେଣୀ ଚାନ୍ଦିନାଗ ମୂର୍ତ୍ତି ଓ ସୁନାପାଣିଦିଆ ଗୋଟିଏ ଚିତା, ମା' ସୁଭଦ୍ରାଙ୍କ ସୁନାପାଣିଦିଆ ମଥା ଚିତା ଓ ଗୋଟିଏ ରୁପା କିରୀଟ , ଶ୍ରୀଜଗନ୍ନାଥଙ୍କ ମୟୂର ଚନ୍ଦ୍ରିକାର ରୁପା କିରୀଟ, ଗୋଟିଏ ଷ୍ଟୋନ ଚିତା, ଗୋଟିଏ ସୁନାପାଣିଦିଆ ପେଣ୍ଟ ଚିତା ଓ ନାକଗୁଣା ପରି ୧୩୦୦ ଗ୍ରାମର ସୁନା ପାଣିଦିଆ ରୁପା ଅଳଙ୍କାର ଚୋରି ହୋଇଛି । ସେହିପରି ମନ୍ଦିର ହୁଣ୍ଡି ଭାଙ୍ଗି ଭକ୍ତଙ୍କ ଦାନ ଅର୍ଥ ଚୋରମାନେ ନେଇଯାଇଛନ୍ତି । ପ୍ରାୟ ୧ବର୍ଷ ହେଲା ହୁଣ୍ଡିରୁ ଦାନ ଅର୍ଥ ଗଣତି କରାଯାଇ ନ ଥିଲା। ଚୋରି ନେଇ ମନ୍ଦିର ପରିଚାଳକ ନୟାଗଡ଼ ଟାଉନ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୬୭/୨୫) ରୁଜୁ କରି ତନାଘନା ଆରମ୍ଭ କରିଛି । ନୟାଗଡ଼ ଏସ୍‌ଡିପିଓ ଜ୍ୟୋତି ସାମନ୍ତରାୟ, ନୟାଗଡ଼ ଟାଉନ ଥାନା ଆଇଆଇସି ରଶ୍ମି ରଞ୍ଜନ ମହାପାତ୍ର, ନୟାଗଡ଼ ଉପଜିଲାପାଳ କର୍ଣ୍ଣଦେବ ସମାଦ୍ଦାର ପହଞ୍ଚି ପରିସ୍ଥିତି ଅନୁଧ୍ୟାନ କରିଛନ୍ତି । ମନ୍ଦିରରେ ରାତି ଜଗୁଆଳି ଥିଲେ । ହେଲେ ଚୋରି ସମ୍ପର୍କରେ ସେ କିଛି ଜାଣି ନ ପାରିବା ସନ୍ଦେହ ସୃଷ୍ଟି କରିଛି। ସୁଆର ସେବକ ସୁକାନ୍ତ କୁମାର ମିଶ୍ର ଗୁରୁବାର ଭୋର ୪.୪୫ରେ ରାତି ଜଗୁଆଳିଙ୍କୁ ଡାକିଥିଲେ । ହେଲେ ଦକ୍ଷିଣ ଦ୍ୱାର ଖୋଲାଥିବା ଦେଖି ଚୋରି ହୋଇଥିବା ସନ୍ଦେହ କରିଥିଲେ । ଏହା ପରେ ସେ ଦେବୋତ୍ତର ବିଭାଗର ପରିଚାଳକ ଓ ମନ୍ଦିର ସୁପରଭାଇଜରଙ୍କୁ ଖବର ଦେବା ପରେ ସମସ୍ତ ଘଟଣା ଲୋକଲୋଚନକୁ ଆସିଥିଲା।



ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗ ଚିତ୍ର।


DSPL - 394



**ବାର୍ତ୍ତା**

ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା, ଆନୁକୂଲ୍ୟରେ ଚଳିତ ମାସ ୨୧ ତାରିଖରୁ ରାଜ୍ୟର ବିଭିନ୍ନ ପରୀକ୍ଷା କେନ୍ଦ୍ରରେ ବାର୍ଷିକ ହାଇସ୍କୁଲ / ରାଜ୍ୟ ମୁକ୍ତ ବିଦ୍ୟାଳୟ / ମଧ୍ୟମା ସଂସ୍କୃତ ସାର୍ଟିଫିକେଟ୍ ପରୀକ୍ଷା ଅନୁଷ୍ଠିତ ହେଉଅଛି । ଏହି ଅବସରରେ ମୁଁ ସମସ୍ତ ପରୀକ୍ଷାର୍ଥୀଙ୍କୁ ଆନ୍ତରିକ ଶୁଭେଚ୍ଛା ଜଣାଇବା ସଙ୍ଗେ ସଙ୍ଗେ ସେମାନଙ୍କର ସଫଳତା କାମନା କରୁଛି । ଛାତ୍ର ଜୀବନରେ ମାଟ୍ରିକ୍ ପରୀକ୍ଷା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଏହି ପରୀକ୍ଷାର ସଫଳତା ଉଚ୍ଚଶିକ୍ଷାର ଭିତ୍ତିଭୂମି ନିର୍ମାଣ ଦିଗରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଥାଏ । ଅତ୍ୟଧିକ ଚାପର ବଶବର୍ତ୍ତୀ ନ ହୋଇ ଛାତ୍ରଛାତ୍ରୀମାନେ ଉତ୍ତମ ଅଧ୍ୟୟନ, କଠିନ ପରିଶ୍ରମ ଓ ଦୃଢ଼ ଆତ୍ମ ବିଶ୍ୱାସକୁ ନେଇ ପରୀକ୍ଷାର ସମ୍ମୁଖୀନ ହୁଅନ୍ତୁ । ସେମାନେ ଏ କ୍ଷେତ୍ରରେ ଶୃଙ୍ଖଳା ଓ ସ୍ୱଚ୍ଛତା ରକ୍ଷା କରିବା ସଙ୍ଗେସଙ୍ଗେ ଗଭୀର ବିଶ୍ୱାସ ଓ ଆତ୍ମପ୍ରତ୍ୟୟର ସହିତ ପରୀକ୍ଷାରେ ଅଂଶଗ୍ରହଣ କରିବେ ବୋଲି ମୋର ଆଶା ଓ ବିଶ୍ୱାସ । ପରୀକ୍ଷା ପ୍ରକ୍ରିୟାକୁ ସଫଳତାର ସହ ପରିଚାଳନା କରିବା ନିମନ୍ତେ ସମ୍ପୃକ୍ତ ପଦାଧିକାରୀ, ଶିକ୍ଷକ, ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ, ଅଭିଭାବକ ଓ ପ୍ରଶାସନର ସହଯୋଗ କାମନା କରୁଛି ।

(ନିତ୍ୟାନନ୍ଦ ଗଣ୍ଡ)
ମନ୍ତ୍ରୀ, ବିଦ୍ୟାଳୟ ଏବଂ ଗଣଶିକ୍ଷା, ଅନୁସୂଚିତ ଜନଜାତି ଏବଂ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ, ଓଡ଼ିଶା

OIPR-27004/13/0065/2425

# ଏନ୍‌ଏଚ୍‌ର ଶୋଚନୀୟ ଅବସ୍ଥା ନେଇ ବର୍ଷିଲେ ଜିଲାପାଳ

- ଜିଲା ସଡ଼କ ସୁରକ୍ଷା କମିଟି ବୈଠକ
- ରାସ୍ତାର ରକ୍ଷଣାବେକ୍ଷଣ ହେଉ ନ ଥିବାରୁ ଦୁର୍ଘଟଣା ବଢ଼ୁଛି
- ଜାନୁଆରୀରେ ୧୮ ଦୁର୍ଘଟଣା, ୧୧ ଜଣଙ୍କ ମୃତ୍ୟୁ



ଜିଲା ସଡ଼କ ସୁରକ୍ଷା କମିଟି ବୈଠକରେ ଜିଲାପାଳ, ଏସ୍‌ପି ଓ ଅନ୍ୟ ଅଧିକାରୀମାନେ।

ରାୟଗଡ଼ା,୨୦।୨(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଜିଲାପାଳଙ୍କ କାର୍ଯ୍ୟାଳୟରେ ଗୁରୁବାର ଜିଲା ସଡ଼କ ସୁରକ୍ଷା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜାତୀୟ ରାଜପଥର ଶୋଚନୀୟ ଅବସ୍ଥା ନେଇ ବୈଠକରେ ଜିଲାପାଳ ପାରୁଲ ପଟୱାରି ଓ ଏସ୍‌ପି ସ୍ୱାଥୀ ଏସ୍‌.କୁମାର ବିଭାଗୀୟ ଅଧିକାରୀଙ୍କ ଉପରେ ଅସନ୍ତୋଷ ପ୍ରକାଶ କରିଥିଲେ । ଜିଲାରେ ରହିଥିବା ଜାତୀୟ ରାଜପଥ ଅଧୀନରେ ରହିଥିବା ରାସ୍ତାଗୁଡ଼ିକର ଉପଯୁକ୍ତ ରକ୍ଷଣାବେକ୍ଷଣ କରାଯାଉନାହିଁ ବୋଲି ଦୁର୍ଘଟଣା ବଢ଼ୁଛି । ଗତ ବୈଠକରେ ହୋଇଥିବା ଆଲୋଚନା ଓ ନିଷ୍ପତ୍ତି ପ୍ରକାରେ ଜାତୀୟ ରାଜପଥ ବିଭାଗ କୌଣସି କାମ କାର୍ଯ୍ୟକାରୀ କରି ନ ଥିବାରୁ ବିଭାଗୀୟ ଅଧିକାରୀଙ୍କ ଉପରେ ବର୍ଷିଥିଲେ ଦୁଇ ଅଧିକାରୀ। ସଡକ ସୁରକ୍ଷା ନେଇ ଯେଉଁ ଆଲୋଚନା ହେଉଛି ତାହା କାର୍ଯ୍ୟରେ ରୂପାନ୍ତରିତ ନ ହେଲେ ଏଠି ଆଲୋଚନା ଓ ସମୀକ୍ଷା କରିବା ଆବଶ୍ୟକ କ'ଣ ବୋଲି ଏସ୍‌ପି ସ୍ୱାଥୀ ଓଲଟା ପ୍ରଶ୍ନ କରିଥିଲେ।

ଗତ ଜାନୁଆରୀ ମାସରେ ରାୟଗଡ଼ା ଜିଲାରେ ୧୮ଟି ଦୁର୍ଘଟଣା ଘଟି ୧୧ ଜଣଙ୍କ ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ସେହିଭଳି ୧୪୦ଟି ଡ୍ରାଇଭିଂ ଲାଇସେନ୍ସ ରଦ୍ଦ କରାଯିବା ସହ ଚାଳକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇଥିବା ଆଞ୍ଚଳିକ ପରିବହନ ଅଧିକାରୀ ଶିବଶଙ୍କର ଚୌଧୁରୀ ସୂଚନା ଦେଇଥିଲେ। ତେବେ ରାୟଗଡ଼ା ସହର ଭିତରେ ବେଆଇନ ପାର୍କିଂ ସମେତ ରାସ୍ତା ଜବରଦଖଲ ନେଇ ସଭ୍ୟମାନେ ଉଦ୍‌ବେଗ ପ୍ରକାଶ କରିଥିଲେ। ପୌରପାଳିକା ଯେଉଁ ଦାୟିତ୍ୱ ନିର୍ବାହ କରିବା କଥା ତାହା କରୁନାହିଁ ବୋଲି ଅଭିଯୋଗ ହୋଇଥିଲା। ମୁଖ୍ୟତଃ ବ୍ୟବସାୟିକ ପ୍ରତିଷ୍ଠାନ ଓ ଶପିଂ ମଲ୍‌ଗୁଡିକ ଅନୁମୋଦିତ ପ୍ଲାନ୍‌ର ଉଲ୍ଲଂଘନ କରୁଛନ୍ତି। ଫଳରେ ସହର ଭିତରେ ଟ୍ରାଫିକ ସମସ୍ୟା ବଢ଼ିବାରେ ଲାଗିଛି ବୋଲି କହିଥିଲେ। ଏନ୍‌ଫୋର୍ସମେଣ୍ଟ ଟିମ୍ ଗଠନକରି ବିଭିନ୍ନ ସ୍ଥାନରୁ ଜବରଦଖଲ ଉଚ୍ଛେଦ ପାଇଁ ଜିଲାପାଳ ପାରୁଲ ନିର୍ଦ୍ଦେଶ ଦେଇଥିଲେ। ଏଥିରେ ପୋଲିସ ସହାୟତା କରିବ ବୋଲି ଏସ୍‌ପି କହିଥିଲେ।

ସୂଚନାଯୋଗ୍ୟ, ଗତ ବୈଠକରେ ମଧ୍ୟ ଏନ୍‌ଫୋର୍ସମେଣ୍ଟ ଟିମ୍ ଗଠନକରି କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଜିଲାପାଳ ପାରୁଲ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ପୌର ବିଭାଗ ପକ୍ଷରୁ ତାହା କାର୍ଯ୍ୟକାରୀ ହୋଇ ନ ଥିଲା। ଚଳିତ ବୈଠକରେ ଜିଲାପାଳଙ୍କ ନିର୍ଦ୍ଦେଶ ପରେ ଏନ୍‌ଫୋର୍ସମେଣ୍ଟ ଟିମ୍ ଗଠନକରି ସହରର ବିଭିନ୍ନ ସ୍ଥାନରେ ରହିଥିବା ବେଆଇନ ଜବରଦଖଲ ହଟାଯାଉଛି କି ନାହିଁ ତାହା ଦେଖିବାକୁ ବାକି ରହିଲା । ବୈଠକରେ ପୂର୍ତ୍ତ, ଗ୍ରାମ୍ୟ ନିର୍ମାଣ, ପରିବହନ, ପୋଲିସ ବିଭାଗ ଅଧିକାରୀ ସାମିଲ ଥିଲେ।


ଦିଲ୍ଲୀରେ କୋରାପୁଟ ଏମ୍‌ପି ସପ୍ତଗିରି ଶଙ୍କର ଉଲାକାଙ୍କ ସହ ରାୟଗଡ଼ାରୁ ଯାଇଥିବା ଝୋଡିଆ ସମ୍ପ୍ରଦାୟ ପ୍ରତିନିଧି ଦଳ।

# ଶ୍ୱଶୁରଙ୍କ ଠେଙ୍ଗାମାଡ଼ରେ ଜ୍ୱାଇଁ ମୃତ

ଟିକିରି,୨୦।୨(ପ୍ରଫୁଲ୍ଲ କୁମାର ବେହେରା)

ରାୟଗଡ଼ା ଜିଲା କାଶୀପୁର ବ୍ଲକ୍ ଟିକିରି ଥାନା ଅନ୍ତର୍ଗତ ମୁଣ୍ଡାଗାଁଠାରେ ଗୁରୁବାର ଏକ ହତ୍ୟାକାଣ୍ଡ ଘଟିଛି। ଶ୍ୱଶୁରଙ୍କ ଠେଙ୍ଗାମାଡ଼ରେ ଜ୍ୱାଇଁଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଉକ୍ତ ଗ୍ରାମର ବିଦ୍ୟା ଝୋଡ଼ିଆ (୨୦)। ଟିକିରି ପୋଲିସ ଓ ସାଇଣ୍ଟିଫିକ୍ ଟିମ୍ ଗୁରୁବାର ଘଟଣାସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ କରୁଛି। ହତ୍ୟାକାରୀ ଶ୍ୱଶୁର ବୁଦ୍ଧୁ ଝୋଡିଆଙ୍କୁ ପୋଲିସ ଥାନାରେ ଅଟକ ରଖି ପଚରାଉଚରା କରୁଛି।

ପୋଲିସ ସୂଚନା ଅନୁଯାୟୀ, ମୁଣ୍ଡାଗାଁରେ ଗତ ସୋମବାର ମାଘ ମହାଯାତ୍ରାରେ ଏକ ନାଟକ ଚାଲିଥିଲା। ଏହି ସମୟରେ ଉଭୟ ଶ୍ୱଶୁର ବୁଦ୍ଧୁ ଓ ଜ୍ୱାଇଁ ବିଦ୍ୟା ଅତ୍ୟଧିକ ମଦ୍ୟପାନକରି କୌଣସି ବିଷୟକୁ ନେଇ ଗଣ୍ଡଗୋଳ କରିଥିଲେ। ଏଥିରେ ଶ୍ୱଶୁର ବୁଦ୍ଧୁ ଉତ୍‌କ୍ଷିପ୍ତ ହୋଇ ପାଖରେ ପଡିଥିବା ଏକ ବାଉଁଶ ଠେଙ୍ଗା ଧରି ଜ୍ୱାଇଁ ବିଦ୍ୟାଙ୍କ ମୁଣ୍ଡରେ ଆଘାତ କରିବାରୁ ସେ ଗୁରୁତର ଆହତ ହୋଇଥିଲେ। ପରିବାର ଲୋକେ ତାଙ୍କୁ ଉଷାପଡ଼ାସ୍ଥିତ ଉତ୍କଳ ହସ୍ପିଟାଲକୁ ନେଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ରାୟଗଡା ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ଆସିବା ପରେ ପରିବାର ଲୋକେ ତାଙ୍କୁ ଘରକୁ ନେଇ ଆସିଥିଲେ। ହେଲେ ଗୁରୁବାର ପୁଣି ଥରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡିବାରୁ ମେଡିକାଲ ନେବା ସମୟରେ ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା। ଖବରପାଇ ଟିକିରି ଥାନା ଆଇଆଇସି ବିଶ୍ୱବନ୍ଦିନୀ ବାଗ ଏବଂ ସାଇଣ୍ଟିଫିକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତକରି ବ୍ୟବଚ୍ଛେଦ ପାଇଁ କାଶୀପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛନ୍ତି । ସୂଚନାଯୋଗ୍ୟ, ମୃତକ ବିଦ୍ୟା ୩ବର୍ଷ ପୂର୍ବେ ବୁଦ୍ଧୁଙ୍କ ଝିଅକୁ ବିବାହ କରିଥିଲେ। ତାଙ୍କର ଗୋଟିଏ ପୁଅ ଥିବାବେଳେ ସ୍ତ୍ରୀ ୫ ମାସର ଗର୍ଭବତୀ ଅଛନ୍ତି।

# ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ଗୁଣପୁର,୨୦।୨(ପ୍ରଦୀପ କୁମାର ପାଢ଼ୀ)

ରାୟଗଡ଼ା ଜିଲା ଗୁଣପୁର ଟାଉନ ହଲ ପରିସରରେ ଗୁରୁବାର ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଗୁଣପୁର ପୌର ପରିଷଦ ଅଧ୍ୟକ୍ଷା ମମତା ଗୌଡ଼ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ଶିବିରରେ ମୋଟ ୪୪୧ ଜଣ ଦିବ୍ୟାଙ୍ଗ ଯୋଗଦେଇ ନିଜ ନାମ ପଞ୍ଜୀକରଣ କରିଥିଲେ। ଭିନ୍ନକ୍ଷମ ବ୍ୟକ୍ତିମାନଙ୍କୁ ବିଭିନ୍ନ ସୁବିଧା ଯଥା ନୂତନ ଭିନ୍ନକ୍ଷମ ପ୍ରମାଣପତ୍ର ପ୍ରଦାନ, ଭିନ୍ନକ୍ଷମ ପ୍ରମାଣପତ୍ର ନବୀକରଣ, ବସ୍‌ପାସ, ଭିନ୍ନକ୍ଷମ ଭତ୍ତା ଆବେଦନ, ବାଣିଶ୍ରୀ ଛାତ୍ରବୃତ୍ତି, ଭିନ୍ନକ୍ଷମ ଉପକରଣ ଇତ୍ୟାଦିର ବ୍ୟବସ୍ଥା କରାଯାଇଥିଲା। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପୌର ପରିଷଦ ଉପାଧ୍ୟକ୍ଷ ଶିବ ପ୍ରସାଦ ଗୌଡ଼, କାଉନସିଲର ଶାନ୍ତନୁ ରଥ, ଭାଗିରଥୀ ବିଶୋଇ, ବାବୁଲା ଦାସ, ଶାନ୍ତି ବାଉରୀ, ନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ନାୟକ, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ଏଲ. ସନ୍ତୋଷ କୁମାର, ପରିଷଦର ସାମାଜିକ ସୁରକ୍ଷା ବିଭାଗ ର ଅଧିକାରୀ ବସନ୍ତ ବେହେରା ପ୍ରମୁଖ ମଞ୍ଚାସୀନ ରହି ଉପସ୍ଥିତ ଲୋକଙ୍କୁ ସଚେତନ ବାର୍ତ୍ତା ଦେଇଥିଲେ। ଗୁଣପୁର ପୌର ପରିଷଦ ଦ୍ୱାରା ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

# ଜେମାଦେଇପେଣ୍ଠୁକୁ ବ୍ଲକ୍ ଘୋଷଣା ଦାବି


ଜିଲାପାଳଙ୍କୁ ଦାବିପତ୍ର ଦେବାକୁ ଆସିଥିବା ୭ ପଞ୍ଚାୟତର ସରପଞ୍ଚ ଏବଂ ଗ୍ରାମବାସୀ।

ରାୟଗଡ଼ା,୨୦।୨(ଆଶିଷ ରଞ୍ଜନ ପଣ୍ଡା)

**ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦେଲେ ୭ ପଞ୍ଚାୟତବାସୀ**

ରାୟଗଡ଼ା ବ୍ଲକ୍ ଅନ୍ତର୍ଗତ ଜେମାଦେଇପେଣ୍ଠୁକୁ ସ୍ୱତନ୍ତ୍ର ବ୍ଲକ୍ ମାନ୍ୟତା ଦାବିରେ ଅଞ୍ଚଳବାସୀ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଗୁରୁବାର ଜିଲାପାଳ ପାରୁଲ ପଟୱାରିଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ରରେ ୭ଟି ପଞ୍ଚାୟତର ସମସ୍ତ ଗ୍ରାମବାସୀ ଦସ୍ତଖତ କରିଛନ୍ତି। ଏ ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଯିବ ବୋଲି ଜିଲାପାଳ ପ୍ରତିଶ୍ରୁତି ଦେଇଛନ୍ତି।

ଅଞ୍ଚଳବାସୀଙ୍କ ଦାବିପତ୍ର ଅନୁସାରେ ରାୟଗଡ଼ା ସହରଠାରୁ ଆନ୍ଧ୍ରପ୍ରଦେଶକୁ ଯାଇଥିବା ଜାତୀୟ ରାଜପଥର ଦୁଇ ପାର୍ଶ୍ୱରେ ୭ଟି ପଞ୍ଚାୟତ ଯଥା କେରେଡ଼ା, ହାଟଶେଷଖାଲ, ଗାଜିଗାଁ, ଜେମାଦେଇପେଣ୍ଠୁ, ବଡ଼ଇରୁକୁବାଡ଼ି, ବୈରାଗିହାଲୁଆ ଓ ପିତାମହଲ ରହିଛି। ଉକ୍ତ ୭ ପଞ୍ଚାୟତରେ ୧୦୦ରୁ ଊର୍ଦ୍ଧ୍ୱ ଗ୍ରାମରେ ପ୍ରାୟ ୫୦ହଜାରରୁ ଅଧିକ ଲୋକ ବସବାସ କରନ୍ତି । ତେବେ ରାୟଗଡ଼ା ବ୍ଲକ୍ ସଦର ମହକୁମାଠାରୁ ପ୍ରତ୍ୟେକ ପଞ୍ଚାୟତ ପ୍ରାୟ ୨୦ କି.ମି. ଦୂରତାରେ ଅବସ୍ଥିତ । ଉପରୋକ୍ତ ଉକ୍ତ ପଞ୍ଚାୟତକୁ ଗମନାଗମନର ବିଶେଷ ସୁବିଧା ନ ଥିବାରୁ ଅଞ୍ଚଳବାସୀ କୌଣସି ଜରୁରୀ କାମରେ ବ୍ଲକ୍ କାର୍ଯ୍ୟାଳୟକୁ ଆସିବାକୁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଭଳିକି ଅଞ୍ଚଳବାସୀ ବହୁ ହଇରାଣ ହୋଇ ବ୍ଲକ୍ କାର୍ଯ୍ୟାଳୟକୁ ଗଲେ ମଧ୍ୟ ସମ୍ପୃକ୍ତ ଅଧିକାରୀ ଓ କର୍ମଚାରୀମାନେ ବ୍ୟସ୍ତ ରହୁଥିବାରୁ ବିଭିନ୍ନ ସମୟରେ ଲୋକଙ୍କ କାମ ହୋଇପାରୁନାହିଁ। ଅନ୍ୟପକ୍ଷରେ ଜେମାଦେଇପେଣ୍ଠୁଠାରେ ବ୍ୟାଙ୍କ, ସରକାରୀ ଉଚ୍ଚ ବିଦ୍ୟାଳୟ, ପ୍ରାଥମିକ ବିଦ୍ୟାଳୟ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଆଦି ରହିଛି। ଏହାର ନିକଟସ୍ଥ ହାଟଶେଷଖାଲଠାରେ ଥାନା ମଧ୍ୟ ରହିଛି। ଜେମାଦେଇପେଣ୍ଠୁ ଓ ଲାଡାଠାରେ ରେଳ ଷ୍ଟେଶନ ମଧ୍ୟ ରହିଛି। ତେଣୁ ଜେମାଦେଇପେଣ୍ଠୁକୁ ବ୍ଲକ୍ ମାନ୍ୟତା ଦେଲେ ଏହି ୭ ପଞ୍ଚାୟତର ସମସ୍ତ ଗ୍ରାମବାସୀ ନିଜର ମୌଳିକ ସୁବିଧା ପାଇଁ ଦୂରରେ ଥିବା ରାୟଗଡ଼ା ଉପରେ ନିର୍ଭର କରିବାକୁ ପଡ଼ିବ ନାହିଁ ବୋଲି କହିଛନ୍ତି । ଦାବିପତ୍ର ପ୍ରଦାନ ବେଳେ ୭ ପଞ୍ଚାୟତର ସମସ୍ତ ସରପଞ୍ଚଙ୍କ ସମେତ ଅଞ୍ଚଳବାସୀ ଉପସ୍ଥିତ ଥିଲେ ।

# ନେହୁରୁପଙ୍ଗା ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ

ଚନ୍ଦ୍ରପୁର, ୨୦।୨
(ବିଜୟ ପ୍ରସାଦ ଉଲକା)

ରାୟଗଡ଼ା ଜିଲା ଚନ୍ଦ୍ରପୁର ବ୍ଲକ ବୁଡ଼ିବାଲୀ ପଞ୍ଚାୟତ ଅଧୀନ ନେହୁରୁପଙ୍ଗା ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ କୈନ କିମ୍ବାକା ଯୋଗଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ପ୍ରଥମେ ଛାତ୍ରୀଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଗାନ ପରେ ଅତିଥିଙ୍କୁ ପୁଷ୍ପଗୁଚ୍ଛ ସହ ଉପଢ଼ୌକନ ଦେଇ ସମ୍ମାନିତ କରାଯାଇଥିଲା। ବିଦ୍ୟାଳୟର ପ୍ରଧାନଶିକ୍ଷକ ରାଜୁ ପାଳ ବିଦ୍ୟାଳୟର ସୁବିଧା, ଅସୁବିଧା ସମ୍ପର୍କରେ ବିବରଣୀ ପାଠ କରିଥିଲେ। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ସହକାରୀ ଜିଲା ମଙ୍ଗଳ ଅଧିକାରୀ ପ୍ରଦୀପ କୁମାର ଦଳାଇ, ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ଗଣେଶ ଶବର, ଅତିରିକ୍ତ ଶିକ୍ଷା ଅଧିକାରୀ ଉମାକାନ୍ତ ମିଶାଲ, ସରପଞ୍ଚ ଭୀମ ଗୋଗେରେଙ୍ଗା, ପୂର୍ବତନ ଅଧ୍ୟକ୍ଷା ସଙ୍ଗୀତା ପ୍ରତୀଙ୍ଗା, ସ୍କୁଲ ସଭାପତି ବିଶ୍ୱନାଥ ପ୍ରତିଙ୍ଗା ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ପ୍ରାକ୍ତନ ଜିଲା ମଙ୍ଗଳ ଅଧିକାରୀ ଅକ୍ଷୟ କୁମାର ମଲ୍ଲିକ, ଉର୍ମିଳା ପିପୋଲି, ପ୍ରଦୀପ ଚୌଧୁରୀଙ୍କ ସମେତ ବହୁ ଅଭିଭାବକ, ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଶେଷରେ କୃତୀ ଛାତ୍ରୀଛାତ୍ରଙ୍କୁ ଟ୍ରଫି ସହ ମାନପତ୍ର ପ୍ରଦାନ କରାଯାଇଥିଲା। ଚନ୍ଦ୍ରପୁର ଏସ୍‌ଏସଡି ବିଭାଗର ବରିଷ୍ଠ କୃଷି ଶିକ୍ଷକ ପ୍ରଦୀପ କୁମାର ଚୌଧୁରୀ ଓ ଖବରଦାତା ବିଜୟ ଉଲକାଙ୍କୁ ବିଦ୍ୟାଳୟ ତରଫରୁ ମାନପତ୍ର ଶହ ଉତ୍ତରୀୟ ଦେଇ ସମ୍ମାନିତ କରାଯାଇଥିଲା। ପ୍ରଧାନ ଶିକ୍ଷକ ରାଜୁ ପାଲଙ୍କୁ ସ୍କୁଲ ସଭାପତି ଜଣେ ଭଲ ଶିକ୍ଷକ ଭାବେ ନିଜର ଦାୟିତ୍ୱ ତୁଲାଇବା ଶହ ଭଲ ପାଠ ପଢ଼ାଉଥିବା ନେଇ ଏକ ମାନପତ୍ର ସହ ଉତ୍ତରୀୟ ଦେଇ ସମ୍ମାନୀତ କରିଥିଲେ।


ଜଣେ ବ୍ୟକ୍ତିଙ୍କୁ ସମ୍ମାନିତ କରାଯାଉଛି।

# ମିଲେଟ୍ ତିଆରି ସାମଗ୍ରୀ ପ୍ରଶିକ୍ଷଣ ଶିବିର

ଟିକିରି,୨୦।୨
(ପ୍ରଫୁଲ୍ଲ କୁମାର ବେହେରା)

କାଶୀପୁର ବ୍ଲକ ଦୁଦୁକାବାହାଲ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଗୁରୁବାର ମିଲେଟ୍‌ରେ ତିଆରି ଖାଦ୍ୟ ସାମଗ୍ରୀକୁ ନେଇ ଉଦ୍ୟୋଗୀ ସଚେତନତା ଓ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆଇଡିବିଆଇ ବ୍ୟାଙ୍କ ଦ୍ୱାରା ପ୍ରାୟୋଜିତ ଏବଂ ଇଡିଆଇଆଇ ଦ୍ୱାରା ପରିଚାଳିତ 'ପ୍ରକଳ୍ପ ରାଇଜ' ପକ୍ଷରୁ ଲୋକଙ୍କୁ ସଫଳ ଉଦ୍ୟୋଗୀ ହୋଇ ଆତ୍ମ ନିର୍ଭରଶୀଳ ହେବାକୁ ସଚେତନ କରାଯିବା ସହ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ପ୍ରକଳ୍ପ ରାଇଜ ପ୍ରୋଜେକ୍ଟ ସଂଯୋଜକ ଅଶ୍ୱିନୀ କୁମାର ମିଶ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଦୁଦୁକାବାହଲର ଗ୍ରାମର ସମିତି ସଭ୍ୟ ଜଗନ୍ନାଥ ସାହୁ ଏବଂ ଓଡ଼ିଶା ଜୀବିକା ମିଶନର ପ୍ରିୟଙ୍କା ନାୟକ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଏଥିରେ ଇଡି.ଆଇ.ଆଇର ଜିଲା ସଂଯୋଜକ ତାରିଣୀ ଚରଣ ସାହୁ ଏବଂ ପ୍ରଶିକ୍ଷକ ପପୁନୁ କୁମାର ପ୍ରଧାନ ପ୍ରମୁଖ ରହି ଉଦ୍ୟୋଗୀମାନଙ୍କୁ ପ୍ରୋଜେକ୍ଟ ରାଇଜ ସମ୍ପର୍କରେ ଅବଗତ କରାଇଥିଲେ। ଜଣେ ଭଲ ଉଦ୍ୟୋଗୀ ନିଜେ ସାବଲମ୍ବୀ ହେବା ସହ ଅନ୍ୟକୁ ପ୍ରେରଣା ଦେଇ ସମାଜ ତଥା ଦେଶର ହିତ ସାଧନ କରିଥାଏ ବୋଲି ଅତିଥିମାନେ କହିଥିଲେ। ମିଲେଟର ସୁସ୍ୱାଦୁ ଖାଦ୍ୟ ପ୍ରସ୍ତୁତି ପାଇଁ ୧୮ ଦିନିଆ ଟେକ୍ନୋଲୋଜି ତାଲିମ ପାଇଁ ହିତାଧିକାରୀ ଚୟନ ନେଇ ଆଲୋଚନା ହୋଇଥିଲା । ଏଥିରେ ସ୍ଥାନୀୟ ଅଞ୍ଚଳର ୩୫ରୁ ଅଧିକ ଏସ.ଏଚ.ଜି ମା'ମାନେ ଯୋଗ ଦେଇଥିଲେ ।

# ପୂର୍ବତନ ଏମ୍‌ପିଙ୍କ ନାଁରେ ଫେକ୍ ସୋସିଆଲ ମିଡିଆ ଆକାଉଣ୍ଟ ଖୋଲି ଟଙ୍କା ଲୁଟ୍

ରାୟଗଡ଼ା,୨୦।୨(ଆଶିଷ ରଞ୍ଜନ ପଣ୍ଡା)

ରାଜ୍ୟ ସଭା ପୂର୍ବତନ ସଦସ୍ୟ ଏନ୍ ଭାସ୍କର ରାଓଙ୍କ ନାମରେ ସୋସିଆଲ ମିଡିଆରେ ଫେକ୍ ଆକାଉଣ୍ଟ ଖୋଲ ବ୍ରହ୍ମପୁରର ଜଣେ ଯୁବକ ଜାଭେଦଙ୍କଠାରୁ ଗୁଗୁଲ୍ ପେରେ ୩୦,୫୦୦ ଟଙ୍କା ଲୁଟି ନେଇଛନ୍ତି ସାଇବର ଅପରାଧୀ। ଘଟଣାରୁ ପ୍ରକାଶ, ସିଆରପିଏଫ୍‌ର ଆଶିଷ କୁମାର ନାମରେ ଜଣେ ବ୍ୟକ୍ତି ନିଜର ବଦଳି ହୋଇଯାଇଛି ବୋଲି କହି ଫ୍ରିଜ, ୱାସିଂ ମେଶିନ ଓ ଅନ୍ୟାନ୍ୟ ସାମଗ୍ରୀ ବିକ୍ରି କରିବା ପାଇଁ ଫେସ୍‌ବୁକ୍‌ରେ ଦେବା ସହ ଜାଭେଦଙ୍କ ସହ ଯୋଗାଯୋଗ କରିଥିଲେ। ଜାଭେଦ ପ୍ରଥମେ ବିଶ୍ୱାସ ନ କରିବାରୁ ପୂର୍ବତନ ଏମ୍‌ପି ଭାସ୍କର ରାଓଙ୍କ ନାମରେ ଏକ ଫେସବୁକ ଆକାଉଣ୍ଟରୁ ମେସେଜ କରି ଉକ୍ତ ବ୍ୟକ୍ତିଙ୍କୁ ଟଙ୍କା ଦେବା ପାଇଁ ବିଶ୍ୱାସ ଜନ୍ମାଇଥିଲେ। ଏହାପରେ ଜାଭେଦ ବିଶ୍ୱାସ କରି ପ୍ରଥମେ ୩୦,୦୦୦ ଓ ପରେ ୫୦୦ ଟଙ୍କା ଗୁଗଲ ପେରେ ଦେଇଥିଲେ। ତେବେ ପରେ ତାଙ୍କର ସନ୍ଦେହ ହେବାରୁ ସେ ଭାସ୍କର ରାଓଙ୍କୁ ଯୋଗାଯୋଗ କରିଥିଲେ। ଭାସ୍କର ରାଓ ସେଭଳି କୌଣସି ବ୍ୟକ୍ତିଙ୍କୁ ଜାଣି ନ ଥିବା ଏବଂ ତାହା ତାଙ୍କ ଫେସବୁକ ଆକାଉଣ୍ଟ ନୁହେଁ ବୋଲି କହିଥିଲେ। ଏହାପରେ ଭାସ୍କର ରାଓ ସାଇବର ସେଲ୍‌କୁ ଏ ନେଇ ଅଭିଯୋଗ କରିଥିଲେ। ଏଥିସହିତ ତାଙ୍କ ନାଁରେ କେହି ଏଭଳି ଟଙ୍କା ମାଗିଲେ ତାର କୌଣସି ଉତ୍ତର ନ ଦେବା ସହିତ ଏ ସମ୍ପର୍କରେ ପୋଲିସକୁ ସୂଚନା ଦେବା ପାଇଁ ଭାସ୍କର ରାଓ ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି ।

# ଦିବ୍ୟାଙ୍ଗଙ୍କୁ ସାହାଯ୍ୟର ହାତ ବଢ଼ାଇଛି ୟୁଏଆଇଏଲ୍ ଖଣି ପ୍ରକଳ୍ପ

କାଶୀପୁର/ଟିକିରି, ୨୦।୨(ମୋହନ ନାଏକ/ପ୍ରଫୁଲ୍ଲ କୁମାର ବେହେରା)

**୭୪ ଦିବ୍ୟାଙ୍ଗଙ୍କୁ ଜୀବନ ରକ୍ଷାକାରୀ କିଟ୍ ପ୍ରଦାନ**

ଉତ୍କଳ ଆଲୁମିନା, ହିଣ୍ଡାଲକୋ ଇଣ୍ଡଷ୍ଟ୍ରିଜ୍ ଆଦିତ୍ୟ ବିର୍ଲାର ଏକ ସହଯୋଗୀ କମ୍ପାନୀ ଦିବ୍ୟାଙ୍ଗ ବ୍ୟକ୍ତିଙ୍କୁ ସାହାଯ୍ୟ ହାତ ବଢାଇବା ପାଇଁ ପ୍ରମୁଖ ଭୂମିକା ଗ୍ରହଣ କରିଛି। ଏହି କ୍ରମରେ ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯାଇ ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ଚିହ୍ନଟ ସହ ସେମାନଙ୍କୁ ବିଭିନ୍ନ ଉପକରଣ ପ୍ରଦାନ କରାଯାଇଛି । ରାୟଗଡା ଜିଲା ଟିକିରି ଅନ୍ତର୍ଗତ ଦୋରାଗୁଡ଼ାସ୍ଥିତ ଉତ୍କଳ ଆଲୁମିନା (ୟୁଏଆଇଏଲ୍) ଖଣି ପ୍ରକଳ୍ପ ତରଫରୁ ସାମାଜିକ ଦାୟିତ୍ୱବୋଧ ଅଭିଯାନ ଅଧୀନରେ ୨ ଦିନିଆ ଦିବ୍ୟାଙ୍ଗ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଛି । ଏହି ଶିବିରରେ ରାୟଗଡା ଓ କଳାହାଣ୍ଡି ଜିଲା ଥୁଆମୂଳ ରାମପୁରସ୍ଥିତ ବ୍ଲକ କାର୍ଯ୍ୟାଳୟ ଏବଂ କାଶୀପୁର ବ୍ଲକ ଟିକିରି ଡୋରାଗୁଡାସ୍ଥିତ କ୍ଲବ ହାଉସଠାରେ ଆୟୋଜିତ ଭିନ୍ନକ୍ଷମ ସାମର୍ଥ୍ୟ ଶିବିରରେ ମୋଟ ୮୦ ଜଣ ଦିବ୍ୟାଙ୍ଗ ବ୍ୟକ୍ତିଙ୍କୁ ବିଭିନ୍ନ ସହାୟତା ଉପକରଣ ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମ କମ୍ପାନୀ ଖଣି ପ୍ରକଳ୍ପ ଅଧୀନରେ ସ୍ୱାବଲମ୍ବନ ଯୋଜନା ଅନ୍ତର୍ଗତ କାର୍ଯ୍ୟକାରୀ ହୋଇଥିବା ବେଳେ ଓପନ ଲର୍ଣ୍ଣିଂ ସିଷ୍ଟମ ସହଭାଗିତାରେ ଏହା ସଫଳ ରୂପାୟନ ହୋଇଛି। ଏହା କମ୍ପାନୀର ସାମାଜିକ ମଙ୍ଗଳ କାର୍ଯ୍ୟକ୍ରମ ଓ ଆଗାମୀ ଦିନରେ କମ୍ପାନୀ ଓ ଏହାର ଆଖପାଖ ଅଞ୍ଚଳରେ ଉନ୍ନତିମୂଳକ କାର୍ଯ୍ୟକ୍ରମ ଜାରି ରହିବ ବୋଲି ଖଣି ସିଏସ୍‌ଆର ମୁଖ୍ୟ ନିହାରିକା ସାହୁ ସୂଚନା ଦେଇଛନ୍ତି। କାର୍ଯ୍ୟକ୍ରମରେ ଖଣି ସିଏସ୍‌ଆର ମୁଖ୍ୟ ନିହାରିକାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିଲା। ଏଥିରେ କଳାହାଣ୍ଡି ଜିଲା ଖଣିଜ ପାଣ୍ଠି ସମନ୍ୱୟ ଅଧିକାରୀ ପ୍ରଶାନ୍ତ ମିଶ୍ର, ଥୁଆମୁଳ ରାମପୁର ବ୍ଲକ ଉନ୍ନୟନ ଅଧିକାରୀ ଧ୍ରୁବ ଚରଣ ମୁଦୁଲିଙ୍କ ସମେତ ଶିଶୁ ବିକାଶ ଓ ସୁରକ୍ଷା ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।



କମ୍ପାନୀ ଅଧିକାରୀ ଜଣେ ଦିବ୍ୟାଙ୍ଗଙ୍କୁ ହ୍ୱିଲ୍ ଚେୟାର ପ୍ରଦାନ କରୁଛନ୍ତି।

# ଏକ୍ସ-ରେ ମେଶିନ ସହ ବିଭିନ୍ନ ଯନ୍ତ୍ରପାତି ଅଚଳ

ରାୟଗଡ଼ା,୨୦।୨(ଆଶିଷ ରଞ୍ଜନ ପଣ୍ଡା)

**ଜିଲା ମୁଖ୍ୟ ଚିକିତ୍ସାଳୟରେ ଅବ୍ୟବସ୍ଥା**

ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ୫ ମହଲା କୋଠା ରହିଛି, ହେଲେ ଆଧୁନିକ ଚିକିତ୍ସା ସୁବିଧା ଲୋକଙ୍କୁ ମିଳୁନାହିଁ । ଏପରକି ଜିଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀଙ୍କ ପାଇଁ ସର୍ବନିମ୍ନ ସୁବିଧା ଉପଲବ୍ଧ ହେଉ ନ ଥିବା ଅଭିଯୋଗ ହେଉଛି। ମେଡିକାଲରେ ଆଜିକୁ ୧୧ ଦିନ ହେଲାଣି ଏକ୍ସ-ରେ ମେଶିନ ଅଚଳ ହୋଇପଡ଼ିଛି । ଫଳରେ ଦୂରଦୂରାନ୍ତରୁ ଆସୁଥିବା ବହୁ ରୋଗୀ ଅସୁବିଧାର ସମ୍ମୁଖୀନ ହେବା ସହ ଅଧିକ ଖର୍ଚ୍ଚାନ୍ତ ହୋଇ ବେସରକାରୀ ଲାବ୍‌ରେ ଏକ୍ସ-ରେ କରୁଥିବା ଦେଖିବାକୁ ମିଳୁଛି। କେବଳ ଏକ୍ସ-ରେ ମେଶିନ ନୁହେଁ, ଇଲେକ୍ଟ୍ରୋଲାଇଟ, ସିବିସି, ଏପିଟିଟି ମେଶିନ ଅଚଳ ଥିବା କାରଣରୁ ରୋଗୀ ଆବଶ୍ୟକ ଚିକିତ୍ସା ସେବା ପାଉ ନ ଥିବା ଅଭିଯୋଗ ହେଉଛି।

ମିଳିଥିବା ସୂଚନା ପ୍ରକାରେ, ଜିଲା ମୁଖ୍ୟ ଚିକିତ୍ସାଳୟରେ ଗତ ୯ ତାରିଖରେ ଏକ୍ସ-ରେ ମେଶିନରେ କୌଣସି ଯାନ୍ତ୍ରିକ ତ୍ରୁଟି ଯୋଗୁ ଏହା ଅଚଳ ହୋଇପଡ଼ିଛି। ତେବେ ୧୧ ଦିନ ଭିତରେ ଏହି ମେଶିନକୁ ସଜଡ଼ାଯାଇନାହିଁ। ଜିଲା ସ୍ୱାସ୍ଥ୍ୟ ବିଭାଗର ଅନୁରୋଧ ପରେ ବ୍ରହ୍ମପୁରରୁ ଜଣେ ମେକାନିକ ଆସି ଦୁଇଥର କେବଳ ଅନୁଧ୍ୟାନ କରିଥିଲେ। ହେଲେ ସେଥିରେ କ'ଣ ସମସ୍ୟା ସୃଷ୍ଟି ହୋଇଛି ତାହାର ସୂଚନା ସେ ଦେଇନାହାନ୍ତି। କିନ୍ତୁ କେବେ ତାହା ସଜାଡ଼ିବେ ଓ କ'ଣ ସାମଗ୍ରୀ ଲାଗିବ ତାହା ଜଣାଇ ନ ଥିବାରୁ ଅପରେଟର ଦ୍ୱନ୍ଦ୍ୱରେ ପଡିଛନ୍ତି। ଏହାବ୍ୟତୀତ ଚିକିତ୍ସାଳୟରେ ଥିବା ଇଲେକ୍ଟ୍ରୋଲାଇଟ୍ ମେଶିନ ଗତ ୨ବର୍ଷ ହେବ ବାରମ୍ବାର ମରାମତି ହେଉଥିଲେ ମଧ୍ୟ ଏହାର ସ୍ଥାୟୀ ସମାଧାନ ହେଉନାହିଁ। ଏହି ମେଶିନରେ ମୁଖ୍ୟତଃ ସୋଡିୟମ ପଟାସାଇଟ୍ ପରୀକ୍ଷା କରାଯାଇଥାଏ। ହେଲେ କିଛିଦିନ ହେବ ମେଶିନ ଖରାପ ହୋଇଯାଇଥିବାରୁ ଉକ୍ତ ପରୀକ୍ଷା ବନ୍ଦ ରହିଛି। ସେହିଭଳି ସିବିସି ମେଶିନ ମଧ୍ୟ ଅଚଳ ହୋଇ ପଡିଥିବାରୁ ରୋଗୀଙ୍କ ହିମୋଗ୍ଲୋବିନ ଓ ପ୍ଲେଟ୍‌ଲେଟ୍ ପରୀକ୍ଷା ବନ୍ଦ ରହିଛି। ସେପଟେ ଏପିଟିଟି ମେଶିନ ମେଡିକାଲ ଆସିବା ପରେ ତାହା ଚାଲି ନ ଥିଲା। ଏହା ପ୍ରଦାନ କରିଥିବା ବ୍ୟବସାୟୀ କିନ୍ତୁ ଧ୍ୟାନ ଦେଲେନାହିଁ। ଫଳରେ ସିଲ୍ ବନ୍ଦ ଅବସ୍ଥାରେ ତାହା ପଡିଛି। ଏହି ମେଶିନରେ ଅସ୍ତ୍ରୋପଚାର ସମୟରେ ଡାକ୍ତର ରକ୍ତ ପରିମାଣ ଅନୁଧ୍ୟାନ କରିଥାନ୍ତି।

ଜିଲା ସଦର ମହକୁମାଠାରୁ ଆରମ୍ଭକରି କୋଲନରା, ଜେମାଦେଇପେଣ୍ଠ, କାଶୀପୁର ଓ କଲ୍ୟାଣସିଂହପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ଆସୁଥିବା ରୋଗୀ ଜିଲା ମୁଖ୍ୟ ଚିକିତ୍ସାଳୟ ଉପରେ ନିର୍ଭର କରିଥାନ୍ତି। ହେଲେ ଅଧିକାଂଶ ମେଶିନ ଖରାପ ଥିବା ଯୋଗୁ ରୋଗୀ ନିରାଶ ହୋଇ ଫେରୁଛନ୍ତି। ଅପରପକ୍ଷରେ, ଏକ୍ସ-ରେ ମେଶିନ ଅଚଳ ଥିବା ଜାଣି କେତେଜଣ ରୋଗୀଙ୍କ ସମ୍ପର୍କୀୟ ଅସନ୍ତୋଷ ବ୍ୟକ୍ତ କରୁଥିବାରୁ ପ୍ରତିଦିନ ମେଡିକାଲରେ ପାଟିତୁଣ୍ଡ ହେଉଛି। ତେବେ ଜିଲା ମୁଖ୍ୟ ଚିକିତ୍ସାଳୟରେ ସମସ୍ତ ଯନ୍ତ୍ରପାତି ରହିଥିଲେ ମଧ୍ୟ ସେଗୁଡ଼ିକ କାର୍ଯ୍ୟକାରୀ ନ ହେବା ପଛରେ ଘରୋଇ ସଂସ୍ଥାଗୁଡ଼ିକର ଭଲ ବ୍ୟବସାୟ ପାଇଁ ଏହିଭଳି କରାଯାଉଥିବା ଲୋକେ ଅଭିଯୋଗ କରିଛନ୍ତି । ଘରୋଇ ଲାବ୍‌ରେ ଏକ୍ସ-ରେଠାରୁ ଆରମ୍ଭକରି ସୋଡିୟମ ପଟାସାଇଟ, ହିମୋଗ୍ଲୋବିନ୍ ଓ ପ୍ଲେଟ୍‌ଲେଟ୍ ପରୀକ୍ଷା ପାଇଁ ଲୋକଙ୍କୁ ଶୋଷଣ ଚାଲିଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଲାଲମୋହନ ରାଉତରାୟଙ୍କୁ ପଚାରିବାରୁ ଏକ୍ସ-ରେ ପରିଚାଳନା ପାଇଁ ଯେଉଁ ଯାନ୍ତ୍ରିକ ସମସ୍ୟା ସୃଷ୍ଟି ହୋଇଛି ତାହାର ମରାମତି କରିବା ପାଇଁ ପଦକ୍ଷେପ ନିଆଯାଇଛି । ଅନ୍ୟ ମେଶିନଗୁଡ଼ିକ ମଧ୍ୟ କାର୍ଯ୍ୟକ୍ଷମ କରାଯିବ ବୋଲି ସେ କହିଛନ୍ତି।

## ଆଜି ମାଟ୍ରିକ୍ ପରୀକ୍ଷା ଆରମ୍ଭ

କୋରାପୁଟ,୨୦।୨(ଅମିତାଭ ବେହେରା)

ଓଡ଼ିଶା ରାଜ୍ୟ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ଶୁକ୍ରବାରଠାରୁ ମାଟ୍ରିକ ପରୀକ୍ଷା ଆରମ୍ଭ ହେବ। କୋରାପୁଟ ଜିଲା ଶିକ୍ଷା ବିଭାଗ ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ହୋଇଥିବା ଶିକ୍ଷା ଅଧିକାରୀ ପ୍ରଶାନ୍ତ କୁମାର ମହାନ୍ତି ଗୁରୁବାର କହିଛନ୍ତି। ଜିଲାର ୭୮ କେନ୍ଦ୍ରରେ ମୋଟ ୧୬,୪୫୦ ପରୀକ୍ଷାର୍ଥୀ ପରୀକ୍ଷା ଦେଉଥିବା ଜଣାପଡ଼ିଛି। ରେଗୁଲାରରେ ୧୬ ହଜାର ୭୬ଜଣ ଏକ୍ସ ରେଗୁଲାର, ୨୩ ଜଣ କରେସପଣ୍ଡନସ,୨୭୫ ଜଣ ଏସଓଏସସି ଓ ୧୫ ଜଣ ମଧ୍ୟମାରେ ପରୀକ୍ଷାର୍ଥୀ ପରୀକ୍ଷା ଦେବେ। ଜିଲାରେ ୧୦ ନୋଡାଲ କେନ୍ଦ୍ର କରାଯାଇ ଥିବା ବେଳେ ୭୮ ଜଣ କେନ୍ଦ୍ର ସୁପରିଟେଣ୍ଡେଣ୍ଟଙ୍କୁ ନିୟୋଜିତ କରାଯାଇଛି। ଶିକ୍ଷା ବିଭାଗ ପକ୍ଷରୁ ୨୩ଟି ଟିମ୍ ନୋଡାଲ କେନ୍ଦ୍ରରୁ ପ୍ରଶ୍ନପତ୍ର ନେଇ ପରୀକ୍ଷା କେନ୍ଦ୍ରରେ ପହଞ୍ଚାଇବା ବ୍ୟବସ୍ଥା କରିବେ। ପରୀକ୍ଷା ପାଇଁ ସମସ୍ତ କେନ୍ଦ୍ରରେ ୩ ସ୍ତରୀୟ ସୁରକ୍ଷା ବ୍ୟବସ୍ଥା କରାଯାଇଛି।

# ଜେଲ ଗଲେ ରସିକିଆ ଡାକ୍ତର

ମାଲକାନଗିରି,୨୦।୨(ଦୁର୍ଯ୍ୟୋଧନ ପାତ୍ର)

**ଅନ୍ୟ ଜଣଙ୍କୁ ବିବାହ ମହଙ୍ଗା ପଡ଼ିଲା**



ଗିରଫ ଡାକ୍ତର ଅମିତ କୁମାର ସାହୁ।

ଅନ୍ୟଜଣଙ୍କୁ ବିବାହ କରିବା ମହଙ୍ଗା ପଡ଼ିଛି ଜଣେ ରସିକିଆ ଡାକ୍ତରଙ୍କ କ୍ଷେତ୍ରରେ । ଗିରଫ ହୋଇ ଜେଲ ଯାଇଛନ୍ତି। ସେ ହେଲେ ଆୟୁଷ ଡାକ୍ତର ଅମିତ କୁମାର ସାହୁ ।

ପ୍ରକାଶ ଯେ, ମାଲକାନଗିରି ଜିଲା ମୋଟୁ ସ୍ୱାସ୍ଥ୍ୟକେନ୍ଦ୍ରରେ ଆୟୁଷ ଡାକ୍ତର ଭାବେ ୨୦୧୯ରୁ ସାହୁ କାର୍ଯ୍ୟ କରୁଥିଲେ। ମୋଟୁ ତହସିଲ କାର୍ଯ୍ୟାଳୟରେ ପିଅନ ଭାବେ ଜଣେ ମହିଳା ସେହି ସମୟରେ କାର୍ଯ୍ୟ କରୁଥିବା ବେଳେ ତାଙ୍କ କନ୍ୟାଙ୍କ ସହ ପରିଚୟ ହୋଇଥିଲା। ପରେ ସେ ତାଙ୍କ କନ୍ୟାଙ୍କୁ ପ୍ରଲୋଭନ ଦେଖାଇ ବିବାହ କରିବା ପାଇଁ ପ୍ରସ୍ତାବ ଦେଇଥିଲେ। ଉଭୟଙ୍କ ମଧ୍ୟରେ ସମ୍ପର୍କ ବୃଦ୍ଧି ପାଇବା ପରେ ଡାକ୍ତର ସାହୁ ଶାରୀରିକ ସମ୍ପର୍କ ରଖିଥିଲେ । ୨୦୨୪ ରେ ସାହୁଙ୍କର ମୋଟୁରୁ କୋରୁକୋଣ୍ଡା ବଦଳି ହୋଇଥିଲା। ୨୭।୧୦।୨୪ ତାରିଖରେ ଯୁବତୀ ଜଣକ ଡାକ୍ତର ସାହୁଙ୍କ ନିକଟକୁ ଯାଇ ବିବାହ ପାଇଁ କହିଥିଲେ। କିଛି ଦିନ ଅପେକ୍ଷା କରିବାକୁ ଡାକ୍ତର ସାହୁ ଯୁବତୀଙ୍କୁ କହିଥିଲେ। ପରେ ୩୦।୧୦।୨୪ ରେ ଯୁବତୀଙ୍କୁ ସନ୍ତୁଷ୍ଟ କରିବା ନିମନ୍ତେ ସାହୁ ତାଙ୍କ ଘରକୁଯାଇ ମଥାରେ ସିନ୍ଦୂର ଲଗାଇଥିଲେ। ପରେ ସାହୁଙ୍କର ସମ୍ବଲପୁର ଜିଲା କୁଚିଣ୍ଡା ଥାନା ଗୋଛରା ସ୍ୱାସ୍ଥ୍ୟକେନ୍ଦ୍ରକୁ ବଦଳି ହୋଇଥିଲା। ସେଠାରେ ଯୋଗ ଦେଲାପରେ ତାଙ୍କ ମୋବାଇଲ ନମ୍ବର ବଦଳାଇ ଦେଇଥିଲେ। ଫଳରେ ଯୁବତୀ ଜଣକ ସାହୁଙ୍କ ସହ ଆଉ ଯୋଗାଯୋଗ କରିପାରିଲେ ନାହିଁ।

ଦୁଇଦିନ ପୂର୍ବେ ଅର୍ଥାତ୍ ୧୭।୨।୨୫ ତାରିଖରେ ସାହୁଙ୍କର ଅନ୍ୟତ୍ର ବିବାହ ହେଉଥିବା ଯୁବତୀ କୌଣସି ସୂତ୍ରରୁ ଜାଣିପାରି ମାଲକାନଗିରି ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ତାଙ୍କ ଅଭିଯୋଗକୁ ଭିତ୍ତିକରି ମାଲକାନଗିରି ପୋଲିସ ବୁଧବାର ସମ୍ବଲପୁର ଜମନକିରା ଗ୍ରାମକୁ ଯାଇ ସାହୁ ଅନ୍ୟ ଜଣେ ଯୁବତୀଙ୍କୁ ବିବାହ କରି ଫେରୁଥିବା ବେଳେ ତାଙ୍କୁ ଗିରଫ କରି ନଂ. ୫୧/୨୫ରେ ମାମଲା ରୁଜୁ ପରେ କୋର୍ଟ ଚାଲାଣ କରିଛି।

# ଆଦିବାସୀ ମହିଳାଙ୍କୁ ବଳାତ୍କାର ପରେ ହତ୍ୟା

କାଲିମେଲା, ୨୦।୨(ଜୀବନ କୃଷ୍ଣ ଦାସ)

**ଅଭିଯୁକ୍ତଙ୍କୁ ଗ୍ରାମବାସୀଙ୍କ ଅଟକ ପରେ ଉଦ୍ଧାରକଲା ପୋଲିସ**

ମାଲକାନଗିରି ଜିଲା କାଲିମେଲା ଥାନା ଅଞ୍ଚଳରେ ଏକ ହତ୍ୟାକାଣ୍ଡ ଘଟିଛି । ଜଣେ ଆଦିବାସୀ ମହିଳାଙ୍କୁ ବଳାତ୍କାର ପରେ ହତ୍ୟା କରାଯାଇଛି । ଅଭିଯୁକ୍ତଙ୍କୁ ଗ୍ରାମବାସୀ ଅଟକ ରଖି ପରେ ପୋଲିସରେ ଜିମା ଦେଇଛନ୍ତି।

ସୂଚନା ଅନୁଯାୟୀ, ଗୁମୁକା ପଞ୍ଚାୟତ ଅଞ୍ଚଳରେ ଜଣେ ମହିଳା ଏକା ରହୁଥିଲେ। ତାଙ୍କ ସ୍ୱାମୀ ବାହାରେ ରହି କାମ କରୁଛନ୍ତି। ଏହାର ସୁଯୋଗ ନେଇ ଅଭିଯୁକ୍ତ ଜଣକ ମହିଳାଙ୍କୁ ବଳାତ୍କାର ପରେ ହତ୍ୟା କରିଥିବା ଜଣାପଡ଼ିଛି । ବୁଧବାର ଅପରାହ୍ନରେ ମହିଳା ଜଣକ ଏକୁଟିଆ ଥିବା ବେଳେ ପୁଲିମେଟଲା ଗ୍ରାମର ମୁକା ପଡ଼ିଆମି ଘରେ ପଶି ତାଙ୍କୁ ବଳାତ୍କାର ପରେ ହତ୍ୟା କରାଯାଇଛି। ମହିଳା ଜଣକ ଘରେ ଏକୁଟିଆ ଥିବା ବେଳେ ଏହି ଘଟଣା ଘଟିଥିବା ଗ୍ରାମବାସୀ କହିଛନ୍ତି। ଘଟଣା ପରେ ଅଭିଯୁକ୍ତ ଯୁବକଙ୍କୁ ଗ୍ରାମବାସୀ କାବୁକରି ଗଛରେ ବାନ୍ଧି ନିସ୍ତୁକ ମାଡ଼ ମାରିଥିବା ଜଣାପଡ଼ିଛି । କାଲିମେଲା ପୋଲିସ ପହଞ୍ଚି ଗ୍ରାମବାସୀଙ୍କ କବଳରୁ ଯୁବକଙ୍କୁ ଉଦ୍ଧାରକରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରିଥିବା ଜଣାପଡ଼ିଛି। ଅଭିଯୁକ୍ତଙ୍କୁ ପୋଲିସ ନିଜ ହେପାଜତରେ ରଖିଥିବା ବେଳେ କୋରାପୁଟରୁ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ଅଧିକ ତଦନ୍ତ ଜାରି ରଖିଥିବା ଭାରପ୍ରାପ୍ତ ଥାନା ଅଧିକାରୀ ଦୁର୍ଯ୍ୟୋଧନ ସୁନାନି ସୂଚନା ଦେଇଛନ୍ତି। ଘଟଣାର ୨୦ ଘଣ୍ଟା ପରେ ମଧ୍ୟ ମୃତଦେହ ବ୍ୟବଚ୍ଛେଦ ହୋଇପାରିନାହିଁ । କାଲିମେଲା ଥାନା ପକ୍ଷରୁ ନଂ.୪୭/୨୫ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି ପୋଲିସ । ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଘଟଣାର ପ୍ରକୃତ କାରଣ ଜଣାପଡ଼ିବ।

# ଗୁଣାତ୍ମକ ଶିକ୍ଷା, ପିଲାଙ୍କ ମୌଳିକ ଆବଶ୍ୟକତା ପୂରଣ ନେଇ ଆଲୋଚନା



ବୈଠକରେ ଆଲୋଚନା ଚାଲିଛି।

ତେନ୍ତୁଲିଖୁଣ୍ଟି, ୨୦।୨ (ଚିଦାନନ୍ଦ ସାହୁ)

**ଜବାହର ନବୋଦୟ ବିଦ୍ୟାଳୟ ପରିଚାଳନା କମିଟି ବୈଠକ**

ନବରଙ୍ଗପୁର ଜିଲା ତେନ୍ତୁଲିଖୁଣ୍ଟି ବ୍ଲକ୍ ଖାତିଗୁଡ଼ାସ୍ଥିତ ପିଏମ୍ ଶ୍ରୀ ଜବାହର ନବୋଦୟ ବିଦ୍ୟାଳୟ ପରିଚାଳନା କମିଟି ବୈଠକ ଅନୁଷ୍ଠିତ ହୋଇଛି। ଅତିରିକ୍ତ ଜିଲାପାଳ ମହେଶ୍ୱର ଚନ୍ଦ୍ର ନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ବିଦ୍ୟାଳୟ ଅଧ୍ୟକ୍ଷ ରତ୍ନାକର ସାହୁଙ୍କ ଆବାହକତ୍ୱରେ ପରିଚାଳନା କମିଟି ବୈଠକ କରାଯାଇଥିଲା। ଅତିରିକ୍ତ ଜିଲାପାଳ ମହେଶ୍ୱର ଚନ୍ଦ୍ର ନାୟକ ଗୁଣାତ୍ମକ ଶିକ୍ଷାଦାନ ସମ୍ପର୍କରେ ଗୁରୁତ୍ୱ ଦେବା ସହ ଛାତ୍ରୀଛାତ୍ରଙ୍କ ମୌଳିକ ଆବଶ୍ୟକତା ପୁରଣ କରିବାକୁ ଜିଲାପାଳ ପ୍ରତିଶ୍ରୁତିବଦ୍ଧ ବୋଲି ସୂଚନା ଦେଇଥିଲେ। ପରିଚାଳନା କମିଟି ସଦସ୍ୟ ସର୍ବେଶ୍ୱର ପତି, ଅଞ୍ଜନା ନାୟକ, ତେନ୍ତୁଲିଖୁଣ୍ଟି ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର ଚିକିତ୍ସକ ଡ ମହମ୍ମଦ ହୁସେନ, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ଡ ରଞ୍ଜନ କୁମାର ସ୍ୱାଇଁ ଓ ବିଭାଗୀୟ ଅଧିକାରୀ ସୁଜାତା ସାହୁ ପ୍ରମୁଖ ଏବେକା ଶିକ୍ଷାନୀତିରେ ବୈଷୟିକ ଶିକ୍ଷାଦାନ, ବିଭିନ୍ନ ପ୍ରବେଶିକା ପରୀକ୍ଷାରେ ସଫଳତା ସମ୍ପର୍କରେ ଉଚ୍ଚମାନର ପ୍ରସ୍ତୁତି ନେଇ ଆଲୋଚନା କରିଥିଲେ। ଛାତ୍ରୀଛାତ୍ରଙ୍କ ଦୈନନ୍ଦିନ ବ୍ୟବହାର ନିମନ୍ତେ ଆଉ ୨ ଟି ଗଭୀର ନଳକୂପ ସ୍ଥାପନ ସହ ନବୋଦୟ ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ ଜିଲାପାଳ ଡ ଶୁଭଙ୍କର ମହାପାତ୍ର ଛାତ୍ରୀ ଛାତ୍ରଙ୍କ ନିମନ୍ତେ ଏକ ଜିମ୍ କୋର୍ଟ ସ୍ଥାପନ ପାଇଁ ପଦକ୍ଷେପ ଗ୍ରହଣ କରିଥିବା ଏଡିଏମ୍ ମହେଶ୍ୱର ଚନ୍ଦ୍ର ନାୟକ ସୂଚନା ଦେଇଥିଲେ। ଛାତ୍ରୀ ଛାତ୍ରଙ୍କୁ ବିଶୋଧିତ ଔଷଧୀୟ ମଶାରୀ ଯୋଗାଇ ଦିଆଯିବା ନେଇ ଡ ମହମ୍ମଦ ହୁସେନ୍ ସୁଚନା ଦେଇଥିଲେ। ଅଭିଭାବକ ପିଲାଙ୍କୁ ଭେଟିବାକୁ ଆସିଲେ ପ୍ରତୀକ୍ଷା କରିବାକୁ କୌଣସି ଗୃହ ନ ଥିବାରୁ ପୂର୍ବରୁ ବିଧାୟକ ଗୌରୀ ଶଙ୍କର ମାଝୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ସ୍କୁଲରେ ପ୍ରତୀକ୍ଷାଳୟ ଓ ଶୌଚାଳୟ ନିର୍ମାଣ କାର୍ଯ୍ୟ ଜାରି ରହିଥିବା ସୂଚନା ମିଳିଛି। ନବୋଦୟ ବିଦ୍ୟାଳୟ ଚାରିପଟେ ପାଚେରୀ ଉଚ୍ଚତା ବଢ଼ାଇବାକୁ ଅଭିଭାବକ ମତ ଦେଇଥିଲେ। ଏ ସମ୍ପର୍କରେ ଜିଲାପାଳଙ୍କ ସହ ଆଲୋଚନା ପରେ ପଦକ୍ଷେପ ନିଆଯିବ ବୋଲି ସୂଚନା ମିଳିଛି।

# ୬ କେନ୍ଦ୍ରରେ ପରୀକ୍ଷା ଦେବେ ୧୦୯୬ ପରୀକ୍ଷାର୍ଥୀ

କୋରୁକୋଣ୍ଡା,୨୦।୨(ଶିବଦତ୍ତ ସାହୁ)

- **କୋରୁକୋଣ୍ଡା ବ୍ଲକ**
- **ଆଜିଠାରୁ ମାଟ୍ରିକ୍ ପରୀକ୍ଷା ଆରମ୍ଭ**

ମାଟ୍ରିକ ପରୀକ୍ଷା ଫେବୃଆରୀ ୨୧ ତାରିଖରୁ ଆରମ୍ଭ ହୋଇ ମାର୍ଚ୍ଚ ୬ ତାରିଖ ପର୍ଯ୍ୟନ୍ତ ଚାଲିବ। ମାଲକାନଗିରି ଜିଲାର ମୋଟ ୪୩ କେନ୍ଦ୍ରରେ ପରୀକ୍ଷା ହେବ। ୮୨୨୩ ଛାତ୍ରୀଛାତ୍ର ପରୀକ୍ଷା ଦେବେ ବୋଲି ଜିଲା ଶିକ୍ଷା ବିଭାଗ ବିଜ୍ଞାନ ସୁପରଭାଇଜର ଶରତ କୁମାର ରାଉତ ସୂଚନା ଦେଇଛନ୍ତ। କୋରୁକୋଣ୍ଡା ବ୍ଲକରେ ୬ କେନ୍ଦ୍ରରେ ପରୀକ୍ଷା ହେବ। ଜିଲା ଶିକ୍ଷା ବିଭାଗ ପକ୍ଷରୁ ମିଳିଥିବା ସୂଚନା ମୁତାବକ ବାଲିମେଳା ସରକାରୀ ଉଚ୍ଚ ବିଦ୍ୟାଳୟରେ ୨୩୩ ଛାତ୍ରୀଛାତ୍ର ପରୀକ୍ଷା ଦେବେ। ସେହିପରି ବାଲିମେଳା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ୧୫୩, ବାଲିମେଳା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ୧୫୫, କୋରୁକୋଣ୍ଡା ସ୍ୱାମୀ ଶିବାନନ୍ଦ ସରକାରୀ ଉଚ୍ଚ ବିଦ୍ୟାଳୟରେ ୧୭୧, ତାର୍ଲାକୋଟା ହାଇସ୍କୁଲରେ ୨୭୯ ଏବଂ ପିଟାଗାଟାଠାରେ ଥିବା ନେତାଜୀ ଉଚ୍ଚ ବିଦ୍ୟାଳୟରେ ୧୦୫ ଛାତ୍ରୀଛାତ୍ର ପରୀକ୍ଷା ଦେବାକୁ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ସ୍ଥିର କରାଯାଇଛି। ଉପରୋକ୍ତ ୬ କେନ୍ଦ୍ରରେ ମୋଟ ୧୦୯୬ ପରୀକ୍ଷର୍ଥୀ ମାଟ୍ରିକ ପରୀକ୍ଷା ଦେବେ। ସମସ୍ତ ପରୀକ୍ଷାର୍ଥୀ ସକାଳ ୮ ଟା ସୁଦ୍ଧା ନିଜ ନିଜ କେନ୍ଦ୍ରରେ ପହଞ୍ଚିବେ। ପରୀକ୍ଷା କେନ୍ଦ୍ରଗୁଡ଼ିକରେ କଡ଼ା ନଜର ରଖିବା ପାଇଁ ସିସିଟିଭି ଲଗାଯାଇଛ। ପରୀକ୍ଷା ପୂର୍ବାହ୍ନ ୯ ଟାରୁ ୧୧.୩୦ ପର୍ଯ୍ୟନ୍ତ ହେବ। କେବଳ ଗଣିତ ପରୀକ୍ଷା ପୂର୍ବାହ୍ନ ୯ ଟାଠାରୁ ୧୧ ଟା ୪୫ ମିନିଟ ପର୍ଯ୍ୟନ୍ତ ହେବ। ପରୀକ୍ଷାକୁ ସୁଚାରୁରୂପେ ପରିଚାଳନା କରିବା ସହ କପି ରୋକିବା ପାଇଁ ଜିଲା ଶିକ୍ଷାଧିକାରୀଙ୍କ ନେତୃତ୍ୱରେ ଏକ ଟିମ୍ ଏବଂ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ଗୋଟିଏ ଟିମ୍ ଏପରି ଦୁଇଟି ସ୍ୱତନ୍ତ୍ର ସ୍କ୍ୱାର୍ଡ ଗଠନ କରାଯାଇଛି ବୋଲି ଜିଲା ବିଜ୍ଞାନ ସୁପରଭାଇଜର ରାଉତ ସୂଚନା ଦେଇଛନ୍ତି।

# ବିସ୍ଫୋରକ ସହ ଜଣେ ମାଓବାଦୀ ଗିରଫ



ଗିରଫ ମାଓବାଦୀ ଓ ଜବତ ସାମଗ୍ରୀ ।

ମାଲକାନଗିରି, ୨୦।୨(ଦୁର୍ଯ୍ୟୋଧନ ପାତ୍ର)

ଛତିଶଗଡ ସୁକ୍ମା ଜିଲା ପୋଲିସ ବିସ୍ଫୋରକ ସାମଗ୍ରୀ ସହ ଜଣେ ମାଓବାଦୀଙ୍କୁ ଗିରଫ କରିଛି। ସେ ହେଲେ ମୁଚାକି ଦେବା । ମାଓବାଦୀଙ୍କ ଉପସ୍ଥିତି ଖବର ପାଇ କୋଣ୍ଟା ପୋଲିସ ଓ ମୁରଲିଗୁଡା କ୍ୟାମ୍ପ ସିଆରପିଏଫ ଯବାନମାନେ ବେଲପୋଛା ଗ୍ରାମ ଅଭିମୁଖେ ସର୍ଚ୍ଚ ପାଇଁ ବାହାରିଥିଲେ। ଏହି ସମୟରେ ବେଲପୋଛା ଗ୍ରାମ ନିକଟରେ ଜଣେ ଯୁବକଙ୍କୁ ସନ୍ଦେହରେ ଗିରଫ କରିଥିଲେ। ପରେ ପଚରାଉଚୁରା କରିବାରୁ ଯୁବକ ଜଣକ ମୁଚାକି ଦେବା ବୋଲି ଜଣାପଡିଛି। ସେ ମାଓବାଦୀ ସଂଗଠନର ମେହେଟା ଆରପିସିରେ ମିଲିସିଆ ସଦସ୍ୟ ଭାବେ କାର୍ଯ୍ୟ କରୁଥିଲେ। ତାଙ୍କ ନିକଟରୁ ୪ ଜିଲଟିନ ରଡ୍, ୪ ଡିଟୋନେଟର, ୧.୫ ମିଟର କଡେକ୍ସ ତାର ଓ ମାଓବାଦୀ ପୁସ୍ତିକା ଜବତ କରାଯାଇଛି। ଏହି ବିସ୍ଫୋଟକ ସାମଗ୍ରୀଗୁଡ଼ିକ ଯବାନମାନଙ୍କୁ ଟାର୍ଗେଟ କରି ଖଞ୍ଜିବାକୁ ନେଉଥିବା ସେ ସ୍ୱୀକାର କରିଥିଲେ। ଗୁରୁବାର ତାଙ୍କୁ କୋର୍ଟ ଚାଲାଣ କରାଯାଇଥିବା ସୁକ୍ମା ପୋଲିସ ସୂତ୍ରରୁ ପ୍ରକାଶ ।

# ମହୁପଦର ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ



ଜଣେ ଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରୁଛନ୍ତି ।

ମାଥିଲି, ୨୦।୨(ସୁବାଷ ଚନ୍ଦ୍ର ଖୁଡୁପିଆ)

ମାଥିଲି ବ୍ଲକ ମହୁପଦର ଆଶ୍ରମ ବିଦ୍ୟାଳୟର ୧୦ମ ବାର୍ଷିକ ଉତ୍ସବ ଗୁରୁବାର ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଶିବଶଙ୍କର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ବ୍ଲକର ପୂର୍ବତନ ଅଧ୍ୟକ୍ଷ ଶ୍ରୁତିରଞ୍ଜନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଏମ. ଡି. ଆକବାର ମୁଖ୍ୟ ବକ୍ତା, ସମ୍ମାନନୀୟ ଅତିଥି ଭାବେ କୁଶ ତାତି, ଶିବଶଙ୍କର ଦୂରୁଆ, ସିଆରସିସି ଧୋନୁ ଅଡ଼ି ଓ ଶିକ୍ଷକ ଜୟରାମ ନାୟକ ଯୋଗଦେଇ ବିଦ୍ୟାଳୟର ଉତ୍ତମ ପରିଚାଳନା ଶିକ୍ଷାଦାନକୁ ପ୍ରଶଂସା କରିଥିଲେ। ଅଧ୍ୟୟନ କରୁଥିବା ଛାତ୍ରୀଛାତ୍ର ଭିବିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ପ୍ରଧାନ ଶିକ୍ଷକ ଦଳ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ସହକରୀ ଶିକ୍ଷକ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ପରିବା ଦୋକାନରେ ଅଗ୍ନିକାଣ୍ଡ

ଜୟପୁର,୨୦।୨(ପବନ ପାଣିଗ୍ରାହୀ)

ଜୟପୁର ଖ୍ରୀଷ୍ଟିଆନ ପେଟା ଛକରେ ଥିବା ପରିବା ଦୋକାନରେ ଗୁରୁବାର ଅଗ୍ନିକାଣ୍ଡ ହୋଇଛି। ଜୟପୁର ଦମକଳବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ନିକଟରେ ଟ୍ରାନ୍ସଫର୍ମର ଥିବା ବେଳେ କୌଣସି କ୍ଷତି ହୋଇ ନଥିବା ଜଣାପଡ଼ିଛି। ଜୟପୁର ଆସିଷ୍ଟାଣ୍ଡ ଫାୟର ଅଫିସର ସୁରେଶ ବାରିକଙ୍କ ନେତୃତ୍ୱରେ ଦମକଳ ଟିମ୍ ଉପସ୍ଥିତ ଥିଲେ। ଶର୍ଟ ସର୍କିଟରୁ ଘଟଣା ଘଟିଥିବା ସୂଚନା ମିଳିଛି।

# ଓଡ଼ିଶା ଜଙ୍ଗଲରେ ଛତିଶଗଡ଼ ଶମ୍ବର

ଝରିଗାଁ,୨୦।୨(କିଶୋର ଚନ୍ଦ୍ର ମଣ୍ଡଳ)

**ବାଟବଣା ହୋଇ ପଶି ଆସିଥିବା ଅନୁମାନ**

ବାଟବଣା ହୋଇ ପଡୋଶୀ ଛତିଶଗଡ଼ରୁ ଏକ ଶମ୍ବର ନବରଙ୍ଗପୁର ଜିଲା ଝରିଗାଁ ବ୍ଲକକୁ ଚାଲିଆସିଛି। ପ୍ରାୟ ୧୨ ଘଣ୍ଟା ପରେ ଝରିଗାଁ ବନ ବିଭାଗ କର୍ମଚାରୀ ସମ୍ବରକୁ ଜଙ୍ଗଲ ଅଭିମୁଖେ ତଡ଼ିବାରେ ସକ୍ଷମ ହୋଇଥିଲେ। ସୂଚନାନୁଯାୟୀ, ଗୁରୁବାର ଭୋରରୁ କେତେଜଣ ଲୋକ ଝରିଗାଁ ନିକଟସ୍ଥ ବୁଟିସର୍ଗି ଜଙ୍ଗଲରେ ସମ୍ବର ଦେଖି ଝରିଗାଁ ରେଞ୍ଜର ଗୋବିନ୍ଦ ନାୟକଙ୍କୁ ଖବର ଦେଇଥିଲେ। ଝରିଗାଁ ବନ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ସମ୍ବରର ଗତିବିଧି ଉପରେ ତୀକ୍ଷ୍ଣ ନଜର ରଖିଥିଲେ। ସମ୍ବର ବୁଟିସର୍ଗି ଜଙ୍ଗଲରୁ ବାଞ୍ଜିଆମ୍ବା ଗ୍ରାମ ନିକଟରେ ଜମି ମଧ୍ୟରେ ରହିଥିବା ଏକ ପୁରଣା ପୋଖରୀରେ ଥିବା ଘଞ୍ଚ ଅମରି ବୁଦାରେ ଯାଇ ଲୁଚି ଯାଇଥିଲା। ସକାଳୁ ୬ରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ବନ କର୍ମଚାରୀ ସମ୍ବରକୁ ଜଗି ରହିଥିଲେ। ଘଟଣାସ୍ଥଳରେ ଲୋକଙ୍କ ଭିଡ଼ ଯୋଗୁ ସୁରକ୍ଷା ଦୃଷ୍ଟିରୁ ସନ୍ଧ୍ୟା ସମୟରେ ସମ୍ବରକୁ କାବୁ କରିବା ପାଇଁ ବନ ବିଭାଗ କର୍ମଚାରୀ ଉଦ୍ୟମ କରିଥିଲେ। କିନ୍ତୁ ସମ୍ବର ପୋଖରୀ ଭିତରୁ ବାହାରି ଗୁରୁସିଙ୍ଗା ଜଙ୍ଗଲ ଭିତରକୁ ସୁରକ୍ଷିତ ଭାବେ ପ୍ରବେଶ କରିଥିଲା। ଗୁରୁସିଙ୍ଗା ଜଙ୍ଗଲ ଦେଇ ସମ୍ବର ରାଇଘର ଜଙ୍ଗଲ ଦେଇ ଛତିଶଗଡ଼ ଜଙ୍ଗଲରେ ପ୍ରବେଶ କରିପାରେ ବୋଲି ଝରିଗାଁ ବନ ବିଭାଗ ଅନୁମାନ କରୁଛି। ଛତିଶଗଡ଼ ରାଜ୍ୟରୁ ଆସିଥିବା ଉକ୍ତ ସମ୍ବରଟିର ବୟସ ଆଠ ହେବ ବୋଲି ଅନୁମାନ କରାଯାଉଛି । ଫରେଷ୍ଟର ଗୁପ୍ତ ପ୍ରସାଦ ମହାନ୍ତି, ଟି.କେ.ପରିଚ୍ଛା, ରାଜୁ ମଣ୍ଡଳ, ପାରା ଷ୍ଟାଫ୍ ପ୍ରମୁଖ ଉପସ୍ଥିତ ଥିଲେ।



# ସମନ୍ୱିତ ମହିଳା ଓ ଶିଶୁ ବିକାଶ ଯୋଜନାରେ ଅବ୍ୟବସ୍ଥା

କୋରୁକୋଣ୍ଡା,୨୦।୨(ଶିବଦତ୍ତ ସାହୁ)

- **ଅନ୍ଧାରରେ ପ୍ରାଥମିକ ଶିକ୍ଷାର ଅନ୍ତୁଡ଼ିଶାଳ**
- **୨୬ କେନ୍ଦ୍ରର ନାହିଁ ନିଜସ୍ୱ ଘର**
- **ଖାଲି ପଡ଼ିଛି ୩ ସୁପରଭାଇଜର, ୧୪ ସହାୟିକା ଓ ଅଙ୍ଗନୱାଡି କର୍ମୀ ପଦବୀ**



ଜରାଜୀର୍ଣ୍ଣ ଅବସ୍ଥାରେ ଥିବା ଅଙ୍ଗନୱାଡି କେନ୍ଦ୍ର ।

କୋରୁକୋଣ୍ଡା ବ୍ଲକ୍‌ରେ ସମନ୍ୱିତ ମହିଳା ଓ ଶିଶୁ ବିକାଶ ଯୋଜନା ଫେଲ୍ ମାରିଛି। ବହୁ ଅଙ୍ଗନୱାଡି କେନ୍ଦ୍ରର ନିଜସ୍ୱ ଗୃହ ନାହିଁ, ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି ଅନେକ କେନ୍ଦ୍ର। କୋରୁକୋଣ୍ଡା ବ୍ଲକ୍‌ରେ ଗତ ୮।୩।୯୨ରେ ସ୍ଥାପନ କରାଯାଇଥିଲା ସିଡିପିଓଙ୍କ କାର୍ଯ୍ୟାଳୟ । ଏହା ଅଧୀନରେ ମା’ ଓ ଶିଶୁଙ୍କ ସୁରକ୍ଷା ପାଇଁ ସରକାରଙ୍କ ପକ୍ଷରୁ ବ୍ଲକ୍‌ର ବିଭିନ୍ନ ଅଞ୍ଚଳରେ ଅଙ୍ଗନୱାଡି କେନ୍ଦ୍ର ଖୋଲାଯାଇଛି। କିନ୍ତୁ କୋରୁକୋଣ୍ଡା ବ୍ଲକ୍‌ରେ ବିଭାଗର ଯୋଜନା ଏକ ପ୍ରକାର ଫେଲ୍ ମାରିଛି । ଫଳରେ ଅନ୍ଧାରରେ ପ୍ରାଥମିକ ଶିକ୍ଷାର ଅନ୍ତୁଡିଶାଳ ରହିଛି।

କୋରୁକୋଣ୍ଡା ବ୍ଲକ୍‌ରେ ଥିବା ୧୭୭ ଅଙ୍ଗନୱାଡି କେନ୍ଦ୍ର ମଧ୍ୟରୁ ୨୦ଟିର ନିଜସ୍ୱ ଘର ନ ଥିବାରୁ ଅଧିକାଂଶ କେନ୍ଦ୍ର କାହା ପିଣ୍ଡାରେ, ଗଛ ମୂଳେ ଏବଂ ଖୋଲା ଆକାଶ ତଳେ ଚାଲିଛି । ଦୀର୍ଘ ବର୍ଷ ଧରି ୧୪ କେନ୍ଦ୍ରରେ ଖାଲିପଡ଼ିଛି ସହାୟିକା ଓ ଗୋଟିଏ କର୍ମୀ ପଦବୀ। ଦୀର୍ଘ ୧ ବର୍ଷରୁ ଊର୍ଦ୍ଧ୍ୱ ହେବ ଏହି ବିଭାଗ ଅଧୀନରେ ଥିବା ୬ ସୁପରଭାଇଜର ପଦବୀ ମଧ୍ୟରୁ ୩ ପଦବୀ ଖାଲି ପଡ଼ିଛି। ଫଳରେ ଚିତାପାରି ସେକ୍ଟର ସୁପରଭାଇଜର ଦାୟିତ୍ୱରେ ଥିବା ସଂଯୁକ୍ତା ନାୟକ, ନାକାମାମୁଡି ସେକ୍ଟରର ଅତିରିକ୍ତ ଦାୟିତ୍ୱ ତୁଲାଉଛନ୍ତି। ସେହିପରି ସୁପରଭାଇଜର ରଜନୀ ବେହେରାଙ୍କୁ ତାର୍ଲାକୋଟା ଓ କୋରୁକୋଣ୍ଡା ସେକ୍ଟର ଏବଂ ସୁପରଭାଇଜର ବସନ୍ତୀ ଦେଈଙ୍କୁ କାମୱାଡା ଓ ତୁମସାପାଲ୍ଲୀ ଦୁଇ ଦୁଇଟି ସେକ୍ଟରର ଦାୟିତ୍ୱ ମିଳିଛି। କୋରୁକୋଣ୍ଡା ସିଡିପିଓଙ୍କ କାର୍ଯ୍ୟାଳୟ ଅଧୀନରେ ଥିବା ୧୭୭ ଅଙ୍ଗନୱାଡି କେନ୍ଦ୍ର ମଧ୍ୟରୁ ୨୪କେନ୍ଦ୍ରର ସୁରକ୍ଷା ପାଚେରି ଥିବା ବେଳେ ୧୫୩ ଟିର ସୁରକ୍ଷା ପାଚେରି ନାହିଁ। ସେହିପରି ୮୯ କେନ୍ଦ୍ରରେ ବିଦ୍ୟୁତ୍ ସଂଯୋଗ ହୋଇଥିବା ବେଳେ ଆଉ ୮୮ କେନ୍ଦ୍ରରେ ସଂଯୋଗ କରାଯାଇ ନାହିଁ। ସେହିପରି ୧୦୨ କେନ୍ଦ୍ରରେ ନଳକୂପ ଥିବା ବେଳେ ଅବଶିଷ୍ଟ ୭୫କେନ୍ଦ୍ରରେ ନାହିଁ। ଖାଲି ଏତିକି ନୁହେଁ,ଏବେ ବି ଥିବା ଅଙ୍ଗନୱାଡି କେନ୍ଦ୍ରଗୁଡ଼ିକ ମଧ୍ୟରୁ ଅଧିକାଂଶ ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବରୁ ଭଗ୍ନ ଓ ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି। ବିଭିନ୍ନ ସେକ୍ଟର ଅଧୀନରେ ଥିବା କେନ୍ଦ୍ରଗୁଡ଼ିକୁ ପରିଦର୍ଶନ କରିବା ନିମନ୍ତେ ସରକାରଙ୍କ ତରଫରୁ ଏକ ଗାଡ଼ି(ଓଆର୍-୧୦ -୨୩୪୩) ଯୋଗାଇ ଦିଆଯାଇଥିଲା। କାଳକ୍ରମେ ଏହି ଗାଡ଼ିଟି ଅଚଳ ହୋଇଯାଇଥିଲା। କାର୍ଯ୍ୟାଳୟ ପରିସରରେ ଉକ୍ତ ଗାଡ଼ିଟି ଦୀର୍ଘ ଦିନ ଧରି ପଡ଼ି ରହିବା ପରେ ବିଭାଗ ପକ୍ଷରୁ ୧୬।୧୧।୨୨ରେ ଅକ୍ସନ କରି ପ୍ରାୟ ୫୦୦୦ ଟଙ୍କାରେ ବିକ୍ରି କରାଯାଇଛି।

ଅଚଳ ହେବା ଦିନଠାରୁ ଭଡ଼ାରେ ଗାଡ଼ି ବ୍ୟବହାର ହେଉଛି। କାମୱାଡ଼ା ସେକ୍ଟର ଅଧୀନରେ ଥିବା କାମୱାଡ଼ା-ଏ, ସୋର୍ଲୁକୋଣ୍ଡା-ଏ, କୋରୁକୋଣ୍ଡା ସେକ୍ଟର୍ ଅଧୀନରେ ଥିବା ଦୁରୁମାଗୁଡା କେନ୍ଦ୍ରଗୁଡ଼ିକର ନିଜସ୍ୱ ଗୃହ ନାହିଁ। ତାର୍ଲାକୋଟା ସେକ୍ଟର ଅଧୀନରେ ଥିବା ରଙ୍ଗେଇପୁସପାଲୀ କେନ୍ଦ୍ରର ଗୃହ ନିର୍ମାଣ କାର୍ଯ୍ୟ ଜାରି ରହିଥିବା ବେଳେ ନାକାମାମୁଡ଼ି ସେକ୍ଟର ଅଧୀନରେ ଥିବା ବାଡଖିଆଗୁଡା, ବାକୁଲି,ବାମ୍ପିଂ, ବାଟଗୁଡ଼ା ମିନି ଅଙ୍ଗନୱାଡି କେନ୍ଦ୍ର, ଦାମଦର ବେଡା, ଗନ୍ଧି ମିନି ଅଙ୍ଗନୱାଡି କେନ୍ଦ୍ର, ଗାଙ୍ଗପଡା, ଜିଣିଂବେଡ଼ା, କାର୍କାଗୁଡା, ଖଜୁରିଗୁଡ଼ା, କନୀଙ୍ଗି, ମୁଦୁଲିଗୁଡ଼ା ଓ ରାବା ଏପରି ମୋଟ୍ ୨୦ କେନ୍ଦ୍ରର ନିଜସ୍ୱ ଗୃହ ନ ଥିବା ଜଣାପଡ଼ିଛି।

ସୂଚନା ମୁତାବକ, ୧୭୭ ଅଙ୍ଗନୱାଡି କେନ୍ଦ୍ର ଅଧୀନରେ ୧୨,୬୪୩ ପିଲା ଥିବା ଜଣାପଡିଛି। ସେମାନଙ୍କ ମଧ୍ୟରୁ ୦-୬ ମାସ ବୟସର ୫୦୦ ଶିଶୁ, ୬ମାସରୁ -୩ ବର୍ଷ ବୟସର ୩୭୪୫ ଶିଶୁ ଏବଂ ୩ବର୍ଷ ରୁ ୬ବର୍ଷ ବୟସ ମଧ୍ୟରେ ପ୍ରାୟ ୫୧୮୧ ଶିଶୁ ପ୍ରାକ୍ ଶିକ୍ଷା ଗ୍ରହଣ କରୁଥିବା ଜଣାପଡ଼ିଛି। ସେହିପରି ଉପରୋକ୍ତ ୧୭୭ କେନ୍ଦ୍ର ଅଧୀନରେ ୧୯୫୭ କିଶୋରୀ ବାଳିକା, ୫୦୦ ପ୍ରସୂତି ଓ ୭୬୦ ଜଣ ଗର୍ଭବତୀ ଏହି ବିଭାଗରେ ସେମାନଙ୍କର ନାମ ପଞ୍ଜୀକୃତ କରିଛନ୍ତି। ସେମାନଙ୍କୁ ପୁଷ୍ଟିକର ଖାଦ୍ୟ ସହ ସମସ୍ତ ପ୍ରକାର ସୁବିଧା ଯୋଗାଇ ଦିଆଯାଉଛି। କୋରୁକୋଣ୍ଡା ବ୍ଲକ୍‌ରେ ପ୍ରାୟ ୧୭ ସିଡିପିଓ ବଦଳିଛନ୍ତି। ପ୍ରାଥମିକ ଶିକ୍ଷାର ଉନ୍ନତି ପାଇଁ ବର୍ଷ ବର୍ଷ ଧରି ଯୋଜନା ହେଉଛି, କିନ୍ତୁ ସେଗୁଡିକ ଅଟକି ରହିଛି କେତେଜଣ ଅଧିକାରୀଙ୍କ ନାଲିଫିତା ତଳେ ବୋଲି ଅଞ୍ଚଳବାସୀ ଓ ବୁଦ୍ଧିଜୀବୀ ମତବ୍ୟକ୍ତ କରିଛନ୍ତି।

ଏ ସମ୍ପର୍କରେ କୋରୁକୋଣ୍ଡା ଭାରପ୍ରାପ୍ତ ସିଡିପିଓ ରଜନୀ ବେହେରାଙ୍କୁ ପଚାରି ବାରୁ କେନ୍ଦ୍ରଗୁଡ଼ିକରେ ଲାଗି ରହିଥିବା ବିଭିନ୍ନ ସମସ୍ୟାର ସମାଧାନ ନିମନ୍ତେ ବିଭାଗ ପକ୍ଷରୁ ପୂର୍ବରୁ ବହୁବାର ବ୍ଲକ୍ କର୍ତ୍ତୃପକ୍ଷ, ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଓ ଜିଲା ପ୍ରଶାସନକୁ କାର୍ଯ୍ୟାଳୟ ପକ୍ଷରୁ ବହୁବାର ଚିଠି କରାଯିବା ସହ ଏ ସମ୍ପର୍କରେ ଅବଗତ କରାଯାଇଛି ବୋଲି କହିଥିଲେ।

# ଗୁଲୁମି ପର୍ଯ୍ୟଟନସ୍ଥଳୀ ରକ୍ଷା କରିବା ଦାବି

ଜୟପୁର,୨୦।୨(ପବନ ପାଣିଗ୍ରାହୀ)



ଖବରଦାତା ସମ୍ମିଳନୀରେ ଉପସ୍ଥିତ ନାଗରିକ କମିଟିର ସଦସ୍ୟମାନେ।

## ନାଗରିକ କମିଟିର ଖବରଦାତା ସମ୍ମିଳନୀ

କୋରାପୁଟ ଜିଲା କୋଟପାଡ ବ୍ଲକ୍ ଗୁଲୁମି ପର୍ଯ୍ୟଟନସ୍ଥଳିକୁ ରକ୍ଷା କରିବା ନେଇ ଜୟପୁର ନାଗରିକ କମିଟି ସ୍ଥାନୀୟ ଏକ ହୋଟେଲରେ ଖବରଦାତା ସମ୍ମିଳନୀ କରି ଦାବି କରିଛି। ଏଥିରେ ନାଗରିକ କମିଟି ସଭାପତି ମୀନକେତନ ଦାସ, ବୁଦ୍ଧିଜୀବି ସୁରେଶ ଦାସ, ସାମାଜିକ କର୍ମୀ ବସନ୍ତ ପାତ୍ର ଉପସ୍ଥିତ ଥିଲେ। ସଭାପତି ଅଭିଯୋଗ କରିଛନ୍ତି ଯେ ଓଡିଶାର ଜଳ, ଜମି, ଜଙ୍ଗଲକୁ ବ୍ୟବହାର କରି ଆନ୍ଧ୍ର ଘରୋଇ କମ୍ପାନୀ ବିଦ୍ୟୁତ ଉତ୍ପାଦନ କରୁଥିବା ସଭାପତି ଦାସ ଅଭିଯୋଗ କରିଛନ୍ତି। ଜଙ୍ଗଲ ପରିବେଶ ଅନୁମତିକୁ ଜାଲ ଦସ୍ତଖତରେ ହାତେଇ ୪ ବଦଳରେ ୧୨ ମିଟର ଉଚ୍ଚତାର ଡ୍ୟାମ ନିର୍ମାଣ କରୁଛି। ବାରମ୍ବାର ଅଭିଯୋଗ କଲେ ସୁଦ୍ଧା ଜଙ୍ଗଲ ବିଭାଗ, ଜଳ ସେଚନ ବିଭାଗ ଚୁପ ରହୁଥିବା ନାଗରିକ କମିଟି ଅଭିଯୋଗ କରିଛି। କମ୍ପାନୀ ପାହାଡ ଖୋଳିବା ଓ ଜଙ୍ଗଲ କାଟିବା ଆଦି କାର୍ଯ୍ୟ କରୁଛି। ଜଳ ବିଦ୍ୟୁତ ପ୍ରକଳ୍ପ ସ୍ଥାପନା ହେବ, ବିଦ୍ୟୁତ ଉତ୍ପାଦନ ହେବା ସହ ସ୍ଥାନୀୟ ଯୁବତୀ ଯୁବକ ନିଯୁକ୍ତି ପାଇବା ନେଇ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହେବ। ୨୦୦୨ରୁ ରାଜ୍ୟରେ ବିଜେଡି ସରକାର କ୍ଷମତାକୁ ଆସିବା ପରେ ହାଇଦ୍ରାବାଦର ଏକ ଘରୋଇ କମ୍ପାନୀ ସହ ଚୁକ୍ତି ହୋଇଥଲେ ସୁଦ୍ଧା ଏଯାଏ ଜଳ ବିଦ୍ୟୁତ ପ୍ରକଳ୍ପ ସ୍ଥାପିତ ହୋଇ ନ ଥିବା ଅଭିଯୋଗ ହୋଇଛି। ଡ୍ୟାମ ନିର୍ମାଣ ହେବା ଦ୍ୱାରା ଗୁଲୁମି ଜଳପ୍ରପାତ ସଙ୍କୁଚିତ ହେଉଛି। ମାଟି ଧସୁଥିବାରୁ ପ୍ରକଳ୍ପକୁ ଯିବା ପାଇଁ ରାସ୍ତା ନ ଥିବାରୁ ଅସୁବିଧା ହେଉଛି। ଏ ସସମ୍ୟାକୁ ନେଇ ବାରମ୍ବାର ସ୍ଥାନୀୟ ଓ ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଛି। କିନ୍ତୁ କୌଣସି ପଦକ୍ଷେପ ନିଆଯାଇ ନାହିଁ। ଡୁମାଯୋଡିରେ ଏହି ଜଳ ବିଦ୍ୟୁତ ପ୍ରକଳ୍ପ ପାଇଁ ୨୦୦୨ରେ ୫୦କୋଟି ଟଙ୍କା ବ୍ୟୟରେ ରାଜ୍ୟ ସରକାରଙ୍କ ବିଦ୍ୟୁତ ବିଭାଗ ସହ ଶ୍ରାବଣୀ ଏନର୍ଜୀ ପ୍ରଇବେଟ ଲିମିଟେଡ କମ୍ପାନୀ ଚୁକ୍ତି କରିଥିଲା। ସେଥିରେ ନଦୀ କିମ୍ବା ରିଜର୍ଭର ନ କରି ପ୍ରକଳ୍ପ ନିର୍ମାଣ ହେବ ବୋଲି ଉଲ୍ଲେଖ ରହିଥିଲା। ବାର୍ଷିକ ୫୪.୨୫ ମିଲିୟନ ୟୁନିଟ ବିଦ୍ୟୁତ ଉତ୍ପାଦନ ହେବା ନେଇ କୁହାଯାଇଥିଲା। କିନ୍ତୁ ୨୨ ବର୍ଷ ହେବ ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇନାହିଁ। ରାଜ୍ୟ ସରକାରଙ୍କ ସହ ଚୁକ୍ତିର ଉକ୍ତ କମ୍ପାନୀ ଖିଲାପ କରିଥିବା ଅଭିଯୋଗ ହୋଇଛି। ଏ ନେଇ ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖି ଦୃଷ୍ଟି ଆକର୍ଷଣ କରିଛନ୍ତି।

ଏ ସମ୍ପର୍କରେ ଜୟପୁର ନାଗରକି କମିଟି ଡିଏଫ୍ଓ ପ୍ରତାପ ବେହେରାଙ୍କ ନିକଟରେ ଅଭିଯୋଗ କରିଛି। ୨୧ ତାରିଖରେ ଜଙ୍ଗଲ ଓ ଜଳ ସେଚନ ବିଭାଗକ ଏକ ଟିମ୍ ପ୍ରକଳ୍ପ ସ୍ଥାନ ଅନୁଧାନ କରିବା ପରେ ପଦକ୍ଷେପ ନିଆଯିବ ବୋଲି ଡିଏଫଓ ବେହେରା କହିଛନ୍ତି।

# ୫ ଚୋରି ମାମଲାରେ ୩ ଗିରଫ, ଚୋରି ସାମଗ୍ରୀ ଜବତ

ଜୟପୁର, ୨୦।୨(ପବନ ପାଣିଗ୍ରାହୀ)

ଜୟପୁର ଟାଉନ ପୋଲିସ ୫ ଚୋରି ମାମଲାରେ ୩ ଅଭିଯୁକ୍ତଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ହାଟପଦାର ବିଜୟ ବେନିଆ(୨୩), କାହ୍ନୁ ମୁଦୁଲି(୧୯),ଜି.ସୂର୍ଯ୍ୟ ନାରାୟଣ ପାତ୍ର(୨୬)। ସେମାନଙ୍କଠାରୁ ଏକ କଳା ରଙ୍ଗ ଆଇରନ ବକ୍ସ, କାଗଜ ପତ୍ର, ୫୦ ହଜାର ନଗଦ ଟଙ୍କା, ୨୦ ଫୁଟର ଦଉଡ଼ି, କଲର ପ୍ରିଣ୍ଟର, ଟଙ୍କା ଗଣିବା ମ୍ୟାସିନ, ମୋବାଇଲ, ୯୨ ହଜାର ଟଙ୍କାର ଡେରିମିଲକ ଚକଲେଟ ବ୍ୟାଗ, ୩୧ଟି ସ୍ମାର୍ଟ ୱାଚ, ୨ ମିକ୍ସଚର ବ୍ୟାଗ ଓ ଗୋଟିଏ ହୋମଥିଏଟରକୁ ଜବତ କରାଯାଇଛି। ଏ ନେଇ ଜୟପୁର ଏସଡିପିଓଙ୍କ କାର୍ଯ୍ୟାଳୟରେ ଏକ ଖବରଦାତା ସମ୍ମିଳନୀ କରି କୋରାପୁଟ ଏସ୍‌ପି ରୋହିତ ବର୍ମା ସୂଚନା ଦେଇଥିଲେ। ସେମାନଙ୍କ ମଧ୍ୟରେ ଜଣେ ନାବାଳକ ଥିବା ସୂଚନା ରହିଛି। ୨୦୨୫ ଫେବୃଆରୀ ୧୭ରେ ହଟପଦାରେ ଥିବା କମୋଲ ଇଣ୍ଟରପ୍ରାଇଜେସର ମାଲିକ ଟ୍ରାକ୍ଟର ଶୋ ରୁମରୁ ଚୋରି ହୋଇଥିବା ଅଭିଯୋଗ କରିଥିଲେ। ଏ ନେଇ ପୋଲିସ ଅଭିଯୁକ୍ତ ରିଙ୍କୁ ବେନିଆଙ୍କୁ ପଚରାଉଚରା କରିଥିଲା। ସେହିପରି ହାଟପଦାସ୍ଥିତ ଷ୍ଟୋନ ୱାରଲ୍ଡ ମାର୍ବଲ ଶୋରୁମରୁ ଚୋରି କରି ହୋଇଥିଲା। ଏନ୍‌କେଟି ରୋଡ ସରସ୍ୱତି ଏଜେନ୍ସି ନାମିତ ଏକ ଚକଲେଟ ଶୋ ରୁମରେ ପଶି ୨ଟି ବଡ ବ୍ୟାଗରେ ଥିବା ଚକଲେଟ ଚୋରି କରିଥିଲେ। ଏକ କାଜୁ ମିଲରୁ ୧୦ ହଜାର ଟଙ୍କା ଚୋରି କରିଥିଲେ। ବିଭିନ୍ନ ସ୍ଥାନରୁ ଚୋରି ହୋଇଥିବା ନେଇ ଅଭିଯୋଗ ହୋଇଥିଲା। ଚୋରି ସାମଗ୍ରୀ କ୍ରୟ କରିବା ଅଭିଯୋଗରେ ସୂର୍ଯ୍ୟ ନାରାୟଣଙ୍କୁ ଗିରଫ କରାଯାଇଛି। ୩ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇ ନାବାଳକଙ୍କୁ ଜୁଭେଲାଇନ ଜଷ୍ଟିସ ବୋର୍ଡ ନିକଟରେ ହାଜର କରାଯାଇଛି। ଏସଡିପିଓ ଅଙ୍କିତ କୁମାର ବର୍ମା ଓ ସଦର ଥାନା ଅଧିକାରୀ ଇଶ୍ୱର ତାଣ୍ଡି ପ୍ରମୁଖ ଉପସ୍ଥିତ ଥିଲେ।

# ଅନ୍‌ଲାଇନ ଠକେଇ ମାମଲାରେ ଜଣେ ଗିରଫ



ଗିରଫ ପ୍ରଦୋଶ।

କୋରାପୁଟ,୨୦।୨
(ଅମିତାଭ ବେହେରା)

## ୨ଲକ୍ଷ ଟଙ୍କା, ୭ ଟି କାର୍ଡ ଓ ମୋବାଇଲ ଜବତ

ଶସ୍ତାରେ ବୋଲେରୋ ପିକଅପ ଦେବା କହି ଅନ୍‌ଲାଇନ୍‌ରେ ୬ ଲକ୍ଷ ୩୫ ହଜାର ଟଙ୍କା ଠକେଇ ଘଟଣାରେ ଗୁରୁବାର କୋରାପୁଟ ସାଇବର ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ହେଲେ କଟକ ଜିଲା ବଡମ୍ବା ଅଞ୍ଚଳର ପ୍ରଦୋଶ ପାତ୍ର(୩୫)। ତାଙ୍କଠାରୁ ୨ ଲକ୍ଷ ଟଙ୍କା, ୭ଟି କ୍ରେଡିଟ୍ ଓ ଡେବିଟ କାର୍ଡ ଏବଂ ଗୋଟିଏ ମୋବଇଲ ଜବତ କରିଥିବା ଥାନା ଅଧିକାରୀ ଭବାନୀ ପ୍ରଧାନ ସୂଚନା ଦେଇଛନ୍ତି। ଗତବର୍ଷ କୋରାପୁଟ ସଦର ଥାନା ଅନ୍ତର୍ଗତ କୋଲାବ ନଗର ଅଞ୍ଚଳର ଏସ୍. ଜୟସେନ ଠକେଇ ଶିକାର ହୋଇଥିବା ନେଇ ସାଇବର ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ୧୫/୨୪ରେ ମାମଲା ରୁଜୁ କରାଯାଇ ତଦନ୍ତ ଭାର ଏସ୍ଆଇ କ୍ରୀଷ୍ଟ କୁମାରୀ ପ୍ରଧାନଙ୍କୁ ଦିଆଯାଇଥିଲା। ସୂଚନାଯୋଗ୍ୟ, ଜୟପୁର ଅଞ୍ଚଳର ପ୍ରଦୋଶଙ୍କ ସହ ଜୟସେନଙ୍କ କିଛି ବର୍ଷର ବନ୍ଧୁତା ଥିବା ବେଳେ ବ୍ୟବସାୟିକ ଉଦ୍ଦେଶ୍ୟରେ ବୋଲେରୋ ଅବଶ୍ୟକ ଥିବା ସେ କହିଥିଲେ। ପ୍ରଦୋଶ ଶସ୍ତାରେ ବୋଲେରୋ ପିକଅପ ଦେବା କହି ଜୟସେନଙ୍କଠାରୁ ଅନ୍‌ଲାଇନରେ ୨ ଲକ୍ଷ ୫୦ ହଜାର, ପରେ ୩ ଲକ୍ଷ ୮୦ ହଜାର ଟଙ୍କା ଏବଂ ୨୦୨୪ ସେପ୍ଟେମ୍ବର ୧୧ରେ କାଗଜପତ୍ର ବାବଦକୁ ୫ ହଜାର ଟଙ୍କା ନେଇଥିଲେ। ୩ ପର୍ଯ୍ୟାୟରେ ମୋଟ ୬ ଲକ୍ଷ ୩୫ ହଜାର ଜୟସେନ ଦେଇଥିଲେ। ୩ ଦିନରେ ଗାଡି ଘରେ ପହଞ୍ଚିବ ବୋଲି ପ୍ରଦୋଶ ତାଙ୍କୁ କହିଥିବା ଜୟସେନ ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି। କିନ୍ତୁ ୩ ଦିନ ପରେ ସେ ପ୍ରଦୋଶଙ୍କୁ ଫୋନ କରିଥିଲେ ସୁଦ୍ଧା ସେ ଗ୍ରହଣ କରି ନ ଥିଲେ। ବାରମ୍ବାର ଫୋନ କରି ହତାଶ ହେବା ପରେ ଜୟସେନ ଅଭିଯୋଗ କରିଥିଲେ। କୋରାପୁଟ ସାଇବର ପୋଲିସ କଟକ ଜଗତପୁର ଅଞ୍ଚଳରୁ ପ୍ରଦୋଶଙ୍କୁ ଗିରଫ କରିଥିଲା।

# ଶିକ୍ଷାଧିକାରୀଙ୍କ ନିର୍ଦ୍ଦେଶକୁ ବ୍ଲକ୍ ଶିକ୍ଷା ବିଭାଗର ଅବହେଳା

ପଟ୍ଟାଙ୍ଗି,୨୦।୨(ଶରତ କୁମାର ଧଳ)

## ହଷ୍ଟେଲ ଖାଦ୍ୟ ସାମଗ୍ରୀକୁ ଶିକ୍ଷକଙ୍କ ବାଟମାରଣା ଘଟଣା

କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ୍ ସଦର ମହକୁମାରେ ଥିବା ସରକାରୀ ଉଚ୍ଚ ବିଦ୍ୟାଳୟର ୪୦ ଶଯ୍ୟା ବିଶିଷ୍ଟ ହଷ୍ଟେଲର ଖାଦ୍ୟ ସାମଗ୍ରୀକୁ ଶିକ୍ଷକ ବାଟମାରଣା ଘଟଣାକୁ ଗୁରୁତର ସହ ନେଇ ଜିଲା ଶିକ୍ଷାଧିକାରୀ ପ୍ରଶାନ୍ତ କୁମାର ମହାନ୍ତି ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହାକୁ ବ୍ଲକ୍ ଶିକ୍ଷା ବିଭାଗ ଅବହେଳା କରୁଥିବା ଅଭିଯୋଗ ହୋଇଛି। ଶିକ୍ଷକଙ୍କ କାର୍ଯ୍ୟକଳାପକୁ ନେଇ ବ୍ଲକ ଶିକ୍ଷା ବିଭାଗ କରୁଥିବା କୋହଳ ମନୋଭାବକୁ ନେଇ ପ୍ରଶ୍ନ ଉଠିଛି। ବିଦ୍ୟାଳୟର ହଷ୍ଟେଲରେ ରହୁଥିବା ପ୍ରଥମରୁ ପଞ୍ଚମ ଶ୍ରେଣୀର ଛାତ୍ରଙ୍କୁ ଦୁଇ ଓଳି ବଦଳରେ ଓଳିଏର ଖାଦ୍ୟ ଦେଇ ବଳକା ସାମଗ୍ରୀକୁ ଶିକ୍ଷକ ବାଟମାରଣା କରୁଥିବା ନେଇ ଧରିତ୍ରୀରେ ଖବର ପ୍ରକାଶ ପାଇଥିଲା। ଏହା ପରେ ଜିଲା ଶିକ୍ଷାଧିକାରୀ ମହାନ୍ତି ଗମ୍ଭୀରତା ସହ ଗ୍ରହଣ କରି ବ୍ଲକ୍ ଶିକ୍ଷା ବିଭାଗକୁ ଘଟଣା ସମ୍ପର୍କରେ ତଦନ୍ତ କରି ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ବ୍ଲକ ଶିକ୍ଷା ବିଭାଗ ପକ୍ଷରୁ ଅବହେଳା ହେବା ସହ ଶିକ୍ଷକଙ୍କ କାର୍ଯ୍ୟକଳାପକୁ ଘଣ୍ଟ ଘୋଡାଇବାକୁ ଚେଷ୍ଟା କରାଯାଉଥିବା ଅଭିଯୋଗ ହୋଇଛି। ଶିକ୍ଷକ ଜଣକ ଲେବୁଲ୍-୪ର ହୋଇଥିବା ବେଳେ କୌଣସି ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟ କରିବା ନିୟମ ଥିବା ବେଳେ ଉକ୍ତ ବିଦ୍ୟାଳୟରେ ଦୀର୍ଘ ବର୍ଷ ଧରି କାର୍ଯ୍ୟ କରୁଛନ୍ତି। ସୂଚନାଯୋଗ୍ୟ, ବ୍ଲକ୍ ସଦର ମହକୁମାରେ ରହିଥିବା ଏକ୍ସ ବୋର୍ଡ ପୂର୍ବତନ ବିଦ୍ୟାଳୟ ପ୍ରଥମରୁ ପଞ୍ଚମ ଶ୍ରେଣୀରେ ପରିଚାଳିତ ହୋଇଆସୁଥିଲା। କିନ୍ତୁ ସରକାର ୨୦୧୮-୧୯ରେ ୧ କି.ମି. ମଧ୍ୟରେ ପ୍ରାଥମିକ ଏବଂ ଉଚ୍ଚ ବିଦ୍ୟାଳୟକୁ ମର୍ଜ କରିବା ବ୍ୟବସ୍ଥା ଆଣିଥିଲେ। ସେହି ସମୟରେ ଶିକ୍ଷକ ଜଣକ ଉକ୍ତ ଏକ୍ସ ବୋର୍ଡ଼ ବିଦ୍ୟାଳୟକୁ ପ୍ରଧାନ ଶିକ୍ଷୟିତ୍ରୀ ଭାବେ ବଦଳି ହୋଇ ଆସିଥିଲେ। ଏହାପରେ ଏହି ସ୍କୁଲ ଉଚ୍ଚ ବିଦ୍ୟାଳୟ ସହ ମର୍ଜ ହୋଇ ଯାଇଥିଲା। ଶିକ୍ଷକ ଜଣକ ମାଟ୍ରିକ୍ ସିଟି ଲେବୁଲ୍-୪ର ହୋଇଥିବା ବେଳେ ଉକ୍ତ ଉଚ୍ଚ ବିଦ୍ୟାଳୟରୁ ଅନ୍ୟ ସ୍କୁଲକୁ ବଦଳି ହୋଇ ଯାଉ ନ ଥିବା ନେଇ ପ୍ରଶ୍ନ ଉଠୁଛି। ବ୍ଲକ୍ ଶିକ୍ଷା ବିଭାଗ କିପରି ସରକାରଙ୍କ ନିୟମକୁ କାର୍ଯ୍ୟକାରୀ ନ କରି ଦୀର୍ଘ ବର୍ଷ ହେଲା ଶିକ୍ଷକଙ୍କୁ ବଦଳି କରିବା ବ୍ୟବସ୍ଥା କରୁ ନାହାନ୍ତି ସେ ନେଇ ପ୍ରଶ୍ନ ଉଠିଛି।

ଏ ସମ୍ପର୍କରେ ଜିଲା ଶିକ୍ଷାଧିକାରୀ ମହାନ୍ତିଙ୍କୁ ପଚାରିବାରୁ ଏହି ଘଟଣାକୁ ନେଇ ବ୍ଲକ୍ ଶିକ୍ଷା ବିଭାଗ ସହ ଆଲୋଚନା କରି ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯିବ ବୋଲି କହିଛନ୍ତି।

# ବିଜ୍‌ନେସ୍ ମ୍ୟାନେଜମେଣ୍ଟ କ୍ୟାମ୍ପସ ପ୍ଲେସ୍‌ମେଣ୍ଟ କାର୍ଯ୍ୟକ୍ରମ



କାର୍ଯ୍ୟକ୍ରମରେ ଉପସ୍ଥିତ ବିଶ୍ୱବିଦ୍ୟାଳୟ କୁଳପତି, ଅତିଥି ଓ ଛାତ୍ରୀଛାତ୍ର।

କୋରାପୁଟ,୨୦।୨(ଅମିତାଭ ବେହେରା)

ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ସ୍କୁଲ ଅଫ୍ କମର୍ସ ଆଣ୍ଡ ମ୍ୟାନେଜମେଣ୍ଟ ଷ୍ଟଡିଜ୍ ଅଧୀନରେ ବିଜନେସ୍ ମ୍ୟାନେଜମେଣ୍ଟ ବିଭାଗ ସଫଳତାର ସହ ଏକ ପ୍ଲେସମେଣ୍ଟ ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ଏମବିଏ ଛାତ୍ରୀଛାତ୍ରଙ୍କୁ ଦକ୍ଷତା ପ୍ରଦର୍ଶନ ଏବଂ କ୍ୟାରିୟର ସୁଯୋଗ ସୁରକ୍ଷିତ କରିବା ପାଇଁ ଏକ ପ୍ଲାଟଫର୍ମ ପ୍ରଦାନ କରାଯାଇଛି। ୨୦୨୫ ଫେବ୍ରୁଆରୀ ୪ରେ ଏକ ପ୍ରମୁଖ ଷ୍ଟାର୍ଟଅପ୍ କମ୍ପାନୀ ଟ୍ରେଡ୍-ଭିଜର୍ ବିଶ୍ୱବିଦ୍ୟାଳୟ କ୍ୟାମ୍ପସ ପରିଦର୍ଶନ କରିଥିଲା। ସେଥିରେ ଏଚ୍ଆର, ଫାଇନାନ୍ସ, ମାର୍କେଟିଂ ଏବଂ ଲଜିଷ୍ଟିକ୍ସ ଏବଂ ଯୋଗାଣ ଶୃଙ୍ଖଳାରେ ନିଯୁକ୍ତି ସୁଯୋଗ ନେବାକୁ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଏଥିରେ ୧୯ ଛାତ୍ରୀଛାତ୍ର ନାମ ପଞ୍ଜୀକରଣ କରିଥିଲେ। ପ୍ରୋଜେକ୍ଟ ମ୍ୟାନେଜର ଲିପିନା ବାରିକ, ଭି.ହନିଷା, ଏମ୍.ଶ୍ୱାତୀ ପଟ୍ଟନାୟକ ଓ ସୁଦୀପ ମାନ୍ନାଙ୍କୁ କମ୍ପ୍ଲାଏନ୍ସ ଆସିଷ୍ଟାଣ୍ଟ ଭାବେ ନିଯୁକ୍ତି ମିଳିଥିଲା। ୪ ପ୍ରାର୍ଥୀ ସେମାନଙ୍କ ଅଫର ଲେଟର ପାଇଛନ୍ତି। ପଦ୍ମ ଚରଣ ମିଶ୍ର (ବିଭାଗୀୟ ମୁଖ୍ୟ) ଡ. ସୁବାସ ଚନ୍ଦ୍ର ପଟ୍ଟନାୟକ, ଡ. ସୀତାନାଥ ରାୟଗୁରୁ, ଡ. ପଲାଶ ବୈରାଗୀ, ଡ. ଲୁଲିଆ ମୁଣ୍ଡୁ, ଶ୍ରୀନିବାସ ରାଓ କେ, ନୀତିନ କେ ହୋଥାଙ୍କ ଦ୍ୱାରା ଅନୁଷ୍ଠିତ ଏହି ପ୍ଲେସମେଣ୍ଟ ଡ୍ରାଇଭକୁ ଲୋକସମ୍ପର୍କ ଅଧିକାରୀ ଡ. ଫଗୁନାଥ ଭୋଇ ସହଯୋଗ କରିଥିଲେ। ବିଶ୍ୱବିଦ୍ୟାଳୟ କୁଳପତି ଚକ୍ରଧର ତ୍ରିପାଠୀ କ୍ୟାମ୍ପସ ପ୍ଲେସମେଣ୍ଟ ହାସଲ କରିଥିବା ବିଜନେସ୍ ମ୍ୟାନେଜମେଣ୍ଟ ବିଭାଗର ଏମବିଏ ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ଜଣାଇଥିଲେ।

# ଶିକ୍ଷକଙ୍କୁ ଡେପୁଟେଶନରେ ପଠାଉଛନ୍ତି ସିଆର୍‌ସିସି

ସୁନାବେଡ଼ା/ସେମିଳିଗୁଡା, ୨୦।୨
(କୃତ୍ତିବାସ ପ୍ରଧାନ/ବାସୁଦେବ ବରାଡ)

## ସେମିଳିଗୁଡା ବ୍ଲକ୍

କୋରାପୁଟ ଜିଲା ସେମିଳିଗୁଡା ବ୍ଲକ ମିଗ୍ ୪ କ୍ଲଷ୍ଟର ସିଆର୍‌ସିସି ସ୍ନେହଲତା ଦାସ ଶିକ୍ଷକଙ୍କୁ ଡେପୁଟେସନରେ ପଠାଉଛନ୍ତି। ନଂ.୩୨, ୩୩, ୩୪, ୩୫, ୩୬ ଓ ୩୭/୨୦୨୫ ଅନୁଯାୟୀ ଚଳିତ ମାସ ୧୪ ତାରିଖରେ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ଲେଖା ଯାଇଥିବା ଚିଠି ହିଁ ଏହା ପ୍ରମାଣ କରୁଛି। ଉକ୍ତ ଚିଠିରେ ଦୁଇଜଣ ସ୍ଥାୟୀ ଶିକ୍ଷକଙ୍କୁ ସିଆର୍‌ସିସି ଡେପୁଟେସନ୍‌ରେ ପଠାଇଥିବା ଉଲ୍ଲେଖ ରହିଛି। ଯାହାର ଫଟୋ ସାମାଜିକ ଗଣମାଧ୍ୟମରେ ଘୁରି ବୁଲୁଛି।

ପ୍ରକାଶଯେ, ଉକ୍ତ ଚିଠିରେ ମିଗ୍ ୪ କ୍ଲଷ୍ଟରର ସିଆର୍‌ସିସି ସ୍ନେହଲତା ଏକ ଲେଟର ପ୍ୟାଡ୍‌ରେ ଦୁଇ ଶିକ୍ଷକ ମନ୍ଦାକିନୀ ଦାସ ଓ ନଳିନୀ ପ୍ରଭା ରଥଙ୍କୁ ଓଏସ୍‌ଇବି କଲୋନୀ ପ୍ରାଇମେରୀ ଓ ପିଏଚ୍‌ଡି କଲୋନୀ ପ୍ରାଇମେରୀ ସ୍କୁଲକୁ ଡେପୁଟେସନ୍‌ରେ ପଠାଯାଇଥିବା ଉଲ୍ଲେଖ ରହିଛି। ସେହି ଚିଠିର କପି ସମ୍ପୃକ୍ତ ସ୍କୁଲ ପ୍ରଧାନ ଶିକ୍ଷକ ଓ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ପଠାଯାଇଛି। ଶିକ୍ଷକମାନଙ୍କୁ ଡେପୁଟେସନ୍‌ରେ ପଠାଇବାର କ୍ଷମତା କେବଳ ବ୍ଲକ ଶିକ୍ଷା ଅଧିକାରୀ ବା ଜିଲା ଶିକ୍ଷା ଅଧିକାରୀଙ୍କ ଥିବା ବେଳେ ସିଆର୍‌ସିସିଙ୍କୁ ଏ କ୍ଷମତା ଦେଲା କିଏ? ଯାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ସୂଚନାଯୋଗ୍ୟ, ସିଆର୍‌ସିସି ସ୍ନେହଲତାଙ୍କ ବିରୋଧରେ ପୂର୍ବରୁ ବହୁ ଅଭିଯୋଗ ହୋଇ ଆସୁଥିଲା। ଯାହା ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇଥିଲା। ତେବେ ଆଗକୁ ପିଲାଙ୍କ ପରୀକ୍ଷା ଥିବା ବେଳେ ସିଆର୍‌ସିସିଙ୍କ ଏପରି କାର୍ଯ୍ୟକୁ ଅଭିଭାବକ ନାପସନ୍ଦ କରିଛନ୍ତି। ଏହାକୁ ନେଇ ସେମିଳିଗୁଡା ବ୍ଲକ ଶିକ୍ଷା ଅଧିକାରୀ ଚମେଲି ମଜୁମଦାରଙ୍କୁ ପଚାରିବାରୁ ଜରୁରି କ୍ଷେତ୍ରରେ ଗୋଟିଏ କିମ୍ବା ଦୁଇ ଦିନ ପାଇଁ ସିଆରସିସି ଡେପୁଟେସନ କରିପାରିବେ କେବଳ ତାଙ୍କ ନିଜ କ୍ଲଷ୍ଟରରେ। ତା' ଠାରୁ ଅଧିକ ଦିନ ହେଲେ ବିଇଓ କିମ୍ବା ଡ଼ିଇଓ କରିବେ। ତା ଛଡା ସେ ସାଧାରଣ ଶିକ୍ଷକ ନୁହନ୍ତି, ସେ ଜଣେ ସିଆରସିସି ବୋଲି ସେ କହିଛନ୍ତି। ଜିଲା ଶିକ୍ଷା ଅଧିକାରୀ ପ୍ରଶାନ୍ତ କୁମାର ମହାନ୍ତିଙ୍କୁ ପଚାରିବାରୁ ଏମିତି ହୋଇପାରିବ ନାହିଁ। ଶିକ୍ଷକମାନଙ୍କୁ ଡେପୁଟେସନ୍‌ରେ ପଠାଇବାର କ୍ଷମତା କେବଳ ବ୍ଲକ ଶିକ୍ଷା ଅଧିକାରୀ ଓ ଜିଲା ଶିକ୍ଷା ଅଧିକାରୀଙ୍କର ରହିଛି। ଆବଶ୍ୟକସ୍ଥଳେ ସିଆରସିସି ଉପରିସ୍ଥ ଅଧିକାରୀଙ୍କୁ ସୂଚନା ଦେଇପାରିବେ। ଏ ନେଇ ବ୍ଲକ ଶିକ୍ଷା ଅଧିକାରୀଙ୍କ ସହ କଥା ହେବେ ବୋଲି ମହାନ୍ତି କହିଛନ୍ତି। ଅପରପକ୍ଷେ ମିଗ୍ ୪ କ୍ଲଷ୍ଟର ସିଆରସିସି ସ୍ନେହଲତା ଦାସଙ୍କୁ ମୋବାଇଲ ନଂ ୮୯୧୭୨୦୬୯୨୧ କୁ ବାରମ୍ବାର ଫୋନ କରିଥିଲେ ମଧ୍ୟ ସେ ଗ୍ରହଣ କରିବା ପରିବର୍ତ୍ତେ କାଟି ଦେଇଥିଲେ। ଫଳରେ ତାଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ।

# କୋଲାବ ନଦୀରୁ ଯୁବକଙ୍କ ମୃତଦେହ ଜବତ

କୁନ୍ଦୁରା, ୨୦।୨(ସନ୍ତୋଷ ପ୍ରହରାଜ)

କୋରାପୁଟ ଜିଲା କୁନ୍ଦୁରା ବ୍ଲକ୍ ଥାନା ସଦର ପଞ୍ଚାୟତ ଜିରାଗୁଡା କୋଲାବ ନଦୀରୁ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର କରାଯାଇଛି। ମୃତକ ହେଲେ କୁନ୍ଦୁରା ବ୍ଲକ୍ ଡଙ୍ଗରପାଉଁଶି ପଞ୍ଚାୟତ ବେଡାପାଉଁସି ଗ୍ରାମର ସ୍ୱର୍ଗତ ତ୍ରିନାଥ ସାହୁଙ୍କ ପୁଅ ସରୋଜ ସାହୁ(୩୯)। ସୂଚନା ଅନୁଯାୟୀ, ଗୁରୁବାର ସକାଳେ ବେଡାପାଉଁସି ଓ ପଣସଗାଁ ଘାଟରେ ଗାଧୋଇବାକୁ ଯାଇଥିବା ବେଳେ ଅସାବଧାନତାରୁ ସରୋଜଙ୍କ ଗୋଡ଼ ଖସିଯାଇଥିଲା। ସେ ଗଭୀର ପାଣିରେ ବୁଡ଼ିଯାଇଥିଲେ। ଏ ନେଇ କୁନ୍ଦୁରା ଅଗ୍ନିଶମ ବାହିନୀକୁ ସୂଚନା ଦିଆଯାଇଥିଲା। ଅଗ୍ନିଶମ ବାହିନୀ, ଥାନା ଅଧିକାରୀ ଚିତ୍ତରଞ୍ଜନ ପ୍ରଧାନୀ ଓ ଟିମ, ରାଜସ୍ୱ ବିଭାଗ କର୍ମଚାରୀ ଏବଂ ଡଙ୍ଗରପାଉଁଶି ଆର୍ଆଇ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚିଥିଲେ। ୫ ଘଣ୍ଟା ସର୍ଚ୍ଚ ଅପରେସନ ପରେ ୨ କି.ମି ଦୂରରେ ମୃତଦେହ ଉଦ୍ଧାର କରିଥିଲେ। ଏ ନେଇ କୁନ୍ଦୁରା ଥାନାରେ ୨/୨୫ରେ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ମୃତଦେହ ବ୍ୟବଚ୍ଛେଦ କରି ପରିବାରକୁ ହସ୍ତାନ୍ତର କରିଥିବା ଥାନା ଅଧିକାରୀ ପ୍ରଧାନୀ ସୂଚନା ଦେଇଛନ୍ତି। ଉଦ୍ଧାରରେ ଅଗ୍ନିଶମ ବାହିନୀ ଅଧିକାରୀ ସରୋଜ କୁମାର ଭୁତୀୟା,ଗୌରବ ନାୟକ,ରାମକୃଷ୍ଣ ଗୌଡ଼, ହୀରାଧର ଭତ୍ରା, ଅଜୟ ହରିଜନ,ଶ୍ରୀକାନ୍ତ ସେଠି ପ୍ରମୁଖ ଉପସ୍ଥିତ ଥିଲେ।

# ପୂର୍ବ ଶତ୍ରୁତାକୁ ନେଇ ହତ୍ୟା, ମା' ଝିଅ ଗିରଫ

ଜୟପୁର,୨୦।୨(ପବନ ପାଣିଗ୍ରାହୀ)

ଜୟପୁର ସଦରଥାନା ଅନ୍ତର୍ଗତ ଫୁଲବାଡ ଗ୍ରାମ ନିକଟରେ ବୁଧବାର ରାତିରେ ପୂର୍ବ ଶତ୍ରୁତାକୁ ନେଇ ହତ୍ୟା ଅଭିଯୋଗରେ ମା' ଝିଅ ଗିରଫ ହୋଇଛନ୍ତି। ଉମୁରୀ ଗ୍ରାମର ମନୋହର ବାଘ(୫୪) ଓ ସାଙ୍ଗମାନେ ଫୁଲବାଡ ଗ୍ରାମକୁ ଆସିଥିବା ବେଳେ ଫୁଲବାଡ ଗ୍ରାମର ଜଗା ଓ ବଳିଆ ସେମାନଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରି ମାଡ ମାରିଥିଲେ। ମନୋହର ସମସ୍ତ କଥା ତାଙ୍କ ସମ୍ପର୍କୀୟ ଭାଇ ସୁରଜ ବାଘଙ୍କୁ କହିଥିଲେ। ପରେ ସୁରଜ,ମନୋହର ଓ ରାଜେଶ ନାଗ ଫୁଲବାଡକୁ ଯାଇ ଜଗା, ବଳିଆଙ୍କୁ ଧମକାଇବା ସହ ଭାଇ ମନୋହରଙ୍କ ମୁଦି ଏଠାରେ ହଜିଯାଇଛି ବୋଲି କହି ଗଣ୍ଡଗୋଳ କରିଥିଲେ। ଏହି ସମୟରେ ଜଗାଙ୍କ ମା' ଦୁର୍ଗୀ ଓ ଭଉଣୀ ରୁପା ମନୋହରଙ୍କ ସାର୍ଟ ଟାଣି ମାଡ ମାରିଥିଲେ। ବଳିଆ ଏକ ଛୁରିରେ ମନୋହରଙ୍କ ପେଟକୁ ଦୁଇଥର ଆକ୍ରମଣ କରିଥିଲେ। ଫଳରେ ସେ ଘଟଣାସ୍ଥଳରେ ଟଳି ପଡିଥିଲେ। ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରିଥିବା ବେଳେ ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ଏ ନେଇ ୫୯/୨୫ରେ ଥାନାରେ ମାମଲା ରୁଜୁ ହୋଇଥିଲା। ପୋଲିସ ତଦନ୍ତ କରି ଜଗାଙ୍କ ମା' ଦୁର୍ଗୀ ଓ ଭଉଣୀ ରୁପାଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ଇଶ୍ୱର ତାଣ୍ଡି ସୂଚନା ଦେଇଛନ୍ତି।

# ମୁଖ୍ୟ ଶାସନ ସଚିବଙ୍କୁ ଭେଟିଲେ ବିଧାୟକ

ଜୟପୁର,୨୦।୨(ପବନ ପାଣିଗ୍ରାହୀ)

## ପେପର ମିଲ୍ ପୁନଃ କାର୍ଯ୍ୟକ୍ଷମ କରିବାକୁ ଅନୁରୋଧ

ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି ପେପର ମିଲ ପୁନଃ କାର୍ଯ୍ୟକ୍ଷମ କରିବା ନେଇ ରାଜ୍ୟର ମୁଖ୍ୟ ଶାସନ ସଚିବଙ୍କୁ ଗୁରୁବାର ଭେଟିଛନ୍ତି। କାଗଜକଳ କର୍ମଚାରୀଙ୍କ ବକେୟା ଦରମା ଦୁଇ ମାସ ମଧ୍ୟରେ ପ୍ରଦାନ କରିବା, କର୍ମଚାରୀଙ୍କ ବିଭିନ୍ନ ସମସ୍ୟାର ସମାଧାନ, ପୁରୁଣା ପ୍ଲାଣ୍ଟ ସମ୍ପ୍ରସାରଣ ଏବଂ ନୂତନ ପ୍ଲାଣ୍ଟ ଶୀଘ୍ର ଚଳାଇବା ପାଇଁ ବିଧାୟକ ଅନୁରୋଧ କରିଥିଲେ। ବିଧାୟକ ବାହିନୀପତି ୨୦୨୦ ଓ ୨୦୨୩ରେ ନୂଆଦିଲ୍ଲୀ ଯାଇ ଥାପର ବୋର୍ଡର ଚେୟାରମ୍ୟାନ ରାଜେଶ ବୋଡେରାଓଙ୍କୁ ଭେଟି କାଗଜକଳ ପୁନଃ କାର୍ଯ୍ୟକ୍ଷମ କରିବା ବିଷୟ ଆଲୋଚନା କରିଥିଲେ। କିନ୍ତୁ ଏଯାଏ କୌଣସି ପଦକ୍ଷେପ ନିଆଯାଇ ନ ଥିବା ଜଣାପଡ଼ିଛି। ପେପରମିଲ ପୁନଃ କାର୍ଯ୍ୟକ୍ଷମ ହେଲେ ଲୋକେ ଉପକୃତ ହେବା ସହ ଏଥିରେ କାର୍ଯ୍ୟରତ ଶ୍ରମିକମାନେ ପରିବାର ଚଳାଇ ପାରିବେ ବୋଲି କହିଥିଲେ।

# ମାଟି, ପାଣି ସଂରକ୍ଷଣ ନେଇ ତାଲିମ

## ଚାଷୀ ପାଠଶାଳା କାର୍ଯ୍ୟ ଶିବିର

ଦଶମନ୍ତପୁର, ୨୦।୨(ଅରବିନ୍ଦ ନାୟକ)




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି, ତାଲିମଦାତା ଓ ଚାଷୀମାନେ।

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକସ୍ଥିତ ଚଣାବାଡ଼ ପଞ୍ଚାୟତର ଚଣାବାଡ଼ ଗ୍ରାମର ଦିନ ଜନୀଙ୍କ ଚାଷୀ ପାଠଶାଳା ବଗିଚାରେ କାର୍ଯ୍ୟ ଶିବିର ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଆଦିବାସୀ ନାରୀ ନେତ୍ରୀ ସୁମନି ଝୋଡ଼ିଆ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ଅଗ୍ରଗାମୀ ଉପନିର୍ଦ୍ଦେଶକ ବିଦ୍ୟା ଦାସ ଉପସ୍ଥିତ ଥିଲେ। ଅଗ୍ରଗାମୀ ଜଳବାୟୁ ଉପଯୋଗୀ ନିରନ୍ତର ଜୀବିକା ପ୍ରକଳ୍ପ ୭ ପଞ୍ଚାୟତର ୫୫୧ ଚାଷୀଙ୍କ ୫୫୧ ଏକରର ଜମିରେ ଫ୍ୟାମିଲି ଫାର୍ମ କରି ଆମ୍ବ, କାଜୁ, ଲେମ୍ବୁ, କମଳା, ପିଜୁଳି ଏବଂ ଲିଚୁ ଗଛ ଲଗାଯାଇଥିଲା। ଏଥିରେ ଜଳବାୟୁ ପରିବର୍ତ୍ତନରେ ଚାଷ ଏବଂ ଚାଷୀଙ୍କ ଉପରେ ପଡୁଥିବା ପ୍ରଭାବ ଉପରେ ଆଲୋଚନା ହୋଇଥିଲା। ଉପନିର୍ଦ୍ଦେଶକ ଦାସ ଚାଷୀମାନଙ୍କୁ କଣ୍ଟୋର୍ ପଥର ହୁଡ଼ା ତାଲିମ୍ ଦେଇଥିଲେ। ଏହାଦ୍ୱାରା ମାଟି ଓ ପାଣି ସଂରକ୍ଷଣ ଠିକ୍ ହେଇପାରିବ। ଶିବିରରେ କାଶୀପୁର, ରାୟଗଡ଼ା ଓ ଦଶମନ୍ତପୁର ବ୍ଲକ୍‌ର ୩୦ ଯୁବକ ଏବଂ ୨୦ ଗ୍ରାମର ୮୦ ଚାଷୀ ଯୋଗ ଦେଇଥିଲେ। ଅତୁଲ କୁମାର ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସଂକ୍ଷେପରେ

### ଠକେଇ ମାମଲାରେ ମହାରାଷ୍ଟ୍ର ମନ୍ତ୍ରୀଙ୍କୁ ୨ ବର୍ଷ ଜେଲ


ମାଣିକରାଓ କୋକାଟେ

ନାସିକ, ୨୦।୨

ମହାରାଷ୍ଟ୍ର କୃଷିମନ୍ତ୍ରୀ ତଥା ଏନ୍‌ସିପି ନେତା ମାଣିକରାଓ କୋକାଟେଙ୍କୁ ୩୦ ବର୍ଷ ପୁରୁଣା ଠକେଇ ମାମଲାରେ ନାସିକ ଜିଲା ଅଦାଲତ ଗୁରୁବାର ୨ ବର୍ଷ ଜେଲଦଣ୍ଡ ଓ ୫୦ ହଜାର ଟଙ୍କା ଅର୍ଥଦଣ୍ଡରେ ଦଣ୍ଡିତ କରିଛନ୍ତି। ତାଙ୍କ ଭାଇ ସୁନୀଲଙ୍କୁ ମଧ୍ୟ ଅନୁରୂପ ଦଣ୍ଡବିଧାନ କରାଯାଇଛି। ୧୯୯୫ରେ ମାଣିକରାଓ ଓ ସୁନୀଲ ଆୟ କମ୍ ଥିବା ଏବଂ ଦ୍ୱିତୀୟ ଘର ନ ଥିବା ଦର୍ଶାଇ ରାଜ୍ୟ ସରକାରଙ୍କ ଠାରୁ ଫ୍ଲାଟ୍ ନେଇଥିଲେ। ମାଣିକରାଓ ଆୟ ସମ୍ବନ୍ଧୀୟ ତଥ୍ୟ ଲୁଚାଇଥିବା ଅଭିଯୋଗ କରିଥିଲେ। ତେବେ ଏହି ରାୟକୁ ସେ ହାଇକୋର୍ଟରେ ଚ୍ୟାଲେଞ୍ଜ କରିବେ ବୋଲି ମାଣିକରାଓ କହିଛନ୍ତି।

# ଦୂର ନୁହେଁ ୩ୟ ବିଶ୍ୱଯୁଦ୍ଧ: ଟ୍ରମ୍ପ୍

ୱାଶିଂଟନ୍, ୨୦।୨

ତୃତୀୟ ବିଶ୍ୱଯୁଦ୍ଧ ଆଉ ବେଶି ଦୂର ନୁହେଁ। ତେବେ ଏହାକୁ ଏଡ଼ାଇବା ପାଇଁ ତାଙ୍କ ପାଖରେ ଯୋଜନା ରହିଥିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଦାବି କରିଛନ୍ତି। ମଧ୍ୟପ୍ରାଚ୍ୟ ଓ ୟୁକ୍ରେନ୍‌ରେ ଚାଲିଥିବା ସଂଘର୍ଷ ଉପରେ ସେ ନିଜ ପ୍ରତିକ୍ରିୟାରେ ଏଭଳି ମନ୍ତବ୍ୟ ଦେଇଛନ୍ତି।

ଫ୍ୟୁଚର ଇନ୍‌ଭେଷ୍ଟମେଣ୍ଟ ଇନିସିଏଟିଭ୍ ପ୍ରିଓରିଟି ସମିଟ୍‌କୁ ବୁଧବାର ସମ୍ବୋଧିତ କରି ରାଷ୍ଟ୍ରପତି ଟ୍ରମ୍ପ୍ କହିଛନ୍ତି, ତୃତୀୟ ବିଶ୍ୱଯୁଦ୍ଧକୁ ଏଡ଼ାଇବା ସହ ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ପାଇଁ ସେ ପୃଥିବୀ ସାରା ଭ୍ରମଣ କରୁଛନ୍ତି। କାରଣ ସେ ବିଶ୍ୱରେ ରକ୍ତପାତ ଓ ଲୋକଙ୍କ ହତ୍ୟା ଦେଖିବାକୁ ଚାହୁଁନାହାନ୍ତି। ଟ୍ରମ୍ପ୍ ଆହୁରି କହିଛନ୍ତି, ମଧ୍ୟପ୍ରାଚ୍ୟରେ ଘଟୁଥିବା ଲୋକଙ୍କ ମୃତ୍ୟୁ ଏବଂ ରୁଷିଆ-ୟୁକ୍ରେନ୍ ଯୁଦ୍ଧରେ ପ୍ରାଣହାନିକୁ ଦେଖି।

### 'ଏଡ଼ାଇବା ପାଇଁ ଉପାୟ ରହିଛି'

ଆମେ ଏଥିରେ ପୂର୍ଣ୍ଣଚ୍ଛେଦ ପକାଇବାକୁ ଯାଉଛୁ। ତୃତୀୟ ବିଶ୍ୱଯୁଦ୍ଧ ହେଲେ କାହାରି କିଛି ଲାଭ ହେବ ନାହିଁ। ଏହି ଯୁଦ୍ଧ ବେଶି ଦୂର ନାହିଁ। ବର୍ତ୍ତମାନ ପୂର୍ବର ବାଇଡେନ୍ ପ୍ରଶାସନ ଥିଲେ, ଯୁଦ୍ଧ ଆହୁରି ବର୍ଷେ ପର୍ଯ୍ୟନ୍ତ ଲମ୍ବିଥାଆନ୍ତା। ଆପଣମାନେ ତୃତୀୟ ବିଶ୍ୱଯୁଦ୍ଧକୁ ଦେଖୁଥାଆନ୍ତେ। କିନ୍ତୁ ଆମ ପ୍ରଶାସନ ଏହାକୁ ହେବାକୁ ଦେବ ନାହିଁ। ଏହି ଅବସରରେ ୟୁକ୍ରେନ୍ ଯୁଦ୍ଧର ଅବସାନ ପାଇଁ ଆଲୋଚନାକୁ ସମର୍ଥନ କରିଥିବାରୁ ସାଉଦି ଆରବକୁ ଆମେରିକା ରାଷ୍ଟ୍ରପତି ଧନ୍ୟବାଦ ଦେଇଛନ୍ତି। ଏହାକୁ ସେ ଏକ 'ବଡ଼ ପଦକ୍ଷେପ' ବୋଲି ଅଭିହିତ କରିଛନ୍ତି। କେବଳ ଏତିକି ନୁହେଁ, ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କିଙ୍କୁ


ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍।

ଟ୍ରମ୍ପ୍ ସମାଲୋଚନା କରିବାକୁ ପଛାଇନାହାନ୍ତି। ସେ ଜେଲେନ୍‌ସ୍କିଙ୍କୁ 'ବିନା ନିର୍ବାଚନରେ ଜଣେ ଏକଛତ୍ରବାଦୀ' ବୋଲି ଅଭିହିତ କରିଛନ୍ତି। ଜଣେ ସଫଳ କମେଡିଆନ୍ (ହାସ୍ୟାଭିନେତା) ଯୁଦ୍ଧ ପାଇଁ ଆମେରିକାର ୩୫୦ ବିଲିୟନ୍ ଡଲାର ଖର୍ଚ୍ଚ କରାଇଦେଲେ। ତାହା ପୁଣି ଏଭଳି ଯୁଦ୍ଧ, ଯେଉଁଠି ବିଜୟ ଅସମ୍ଭବ ବୋଲି ଟ୍ରମ୍ପ୍ ତାଚ୍ଛଲ୍ୟ କରିଛନ୍ତି। ରୁଷିଆ-ୟୁକ୍ରେନ୍ ଯୁଦ୍ଧକୁ ନେଇ ଅମେରିକାର ପରିବର୍ତ୍ତନଶୀଳ ଆଭିମୁଖ୍ୟ ଟ୍ରମ୍ପ୍‌ଙ୍କ ଏହି ମନ୍ତବ୍ୟରୁ ପ୍ରତିଫଳିତ ହୋଇଛି।

ଇତିମଧ୍ୟରେ ଟ୍ରମ୍ପ୍‌ଙ୍କ ମାଲିକାନାରେ ଥିବା ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ 'ଟ୍ରୁଥ୍ ସୋସିଆଲ'କୁ ୟୁକ୍ରେନ୍ ସାରା ବ୍ଲକ୍ କରିବାକୁ ରାଷ୍ଟ୍ରପତି ଜେଲେନ୍‌ସ୍କି ନିଜ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିବା ନେଇ କେତେକ ରିପୋର୍ଟ ପ୍ରକାଶ ପାଇଛି। ସେପଟେ ୟୁକ୍ରେନ୍‌ର ସାମରିକ ଗୋଇନ୍ଦା ଏଜେନ୍ସି 'ଜିୟୁଆର୍' ମୁଖ୍ୟ କିରିଲୋ ବୁଡାନୋଭ୍ କହିଛନ୍ତି, ପ୍ରାୟ ୩ ବର୍ଷ ଧରି ରୁଷିଆ ସହ ଚାଲିଥିବା ଯୁଦ୍ଧ ୨୦୨୫ରେ ଶେଷ ହୋଇପାରେ। ଯୁଦ୍ଧାବସାନର ଯଥେଷ୍ଟ ସମ୍ଭାବନା ରହିଥିବା ସେ ଦେଖିବାକୁ ପାଉଛନ୍ତି ବୋଲି ଏକ ସାକ୍ଷାତ୍କାରରେ ସୂଚନା ଦେଇଛନ୍ତି।

### ଅସ୍ତ୍ର ସମର୍ପଣ ପାଇଁ ୭ ଦିନିଆ ମହଲତ ଦେଲେ ମଣିପୁର ରାଜ୍ୟପାଳ

ଇମ୍ଫାଲ, ୨୦।୨


ଅଜୟ କୁମାର ଭାଲ୍ଲା

ମଣିପୁରର ସବୁ ସମ୍ପ୍ରଦାୟର ଲୋକମାନେ ଲୁଟ୍ କରିନେଇଥିବା ଏବଂ ବେଆଇନ ଭାବେ ରଖିଥିବା ଅସ୍ତ୍ରଶସ୍ତ୍ରକୁ ୭ ଦିନ ମଧ୍ୟରେ ସମର୍ପଣ କରିଦେବା ପାଇଁ ରାଜ୍ୟପାଳ ଅଜୟ କୁମାର ଭାଲ୍ଲା ଗୁରୁବାର ନିବେଦନ କରିଛନ୍ତି। ଏହି ସମୟସୀମା ମଧ୍ୟରେ ଅସ୍ତ୍ର ଫେରାଇଲେ କୌଣସି ଦଣ୍ଡ ଦିଆଯିବ ନାହିଁ। ମଣିପୁରର ପାର୍ବତ୍ୟାଞ୍ଚଳ ଏବଂ ଉପତ୍ୟକାରେ ରହୁଥିବା ଲୋକମାନେ ୨୦ ମାସରୁ ଊର୍ଦ୍ଧ୍ୱ ସମୟ ହେଲା କଠିନ ସମସ୍ୟାର ସମ୍ମୁଖୀନ ହୋଇଆସିଛନ୍ତି। ଅନେକ ଦୁର୍ଭାଗ୍ୟଜନକ ଘଟଣା ରାଜ୍ୟରେ ସାମ୍ପ୍ରଦାୟିକ ସଦ୍‌ଭାବନାକୁ ପ୍ରଭାବିତ କରିଛି। ଲୁଟିଥିବା ଓ ବେଆଇନ ଭାବେ ରଖିଥିବା ଅସ୍ତ୍ର ଓ ଗୁଳିଗୋଳାଗୁଡ଼ିକୁ ୭ ଦିନ ମଧ୍ୟରେ ସ୍ୱେଚ୍ଛାକୃତ ଭାବେ ସମର୍ପଣ ନ କଲେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଭାଲ୍ଲା ଚେତାବନୀ ଦେଇଛନ୍ତି।

### ୪ ଇସ୍ରାଏଲୀ ପଣବନ୍ଦୀଙ୍କ ମୃତଦେହ ହସ୍ତାନ୍ତର କଲା ହମାସ୍

ତେଲ୍ ଆଭିଭ୍, ୨୦।୨

ଗାଜାର ଶାସକ ହମାସ୍ ଗୁରୁବାର ୪ ଜଣ ଇସ୍ରାଏଲୀ ପଣବନ୍ଦୀଙ୍କ ମୃତଦେହ ହସ୍ତାନ୍ତର କରିଛି। ୨୦୨୩ ଅକ୍ଟୋବର ୭ରେ ହମାସ୍ ଆତଙ୍କବାଦୀମାନେ ଇସ୍ରାଏଲ୍ ଉପରେ ଅଚାନକ ଆକ୍ରମଣ କରି ସେମାନଙ୍କ ସହ ୨୫୦ ଜଣଙ୍କୁ ପଣବନ୍ଦୀ କରିନେଇଥିଲେ। ହସ୍ତାନ୍ତର ହୋଇଥିବା ମୃତ ପଣବନ୍ଦୀମାନେ ହେଲେ ଶିରି ବିବାସ୍, ତାଙ୍କ ୨ ପିଲା ଏରିଏଲ୍, କଫିର ଏବଂ ଓଡେଡ୍ ଲିଫ୍‌ଶିଜ୍। ଅପହରଣ ବେଳେ ଓଡେଡ୍‌ଙ୍କୁ ୮୩ ବର୍ଷ ହୋଇଥିଲା। କଫିର ସବୁଠୁ କମ୍ ବୟସ୍କ ପଣବନ୍ଦୀ ଥିଲେ। ଇସ୍ରାଏଲ୍‌ର ଏୟାରଷ୍ଟ୍ରାଇକ୍ ବେଳେ ସେମାନଙ୍କ ମୃତ୍ୟୁ ଘଟିଥିବା ହମାସ୍ କହିଛି। ଗତମାସ ୧୯ରୁ ଇସ୍ରାଏଲ୍ ଏବଂ ହମାସ୍ ମଧ୍ୟରେ ପ୍ରଥମ ପର୍ଯ୍ୟାୟ ଯୁଦ୍ଧବିରତି ରାଜିନାମା କାର୍ଯ୍ୟକାରୀ ହେବା ସହ ବନ୍ଦୀ ଅଦଳବଦଳ ଜାରି ରହିଛି।

# ଦିଲ୍ଲୀରେ ରେଖା ଗୁପ୍ତା ସରକାର


ଦିଲ୍ଲୀର ରାମଲୀଳା ମଇଦାନରେ ଗୁରୁବାର ଅନୁଷ୍ଠିତ ନୂଆ ସରକାରଙ୍କ ଶପଥଗ୍ରହଣ ଉତ୍ସବରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଦିଲ୍ଲୀ ଉପରାଜ୍ୟପାଳ ଭି.କେ. ସାକ୍ସେନା, ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତାଙ୍କ ସହ ନୂଆ ମନ୍ତ୍ରୀମାନେ।

ନୂଆଦିଲ୍ଲୀ, ୨୦।୨

ଭାଜପା ବିଧାୟିକା ରେଖା ଗୁପ୍ତା ଦିଲ୍ଲୀର ୯ମ ମୁଖ୍ୟମନ୍ତ୍ରୀ ଭାବେ ଗୁରୁବାର ଶପଥ ଗ୍ରହଣ କରିବା ସହ ସଚିବାଳୟ ଯାଇ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏଥିସହ ଦିଲ୍ଲୀରେ ରେଖା ସରକାର ଆରମ୍ଭ ହୋଇଛି। ୨୬ ବର୍ଷରୁ ଊର୍ଦ୍ଧ୍ୱ ସମୟ ବ୍ୟବଧାନ ପରେ ଗତ ୫ ତାରିଖରେ ଅନୁଷ୍ଠିତ ଦିଲ୍ଲୀ ବିଧାନସଭା ନିର୍ବାଚନରେ ଭାଜପା ପୂର୍ଣ୍ଣ ସଂଖ୍ୟାଗରିଷ୍ଠତା ହାସଲ କରିଥିଲା।

ରାମଲୀଳା ମଇଦାନରେ ଅନୁଷ୍ଠିତ ଭବ୍ୟ ଶପଥ ଉତ୍ସବରେ ରେଖାଙ୍କ ସହ ଅନ୍ୟ ୬ ଜଣ ମନ୍ତ୍ରୀ ଶପଥ ନେଇଛନ୍ତି। ସେମାନେ ହେଲେ ନିର୍ବାଚନରେ ଅରବିନ୍ଦ କେଜ୍‌ରିୱାଲଙ୍କୁ ହରାଇଥିବା ପର୍‌ଭେଶ ବର୍ମା, ହିନ୍ଦୁତ୍ୱବାଦୀ ନେତା କପିଳ ମିଶ୍ରା, ଦଳର ଶିଖ୍ ଚେହେରା ମଞ୍ଜିନ୍ଦର ସିଂ ସିର୍ସା, ଆଶିଷ ସୁଦ୍, ରବିନ୍ଦର ଇନ୍ଦ୍ରଜ ସିଂ ଏବଂ ପଙ୍କଜ ସିଂ। ଉପରାଜ୍ୟପାଳ ଭି.କେ. ସାକ୍ସେନା ନୂଆ ମୁଖ୍ୟମନ୍ତ୍ରୀ ଓ ମନ୍ତ୍ରୀମାନଙ୍କୁ ଶପଥ ପାଠ କରାଇଥିଲେ। ଉତ୍ସବରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହାଙ୍କ ସମେତ ଅନ୍ୟ କେନ୍ଦ୍ରମନ୍ତ୍ରୀ, ଏନ୍‌ଡିଏ ଶାସିତ ରାଜ୍ୟଗୁଡ଼ିକର ମୁଖ୍ୟମନ୍ତ୍ରୀ ଓ ଉପମୁଖ୍ୟମନ୍ତ୍ରୀ, ଭାଜପାର ବରିଷ୍ଠ ନେତୃବୃନ୍ଦ ଯୋଗଦେଇଥିଲେ। ସୁଷମା ସ୍ୱରାଜ, ଶୀଳା ଦୀକ୍ଷିତ ଏବଂ ଆତିଶୀଙ୍କ ପରେ ରେଖା ଦିଲ୍ଲୀର ଚତୁର୍ଥ ମହିଳା ମୁଖ୍ୟମନ୍ତ୍ରୀ। ଏହି ଶାଲିମାରବାଗ୍ ବିଧାୟିକା କାର୍ଯ୍ୟଭାର ଦେବା ସହ ନିର୍ବାଚନ ବେଳେ ଦିଆଯାଇଥିବା ସବୁ ପ୍ରତିଶ୍ରୁତି ପୂରଣ କରିବେ ବୋଲି କହିଛନ୍ତି। ମାର୍ଚ୍ଚ ୮ ଅନ୍ତର୍ଜାତୀୟ ମହିଳା ଦିବସରୁ ଦିଲ୍ଲୀର ମହିଳାମାନଙ୍କୁ ମାସିକ ୨,୫୦୦ ଟଙ୍କା ସହାୟତା ଯୋଗାଇଦିଆଯିବ।

### ବିଜେନ୍ଦର ଗୁପ୍ତା ବାଚସ୍ପତି



ଦିଲ୍ଲୀ ବିଧାନସଭାରେ ୧୦ ବର୍ଷ ତଳେ ବଜେଟ ଅଧିବେଶନ ବେଳେ ହଟ୍ଟଗୋଳକୁ ନେଇ ଭାଜପା ନେତା ବିଜେନ୍ଦର ଗୁପ୍ତାଙ୍କୁ ମାର୍ଶାଲମାନେ ଗୃହରୁ ଘୋଷାରି ବାହାର କରିଦେଇଥିଲେ। ୨୦୨୫ ନିର୍ବାଚନରେ ଭାଜପା ବିଜୟୀ ହେବା ପରେ ବିଜେନ୍ଦରଙ୍କୁ ବାଚସ୍ପତି ନିର୍ବାଚିତ କରାଯାଇଛି। ଏବେ ସେ ଗୃହରେ ଅଧ୍ୟକ୍ଷତା କରିବାକୁ ଯାଉଛନ୍ତି। ସୂଚନାଯୋଗ୍ୟ, ୨୦୧୫ରେ ବଜେଟ ଆଲୋଚନା ବେଳେ ଚତୁର୍ଥ ଦିଲ୍ଲୀ ଅର୍ଥ କମିଶନଙ୍କ ସୁପାରିସ କାର୍ଯ୍ୟକାରୀ କରିବା ଦାବିରେ ବିଜେନ୍ଦରଙ୍କ ସମେତ ଭାଜପା ବିଧାୟକ ଓ.ପି. ଶର୍ମା ଏବଂ ଜଗଦୀଶ ପ୍ରଧାନ ହଟ୍ଟଗୋଳ କରିବା ସହ ଗୃହ ମଧ୍ୟଭାଗରେ ସ୍ଲୋଗାନ ଦେବାରୁ ତତ୍କାଳୀନ ବାଚସ୍ପତି ରାମନିୱାସ ଗୋୟଲ ସେମାନଙ୍କୁ ବହିଷ୍କାର କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ।

# ଲୋକପାଳ ରାୟ ଉପରେ ସୁପ୍ରିମକୋର୍ଟଙ୍କ ସ୍ଥଗିତାଦେଶ

ନୂଆଦିଲ୍ଲୀ, ୨୦।୨ (ପି.ଟି.)

### ହାଇକୋର୍ଟ ବିଚାରପତିଙ୍କ ବିରୋଧରେ ଅଭିଯୋଗକୁ ଅନୁମତି ଦେଇଥିଲେ ଲୋକପାଳ

ହାଇକୋର୍ଟର କାର୍ଯ୍ୟରତ ବିଚାରପତିଙ୍କ ବିରୋଧରେ ଅଭିଯୋଗ ଦାଏର ପାଇଁ ଲୋକପାଳ ଦେଇଥିବା ଅନୁମତି ଉପରେ ସୁପ୍ରିମକୋର୍ଟ ଗୁରୁବାର ସ୍ଥଗିତାଦେଶ ଲଗାଇଛନ୍ତି। ଏଭଳି ଅନୁମତି ଅତ୍ୟନ୍ତ ଚିନ୍ତାଜନକ ବୋଲି ଜଷ୍ଟିସ୍ ବି.ଆର୍. ଗଭାଇଙ୍କ ଅଧ୍ୟକ୍ଷତାରେ ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଏବଂ ଅଭୟ ଏସ୍. ଓକାଙ୍କୁ ନେଇ ଗଠିତ ସ୍ୱତନ୍ତ୍ର ଖଣ୍ଡପୀଠ କହିବା ସହ ନ୍ୟାୟିକ ସ୍ୱାଧୀନତାକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି। ଖଣ୍ଡପୀଠ ଏନେଇ କେନ୍ଦ୍ର ସରକାର, ଲୋକପାଳ ରେଜିଷ୍ଟ୍ରାର ଏବଂ ବିଚାରପତିଙ୍କ ବିରୋଧରେ ଅଭିଯୋଗ ଦାଏର କରିଥିବା ବ୍ୟକ୍ତିଙ୍କୁ ନୋଟିସ ଜାରି କରି ଜବାବ ମାଗିଛନ୍ତି।

ହାଇକୋର୍ଟ ବିଚାରପତି ଲୋକପାଳ ଏବଂ ଲୋକାୟୁକ୍ତ ଆଇନ, ୨୦୧୩ ପରିସରଭୁକ୍ତ ନୁହନ୍ତି ବୋଲି କେନ୍ଦ୍ର ସରକାରଙ୍କ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ସଲିସିଟର ଜେନେରାଲ ତୁଷାର ମେହେଟ୍ଟା କହିଥିଲେ। ବିଚାରପତିଙ୍କ ନାଁ ପ୍ରକାଶ ନ କରିବାକୁ ଖଣ୍ଡପୀଠ ଅଭିଯୋଗକାରୀଙ୍କୁ ନିର୍ଦ୍ଦେଶ ଦେବା ସହ ଅଭିଯୋଗକୁ ଗୋପନ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଲୋକପାଳ ଜାନୁଆରୀ ୨୭ରେ ଦେଇଥିବା ରାୟକୁ ସୁପ୍ରିମକୋର୍ଟ ନିଜ ଆଡୁ ବିଚାର ପାଇଁ ଗ୍ରହଣ କରିଥିଲେ। ସେହିପରି ଲୋକପାଳଙ୍କ ରେଜିଷ୍ଟ୍ରାରଙ୍କୁ ମଧ୍ୟ ଅଭିଯୋଗକାରୀଙ୍କ ନାଁ ଗୋପନ ରଖିବାକୁ କୁହାଯାଇଛି।

### ପାନାମାରେ ପହଞ୍ଚିଲେ ଆମେରିକାରୁ ବିତାଡ଼ିତ ଭାରତୀୟ

ପାନାମା ସିଟି, ୨୦।୨ (ପି.ଟି.)

ଆମେରିକାରୁ ବିତାଡ଼ିତ ହୋଇଥିବା ବେଆଇନ ପ୍ରବାସୀ ଭାରତୀୟମାନଙ୍କର ଆଉ ଏକ ଗ୍ରୁପ୍ ପାନାମାରେ ନିରାପଦର ସହ ପହଞ୍ଚିଥିବା ସେଠାକାର ସରକାର ନୂଆଦିଲ୍ଲୀକୁ ଜଣାଇଛି। ସେଠାରେ ଥିବା ଭାରତୀୟ ମିଶନ କନ୍‌ସୁଲାର ଆକ୍ସେସ୍ ପାଇବା ପରେ ସେମାନଙ୍କ ସୁବିଧା ପାଇଁ କାର୍ଯ୍ୟ ଆରମ୍ଭ କରିଛି। ଆମେରିକା ୩ଟି ବିମାନରେ ୨୯୯ ଜଣ ବେଆଇନ ପ୍ରବାସୀଙ୍କୁ ପାନାମା ପଠାଇଥିବାବେଳେ ସେମାନଙ୍କ ମଧ୍ୟରୁ କେତେଜଣ ସେଠାରେ ପହଞ୍ଚିଛନ୍ତି, ତାହା ସ୍ପଷ୍ଟ କରାଯାଇନାହିଁ। ଆମେରିକାରୁ ବିଦା ହୋଇଥିବା ବିଭିନ୍ନ ଦେଶର ଲୋକେ ପାନାମା ରାଜଧାନୀରେ ପହଞ୍ଚିଥିବାବେଳେ ସେଠାରେ ନୈରାଶ୍ୟଜନକ ସ୍ଥିତି ଦେଖିବାକୁ ମିଳିଛି। ସେମାନେ ହାତଲେଖା ବାର୍ତ୍ତା ଧରି ହୋଟେଲ ଝରକା ପାଖରୁ ସହାୟତା ପାଇଁ ନିବେଦନ କରୁଥିବା ଦେଖାଯାଇଛି। ସେମାନେ ନିଜ ଦେଶରେ ସୁରକ୍ଷିତ ନୁହନ୍ତି ବୋଲି କହିଛନ୍ତି। ହୋଟେଲରେ ସେମାନଙ୍କୁ ପୋଲିସ ପ୍ରହରା ମଧ୍ୟରେ ରଖାଯାଇଛି ଏବଂ ବାହାରକୁ ଯିବାକୁ ଦିଆଯାଉ ନାହିଁ।

## ଓଟିଟି ପ୍ଲାଟ୍‌ଫର୍ମ ପାଇଁ କେନ୍ଦ୍ରର ଆଡଭାଇଜରି

ନୂଆଦିଲ୍ଲୀ, ୨୦।୨ (ପି.ଟି.)

ସୋସିଆଲ ମିଡିଆରେ ଅଶ୍ଳୀଳ ମଜାକ୍ ବିବାଦକୁ ନେଇ କେନ୍ଦ୍ର ସରକାର ଓଭର ଦି ଟପ୍ (ଓଟିଟି) ପ୍ଲାଟ୍‌ଫର୍ମଗୁଡ଼ିକ ଉପରେ କଟକଣା ଜାରି କରିଛନ୍ତି। ଆଇନ ଦ୍ୱାରା ନିଷିଦ୍ଧ ହୋଇଥିବା ବିଷୟବସ୍ତୁ ପ୍ରସାରଣ ନ କରିବା ପାଇଁ ଉକ୍ତ ପ୍ଲାଟ୍‌ଫର୍ମଗୁଡ଼ିକୁ ଚେତାବନୀ ଦିଆଯାଇଛି। ଓଟିଟି ପ୍ଲାଟ୍‌ଫର୍ମ ଏବଂ ସ୍ୱନିୟନ୍ତ୍ରିତ ସଂସ୍ଥାକୁ ଆଡଭାଇଜରି ଜାରି କରି ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ସେମାନଙ୍କୁ ଆଇଟି ରୁଲ୍ସ-୨୦୨୧ର ନୀତିନିୟମକୁ କଡ଼ାକଡ଼ି ଅନୁପାଳନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ନିୟମାବଳୀର ଉଲ୍ଲଂଘନ ହେଲେ ଓଟିଟି ପ୍ଲାଟ୍‌ଫର୍ମର ସ୍ୱନିୟନ୍ତ୍ରିତ ସଂସ୍ଥାଗୁଡ଼ିକ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ସକ୍ରିୟତାର ସହ ନେବା ପାଇଁ କୁହାଯାଇଛି।

### ସୋସିଆଲ ମିଡିଆରେ ଅଶ୍ଳୀଳ କଣ୍ଟେଣ୍ଟ

ସୋସିଆଲ ମିଡିଆ ଏବଂ ଓଟିଟି ପ୍ଲାଟ୍‌ଫର୍ମରେ କେତେଜଣ ପ୍ରକାଶକ ଅଶ୍ଳୀଳ ବିଷୟବସ୍ତୁ ପ୍ରସାରଣ କରୁଥିବା ସାଂସଦ, ବୈଧାନିକ ସଂଗଠନ ଏବଂ ସାଧାରଣରେ ଅଭିଯୋଗ ହୋଇଥିଲା। ଏହାକୁ ଦୃଷ୍ଟିରେ ରଖି ଉପରୋକ୍ତ ନିର୍ଦ୍ଦେଶନାମା ଜାରି କରାଯାଇଥିବା ମନ୍ତ୍ରଣାଳୟ କହିଛି। ସୂଚନାଯୋଗ୍ୟ, ୟୁଟ୍ୟୁବ୍ ଭଳି ପ୍ଲାଟ୍‌ଫର୍ମରେ କଣ୍ଟେଣ୍ଟ ଶେୟାର କରିବା ନେଇ ଆଇନରେ ଉପଯୁକ୍ତ ବ୍ୟବସ୍ଥା ନ ଥିବାରୁ ଏଭଳି ଘଟୁଥିବା ନେଇ ୨ ଦିନ ପୂର୍ବରୁ ସୁପ୍ରିମକୋର୍ଟ ଚିନ୍ତାବ୍ୟକ୍ତ କରିଥିଲେ।

## ଏଭରେଷ୍ଟ: ଶୀତରେ ତରଳିଛି ୧୫୦ ମିଟର ବରଫ

ୱାଶିଂଟନ୍, ୨୦।୨

ଚଳିତ ଶୀତ ଋତୁରେ ମାଉଣ୍ଟ ଏଭରେଷ୍ଟ ପର୍ବତର ଉପର ଭାଗରେ ଥିବା ବରଫ ଆସ୍ତରଣରେ ୧୫୦ ମିଟର ପର୍ଯ୍ୟନ୍ତ ହ୍ରାସ ଘଟିଛି। ଏନେଇ ଆମେରିକାସ୍ଥିତ ନିକୋଲ୍ସ କଲେଜର ପରିବେଶ ବିଜ୍ଞାନର ପ୍ରଫେସର ତଥା ଗ୍ଲାସିଓଲୋଜିଷ୍ଟ ମୌରୀ ପେଲ୍ଟୋ ବିଶ୍ଳେଷଣ କରି ଗୁରୁବାର ତାଙ୍କ ବ୍ଲଗ୍‌ରେ ଏକ ପୋଷ୍ଟ କରିଛନ୍ତି। ଏହି ପୋଷ୍ଟରେ ସେ ଲେଖିଛନ୍ତି, ୨୦୨୩ ଅକ୍ଟୋବରରୁ ୨୦୨୫ ଜାନୁଆରୀ ପର୍ଯ୍ୟନ୍ତ, ଆମେରିକାର ମହାକାଶ ସଂସ୍ଥା ନାସା ପକ୍ଷରୁ ଜାରି ସାଟେଲାଇଟ ଫଟୋକୁ ବିଶ୍ଳେଷଣକରି ମାଉଣ୍ଟ ଏଭରେଷ୍ଟ ପର୍ବତର ଉପର ଭାଗରେ ଥିବା ବରଫ ଆସ୍ତରଣ ସ୍ତରରେ ହ୍ରାସ ଘଟୁଥିବା ନେଇ ସେ ସିଦ୍ଧାନ୍ତରେ ପହଞ୍ଚିଛନ୍ତି।



ପେଲ୍ଟୋ କହିଛନ୍ତି, ଜଳବାୟୁ ପରିବର୍ତ୍ତନର ପ୍ରଭାବ ଯୋଗୁ ତାପମାତ୍ରା ଉଷ୍ମ ହେବା ସହ ବରଫ ତରଳିବାରେ ଲାଗିଛି। ସମ୍ପ୍ରତି ଶୀତ ଋତୁରେ ମଧ୍ୟ ମାଉଣ୍ଟ ଏଭରେଷ୍ଟ ଥିବା ଅଞ୍ଚଳରେ ଉଷ୍ମ ଏବଂ ଶୁଷ୍କ ଅବସ୍ଥା ଲାଗି ରହିଥିଲା। ୨୦୨୧ରୁ ୨୦୨୫ର ଶୀତ ଋତୁରେ ଏହି ଅଞ୍ଚଳରେ ଶୁଷ୍କାବସ୍ଥା ଲାଗି ରହିଥିବାରୁ ବରଫ ଆସ୍ତରଣ ସ୍ତରରେ ହ୍ରାସ ଘଟିବାରେ ଲାଗିଛି। ପେଲ୍ଟୋ କହିଛନ୍ତି, ଉକ୍ତ ଅଞ୍ଚଳରେ ଶୀତ ଋତୁର ଆରମ୍ଭରେ ସାମାନ୍ୟ ତୁଷାରପାତ ହୋଇଥାଏ। ଏହା ସତ୍ତ୍ୱେ ମଧ୍ୟ ବରଫ ଆସ୍ତରଣ ଅଧିକ ସମୟ ପର୍ଯ୍ୟନ୍ତ ତିଷ୍ଠିପାରି ନ ଥାଏ। ମାଉଣ୍ଟ ଏଭରେଷ୍ଟ ପର୍ବତର ୬ ହଜାର ମିଟର ଉଚ୍ଚରୁ ମଧ୍ୟ ଗ୍ଲେସିଅର ତରଳିବା ଜାରି ରହିଛି ବୋଲି ତାଙ୍କ ବିଶ୍ଳେଷଣ ଦର୍ଶାଉଥିବା ପେଲ୍ଟୋ କହିଛନ୍ତି। ଶୀତ ଋତୁରେ ଏତେ ଉଚ୍ଚତାରେ ଥିବା ବରଫ ଆସ୍ତରଣ ସ୍ତରରେ ହ୍ରାସ ଘଟିବା ମୁଖ୍ୟତଃ ଊର୍ଦ୍ଧ୍ୱପାତନ ପ୍ରକ୍ରିୟାର ଫଳାଫଳ ବୋଲି ସେ କହିଛନ୍ତି। ଏହି ପ୍ରକ୍ରିୟା ଦ୍ୱାରା ବରଫ ସିଧାସଳଖ ବାଷ୍ପରେ ପରିଣତ ହୋଇଥାଏ, ଯାହାଫଳରେ ପ୍ରତିଦିନ ୨.୫ ମିଲିମିଟର ବରଫ ଆସ୍ତରଣ ନଷ୍ଟ ହୋଇଥାଏ। ପ୍ରକାଶ ଯେ, ମାଉଣ୍ଟ ଏଭରେଷ୍ଟ ବିଶ୍ୱର ସର୍ବୋଚ୍ଚ ପର୍ବତ ଶିଖର ହୋଇଥିବାବେଳେ ଏହା ସମୁଦ୍ର ପତ୍ତନଠାରୁ ୮,୮୪୮ ମିଟର ଉଚ୍ଚରେ ରହିଛି। ନେପାଳ ଏବଂ ତିବ୍ବତ ମଧ୍ୟରେ ହିମାଳୟର ଶିଖର ଅବସ୍ଥିତ।

## ଫୁର୍‌ସତ

# ଅଣ୍ଡା, ପାଉଁରୁଟି ଖାଇ ୮୩ ଲକ୍ଷ ସଞ୍ଚୟ

### ସୋସିଆଲ ମିଡିଆରେ ଲୋକଙ୍କୁ ଦେଉଛନ୍ତି ସେଭିଂ ଟିପ୍ସ

**ଲଣ୍ଡନ:** ଲଣ୍ଡନରେ ରହୁଥିବା ମିଆ ମ୍ୟାକ୍‌ଗ୍ରାଥ୍ ନାମ୍ନୀ ଜଣେ ୨୪ ବର୍ଷୀୟା ଯୁବତୀ ତାଙ୍କ ଆକାଉଣ୍ଟରେ ବର୍ତ୍ତମାନ ସୁଦ୍ଧା ୮୩ ଲକ୍ଷ ଟଙ୍କା ସଞ୍ଚୟ କରି ରଖିଛନ୍ତି। ମିଆ ଫ୍ୟାଶନ୍ ଇଣ୍ଡଷ୍ଟ୍ରିରେ ଜଣେ ଆକାଉଣ୍ଟ ମ୍ୟାନେଜର ଭାବେ କାର୍ଯ୍ୟ କରନ୍ତି। ଏକ ଗ୍ଲାମର ପରିବେଶରେ ରହିବା ସତ୍ତ୍ୱେ ମଧ୍ୟ ସେ ସରଳ ଜୀବନଯାପନ ଅତିବାହିତ କରିବାକୁ ପସନ୍ଦ କରନ୍ତି ଏବଂ ଅନାବଶ୍ୟକ ଖର୍ଚ୍ଚ କରନ୍ତି ନାହିଁ। ମିଆଙ୍କ ଅନୁଯାୟୀ, ସେ ଦୀର୍ଘ ବର୍ଷ ଧରି ଜଳଖିଆରେ କେବଳ ଏକ ନିର୍ଦ୍ଦିଷ୍ଟ ଖାଦ୍ୟ ଅଣ୍ଡା ଏବଂ ପାଉଁରୁଟି ଖାଉଛନ୍ତି। ଏହି ଜଳଖିଆ ଖାଇବା ତାଙ୍କୁ ବେଶ୍ ଶସ୍ତା ପଡୁଥିବାରୁ ଅନ୍ୟ ଜଳଖିଆ ଖାଇବା ନେଇ ତାଙ୍କ ମନକୁ କେବେ ମଧ୍ୟ ଆସିନାହିଁ ବୋଲି ମିଆ କହିଛନ୍ତି। ସେହିପରି ସେ ଅଫିସ୍‌ରେ ଲଞ୍ଚ କରି ଖର୍ଚ୍ଚାନ୍ତ ହୁଅନ୍ତି ନାହିଁ। ଲଞ୍ଚ୍ ପାଇଁ ସେ ଘରୁ ଖାଦ୍ୟ ନେଇ ଅଫିସ୍‌ରେ ଖାଇଥାନ୍ତି। କେବେ ମଧ୍ୟ ବାହାରୁ କିଛି ଖାଇ ସେ ଅର୍ଥ


ମିଆ ମ୍ୟାକ୍‌ଗ୍ରାଥ୍

ଅପଚୟ କରନ୍ତି ନାହିଁ ବୋଲି ସେ କହିଛନ୍ତି। ସେହିପରି ମିଆ ଅଫିସରେ ଥିବା ସମୟରେ ଦୋକାନକୁ ଯାଇ କଫି ପିଇବା ବଦଳରେ ନିଜେ ପ୍ରସ୍ତୁତ କରି କଫି ପିଇଥାଆନ୍ତି। ଖୁବ୍ କମ ବୟସର ଏବଂ ଯୁବାବସ୍ଥାରେ ଥିଲେ ମଧ୍ୟ ମେକ୍‌ଅପ୍ ଏବଂ ସ୍କିନ୍ କେୟାର ଉତ୍ପାଦରେ ଟଙ୍କା ଖର୍ଚ୍ଚ କରିବାକୁ ସେ ଅର୍ଥର ଅପଚୟ ବୋଲି ଭାବନ୍ତି। ସେ ନିଜ ପାଇଁ ଶସ୍ତା କ୍ରିମ୍, ପାଉଡର୍ ଏବଂ ମେକ୍‌ଅପ୍ ସାମଗ୍ରୀ କିଣନ୍ତି। ଏହାସହ ସେ ମହଙ୍ଗା ପୋଷାକ ବଦଳରେ ସେକେଣ୍ଡ ହ୍ୟାଣ୍ଡ ପୋଷାକ ପିନ୍ଧି କାମ ଚଳାଇଥାନ୍ତି।

ମିଆ କହିଛନ୍ତି, ସେ ପୂର୍ବରୁ ତାଙ୍କ ଅଫିସ୍ ନିକଟବର୍ତ୍ତୀ ଏକ ଘରେ ଭଡ଼ାରେ ରହୁଥିଲେ। ତେବେ ଭଡ଼ା ଖର୍ଚ୍ଚ ବଞ୍ଚାଇବା ପାଇଁ ସେ ଉକ୍ତ ଘର ଛାଡ଼ି ଅଫିସଠାରୁ ଦୂରରେ ନିଜ ମା'ବାପାଙ୍କ ସହ ରହିବାକୁ ଲାଗିଥିଲେ। ଫଳରେ ତାଙ୍କର ଘର ଭଡ଼ା ଖର୍ଚ୍ଚ ସଞ୍ଚୟ ହେବାକୁ ଲାଗିଲା। ଏହାସହ ସେ ଅଫିସ୍ ଯିବା ପାଇଁ ପବ୍ଲିକ ଟ୍ରାନ୍ସପୋର୍ଟକୁ ବ୍ୟବହାର କରନ୍ତି, ଯାହା ତାଙ୍କୁ ଶସ୍ତା ପଡ଼ିଥାଏ ବୋଲି ମିଆ କହିଛନ୍ତି। ସେ ତାଙ୍କ ମାସିକ ଦରମାର ପ୍ରାୟ ୫୦ରୁ ୭୦% ଅଂଶ ଖର୍ଚ୍ଚ ନ କରି ସଞ୍ଚୟ କରି ରଖିବା ପାଇଁ ପ୍ରୟାସ କରିଥାନ୍ତି। ୪୦ ବର୍ଷ ବୟସର ହେବା ବେଳକୁ ପ୍ରାୟ ୧୧ କୋଟି ଟଙ୍କା ସଞ୍ଚୟ କରି ନିଜ ପାଇଁ ଘର କିଣିବାକୁ ସେ ଟାର୍ଗେଟ ରଖିଛନ୍ତି। ଏହା ସହ ସେ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ଟିକ୍‌ଟକ୍ ଏବଂ ୟୁଟ୍ୟୁବ୍‌ରେ ମଧ୍ୟ ଆକ୍ଟିଭ୍ ଅଛନ୍ତି। ସେ ଏହି ପ୍ଲାଟ୍‌ଫର୍ମଗୁଡ଼ିକୁ ବ୍ୟବହାର ଲୋକଙ୍କୁ ସେଭିଂର ବିଭିନ୍ନ କୌଶଳ ସମ୍ପର୍କରେ ପରାମର୍ଶ ଦେଉଛନ୍ତି।

# ଇନ୍‌ଷ୍ଟାଗ୍ରାମରେ ସମସ୍ତଙ୍କୁ ଅନ୍‌ଫୋଲୋ କଲେ ଅପୂର୍ବା

**ମୁମ୍ବାଇ:** ୟୁଟ୍ୟୁବ୍ ଶୋ' 'ଇଣ୍ଡିଆଜ୍ ଗଟ୍ ଲାଟେଣ୍ଟ'ରେ ବିଭିନ୍ନ ଅଶ୍ଳୀଳ ମନ୍ତବ୍ୟ ଦେଇ ପୋଲିସର ସ୍କାନରରେ ଥିବା ସୋସିଆଲ ମିଡିଆ ଇନ୍‌ଫ୍ଲୁଏନ୍ସର ଅପୂର୍ବା ମୁଖିଜା ଗୁରୁବାର ଏକ ବଡ଼ ପଦକ୍ଷେପ ନେଇଛନ୍ତି। ସେ ତାଙ୍କ ଇନ୍‌ଷ୍ଟାଗ୍ରାମ ଆକାଉଣ୍ଟରୁ ସମସ୍ତଙ୍କୁ ଅନ୍‌ଫଲୋ କରିଦେଇଛନ୍ତି। ଅପୂର୍ବା ସୋସିଆଲ ମିଡିଆରେ 'ଦି ରେବଲ କିଡ୍' ନାମରେ ପରିଚିତ। ତାଙ୍କର ଇନ୍‌ଷ୍ଟାଗ୍ରାମରେ ୨.୯ ମିଲିୟନ ଫଲୋଅର୍ସ ରହିଛନ୍ତି। ଅପୂର୍ବା ପୋଷ୍ଟ କରୁଥିବା ପ୍ରତି ଭିଡିଓକୁ ଲକ୍ଷାଧିକ ଲୋକ ଦେଖିଥାନ୍ତି। ତେବେ ସମସ୍ତଙ୍କୁ ଅନ୍‌ଫଲୋ କରିବା ପୂର୍ବରୁ ସେ ୧୫୦୦ ଜଣଙ୍କୁ ଫୋଲୋ କରିଥିବା ନେଇ ସୋସିଆଲ ମିଡିଆରେ କେତେଜଣ ୟୁଜର୍ସ ଦାବି କରିଛନ୍ତି। ସେହିପରି ଆସନ୍ତା ମାସ ୮ ଏବଂ ୯ ତାରିଖରେ ରାଜସ୍ଥାନର ରାଜଧାନୀ ଜୟପୁରରେ ହେବାକୁ ଥିବା ଇଣ୍ଟରନ୍ୟାଶ୍‌ନାଲ ଇଣ୍ଡିଆନ ଫିଲ୍ମ ଏକାଡେମୀ ଆୱାର୍ଡ୍ସ (ଆଇଆଇଏଫ୍ଏ) ୨୦୨୫ର ପ୍ରମୋଟରମାନଙ୍କ ତାଲିକାରୁ ମଧ୍ୟ ଅପୂର୍ବାଙ୍କ ନାମକୁ ହଟାଇ ଦିଆଯାଇଛି।

ପ୍ରକାଶ ଯେ, ଷ୍ଟାଣ୍ଡଅପ୍ କମେଡିଆନ୍ ସମୟ ରୈନାଙ୍କ ଇଣ୍ଡିଆଜ୍ ଗଟ୍ ଲାଟେଣ୍ଟ ଶୋ'ରେ ବିଅର ବାଇସେପ୍ସ ଭାବେ ପରିଚିତ ଲୋକପ୍ରିୟ ୟୁଟ୍ୟୁବର ରଣବୀର ଆଲ୍ଲାହାବାଦିଆଙ୍କ ମା'ବାପାଙ୍କୁ ନେଇ ଅଶ୍ଳୀଳ ମନ୍ତବ୍ୟ ପରେ ଦେଶବ୍ୟାପୀ ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଘଟଣାକୁ ନେଇ ରଣବୀର, ସମୟଙ୍କ ସହ ଅପୂର୍ବାଙ୍କ ବିରୋଧରେ ବିଭିନ୍ନ ସହରରେ ମାମଲା ରୁଜୁ ହୋଇଥିଲା।


ଅପୂର୍ବା ମୁଖିଜା

# ପଞ୍ଚାୟତ ସମିତି ପ୍ରତିନିଧି-ବିଧାୟକଙ୍କ ସମର୍ଥକ ହାତାହାତି




ପଞ୍ଚାୟତ ସମିତି ସଭ୍ୟ ଓ ବିଧାୟକ ଶାରଦା ପ୍ରସାଦ ପ୍ରଧାନଙ୍କ ସମର୍ଥକ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ଏବଂ ପୋଲିସ ଲାଠିଚାର୍ଜ କରି ଆନ୍ଦୋଳନକାରୀଙ୍କୁ ଘଉଡ଼ାଉଛି।

ନିଶ୍ଚିନ୍ତକୋଇଲି,୨୦।୨
(ଅଶୋକ କୁମାର ମହାପାତ୍ର)

- ରଣକ୍ଷେତ୍ର ପାଲଟିଲା ମାହାଙ୍ଗା ବ୍ଲକ କାର୍ଯ୍ୟାଳୟ
- ପୋଲିସର ଲାଠିଚାଳନା, ଏସ୍‌ଡିପିଓ ଆହତ

କଟକ ଜିଲା ମାହାଙ୍ଗା ବ୍ଲକ କାର୍ଯ୍ୟାଳୟ ପରିସର ଗୁରୁବାର ରଣକ୍ଷେତ୍ର ପାଲଟିଛି। ପଞ୍ଚାୟତ ସମିତି ସଭ୍ୟ ଓ ବିଧାୟକଙ୍କ ସମର୍ଥକ ଗୋଷ୍ଠୀଙ୍କ ମଧ୍ୟରେ ଗଣ୍ଡଗୋଳ ଘଟି ହାତାହାତି ଭଳି ସ୍ଥିତି ଉପୁଜିଛି। ପରିସ୍ଥିତିକୁ ପ୍ରଶମନ କରିବାକୁ ଯାଇ ଏସ୍‌ଡିପିଓ ବିରଞ୍ଚି ନାରାୟଣ ପତି ଆହତ ହୋଇଥିବା ବେଳେ ପୋଲିସକୁ ମୃଦୁ ଲାଠିଚାଳନା କରିବାକୁ ପଡ଼ିଛି।

ମାହାଙ୍ଗାରେ ଉନ୍ନୟନମୂଳକ କାର୍ଯ୍ୟ ଏକପ୍ରକାର ବନ୍ଦ ହେବା ସହ ଅନ୍ୟାନ୍ୟ ସମସ୍ୟା ନେଇ ବ୍ଲକ ଅଧ୍ୟକ୍ଷା ଦୀପା ମଲ୍ଲିକଙ୍କ ସମେତ ପଞ୍ଚାୟତ ସମିତି ସଭ୍ୟ, ସରପଞ୍ଚମାନେ ବୁଧବାରଠାରୁ ପାଲଟାଣି ଧାରଣାରତ ଥିଲେ। ତେବେ ପୂର୍ବରୁ ହୋଇଥିବା ଦୁର୍ନୀତିର ତଦନ୍ତ କରାଯିବା ସହ ଅନ୍ୟାନ୍ୟ ଦାବିରେ ସ୍ୱାଧୀନ ବିଧାୟକ ଶାରଦା ପ୍ରସାଦ ପ୍ରଧାନଙ୍କ ସମର୍ଥିତ ଗୋଷ୍ଠୀ ଗୁରୁବାର ସେଠାରେ ଚେୟାର ପକାଇ ଧାରଣା ଦେଇଥିଲେ। ଏନେଇ ଉଭୟ ଗୋଷ୍ଠୀ ମଧ୍ୟରେ ବ୍ଲକ କାର୍ଯ୍ୟାଳୟ ପରିସରରେ ପ୍ରଥମେ ଆରୋପ ଓ ପ୍ରତ୍ୟାରୋପ ପରେ ସ୍ଥିତି ଉଗ୍ରରୂପ ଧାରଣ କରିଥିଲା। ଏପରିକି ବ୍ଲକ କାର୍ଯ୍ୟାଳୟ ଭିତରେ ହାତାହାତି ହୋଇ ପରସ୍ପରକୁ ଚେୟାର ଫୋପାଡ଼ି ଥିଲେ। ଖବରପାଇ ସାଲେପୁର ଏସ୍‌ଡିପିଓ ବିରଞ୍ଚି ପତିଙ୍କ ସମେତ ବହୁ ପୋଲିସ ଅଧିକାରୀ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ଘଟଣାକୁ ପ୍ରଶମିତ କରିବାକୁ ଉଦ୍ୟମ କରିଥିଲେ। କିନ୍ତୁ ଏହା ଥମି ନ ଥିଲା। ଏପରିକି ସାଲେପୁର ଏସ୍‌ଡିପିଓ ବିରଞ୍ଚିଙ୍କ ମୁହଁରେ ଆଘାତ ଲାଗି ରକ୍ତ ବାହାରିଥିଲା। ଏହାପରେ ପୋଲିସ ମୃଦୁ ଲାଠିଚାଳନା କରି ସ୍ୱାଧୀନ ବିଧାୟକଙ୍କ ସମର୍ଥିତ ଗୋଷ୍ଠୀଙ୍କୁ କାର୍ଯ୍ୟାଳୟ ବାହାରକୁ ଘଉଡ଼ାଇ ଦେଇଥିଲା। ପଞ୍ଚାୟତ ପ୍ରତିନିଧିମାନଙ୍କ କାର୍ଯ୍ୟାଳୟ ଭିତରେ ବସିବାର ଅଧିକାର ଥିବାରୁ ସେମାନେ ସେଠାରେ ପୂର୍ବପରି ଧାରଣା ଦେଇଥିଲେ। ମାହାଙ୍ଗାର ପ୍ରାକ୍ତନ ବିଧାୟକ ପ୍ରତାପ ଜେନା, ପୂର୍ବତନ ମନ୍ତ୍ରୀ ସଞ୍ଜୟଦାସ ବର୍ମା, ନୟାଗଡ଼ ବିଧାୟକ ଅରୁଣ ସାହୁ, ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା, ରାଜନଗର ବିଧାୟକ ଧ୍ରୁବଚରଣ ସାହୁ ଓ ବାଙ୍କୀ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀଙ୍କ ସମେତ ୬ ଜଣିଆ ଫାକ୍ଟ ଫାଇଣ୍ଡି ଟିମ୍ ଧାରଣାରତ ଲୋକ ପ୍ରତିନିଧିଙ୍କ ପାଖରେ ପହଞ୍ଚି ସମସ୍ୟା ବୁଝିଥିଲେ। ଏହି ଘଟଣାକୁ ନେଇ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଅପରପକ୍ଷେ ଗେଟ୍ ବାହାରକୁ ଆସିବା ପରେ ବିଧାୟକଙ୍କ ସମର୍ଥିତ ଗୋଷ୍ଠୀ ଧାରଣାରେ ବସିଥିଲେ। ଆଇନଶୃଙ୍ଖଳାକୁ ଦୃଷ୍ଟିରେ ରଖି ବ୍ୟାପକ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା। ଖବରପାଇ ଗ୍ରାମାଞ୍ଚଳ ଅତିରିକ୍ତ ଏସ୍‌ପି ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଛନ୍ତି।

ଦୀର୍ଘ ୮ମାସ ହେବ ମାହାଙ୍ଗା ନିର୍ବାଚନମଣ୍ଡଳୀରେ ଉନ୍ନୟନମୂଳକ କାର୍ଯ୍ୟ କଚ୍ଛପଗତିରେ ଚାଲିଛି। ଶେଷ ହୋଇଥିବା କାମର ବିଲ୍ ଉପରେ ରୋକେ ଲଗାଯାଇଛି। ମାହାଙ୍ଗା ପଞ୍ଚାୟତ ସମିତିର ଲୋକପ୍ରତିନିଧିମାନେ ଏହାର ପ୍ରତିବାଦ କରି ୫ଦଫା ଦାବି ନେଇ ବ୍ଲକ ପରିସରରେ ବୁଧବାରଠାରୁ ଧାରଣା ଦେଇଥିଲେ। ସେମାନଙ୍କ ଅଭିଯୋଗ ଅନୁଯାୟୀ, ପଞ୍ଚାୟତ ସମିତି ଅଧୀନରେ ଦୀର୍ଘ ୮ମାସ ହେବ କୌଣସି ମଞ୍ଜୁରୀପ୍ରାପ୍ତ ପ୍ରକଳ୍ପର କାର୍ଯ୍ୟ ଆରମ୍ଭ କରାଯାଇନାହିଁ। ମାହାଙ୍ଗା ବ୍ଲକର ୩୭ ଗ୍ରାମପଞ୍ଚାୟତରେ ଉନ୍ନୟନମୂଳକ କାର୍ଯ୍ୟ ଏକରକମ ବନ୍ଦ ହୋଇଯାଇଛି। ପୂର୍ବରୁ ସମ୍ପାଦିତ ହୋଇଥିବା ବିଭିନ୍ନ ଯୋଜନାଗୁଡ଼ିକର ବିଲ୍ ସହକାରୀ ଯନ୍ତ୍ରୀଙ୍କ ପାଖକୁ ପଠାଯାଇଥିଲେ ମଧ୍ୟ କୌଣସି କାରଣ ନ ଥାଇ ସମ୍ପୃକ୍ତ ଅଧିକାରୀ ସେହି ବିଲ୍‌ଗୁଡ଼ିକୁ ପାସ୍ କରୁନାହାନ୍ତି। ପ୍ରଶାସନ ତରଫରୁ ନିର୍ବାଚିତ ପଞ୍ଚାୟତସ୍ତରୀୟ ଲୋକ ପ୍ରତିନିଧିମାନଙ୍କୁ ଉପେକ୍ଷା ଓ ଅଣଦେଖା କରାଯାଉଛି।

ଏହାକୁ ବିରୋଧ କରି ସ୍ୱାଧୀନ ବିଧାୟକଙ୍କ ସମର୍ଥିତ ଗୋଷ୍ଠୀ ପୂର୍ବରୁ ହୋଇଥିବା ଦୁର୍ନୀତିର ତଦନ୍ତ, ଅଧ୍ୟକ୍ଷ ସରକାରୀ ଦସ୍ତାବିଜ ବ୍ଲକରୁ ନେଇଯାଇଥିବା ଭଳି ଅଭିଯୋଗ ଆଣିବା ସହ ପଞ୍ଚାୟତ ପ୍ରତିନିଧିମାନେ ଧାରଣାରୁ ନ ଉଠିବା ପର୍ଯ୍ୟନ୍ତ ସେମାନେ ଧାରଣା ଦେବେ ବୋଲି କହିଥିଲେ। ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଶାନ୍ତ କୁମାର ନାୟକ ସନ୍ଧ୍ୟାରେ ଧାରଣା ସ୍ଥଳରେ ପହଞ୍ଚି ଲୋକପ୍ରତିନିଧିମାନେ ଦେଇଥିବା ଅଭିଯୋଗର ୧୦ ଦିନ ମଧ୍ୟରେ ବିଚାର କରାଯିବ ବୋଲି ଲିଖିତ ପ୍ରତିଶ୍ରୁତି ଦେଇଛନ୍ତି। ଏହାପରେ ଧାରଣା ପ୍ରତ୍ୟାହୃତ ହୋଇଯାଇଛି। ଏହି ସମୟରେ ଭାରପ୍ରାପ୍ତ ବିଡିଓ ବିବେନ୍ଦୁ ଦାସଙ୍କ ସମେତ ପୋଲିସ ପ୍ରଶାସନର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଅପରପକ୍ଷେ ବିଧାୟକଙ୍କ ସମର୍ଥକ ଗୋଷ୍ଠୀ ୪ ଦାବି ସମ୍ପର୍କିତ ଏକ ଦାବିପତ୍ର ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀଙ୍କୁ ପ୍ରଦାନ କରି ଧାରଣାରୁ ହଟିଯାଇଛନ୍ତି। ଏ ସମ୍ପର୍କରେ ବିଧାୟକ ଶାରଦା ପ୍ରସାଦ ପ୍ରଧାନଙ୍କ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ।

# ଆଇଏଏସ୍, ଆଇପିଏସ୍ ଅଫିସରଙ୍କ ସ୍ତ୍ରୀ କିଟ୍‌ରେ କାମ କରୁଥିବାରୁ ଚାପ ପଡୁଛି: ତାରା

ଭୁବନେଶ୍ୱର, ୨୦।୨ (ବନ୍ଦନା ସେଠୀ)

କିଟ୍‌ରେ ନେପାଳୀ ଛାତ୍ରୀ ପ୍ରକୃତି ଲାମ୍‌ସାଲ୍‌ଙ୍କ ଆତ୍ମହତ୍ୟା ଓ ପରବର୍ତ୍ତୀ ବିଭିନ୍ନ ଘଟଣାକୁ ନେଇ ରାଜନୀତି ଜୋର୍ ଧରିଛି। ଗୁରୁବାର କଂଗ୍ରେସ ବିଧାୟକ ତାରା ପ୍ରସାଦ ବାହିନୀପତି ଗଣମାଧ୍ୟମ ଆଗରେ ଏହି ପ୍ରସଙ୍ଗ ଉଠାଇ ରାଜ୍ୟ ସରକାରଙ୍କ ଉପରେ ବର୍ଷିଛନ୍ତି। ଏଥିପାଇଁ ଓଡ଼ିଶା ବିଶ୍ୱ ଦରବାରରେ ନିନ୍ଦିତ ହେଉଥିବାବେଳେ ରାଜ୍ୟ ସରକାରଙ୍କ ସ୍ଥାଣୁତାକୁ ନେଇ ସେ ପ୍ରଶ୍ନ କରିଛନ୍ତି। ତାରା କହିଛନ୍ତି, ରାଜ୍ୟ ସରକାରଙ୍କ କେତେକ ଆଇଏଏସ୍ ଓ ଆଇପିଏସ୍ ଅଫିସରଙ୍କ ସ୍ତ୍ରୀ କିଟ୍‌ରେ କାମ କରୁଛନ୍ତି। ତେଣୁ ସରକାରଙ୍କ ଉପରେ ଚାପ ରହିଛି କି ବୋଲି ସେ ପ୍ରଶ୍ନ କରିଛନ୍ତି। ରାଜ୍ୟ ସରକାର କାହିଁକି ଆଜି ପର୍ଯ୍ୟନ୍ତ କିଟ୍ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ କରିନାହାନ୍ତି ବୋଲି ସେ କହିଛନ୍ତି। ତାଙ୍କ ସହିତ ଅଚ୍ୟୁତ ସାମନ୍ତଙ୍କର ଭଲ ସମ୍ପର୍କ ରହିଛି, ମାତ୍ର ମାଆ ଓ ମାଟିକୁ ପ୍ରଥମେ ସୁରକ୍ଷା ଦରକାର। ଓଡ଼ିଶାର ସ୍ୱାଭିମାନ ସବୁଠୁ ଆଗ। ସମଗ୍ର ବିଶ୍ୱ ଆଜି କିଟ୍ ଘଟଣାକୁ ନିନ୍ଦା କରୁଛି। ଓଡ଼ିଶା ଲୋକଙ୍କ ଅନ୍ତରାତ୍ମା କାନ୍ଦୁଛି। ତେବେ ସରକାର କାହିଁକି ଏହା ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହାନ୍ତି ତାହା ଚିନ୍ତାଜନକ ବିଷୟ ବୋଲି ତାରା କହିଛନ୍ତି।

# 'ରାଜ୍ୟବାସୀଙ୍କ ସ୍ୱାର୍ଥ ପାଇଁ ଲଢ଼େଇ ଜାରି ରଖିବୁ'

ପୁରୀ, ୨୦।୨(ଅଜିତ୍ କୁମାର ମହାନ୍ତି)

## ଶ୍ରୀକ୍ଷେତ୍ରରେ ସରିଲା କଂଗ୍ରେସର ସଂକଳ୍ପ ଯାତ୍ରା



ପିସିସି ସଭାପତି ଭକ୍ତଚରଣ ଦାସ ଓ ଦଳୀୟ କର୍ମୀମାନେ ସଂକଳ୍ପ ପଦଯାତ୍ରାରେ ପୁରୀ ବଡ଼ଦାଣ୍ଡ ଦେଇ ଶ୍ରୀମନ୍ଦିର ଅଭିମୁଖେ ଯାଉଛନ୍ତି। -ଫଟୋ- ଯଜ୍ଞେଶ୍ୱର ମହାନ୍ତି)

ଓଡ଼ିଶାରେ କଂଗ୍ରେସ ଦଳ ପୁଣି ଶକ୍ତିଶାଳୀ ଓ ଲୋକଙ୍କ ଆସ୍ଥାଭାଜନ ହେବାକୁ ଅଣ୍ଟା ଭିଡ଼ିଛି। ଏହି କ୍ରମରେ ପ୍ରଦେଶ କଂଗ୍ରେସ କମିଟି (ପିସିସି)ର ନୂତନ ସଭାପତି ଭକ୍ତଚରଣ ଦାସଙ୍କ ନେତୃତ୍ୱରେ ମଙ୍ଗଳବାରଠାରୁ ଆରମ୍ଭ ହୋଇଥିବା ତିନିଦିନିଆ ସଂକଳ୍ପ ଯାତ୍ରା ଗୁରୁବାର ଶ୍ରୀକ୍ଷେତ୍ରରେ ସମାପନ ହୋଇଛି। ପିସିସି ସଭାପତି ଦାସ ଦଳୀୟ କର୍ମୀ ଓ ନେତୃବୃନ୍ଦଙ୍କ ସହ ପଦଯାତ୍ରାରେ ପୁରୀରେ ପହଞ୍ଚି ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କ ଦର୍ଶନ କରିବା ପରେ ସଂକଳ୍ପ ଯାତ୍ରା ଶେଷ ହୋଇଛି। ଏହି ଅବସରରେ ପିସିସି ସଭାପତି ଦାସ କହିଛନ୍ତି, ଜନସାଧାରଣଙ୍କ ସହିତ ଯୋଡ଼ି ହେବା ସହ ରାଜ୍ୟ ସରକାରଙ୍କ ଦୁର୍ନୀତି ଲୋକଲୋଚନକୁ ଆଣିବୁ। ରାଜ୍ୟବାସୀଙ୍କ ସ୍ୱାର୍ଥ ପାଇଁ ଲଢେଇ ଜାରି ରଖିବା ସହ ଆଗାମୀ ଦିନରେ ଅନେକ କାର୍ଯ୍ୟକ୍ରମ ହାତକୁ ନେବୁ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦ ନେଇ ଆଗେଇବୁ ବୋଲି ଦାସ ପ୍ରକାଶ କରିଛନ୍ତି। ସଂକଳ୍ପ ଯାତ୍ରାକୁ ନେଇ କଂଗ୍ରେସ କର୍ମୀ ଓ ନେତାଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଛି।

ସୂଚନା ଅନୁଯାୟୀ, ଗତ ୧୮ ତାରିଖରେ ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରୁ କଂଗ୍ରେସର ସଂକଳ୍ପ ପଦଯାତ୍ରା ଆରମ୍ଭ ହୋଇଥିଲା। ପ୍ରଥମ ଦିନରେ ଏହା ଲିଙ୍ଗିପୁର ଦେଇ ପିପିଲିରେ ପହଞ୍ଚିଥିଲା। ସେହିପରି ଦ୍ୱିତୀୟ ଦିନ ବୁଧବାର ସଂକଳ୍ପ ଯାତ୍ରା ପିପିଲିଠାରୁ ବାହାରି ଚନ୍ଦନପୁର ପର୍ଯ୍ୟନ୍ତ ଆସିଥିଲା। ତୃତୀୟ ଦିନ ତଥା ଶେଷ ଦିନରେ ଏହି ଯାତ୍ରା ଚନ୍ଦନପୁରରୁ ବାହାରି ବାଟମଙ୍ଗଳା, ଅଠରନଳା ଓ ବଡ଼ଦାଣ୍ଡ ଦେଇ ଶ୍ରୀମନ୍ଦିର ନିକଟରେ ପହଞ୍ଚିଥିଲା। ନୂତନ ରାଜ୍ୟ ସଭାପତି ଦାସଙ୍କୁ ବିଭିନ୍ନ ସ୍ଥାନରେ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା। ବାଟମଙ୍ଗଳା ମନ୍ଦିରରେ ପିସିସି ସଭାପତି ପୂଜାର୍ଚ୍ଚନା କରିଥିଲେ। ଘଣ୍ଟ, ଢୋଲ, ମାଦଳ ଆଦି ବିଭିନ୍ନ ବାଦ୍ୟ ସମେତ ଗୀତ ଏବଂ ଅନ୍ୟାନ୍ୟ କାର୍ଯ୍ୟକ୍ରମ ମଧ୍ୟରେ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। କଂଗ୍ରେସ କର୍ମୀମାନେ ଦଳୀୟ ପତାକା ଧରି ପଦଯାତ୍ରାରେ ଶ୍ରୀମନ୍ଦିର ସିଂହଦ୍ୱାର ପର୍ଯ୍ୟନ୍ତ ଯାଇଥିଲେ। ପାରମ୍ପରିକ ନୃତ୍ୟ ଓ ଗୀତରେ କମ୍ପିଥିଲା ବଡ଼ଦାଣ୍ଡ। ଏହି ଅବସରରେ ଦାସ ବଡ଼ଦାଣ୍ଡରୁ ଉଚ୍ଛେଦ ହୋଇଥିବା କେତେଜଣ ଉଠାଦୋକାନୀଙ୍କୁ ମାର୍କେଟ ଛକସ୍ଥିତ ପାରାଡାଇଜ ହୋଟେଲ ସମ୍ମୁଖରେ ଭେଟି ଆଲୋଚନା କରିଥିଲେ। ପରେ ସଂକଳ୍ପ ଯାତ୍ରା ଶ୍ରୀମନ୍ଦିର ଅଭିମୁଖେ ଯାଇଥିଲା। ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ଦାସ ଓ ଦଳୀୟ କର୍ମୀମାନେ ପହଞ୍ଚିବା ପରେ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ଦୀପଦାନ ସହ ସାଷ୍ଟାଙ୍ଗ ପ୍ରଣିପାତ କରିଥିଲେ। ପରେ ଶ୍ରୀମନ୍ଦିରକୁ ଯାଇ ଦାରୁବିଗ୍ରହଙ୍କ ଦର୍ଶନ କରିସାରି ଫେରିଥିଲେ। ଏହି ଅବସରରେ ବରିଷ୍ଠ ନେତା ଉମାବଲ୍ଲଭ ରଥ, ପ୍ରସାଦ ହରିଚନ୍ଦନ, ସୁରେଶ ରାଉତରାୟ, ତାରାପ୍ରସାଦ ବାହିନୀପତି, ସିଦ୍ଧାର୍ଥ ରାଉତରାୟ ଏବଂ କଂଗ୍ରେସ ପ୍ରଭାରୀ ଅଜୟ କୁମାର ଲଲ୍ଲୁଙ୍କ ସହ ଅନେକ କଂଗ୍ରେସ ନେତା ଓ କର୍ମୀ ଉପସ୍ଥିତ ଥିଲେ।

## Business

# ୨୬,୦୦୦ କୋଟିର ଟି-ବିଲ୍ ବିକ୍ରି ବାତିଲକଲା ଭାରତ

ଭୁବନେଶ୍ୱର,୨୦।୨ (ଅନୁରାଧା ମହାରଣା)

ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ଗୁରୁବାର ୯୧ ଏବଂ ୧୮୨ ଦିନିଆ ଟ୍ରେଜେରି ବିଲ୍ (ଟି-ବିଲ୍) ନିଲାମରେ କୌଣସି ବିଡ୍ ଗ୍ରହଣ କରିନାହିଁ। ଦେଶର ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥାରେ ନଗଦ ସଙ୍କଟ ମଧ୍ୟରେ ଏହି ପଦକ୍ଷେପ ନିଆଯାଇଛି। ଆର୍‌ବିଆଇ ଏକ ବିବୃତିରେ କହିଛି, ଏହା ୨୬,୦୦୦ କୋଟି ଟଙ୍କା, ପ୍ରାୟ ୩ ବିଲିୟନ ଡଲାରର ବିକ୍ରୟ ପାଇଁ ବିଡ୍‌କୁ ବାତିଲ କରିଛି। ତେବେ ଏହା ୬.୫୬୩୮% ହାରରେ ୭,୦୦୦ କୋଟି ଟଙ୍କା ମୂଲ୍ୟର ୩୬୪ ଦିନିଆ ଟ୍ରେଜେରି ବିଲ୍ ବିକ୍ରି କରିଛି। ଦେଶର ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥାରେ ଲିକ୍ୟୁଡିଟି ସ୍ଥିତି ଗୁରୁତର ଅଭାବରେ ରହିଛି। ବ୍ଲୁମ୍‌ବର୍ଗ ଇକୋନୋମିକ୍ସର ଏକ ସୂଚକାଙ୍କ ଅନୁଯାୟୀ, ବ୍ୟାଙ୍କଗୁଡିକ ବୁଧବାର ପର୍ଯ୍ୟନ୍ତ କେନ୍ଦ୍ରୀୟ ବ୍ୟାଙ୍କରୁ ପ୍ରାୟ ୨ ଲକ୍ଷ କୋଟି ଟଙ୍କା ଋଣ ନେଇଛନ୍ତି। ଗତ ମାସ ଶେଷରୁ ଆର୍‌ବିଆଇ ତିନୋଟି ଖୋଲା ବଜାର ଅପରେଶନ (ଓଏମ୍‌ଓ) ମାଧ୍ୟମରେ ସିଷ୍ଟମରେ ୧ ଲକ୍ଷ କୋଟି ଟଙ୍କା ଯୋଡ଼ିଛି। ଏହା ସହ ଏହା ଫରେକ୍ସ ସ୍ୱାପ୍ ମାଧ୍ୟମରେ ୫ ବିଲିୟନ ଡଲାରର ଲିକ୍ୟୁଡିଟିକୁ ଇଞ୍ଜେକ୍ଟ କରିଛି। ଦୀର୍ଘକାଳୀନ ଟି-ବିଲ୍‌ଗୁଡ଼ିକର ପରିବର୍ତ୍ତନଶୀଳ ରେପୋ ନିଲାମ ମଧ୍ୟ କରୁଛି। ଏଥିସହ ଗୁରୁବାର ଟି-ବିଲ୍ ବିକ୍ରିର ଫଳାଫଳ ପରେ ୫ ବର୍ଷର ବଣ୍ଡ ୬.୬୫%ରେ ସ୍ଥିର ରହିଛି। ମେ ମାସରେ, ଆର୍‌ବିଆଇ ଟ୍ରେଜେରି ବିଲ୍ ମାଧ୍ୟମରେ ସରକାରଙ୍କ ପାଇଁ ଋଣ ହ୍ରାସ କରିବାକୁ ଘୋଷଣା କରିଥିଲା। ସରକାରଙ୍କୁ ଏକ ବିରାଟ ଡିଭିଡେଣ୍ଡ ଟ୍ରାନ୍ସଫରର କିଛି ଦିନ ପୂର୍ବରୁ ଏହି ପଦକ୍ଷେପ ନିଆଯାଇଥିଲା। ଆର୍‌ବିଆଇର ସଦ୍ୟତମ ମାସିକ ବୁଲେଟିନ ଅନୁଯାୟୀ, ୨୦୨୫-୨୬ ସୁଦ୍ଧା ଭାରତର ଅର୍ଥନୀତି ବିଶ୍ୱର ଦ୍ରୁତ ଅଭିବୃଦ୍ଧିଶୀଳ ପ୍ରମୁଖ ଅର୍ଥନୀତି ହୋଇ ରହିବ। ଅନ୍ତର୍ଜାତୀୟ ମୁଦ୍ରାପାଣ୍ଠି (ଆଇଏମ୍‌ଏଫ୍) ଏବଂ ବିଶ୍ୱବ୍ୟାଙ୍କର ଆକଳନକୁ ଦର୍ଶାଇ ଆର୍‌ବିଆଇ କହିଛି, ୨୦୨୫-୨୬ ମସିହାରେ ଭାରତର ଜିଡିପି ଅଭିବୃଦ୍ଧି ୬.୫%ରୁ ୬.୭% ମଧ୍ୟରେ ରହିବ। ବୈଶ୍ୱିକ ଅନିଶ୍ଚିତତା ସତ୍ତ୍ୱେ ହାଇ-ଫ୍ରିକ୍ୱେନ୍ସି ସୂଚକଗୁଡ଼ିକ ଦର୍ଶାଏ ଯେ ୨୦୨୪-୨୫ର ଦ୍ୱିତୀୟାର୍ଦ୍ଧରେ ଅର୍ଥନୈତିକ କାର୍ଯ୍ୟକଳାପରେ ଉନ୍ନତି ଆଗକୁ ମଧ୍ୟ ଜାରି ରହିବ।

# ଦେବଗଡ଼ରେ ସୁନାଖଣି ସନ୍ଧାନ

ଭୁବନେଶ୍ୱର,୨୦।୨ (ଅନୁରାଧା ମହାରଣା)

ଦେବଗଡ ଜିଲାର ଆଡାସ ଅଞ୍ଚଳରେ ଭାରତୀୟ ଭୂ-ବୈଜ୍ଞାନିକ ସଂସ୍ଥା (ଜିଏସଆଇ) ଦ୍ୱାରା ଜି-୨ସ୍ତରରେ ଅନୁସନ୍ଧାନ କରାଯାଇ ସୁନା, ନିକେଲ, ରୁପା, ତମ୍ବାପଥର, ଓ ଗ୍ରାଫାଇଟ ଖଣିଜ ପଦାର୍ଥ ଥିବା ଜଣାପଡିଛି। ସେଥିମଧ୍ୟରୁ ନିକେଲ ଓ ଗ୍ରାଫାଇଟ କ୍ରିଟିକାଲ ମିନେରାଲ ଅନ୍ତର୍ଭୁକ୍ତ ହୋଇଥିବାରୁ ଉକ୍ତ ବ୍ଲକର ନିଲାମ ପ୍ରକ୍ରିୟା ଭାରତ ସରକାରଙ୍କ ଖଣି ମନ୍ତ୍ରାଳୟ ଦ୍ୱାରା ହେବାର ଯୋଜନା ରହିଛି। ସେହିପରି କେଉଁଝର ଜିଲାର ଗୋପୁର ଅଞ୍ଚଳରେ ଜି-୩ ସ୍ତରରେ ସୁନାର ଅନୁସନ୍ଧାନ କାର୍ଯ୍ୟ ସରିଛି। ୨୦୨୪-୨୫ ବର୍ଷରେ ଉକ୍ତ ବ୍ଲକର ଜଳଡ଼ିହି ଅଞ୍ଚଳରେ ଜି-୨ରେ ଅନୁସନ୍ଧାନ କାର୍ଯ୍ୟ ଚାଲୁରହିଛି। ଅନୁସନ୍ଧାନକାରୀ ସଂସ୍ଥାମାନେ ଚୁଡାନ୍ତ ରିପୋର୍ଟ ପ୍ରଦାନ କଲା ପରେ ବୈଷୟିକ କମିଟିର ସୁପାରିସ କ୍ରମେ ପରବର୍ତ୍ତୀ ପଦକ୍ଷେପ ନିଆଯିବ।

# ଭି.ଅନନ୍ତ ନାଗେଶ୍ୱରନ୍‌ଙ୍କ କାର୍ଯ୍ୟକାଳ ବୃଦ୍ଧି

ଭୁବନେଶ୍ୱର,୨୦।୨



ଡ. ଭି. ଅନନ୍ତ ନାଗେଶ୍ୱରନ୍

କେନ୍ଦ୍ର ସରକାର ମୁଖ୍ୟ ଅର୍ଥନୈତିକ ପରାମର୍ଶଦାତା ଡ. ଭି. ଅନନ୍ତ ନାଗେଶ୍ୱରନ୍‌ଙ୍କ କାର୍ଯ୍ୟକାଳକୁ ୨୦୨୭ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି। ୨୦୨୨ ଜାନୁଆରୀ ୨୮ରେ ମୁଖ୍ୟ ଅର୍ଥନୈତିକ ପରାମର୍ଶଦାତା ଭାବେ ଦାୟିତ୍ୱ ଗ୍ରହଣ କରିଥିବା ଡ. ନାଗେଶ୍ୱରନ୍ ଅର୍ଥନୈତିକ ନୀତି ଗଠନରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି। ଅର୍ଥନୈତିକ ସର୍ବେକ୍ଷଣ ୨୦୨୪-୨୫ରେ ଆସନ୍ତା ଆର୍ଥିକ ବର୍ଷ ପାଇଁ ଜିଡିପି ଅଭିବୃଦ୍ଧି ୬.୩%-୬.୮% ରହିବ ବୋଲି ଆକଳନ କରାଯିବାର କିଛି ସପ୍ତାହ ପରେ ଅର୍ଥନୀତିରେ ସୁଧାର ଆସିବାର ସଙ୍କେତ ଦେଖିବାକୁ ମିଳିଛି। ଚଳିତ ଆର୍ଥିକ ବର୍ଷ ପାଇଁ ଜିଡିପି ଅଭିବୃଦ୍ଧି ୬.୪% ରହିବ ବୋଲି ଆକଳନ କରାଯାଇଛି। ସେ ୨୦୧୯ରୁ ୨୦୨୧ ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀଙ୍କ ଅର୍ଥନୈତିକ ପରାମର୍ଶଦାତା ପରିଷଦର ପାର୍ଟ ଟାଇମ ସଦସ୍ୟ ଭାବରେ ମଧ୍ୟ କାର୍ଯ୍ୟ କରିଛନ୍ତି ଏବଂ ଭାରତ ଓ ସିଙ୍ଗାପୁରର ବିଭିନ୍ନ ଶିକ୍ଷାନୁଷ୍ଠାନରେ କାର୍ଯ୍ୟ କରିଛନ୍ତି। ଡ. ନାଗେଶ୍ୱରନ୍ ଆଇଆଇଏମ୍ ଅହମ୍ମଦାବାଦରୁ ଏମ୍‌ବିଏ ଏବଂ ମାସାଚୁସେଟ୍ସ ବିଶ୍ୱବିଦ୍ୟାଳୟରୁ ଫାଇନାନ୍ସରେ ପିଏଚ୍.ଡି. କରିଛନ୍ତି। କେନ୍ଦ୍ର କାର୍ମିକ ଓ ପ୍ରଶିକ୍ଷଣ ବିଭାଗ ସୂଚନା ଅନୁଯାୟୀ, ୧୭ ତାରିଖରେ ଅନୁଷ୍ଠିତ କ୍ୟାବିନେଟ୍‌ର ନିଯୁକ୍ତି କମିଟି ବୈଠକରେ ଡ. ନାଗେଶ୍ୱରନ୍‌ଙ୍କ ଚୁକ୍ତିଭିତ୍ତିକ ମୁଖ୍ୟ ଅର୍ଥନୈତିକ ପରାମର୍ଶଦାତା ଭାବରେ କାର୍ଯ୍ୟକାଳ ୨ବର୍ଷ ବୃଦ୍ଧି କରାଯାଇଛି।

# ଅନ୍‌ଲାଇନ ଠକେଇରୁ ସୁରକ୍ଷାଦେବ ଟୋକେନାଇଜେଶନ

ଭୁବନେଶ୍ୱର,୨୦।୨

ଡିଜିଟାଲାଇଜେଶନ କ୍ଷେତ୍ରରେ ଭାରତ କ୍ରମାଗତ ଭାବରେ ଅଗ୍ରଗତି କରୁଛି। ଦେଶରେ ଡିଜିଟାଲ ପେମେଣ୍ଟରେ ମଧ୍ୟ ବହୁତ ବୃଦ୍ଧି ଘଟିଛି। ବର୍ତ୍ତମାନ ଡିଜିଟାଲ ପେମେଣ୍ଟର ଏକ ପ୍ରମୁଖ ପରିବର୍ତ୍ତନରେ, ଫୋନ ପେ କ୍ରେଡିଟ ଏବଂ ଡେବିଟ କାର୍ଡ ପାଇଁ ଏକ ଡିଭାଇସ୍ ଟୋକେନାଇଜେଶନ ସମାଧାନ ଆରମ୍ଭ କରିଛି। ଏହା ସାହାଯ୍ୟରେ ଫୋନ ପେ ମାଧ୍ୟମରେ ଉପଭୋକ୍ତାମାନେ ବିଲ୍ ପେମେଣ୍ଟ, ରିଚାର୍ଜ, ଟିକେଟ ବୁକିଂ, ବୀମା ପଲିସି କ୍ରୟ କରିପାରିବେ ଏବଂ ଅଧିକ ସୁରକ୍ଷିତ ଶପିଂ ସମୟରେ ଅନ୍‌ଲାଇନ ପେମେଣ୍ଟ କରିପାରିବେ। ଏହା ଅନ୍‌ଲାଇନ ଠକେଇକୁ ହ୍ରାସକରିବ ଏବଂ ଦେୟ ଦେବା ମଧ୍ୟ ସହଜ ହେବ।

ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ଅନୁଯାୟୀ, ଟୋକେନାଇଜେଶନ ଅର୍ଥ ହେଉଛି ଉପଭୋକ୍ତାଙ୍କ କ୍ରେଡିଟ୍ କିମ୍ବା ଡେବିଟ୍ କାର୍ଡ ବିବରଣୀକୁ ଟୋକେନରେ ପରିଣତ କରିବା। ଡିଭାଇସ୍ ଟୋକେନାଇଜେଶନ ହେଉଛି ଏକ ସୁରକ୍ଷିତ ପଦ୍ଧତି ଯାହା ସାହାଯ୍ୟରେ ଆପଣଙ୍କର କ୍ରେଡିଟ୍ କିମ୍ବା ଡେବିଟ୍ କାର୍ଡର ବିବରଣୀ ଏକ ସ୍ୱତନ୍ତ୍ର ଟୋକେନରେ ରୂପାନ୍ତରିତ ହୋଇଥାଏ। ଯେଉଁ ଡିଭାଇସ୍‌ରେ ଏହା ଜେନେରେଟ କରାଯାଇଥାଏ ଏହି ଟୋକନ କେବଳ ସେହି ଡିଭାଇସ୍‌ରେ ଉପଲବ୍ଧ ହେବ। ଏହା ଠକେଇର ବିପଦକୁ ହ୍ରାସ କରିଥାଏ ଏବଂ ଡାଟା ଲିକେଜ ଏବଂ ଦେୟ ମଧ୍ୟ ସୁରକ୍ଷିତ ରହିଥାଏ। ଫୋନ୍ ପେର ଟୋକେନାଇଜେଶନ କାରବାରକୁ ତ୍ୱରାନ୍ୱିତ କରିବ ବୋଲି ଆଶା କରାଯାଉଛି। ଏହା ଚେକ୍‌ଆଉଟ୍ ଡ୍ରପ୍ ଅଫ୍ ହ୍ରାସ କରିବ। ଏହା ବ୍ୟତୀତ ଉପଭୋକ୍ତାମାନଙ୍କୁ ପ୍ରତ୍ୟେକ ଥର ସେମାନଙ୍କ କାର୍ଡ ବିବରଣୀ ପ୍ରବେଶ କରିବାକୁ ପଡିବ ନାହିଁ। ଓଟିପି ଏବଂ ସିଭିଭି ପ୍ରବେଶ ନ କରି ଦେୟ ହାର ବୃଦ୍ଧିପାଇବ। ଏହା ବ୍ୟବସାୟୀମାନଙ୍କୁ ଟୋକେନାଇଜଡ କାର୍ଡର ବଢୁଥିବା ନେଟ୍‌ୱର୍କର ଲାଭ ଉଠାଇବାରେ ସାହାଯ୍ୟ କରିବ। ପ୍ରଥମ ପର୍ଯ୍ୟାୟରେ, ଫୋନ୍ ପେ ଭିସା କ୍ରେଡିଟ୍ ଏବଂ ଡେବିଟ୍ କାର୍ଡ ପାଇଁ ଟୋକେନାଇଜେଶନ ସୁବିଧା ଆରମ୍ଭ କରିଥିଲା। ପରେ ମାଷ୍ଟରକାର୍ଡ, ରୁପାୟ ଏବଂ ଆମେରିକୀୟ ଏକ୍ସପ୍ରେସ୍ ପରି ଅନ୍ୟ କାର୍ଡ ନେଟ୍‌ୱର୍କଗୁଡ଼ିକ ମଧ୍ୟ ଏଥିରେ ଅନ୍ତର୍ଭୁକ୍ତ ହେବ।

# ରାଜ୍ୟରେ ୯୫ ଲୁହାପଥର ଖଣି, ୩୪ରେ କାର୍ଯ୍ୟ ବନ୍ଦ

ଭୁବନେଶ୍ୱର,୨୦।୨



ଓଡ଼ିଶାରେ ବର୍ତ୍ତମାନ ୯୫ଟି ଲୁହାପଥର ଖଣି ବଳବତ୍ତର ରହିଥିବା ବେଳେ ୬୧ଟି ଖଣି କାର୍ଯ୍ୟକ୍ଷମ ରହିଛି। ୩୪ ଖଣିରେ କାର୍ଯ୍ୟ ବନ୍ଦ ରହିଛି। ସେହିଭଳି ରାଜ୍ୟରେ ୯ଟି ବକ୍ସାଇଟ ଖଣି ବଳବତ୍ତର ରହିଥିବା ବେଳେ ୪ଟି ଖଣି କାର୍ଯ୍ୟକ୍ଷମ ରହିଛି ଓ ୫ଟି ଖଣିରେ କାର୍ଯ୍ୟ ବନ୍ଦ ରହିଛି । ରାଜ୍ୟରେ କେତେ ସଂଖ୍ୟକ ଲୁହାପଥର ଓ ବକ୍ସାଇଟ୍ ଖଣି ଅଛି ବୋଲି ଗୃହରେ କଂଗ୍ରେସ ବିଧାୟକ ତାରାପ୍ରସାଦ ବାହିନୀପତିଙ୍କ ପ୍ରଶ୍ନର ଉତ୍ତରରେ ଇସ୍ପାତ ଓ ଖଣି ମନ୍ତ୍ରୀ ବିଭୂତି ଭୂଷଣ ଜେନା ଦେଇଥିବା ଲିଖିତ ଉତ୍ତରରେ ଏହି ତଥ୍ୟ ରହିଛି। ସେହିପରି ଖଣିରୁ ପ୍ରଚୁର ପରିମାଣରେ ବର୍ଜ୍ୟ ବାହାରୁଥିବାବେଳେ ସେହି ବର୍ଜ୍ୟର ପୁନଃ ବିନିଯୋଗ ପାଇଁ କେଉଁ ବ୍ୟବସ୍ଥା କରାଯାଇଛି ବୋଲି ବାହିନୀପତି ପ୍ରଶ୍ନ କରିଛନ୍ତି। ଏହାର ଉତ୍ତରରେ ମନ୍ତ୍ରୀ ଜେନା କହିଛନ୍ତି, ଉପରୋକ୍ତ କାର୍ଯ୍ୟକ୍ଷମ ଥିବା ଲୁହାପଥର ଓ ବକ୍ସାଇଟ ଖଣିରୁ ବିପୁଳ ପରିମାଣର ବର୍ଜ୍ୟବସ୍ତୁ ବାହାରୁଥିବା ସମ୍ବନ୍ଧୀୟ ତଥ୍ୟ ଏହି ବିଭାଗର ଦୃଷ୍ଟିଗୋଚର ହୋଇନାହିଁ। ତେବେ ଲୁହାପଥର ଓ ବକ୍ସାଇଟ ଖଣିରୁ ଉତ୍ପାଦିତ ହେଉଥିବା ବର୍ଜ୍ୟକୁ ଖଣି ପଟ୍ଟାଧାରୀମାନେ ଇଣ୍ଡିଆନ୍ ବ୍ୟୁରୋ ଅଫ୍ ମାଇନ୍ସ(ଆଇବିଏମ୍) ଅନୁମୋଦିତ ମାଇନିଂ ପ୍ଲାନ୍ ଅନୁଯାୟୀ ଡମ୍ପ୍ ପ୍ରସ୍ତୁତକରି ଖଣି ଅଞ୍ଚଳର ନନ୍ ମିନେରାଲାଇଜଡ୍ ଜୋନ୍‌ରେ ଗଚ୍ଛିତ ରଖୁଛନ୍ତି। ଏ ସମ୍ପର୍କିତ ତଥ୍ୟ ଖଣି ପଟ୍ଟାଧରୀ ଆନୁଆଲ ରିଟର୍ନ ଫର୍ମ ଜେ୧(ଏଚ୍୧)ରେ ଦର୍ଶାଉଛନ୍ତି। ତେବେ କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରସ୍ତୁତ ହେଉଥିବା ଡମ୍ପ୍ ପଲିସି ଅନୁମୋଦନ ହେଲା ପରେ ରାଜ୍ୟ ସରକାର ସମ୍ପୃକ୍ତ ଗଚ୍ଛିତ ଥିବା ଡମ୍ପ୍‌କୁ ପୁନଃ ବିନିଯୋଗ କରିବା ପାଇଁ ପଦକ୍ଷେପ ନେବେ।

# ଜିଓ ଆରମ୍ଭକଲା ଜିଓଟେଲି ଓଏସ୍

ଭୁବନେଶ୍ୱର,୨୦।୨




ଜିଓ ପକ୍ଷରୁ ଭାରତରେ ସ୍ମାର୍ଟ ଟିଭି ଉପଭୋକ୍ତାଙ୍କ ପାଇଁ 'ଜିଓଟେଲି ଓଏସ୍' ଆରମ୍ଭ କରାଯାଇଛି। ଏହି ନୂତନ ଅପରେଟିଂ ସିଷ୍ଟମ ଦ୍ରୁତ, ସ୍ମାର୍ଟ ଏବଂ ବ୍ୟବହାର କରିବାକୁ ସହଜ, ଯାହା ଭାରତୀୟ ଗ୍ରାହକଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ବିକଶିତ ହୋଇଛି। ଭାରତରେ ପ୍ରାୟ ୩୫ ନିୟୁତ କନେକ୍‌ଟେଡ୍ ଟିଭି ଘର ଅଛି, ମାତ୍ର ଅନେକ ଗ୍ରାହକ ସୀମିତ କଷ୍ଟମାଇଜେଶନ, ଉଚ୍ଚ-ଗୁଣାତ୍ମକ ଆଞ୍ଚଳିକ ବିଷୟବସ୍ତୁର ଅଭାବ ଏବଂ ସୁଚାରୁ ଅନୁଭବର ଅଭାବଜନିତ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଜିଓଟେଲି ଓଏସ୍ ଏହି ସମସ୍ତ ଆହ୍ୱାନର ସମାଧାନ ନେଇଆସିଛି। ଏହି ଓଏସ୍‌ରେ ଏଆଇ(କୃତ୍ରିମ ବୁଦ୍ଧିମତା) ଆଧାରିତ ସୁପାରିସଗୁଡିକ ଉପଲବ୍ଧ ହେବ, ଯାହାଦ୍ୱାରା ଗ୍ରାହକମାନେ ସେମାନଙ୍କର ନିଜ ପସନ୍ଦର ବିଷୟବସ୍ତୁ ଶୀଘ୍ର ଏବଂ ସହଜରେ ଖୋଜି ପାଇପାରିବେ। ଗ୍ରାହକମାନେ ଗୋଟିଏ ସ୍ଥାନରେ ଟିଭି ଚ୍ୟାନେଲ, କ୍ଲାଉଡ୍ ଗେମ୍ ଏବଂ ଓଟିଟି ଆପ୍ ଉପଭୋଗ କରିବାକୁ ସମର୍ଥ ହେବେ। ଏଥିସହ ସମୟ ସମୟରେ ନୂତନ ଅପ୍‌ଡେଟ୍ ମିଳିବା ଫଳରେ ଏହା ସର୍ବଦା ନୂତନ ଆପ୍ ଏବଂ ଟେକ୍ନୋଲୋଜି ସହିତ ଅପ୍‌ଡେଟ୍ ରହିବ। ଶୁକ୍ରବାରଠାରୁ ଏହି ଓଏସ୍ ଥମ୍‌ସନ, କୋଡାକ, ବିପିଏଲ୍ ଏବଂ ଜେବିସି ବ୍ରାଣ୍ଡର ସ୍ମାର୍ଟ ଟିଭିରେ ଉପଲବ୍ଧ ହେବ। ଆଗାମୀ ଦିନରେ ଅଧିକ ବ୍ରାଣ୍ଡ ଏହାସହ ଯୋଡ଼ିହେବେ।



କେନ୍ଦୁଝର ଜିଲା ସଦର ବ୍ଲକ୍ ଗୋବର୍ଦ୍ଧନ ଗାଁରେ ପଡ଼ିଥିବା କୁଆପଥର।



କେନ୍ଦୁଝର ଜିଲା ସଦର ବ୍ଲକ୍ ଅଧୀନ ମନହରପୁରରେ କୁଆପଥର ବର୍ଷାରେ ବ୍ୟାପକ କୋବି ଫସଲ କ୍ଷତିଗ୍ରସ୍ତ ହୋଇଛି।

# ୪୬ ଲକ୍ଷ ମହିଳାଙ୍କ ଉପରେ ୨୧, ୭୯୭ କୋଟିର ଋଣ ବକେୟା

ଭୁବନେଶ୍ୱର,୨୦।୨ (ଅନୁରାଧା ମହାରଣା)

ରାଜ୍ୟରେ ୮୦ରୁ ଉର୍ଦ୍ଧ୍ୱ କ୍ଷୁଦ୍ର ଆର୍ଥିକ ଅନୁଷ୍ଠାନ, ବ୍ୟାଙ୍କ ଓ ଆର୍ଥିକ ପ୍ରତିଷ୍ଠାନ ରହିଛି। ଏସବୁ ଅନୁଷ୍ଠାନ ସମୂହର ୪୬ ଲକ୍ଷ ମହିଳାଙ୍କ ପାଖରେ ୨୧, ୭୯୭ କୋଟି ଟଙ୍କାର ଋଣ ବକେୟା ପଡ଼ିଛି। ସେଥିମଧ୍ୟରୁ ୭୧% ମହିଳା କେବଳ ଗ୍ରାମାଞ୍ଚଳ ତଥା ଅପହଞ୍ଚ ଅଞ୍ଚଳରେ ବସବାସ କରୁଛନ୍ତି। ଓସାଫି ପକ୍ଷରୁ ରେଳ ଅଡିଟୋରିୟମରେ ଆୟୋଜିତ ଷଷ୍ଠ ରାଜ୍ୟସ୍ତରୀୟ ଆର୍ଥିକ ଅନ୍ତର୍ଭୁକ୍ତୀକରଣ ସମ୍ମିଳନୀରେ ଉପସ୍ଥିତ ବକ୍ତାମାନେ ଏହି ସୂଚନା ଦେଇଛନ୍ତି। କାର୍ଯ୍ୟକ୍ରମକୁ ଭାରତ ସରକାରଙ୍କ କ୍ଷୁଦ୍ର ଶିଳ୍ପ ବିକାଶ ବ୍ୟାଙ୍କର ସାଧାରଣ ପ୍ରବନ୍ଧକ ପ୍ରମୋଦ କୁମାର ଏବଂ ଓସାଫି ସଭାପତି ଦିବ୍ୟଜ୍ୟୋତି ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ। ବିକଶିତ ଓଡ଼ିଶାର ଲକ୍ଷ୍ୟ ପୂରଣ ପାଇଁ ରାଜ୍ୟର ସମସ୍ତ ପରିବାର ପାଖରେ ବିବିଧ ଆର୍ଥିକ ସେବା ଯଥେଷ୍ଟ ପରିମାଣରେ ପହଞ୍ଚିବା ଆବଶ୍ୟକ। ଅଧିକ ଶାଖା ନ ଥିବାରୁ ବ୍ୟାଙ୍କସେବା ଗ୍ରାମାଞ୍ଚଳରେ ବିଶେଷଭାବେ ପହଞ୍ଚିପାରୁନାହିଁ। ଏହି ପରିପ୍ରେକ୍ଷୀରେ ରାଜ୍ୟରେ କ୍ଷୁଦ୍ର ଆର୍ଥିକ ଅନୁଷ୍ଠାନଗୁଡ଼ିକର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ଅତିଥିମାନେ ମତ ରଖିଛନ୍ତି। ଓସାଫିର ମୁଖ୍ୟ କାର୍ଯ୍ୟନିର୍ବାହୀ ନରେନ୍ଦ୍ର ନାୟକ ଅନୁଷ୍ଠାନର ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ। ସମ୍ମିଳନୀରେ ଦୁଇଟି ଅଧିବେଶନରେ ଡିଜିଟାଲ ଫାଇନାନ୍ସ, ଦକ୍ଷତା ବିକାଶ, କ୍ଷୁଦ୍ର ଉଦ୍ୟୋଗ ବିକାଶ ବିଷୟରେ ଆଲୋଚନା କରାଯାଇଥିଲା ଓ ୩୦ ଜଣ ସଫଳ ମହିଳା ଉଦ୍ୟୋଗୀଙ୍କୁ ସମ୍ମାନିତ କରାଯାଇଥିଲା। ଓସାଫିର ବୋର୍ଡ ସଦସ୍ୟ ଆଶିଷ କୁମାର ଦାସ ଓ ଯୁଗଳ କିଶୋର ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।


## OFFICE OF THE SUPERINTENDENT, CHC, NAUGAON
Deptt. of Health & Family Welfare, Govt. of Odisha
BPMU, NHM, CHC, Naugaon- 754113

TENDER CALL NOTICE FOR HIRING OF RBSK VEHICLES

Adv.No. Date:19.02.2025

**No.E-773:** Sealed tenders are invited from registered travel agencies/ Individual/ Tour operators for hiring of commercial light vehicles on monthly basis. Details regarding eligibility criteria, terms & conditions and the formats for submission of tender (Technical & Financial Bid) are mentioned in the tender document which may be downloaded from the website: https://jagatsinghpur.odisha.gov.in the tenders should reach the office of the undersigned by 03.03.2025 (**till 12.00 PM**). The tenders will be opened at **11.00 AM on 04.03.2025**. The undersigned reserves the right to reject any or all the tenders without assigning any reason thereof.

OIPR-10138/11/0003/2425



## ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
ସଚିବାଳୟ ମାର୍ଗ, ଭୁବନେଶ୍ୱର – ୭୫୧୦୦୧
ଫୋନ୍: (୦୬୭୪) ୨୩୯୩୫୨୪, ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ: (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍: www.oshb.org

ପତ୍ର ସଂଖ୍ୟା: ୨୮ **ବିଜ୍ଞାପନ** ତା:୧୧।୦୨।୨୫

No. CAD-2638: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ନିମ୍ନଲିଖିତ ସ୍ଥାବର ସମ୍ପତ୍ତି ଆବଣ୍ଟନ ଗ୍ରହୀତାଙ୍କ ମୃତ୍ୟୁ ପରେ ନିମ୍ନ ଆବେଦନକାରୀ ନିଜକୁ ତାଙ୍କର ଉତ୍ତରାଧିକାରୀ ଦର୍ଶାଇ ତାଙ୍କ ନାମ ଦରଜ କରିବା ପାଇଁ ଆବେଦନ କରିଅଛନ୍ତି। ଏଥିରେ ଯଦି କାହାର କିଛି ଆପତ୍ତି ଥାଏ, ଉକ୍ତ ବିଜ୍ଞାପନ ପ୍ରକାଶ ପାଇବାର ୧୫ ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କ ଦପ୍ତରରେ ଆବେଦନ କରିପାରିବେ। ଧାର୍ଯ୍ୟ ଦିନ ପରେ କୌଣସି ଆପତ୍ତି ଗ୍ରହଣଯୋଗ୍ୟ ନୁହେଁ।

| କ୍ର.ନଂ. | ଆବଣ୍ଟନ ଗ୍ରହୀତାଙ୍କ ନାମ ଓ ଠିକଣା | ଗୃହର ବିବରଣୀ | ଉତ୍ତରାଧିକାରୀଙ୍କ ନାମ |
|---|---|---|---|
| ୧. | ✓ହୀରେନ ସ୍ୱାଇଁ<br>ସ୍ୱା: କମଳ ଚନ୍ଦ୍ର ସ୍ୱାଇଁ<br>ଗ୍ରା/ପୋ: କସର୍ଦ୍ଦା<br>ଥା: ନିଆଳି<br>ଜି: କଟକ | ଏମ୍.ଆଇ.ଜି.– ୧/୭୬<br>(MIG-1/76)<br>ଛେଣ୍ଡ କଲୋନୀ,<br>ଦ୍ୱିତୀୟ ପର୍ଯ୍ୟାୟ,<br>ରାଉରକେଲା | ୧. କମଳ ଚନ୍ଦ୍ର ସ୍ୱାଇଁ (ସ୍ୱାମୀ)<br>୨. ମନୋଜ କୁମାର ସ୍ୱାଇଁ (ବି. ପୁତ୍ର)<br>୩. ମହେନ୍ଦ୍ର କୁମାର ସ୍ୱାଇଁ (ବି. ପୁତ୍ର)<br>୪. ମହେଶ୍ୱର ସ୍ୱାଇଁ (ବି. ପୁତ୍ର)<br>୫. ମିନତି ନେଗୀ (ବି. କନ୍ୟା) |

ସ୍ୱା./– ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

OIPR-13030/11/0459/2425


## ଅନ୍ତର୍ଜାତୀୟ ମାତୃଭାଷା ଦିବସ

# ବ୍ୟକ୍ତିର ସ୍ୱତନ୍ତ୍ର ପରିଚୟ ମାତୃଭାଷା




**ମାତୃଭାଷା ମଣିଷର ଆଦ୍ୟ ପରିଚୟ, ଯାହାକୁ ଶିଖି ସେ ବଡ଼ ହୋଇଥାଏ। ପ୍ରକୃତପକ୍ଷେ ନିଜର ମାତୃଭାଷା ପାଇଁ ବ୍ୟକ୍ତିଟିଏ ସମାଜରେ ସ୍ୱତନ୍ତ୍ର ପରିଚୟ ପାଇଥାଏ। ଶାସ୍ତ୍ରୀୟ ଭାଷା ମାନ୍ୟତା ପାଇବାରେ ଓଡ଼ିଆ ଭାଷା ଷଷ୍ଠ ଭାଷା। ଏଥିପାଇଁ ପ୍ରତ୍ୟେକ ଓଡ଼ିଆ ଗର୍ବ କରନ୍ତି। ସମୟ ସହ ତାଳ ଦେଇ ବର୍ତ୍ତମାନର ପ୍ରଯୁକ୍ତିବିଦ୍ୟା ଯୁଗରେ ମାତୃଭାଷା ଆଗକୁ ବଢ଼ି ଚାଲିଛି। ତେବେ ଚଳିତବର୍ଷ ହେଉଛି ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳନର ରୌପ୍ୟ ଜୟନ୍ତୀ ବର୍ଷ। ଭାଷାର ବିବିଧତା, ବହୁଭାଷିକ ଶିକ୍ଷା ଏବଂ ସ୍ୱଦେଶୀ ଭାଷାର ଶିକ୍ଷା ଓ ସଂରକ୍ଷଣକୁ ସୁଦୃଢ଼ କରିବା ଲାଗି ୟୁନେସ୍କୋ ପକ୍ଷରୁ ଗୁରୁତ୍ୱାରୋପ କରାଯାଇଛି। ଶୁକ୍ରବାର ଅନ୍ତର୍ଜାତୀୟ ମାତୃଭାଷା ଦିବସ ଉପଲକ୍ଷେ ଧରିତ୍ରୀ ପକ୍ଷରୁ ସ୍ୱତନ୍ତ୍ର ଉପସ୍ଥାପନା।**

### ଯେତେ ଭାଷା ଆମେ ଶିଖୁ, ମାତୃଭାଷା ହିଁ ଆମ ଅସ୍ମିତା

ମାତୃଭାଷା ପାଇଁ ଜଣେ କିପରି ପ୍ରାଣବଳି ଦେଇପାରେ– ତାହା ମନେପକେଇ ଦେବାକୁ ପ୍ରତିବର୍ଷ ୨୧ ଫେବୃଆରୀରେ ପାଳନ ହୁଏ 'ବିଶ୍ୱ ମାତୃଭାଷା ଦିବସ'। ଭାଷା ଓ ସଂସ୍କୃତିର ବିବିଧତାକୁ ବଞ୍ଚାଇ ରଖିବା ଓ ଆଗକୁ ନେବା ଏହି ଦିବସର ତାତ୍ପର୍ଯ୍ୟ। ଦାୟରେ ପଡ଼ି ଆମ ମାତୃଭାଷା ଓଡ଼ିଆ ଯେପରି ଦିନକୁ ଦିନ ଶିକ୍ଷାୟତନରେ ଓ ଗୃହାଙ୍ଗନରେ କୋଣଠେସା ହୋଇଯାଉଛି, ସେଥିପ୍ରତି ସଜାଗ ରହିବାକୁ ପ୍ରତ୍ୟେକ ଓଡ଼ିଆ ଏହି ଦିନ ଶପଥ ନେବା ଉଚିତ। ଯେତେ ଭାଷା ଆମେ ଶିଖୁ, ମାତୃ ଭାଷା ହିଁ ଆମ ଅସ୍ମିତା। ତା'ରି ସେବାରେ ଅନ୍ୟ ସବୁ ଭାଷାକୁ ନିୟୋଜିତ କରିପାରିବା ବୁଦ୍ଧିମାନ୍ ଓଡ଼ିଆଙ୍କ ଧ୍ୟେୟ ହେଉ– ଏହା ହିଁ କାମନା।

**–ଡ. ହୃଷୀକେଶ ମଲ୍ଲିକ, ପ୍ରାକ୍ତନ ସଭାପତି, ଓଡ଼ିଶା ସାହିତ୍ୟ ଏକାଡେମୀ**

### ପ୍ରତ୍ୟେକ ପରିବାରରେ ଗୋଟେ ଅଭିଧାନ ରହିବା ଦରକାର

ପୃଥିବୀର ପ୍ରତ୍ୟେକ ଜାତିର ଲୋକେ ସେମାନଙ୍କ ମାତୃଭାଷାକୁ ଭଲପାଆନ୍ତି ଏବଂ ମାତୃଭାଷାକୁ ନେଇ ଗର୍ବ କରନ୍ତି। କିନ୍ତୁ ପ୍ରକୃତରେ ମାତୃଭାଷାର ଶୁଦ୍ଧ ବ୍ୟବହାର ଏବଂ ମାତୃଭାଷାକୁ ବ୍ୟବହାର କରି ଗର୍ବିତ ହେବା ଦ୍ୱାରା ହିଁ ସେ ଭଲପାଇବା ପ୍ରମାଣିତ ହୋଇଥାଏ। ମୁଁ ଭାବେ ପ୍ରତ୍ୟେକ ଶିକ୍ଷିତ ପରିବାରରେ ଗୋଟେ ଅଭିଧାନ ରହିବା ଦରକାର। କାରଣ କୌଣସି ଶବ୍ଦର ବ୍ୟବହାର ନେଇ ଯଦି ସାମାନ୍ୟ ସନ୍ଦେହ ହୁଏ, ଆମେ ଅଭିଧାନର ସହାୟତା ନେଇ ସନ୍ଦେହ ଦୂର କରିପାରିବା।

**–ଡ.ପ୍ରଫେସର୍ ପ୍ରସନ୍ନ କୁମାର ମହାନ୍ତି, ପୂର୍ବତନ ନିର୍ଦ୍ଦେଶକ ଓଡ଼ିଆ ଭାଷା ପ୍ରତିଷ୍ଠାନ**

### ଜୀବନର ପ୍ରତିଟି ଦିନ ଆମର ମାତୃଭାଷାର ଦିନ

ଫେବୃଆରୀ ୨୧ ତାରିଖକୁ ଅନ୍ତର୍ଜାତୀୟ ମାତୃଭାଷା ଦିବସ ଭାବରେ ପାଳନ କରାଯାଉଛି, ଓଡ଼ିଶାବାସୀଙ୍କୁ ମାତୃଭାଷା ପ୍ରତି କର୍ତ୍ତବ୍ୟ ସମ୍ବନ୍ଧରେ ସଚେତନ କରାଇବା ପାଇଁ। ଆମେ ଜନ୍ମ ହେବା ଦିନରୁ ଯେଉଁ ଭାଷା ଶୁଣିଛୁ, ଯେଉଁ ଭାଷାରେ ମା'ବାପାଙ୍କର ସ୍ନେହର, ଶାସନର, ଯତ୍ନର, ଅଭିବ୍ୟକ୍ତି ଶୁଣିଛୁ, ଯେଉଁ ଭାଷାରେ ପ୍ରଥମ ଶବ୍ଦ ଉଚ୍ଚାରଣ କରିଛୁ, ସେଇ ଭାଷାକୁ ଭଲପାଇବାର ଅନୁଭୂତି ମହାର୍ଘ। ଭଲପାଇଲେ ହିଁ ଆମେମାନେ ଏହାର ସମୃଦ୍ଧି ପାଇଁ ଚେଷ୍ଟା କରିପାରିବା। ଅନ୍ୟମାନଙ୍କୁ, ଆମର ଆଖପାଖ ଲୋକଙ୍କୁ, ପରିବାରର ସଦସ୍ୟଙ୍କୁ ମନେପକାଇଦେବା ଯେ ମାତୃଭାଷାକୁ ଅସ୍ୱୀକାର କରିବାର ଅର୍ଥ ନିଜର ସାରତତ୍ତ୍ୱକୁ ଅସ୍ୱୀକାର କରିବା। ଅନ୍ୟାନ୍ୟ ଅନେକ ଭାଷାକୁ ଘୃଣା କରିବା ବା ମୂଲ୍ୟ ନ ଦେବା ଦ୍ୱାରା ମାତୃଭାଷାର ଗୌରବ ବଢ଼ିପାରିବ ନାହିଁ। ଆମେ ସବୁ ଭାଷା ଶିଖିବା, କିନ୍ତୁ ଆମର ଭାଷାକୁ ସର୍ବୋତ୍ତମ ମୂଲ୍ୟ ଦେବା, ବ୍ୟକ୍ତିଗତ, ସାମୂହିକ ଓ ସରକାରୀ ଶିକ୍ଷା ବ୍ୟବସ୍ଥାରେ ଏହାର ପ୍ରଚଳନ କିଭଳି ଭାବରେ କରିବା, ତାହା ବୁଝିବା ଓ ବୁଝାଇବା ହିଁ ଆମର କର୍ତ୍ତବ୍ୟ। ତେଣୁ ଏହି ମାତୃଭାଷା ଦିବସର ବିଶେଷ ମୂଲ୍ୟ ରହିଛି, ଯଦିଓ ଜୀବନର ପ୍ରତିଟି ଦିନ ଆମର ମାତୃଭାଷାର ଦିନ।

**– ମମତା ଦାଶ, କବୟିତ୍ରୀ**

ରିପୋର୍ଟ–ସୌମ୍ୟରଞ୍ଜନ ରାଉତ

# ଅଂଶୁଘାତ ମୁକାବିଲା: ଏପ୍ରିଲ ୧ରୁ ଜୁନ୍ ୧୫ ଯାଏ କଟକଣା

ଭୁବନେଶ୍ୱର,୨୦।୨ (ସୁଚିସ୍ମିତା ସାହୁ)

## ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୩ଟା ଶ୍ରମିକଙ୍କ କାର୍ଯ୍ୟ ବନ୍ଦ

ଫେବୃଆରୀରୁ ତାପମାତ୍ରା ୩୭ ଡିଗ୍ରୀ ଛୁଇଁଲାଣି। ଏପରିସ୍ଥିତିରେ ଏପ୍ରିଲରେ ରୌଦ୍ରତାପ ବୃଦ୍ଧି ଯୋଗୁ ଅଂଶୁଘାତ ଆଶଙ୍କା ବଢ଼ିଯାଇଛି। ସମ୍ଭାବ୍ୟ ସ୍ଥିତିର ମୁକାବିଲା ସହ ଶ୍ରମିକମାନଙ୍କୁ ଅଂଶୁଘାତରୁ ରକ୍ଷା କରିବା ନିମନ୍ତେ ବୁଧବାର ଶ୍ରମ ଓ କର୍ମଚାରୀ ରାଜ୍ୟବୀମା ବିଭାଗ ପକ୍ଷରୁ ଏସ୍‌ଓପି ଜାରି କରାଯାଇଛି। ଏପ୍ରିଲ ୧ରୁ ଜୁନ୍ ୧୫ ଯାଏ ଶ୍ରମିକଙ୍କୁ ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ପ୍ରଚଣ୍ଡ ଖରାରେ କାମ କରିବାକୁ ବାରଣ କରାଯାଇଛି। ଏନେଇ ସମସ୍ତ ରାଜସ୍ୱ କମିଶନର, ଜିଲାପାଳ ଓ ରାଜ୍ୟ ଶ୍ରମ କମିଶନରଙ୍କୁ ଆବଶ୍ୟକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଛି। ସମସ୍ତ ସରକାରୀ ବିଭାଗ, ବେସରକାରୀ ନିଯୁକ୍ତିଦାତା, ବାଣିଜ୍ୟ ଓ ଶିଳ୍ପ ସଂସ୍ଥା, ଦୋକାନ ଓ ବ୍ୟବସାୟ ପ୍ରତିଷ୍ଠାନର ମାଲିକ ଏବଂ ଠିକାଦାରଙ୍କ ଅଧୀନରେ କାର୍ଯ୍ୟରତ ଶ୍ରମିକ ଯେପରି ଏହି ସମୟ ମଧ୍ୟରେ କାମ ନ କରିବେ ସେଥିପାଇଁ ବିଧିବଦ୍ଧ ବ୍ୟବସ୍ଥା ଗ୍ରହଣ କରିବେ। ସକାଳ ସମୟ କିମ୍ବା ୩ଟା ପରେ କାର୍ଯ୍ୟରେ ନିୟୋଜିତ କରିବାକୁ କୁହାଯାଇଛି। ଅତ୍ୟନ୍ତ ଜରୁରୀ କିମ୍ବା ଅତ୍ୟାବଶ୍ୟକୀୟ ସେବା ସହ ଜଡ଼ିତ ଥିଲେ ସତର୍କତାରର ସହ କାର୍ଯ୍ୟ କରିବାକୁ କୁହାଯାଇଛି। ଏଥିପାଇଁ ନିଯୁକ୍ତିଦାତାମାନେ ଶ୍ରମିକଙ୍କ ପାଇଁ ଶୀତଳ ପାନୀୟ ଜଳର ସୁବ୍ୟବସ୍ଥା, ଛାୟା ପ୍ରଦାନ ନିମନ୍ତେ ଉପଯୁକ୍ତ ବ୍ୟବସ୍ଥା, ସ୍ୱାସ୍ଥ୍ୟ ସେବା ପାଇଁ ଡାକ୍ତରୀ ଚିକିତ୍ସାର ବ୍ୟବସ୍ଥା, ପ୍ରତ୍ୟେକ ଶ୍ରମିକ ପାଇଁ ଓଆର୍‌ଏସ ପ୍ୟାକେଟ ପ୍ରଦାନ ଭଳି ସୁବିଧା କରିବାକୁ ପଡ଼ିବ। ଏହି ପରିପ୍ରେକ୍ଷୀରେ ଜିଲା ଚିକିତ୍ସାଧିକାରୀ (ଏସିଡିଏମଓ) ଓ ପିଏଚ୍‌ସି, ସିଏଚ୍‌ସିଗୁଡ଼ିକର ଚିକିତ୍ସାଧିକାରୀ ତଥା କର୍ମଚାରୀ ରାଜ୍ୟବୀମା ଯୋଜନା ଅଧୀନରେ ଥିବା ଚିକିତ୍ସାଳୟର ଚିକିତ୍ସାଧିକାରୀଙ୍କୁ ସମ୍ଭାବ୍ୟ ସ୍ଥିତିର ମୁକାବିଲା ସହ ଆକ୍ରାନ୍ତଙ୍କ ଚିକିତ୍ସା ପାଇଁ ପ୍ରସ୍ତୁତ ରହିବାକୁ ଅନୁରୋଧ କରାଯାଇଛି।


## OFFICE OF THE DIVISIONAL FOREST OFFICER, CHILIKA WILDLIFE DIVISION
At/P.O. - Gopinathpur, Balugaon -752030, Dist. - Khordha
E.mail - dfochilikawl.od@gov.in

TENDER DOCUMENT
Tender Notification No. 08/01WL-706/2025, Dated 18.02.2025

TENDER NOTICE FOR SELECTION OF A COMPANY/ FIRM FOR SUPPLY, INSTALLATION AND COMMISSIONING OF BOAT ENGINES WITH ASSOCIATED REPAIR WORKS

**No.MM-490 :** Sealed tenders/bids are invited from established/ reputed, experienced and accredited manufacturers/ resellers for **"Supply and installation and commissioning of two numbers of 50 HP outboard boat engines and associated repair works in existing boats as per specifications in the tender document".**

The eligibility criteria and detailed specifications are available in the tender document. The tender document and other details are available in the websites **www.odishaforest.in** and **www.odisha.gov.in** (all tenders section) and **www.wildlife.odisha.gov.in**.

The last date of receipt of bids is **10.03.2025 by 3.00 P.M.**

Sd./- Divisional Forest Officer
Chilika Wildlife Division

OIPR-08142/11/0002/2425



GOVERNMENT OF ODISHA "e"-PROCUREMENT NOTICE

## OFFICE OF THE CHIEF CONSTRUCTION ENGINEER, KHORDHA (R&B) CIRCLE, KHORDHA
WORKS DEPARTMENT

TENDER CALL NOTICE

E-mail: rbcirclekhurda@gmail.com
Bid Identification No. CCE-Khordha (R&B) Circle/26/2024-25
Memo No.466, Dt.17.02.2025

**No.B-1024:** The Chief Construction Engineer, Khordha (R&B) Circle, Khordha on behalf of Governor of Odisha inviting percentage rate bid in double cover system in ONLINE MODE from eligible contractors for Building works as detailed in the table below:

1. Nature of Work : Building Works
2. No. of Work : 2 Nos.
3. Tender Cost : Rs.10000.00 (On-line)
4. Class of Contractor : B & A Class
5. Available of Bid document in the Website : From 10.00 AM of Dt.24.02.2025 upto 05.00 PM of Dt.12.03.2025 upto 5.00 P.M.
6. Date of Opening of Bid : Dt.13.03.2025 at 11.30 AM
7. The Bidders have to participate in ONLINE bidding only. Further details can be seen from the Website: https://tenderodisha.gov.in. Any Addendum/ Corrigendum/ Cancellation of tender can also be seen in the said website.

Sd./- Chief Construction Engineer
Khordha (R&B) Circle, Khordha

OIPR-34127/11/0030/2425



## ODISHA STATE CASHEW DEVELOPMENT CORPORATION LTD.
(A Govt. of Odisha Undertaking)
At/PO. – Ghatikia, Near Kalinga Studio, Bhubaneswar – 751029

Notice for Auction of Cashew Plantation No. 8

**No.CAD-** : Odisha State Cashew Development Corporation Limited hereby invites interested person/ organization to bid for the cashew plantations under its jurisdiction in six divisions i.e. Khordha, Jajpur, Dhenkanal, Mayurbhanj, Koraput and Sundergarh in the auction to be effectuated on the website https://www.mstcecommerce.com/ on. Dt. 19/02/2025. The details of the date and time related to the auction process are as mentioned below.

| Sl No. | Particulars | Date | Time |
|---|---|---|---|
| 1 | Publication Date | 19/02/2025 | 11:00 A.M. |
| 2 | Document Submission / EMD Payment Start Date | 19/02/2025 | 11:00 A.M. |
| 3 | Document Submission/EMD Payment End Date | 27/02/2025 | 05:00 P.M. |
| 4 | Auction Start Date | 28/02/2025 | 11:00 A.M. |
| 5 | Auction End Date | 28/02/2025 | 05:00 P.M. |

Auction timing for the plantations being leased out for 3 years is 11:00 A.M. to 02:00 P.M. and auction timing for the plantations being leased out for 5 years is 02:00 P.M. to 05:00 P.M.

The plantations will be leased out for 5 years/3 years as per the area of the plantation. The detailed terms and condition may be obtained from the website https://www.mstcecommerce.com/ or https://www.oscdc.nic.in.

N.B : This is the last phase of auction for cashew plantations under OSCDC.

Thus it is notified for the information of general public that, you are requested to take part in the auction process carefully as per the instructions mentioned in the above mentioned website, date and time. For more information you may contact to the Head Office or the respective Division Offices.

OIPR-01049/11/0028/2425 Sd./- Managing Director



ଓଡ଼ିଶା ସରକାର
ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ଜନସ୍ୱାସ୍ଥ୍ୟ ଖଣ୍ଡ, ବାଲେଶ୍ୱର

## OFFICE OF THE EXECUTIVE ENGINEER, PUBLIC HEALTH DIVISION, BALASORE
At: Samalpur, P.O.: Balia, Dist.: Balasore, PIN - 756056, (e-mail: eephbls@gmail.com, Phone: 9438660004)

No. 1034 Date: 17.02.25

1st Corrigendum
Tender for the Work

No. C-1697: "Supply of ISI Marked DI (K-7) Pipes for different Pipe Water Supply Projects of Soro Municipality and Remuna N.A.C. under State Plan.

In continuation to this office Bid-Identification No. SEPHBLS-31 of 2024-25 Dt.03.02.2025. The following changes are hereby made.

| Sl. No. | Item/ Clause | Description | Existing | Revised/Amended |
|---|---|---|---|---|
| 1 | Clause - 7.1 (VI), (Page-4) | NIT (DTCN) | The manufacturer's Ductile Iron (D.I.) Pipes & Fittings are in satisfactory performance in Indian Projects for at least three years from the Bid Date | The manufacturer's Ductile Iron (D.I) pipes are in satisfactory performance in Indian Projects for at least one year (One year to be reckoned from the date of invitation of each tender) from the Bid Date |

All other terms and conditions Un-Altered.

OIPR-13053/11/0024/2425 Sd./- Superintending Engineer, Public Health Division, Balasore



## OFFICE OF THE SUPERINTENDING ENGINEER, ELECTRICAL CIRCLE (R&B), NIRMAN SOUDHA, BHUBANESWAR
E-mail: seec.bbsr2010@gmail.com
Bid Identification No.S.E.E.C (R&B) 17/2024-25
No.642/ Date 19.02.2025

**No.B-1025:** The Superintending Engineer, Electrical Circle (R&B) Odisha, Bhubaneswar on behalf of the Governor of Odisha invites percentage rate bids in double cover system for E.I. works as detailed in the table given below:

| Sl. No. | Name of the Work | Approximate Estimated Cost put to Tender (Rs.) | Cost of Bid document | Bid Security | Class of Contractor | Period of Completion |
|---|---|---|---|---|---|---|
| 1 | 446 KVA Load for Power Supply to Cancer Hospital, BBMCH, Laltikira Cancer Hospital, Bolangir for the year 2024-25 | Rs.96,08,066.00 (Excluding GST) | Rs.10,000.00 (Online) | Rs.96,081.00 (Online) | HT or Above | 6 (Six) Calendar Months |
| 2 | 338 KVA Load for Power Supply to Critical Care Hospital 50 Bedded Critical Care Hospital, BBMCH, Latikira, Bolangir for the year 2024-25 | Rs.94,29,352.00 (Excluding GST) | Rs.10,000.00 (Online) | Rs.94,294.00 (Online) | HT or Above | 6 (Six) Calendar Months |

Date & Time of available of bid document in the portal/online:From dt.25.02.2025 at 05.00 P.M. to Dt.11.03.2025 upto 05.00 PM. Date of Opening: Dt.12.03.2025 at 11.30 A.M. Name and address of officer inviting bid: Superintending Engineer, Electrical Circle (R&B) Odisha, BBSR. Further details can be seen from the e-procurement portal: https://tendersodisha.gov.in.

OIPR-34006/11/0024/2425 Sd./- Superintending Engineer, Electrical Circle (R&B) Odisha, BBSR



## Panchasakha Shikhya Setu Sangathan
(erstwhile Mo School Abhiyan Parichalana Sangathan)
A-1 Block, 6th floor, Toshali Bhawan, Satya Nagar
Bhubaneswar, Odisha -751007

Request For Proposal (RFP)

RFP No. 282/PSS/25 Date : 19.02.2025

**No.n-** : Sealed quotations are invited for the selection of agency for providing Human Resource Services of professionals for Project Monitoring Unit of Panchasakha Shikhya Setu Sangathan (erstwhile Mo School Abhiyan Parichalana Sangathan) A-1 Block, 6th floor, Toshali Bhawan, Satya Nagar, Bhubaneswar, Odisha - 751007. The last date of submission of quotation is **12.03.2025** before **06:00 P.M.** For more details, please visit www.moschool.in

OIPR-27178/11/0016/2425



## OFFICE OF THE DISTRICT PROJECT COORDINATOR SAMAGRA SHIKSHA, MALKANGIRI
E-mail : dpcmalkanssa.opepa@nic.in

Letter No. - 916 Dated- 18.02.2025

Newspaper advertisement

**No.n-228 :** "Sealed tenders vide Tender Call Notice No. - 901, Dated - 17/02/2025 are invited from reputed & credible firms/ agencies for supply of TLM & Equipment (Physiotherapy, Auditory Training & Speech Therapy, Mobility & Braille Training, ADL & Behavioural Modification Training, Equipment & Furniture for CRC) to 09 Nos. of PM SHRI Schools (1st Phase) of Malkangiri District. Details BID documents are available in the website http://malkangiri.odisha.gov.in & www.osepa.odisha.gov.in. Last date and time of receipt of the BID only through Speed Post/ Registered Post/ Courier is Dt. 06/03/2025 up to 05.00 P.M. Date & Time of Opening of Technical BID is Dt. 07/03/2025 at 11.00 A.M".

Yours Faithfully
Sd./- DEO-cum-DPC
Samagra Shiksha, Malkangiri

OIPR-27064/11/0011/2425



## OFFICE OF THE GENERAL MANAGER WATCO DIVISION, PURI, ODISHA
Phone : 06752-223447 / e-Mail : eephpuri@gmail.com

No.C-1695 INVITATIONS FOR BIDS (IFB)
Government of Odisha "e" Procurement Notice
Bid Identification No. 30 of 2024-25 Dated. 18.02.2025

1. Name of the Work : Supply, Installation, Testing & Commissioning of 250KVA DG set for along with AMF control panel fuel tank for 2ML capacity UGR infront of ITI, Puri
2. Estimated Cost : Rs.25.09 Lakhs
3. Period of Completion : 45 Days
4. Date and time of availability of bid documents in the Portal : 24.02.2025 (11.00 A.M.) to 06.03.2025 (5.00 P.M.)
5. Last Date / Time for receipt of bids in the Portal : 5.00 P.M. of 06.03.2025
6. Date and time of opening of Bids : 12.30 P.M. of 07.03.2025
7. Name and address of the Officer Inviting Bid : General Manager, WATCO Division, Puri, Phone : 06752-223447, Fax : 06752-223447, E-Mail : eephpuri@gmail.com
8. The bidders have to participate in ONLINE bidding only

Sd./- General Manager, (WATCO, PURI)

OIPR-13206/11/0011/2425



GOVERNMENT OF ODISHA "e"-PROCUREMENT NOTICE

## OFFICE OF THE SUPERINTENDING ENGINEER, NAYAGARH (R&B) DIVISION, NAYAGARH
WORKS DEPARTMENT

TENDER CALL NOTICE

E-mail: pwdoffngd34@gmail.com
Bid Identification No.S.E-Nayagarh (R&B) Division- Online 12/2024-25

**No.B-1020:** The Superintending Engineer, Nayagarh (R&B) Division, Nayagarh on behalf of Governor of Odisha inviting percentage rate bid in double cover system in ONLINE MODE from eligible contractors for construction of Building work as detailed in the table below:

1. Nature of Work : Building Works
2. No. of Work : 5 Nos.
3. Tender Cost & EMD : To be remitted online through a process as mentioned in DTCN
4. Class of Contractor : As mentioned in DTCN
5. Available of Bid document in the Website : From Dt.24.02.2025 11.00 AM to Dt.06.03.2025 upto 5.00 P.M.
6. Date of Opening of Bid : Dt.07.03.2025 at 11.00 AM
7. The bidders have to participate in ONLINE bidding only. Further details can be seen from the Website: https://tenderodisha.gov.in. Any Addendum/ Corrigendum/ Cancellation of tender can also be seen in the said website.

Sd./- Superintending Engineer
Nayagarh (R&B) Division, Nayagarh

OIPR-34138/11/0011/2425



GOVERNMENT OF ODISHA No. B-1017

## SUPERINTENDING ENGINEER, BOUDH (R&B) DIVISION, BOUDH
E-mail: eeboudhrb@gmail.com

INVITATIONS FOR BIDS (IFB)
"e" Procurement Notice

Letter No. 896 Dtd. 15.02.2025

Bid Identification No. SE (R&B) - BDH 18/2024-25

1) Name of the Work : 02 (Two) Nos. of Civil Work (Single Cover) 01 (One) No. of Civil Work (Double Cover)
2) Estimated Cost : 15.80 lakh to 62.56 lakhs
3) Period of Completion : 02 (Two) to 04 (Four) Calendar Months
4) Date & Time of availability of Bid documents in the Portal : From 28.02.2025, 10.00 A.M. to 12.03.2025, 5.00 P.M.
5) Last date/time for seeking of Tender Clarification : 12.03.2025 upto 1.00 P.M.
6) Last date/time for receipt of bids in the Portal : Upto 5.00 P.M. of dated 12.03.2025
7) Date & time of opening of Tender/Bid : 13.03.2025 at 11.30 A.M.
8) Name and address of the O.I.T. : Superintending Engineer, Boudh (R&B) Division, Boudh

Further details corrigendum(s) if any issued can be seen from the website **http://tendersorissa.gov.in**.

Sd./- Superintending Engineer
Boudh (R&B) Division, Boudh

OIPR-34134/11/0017/2425

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଓଡ଼ିଶା ରଣଜୀ କ୍ରିକେଟରଙ୍କ ଗ୍ରାଜୁଏଶନ ସାର୍ଟିଫିକେଟ ଜାଲ୍ କାର୍ଯ୍ୟାନୁଷ୍ଠାନ ପାଇଁ ଆକାଉଣ୍ଟାଣ୍ଟ ଜେନେରାଲଙ୍କୁ ନିର୍ଦ୍ଦେଶ

କଟକ,୨୦।୨(କାର୍ତ୍ତିକ ସାହୁ)- ଓଡ଼ିଶା ରଣଜୀ କ୍ରିକେଟର ବିପ୍ଳବ ସାମନ୍ତରାୟଙ୍କ ଗ୍ରାଜୁଏଶନ ସାର୍ଟିଫିକେଟ ଜାଲ୍ ବୋଲି ଜଣାପଡିଛି। ତାଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବାକୁ ଆକାଉଣ୍ଟାଣ୍ଟ ଜେନେରାଲଙ୍କୁ ସେଣ୍ଟ୍ରାଲ ଆଡମିନିଷ୍ଟ୍ରେଟିଭ ଟ୍ରିବ୍ୟୁନାଲ (କ୍ୟାଟ୍) କଟକ ବେଞ୍ଚ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ସୂଚନାନୁସାରେ, ବିପ୍ଳବ ସିକିମ୍‌ର ଏକ ବିଶ୍ୱବିଦ୍ୟାଳୟରୁ ଗ୍ରାଜୁଏଶନ ପାସ୍ ଦର୍ଶାଇବା ସହ ସାର୍ଟିଫିକେଟ୍ ପ୍ରଦାନ କରି ଭୁବନେଶ୍ୱରସ୍ଥିତ ପ୍ରିନ୍ସିପାଲ ଆକାଉଣ୍ଟାଣ୍ଟ ଜେନେରାଲଙ୍କ ଅଫିସରେ ଚାକିରି କରିଥିଲେ। ଏବେ ସେ ସେଠାରେ ସିନିୟର ଆକାଉଣ୍ଟାଣ୍ଟ ଭାବେ ସେ କାର୍ଯ୍ୟରତ ଅଛନ୍ତି। ସେ ଜାଲ୍ ସାର୍ଟିଫିକେଟ ଦେଇ ଚାକିରି କରିଥିବା ନେଇ କ୍ୟାଟ୍‌ରେ ଅଭିଯୋଗ ହୋଇଥିଲା। ତେବେ ଆକାଉଣ୍ଟାଣ୍ଟ ଜେନେରାଲଙ୍କ ପକ୍ଷରୁ ଯାଞ୍ଚବେଳେ ଏହି ସାର୍ଟିଫିକେଟ୍ ଅସଲି କିମ୍ବା ନକଲି ତାହା ସ୍ପଷ୍ଟ କରିବା ପାଇଁ ସିକିମ୍ ସରକାରଙ୍କୁ ଅବଗତ କରାଯାଇଥିଲା। ସିକିମ୍ ସରକାରଙ୍କ ପକ୍ଷରୁ ଉକ୍ତ ସାର୍ଟିଫିକେଟ ଜାଲ୍ ବୋଲି ସ୍ପଷ୍ଟ କରାଯାଇଥିଲା।

# ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ନିଲମ୍ବିତ

## ଓୟା ଉଚ୍ଚ ବିଦ୍ୟାଳୟ ଛାତ୍ର ମୃତ୍ୟୁ ଘଟଣା

ପାରଳାଖେମୁଣ୍ଡି,୨୦।୨
(ଗିରିଧାରୀ ପରିଚ୍ଛା)

ଗଜପତି ଜିଲା ରାୟଗଡ଼ ବ୍ଲକ କେରାଣ୍ଡି ପଞ୍ଚାୟତର ଓୟା ଉଚ୍ଚ ବିଦ୍ୟାଳୟର ତୃତୀୟ ଶ୍ରେଣୀ ଛାତ୍ର ଗୋବିନ୍ଦ ଶବରଙ୍କ ମୃତ୍ୟୁ ଘଟଣାରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ବି . କ୍ରିଷ୍ଣା ରାଓଙ୍କୁ ଜିଲା ଶିକ୍ଷାଧିକାରୀ (ଡିଇଓ) ମାୟାଧର ସାହୁ ଗୁରୁବାର ନିଲମ୍ବିତ କରିଛନ୍ତି। ଘଟଣା ପରଠାରୁ ଏକ ଟିମ୍ ଏହାର ତଦନ୍ତ ଜାରି ରଖିଥିଲା। ଖବରରୁ ଜଣାପଡ଼ିଛି, ରାୟଗଡ଼ ବ୍ଲକ ଗଙ୍ଗାବାଡ଼ ପଞ୍ଚାୟତ ଶଗଡିଆ ଗ୍ରାମର ସ୍ୱର୍ଗତ ଗୁରୁଣ୍ଡା ଶବର ଓ ମାଆ ଗୁରୁବାରୀଙ୍କ ପୁଅ ଗୋବିନ୍ଦ (୮) କେରାଣ୍ଡି ପଞ୍ଚାୟତ ଅନ୍ତର୍ଗତ ଓୟା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅନ୍ତେବାସୀ ଭାବେ ରହି ତୃତୀୟ ଶ୍ରେଣୀରେ ପାଠ ପଢୁଥିଲେ। ଗତ ୧୩ ତାରିଖରେ ବିଦ୍ୟାଳୟରେ ଗୋବିନ୍ଦଙ୍କ ସ୍ୱାସ୍ଥ୍ୟ ଖରାପ ହୋଇଥିଲା। ତାଙ୍କୁ ଚିକିତ୍ସା କରିବାକୁ ଡାକ୍ତରଖାନା ନ ନେଇ ବିଦ୍ୟାଳୟ କର୍ତ୍ତୃପକ୍ଷ ରୋଷେୟା ଯାତ୍ରା କାର୍ଜିଙ୍କ ସହାୟତାରେ ଗୋବିନ୍ଦଙ୍କୁ ନେଇ ଶଗଡ଼ିଆ ଗ୍ରାମରେ ତାଙ୍କ ଘରେ ଛାଡ଼ି ଦେଇ ଆସିଥିଲେ। ଗୋବିନ୍ଦ ମାଆ ଗୁରୁବାରୀ ୧୪ ତାରିଖରେ ଗୋବିନ୍ଦଙ୍କୁ ଆନ୍ଧ୍ରପ୍ରଦେଶର ମଞ୍ଜୁଷା ମେଡିକାଲକୁ ନେଇ ଚିକିତ୍ସା କରି ଘରକୁ ଆଣିଥିଲେ। ପୁଣି ୧୫ ତାରିଖରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହୋଇପଡ଼ିବାରୁ ତାଙ୍କୁ ଚିକିତ୍ସା ପାଇଁ ଡାକ୍ତରଖାନା ନେବା ସମୟରେ ବାଟରେ ଗୋବିନ୍ଦଙ୍କ ମୃତ୍ୟୁ ହୋଇଥିଲା। ତାଙ୍କ ପୁଅର ସ୍ୱାସ୍ଥ୍ୟ ଖରାପ ହେବାରୁ ତା'ର ଚିକିତ୍ସା ନ କରି ବିଦ୍ୟାଳୟ କର୍ତ୍ତୃପକ୍ଷ ଘରକୁ ପଠାଇ ଦେବା ନେଇ ଗୋବିନ୍ଦଙ୍କ ମାଆ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଅବହେଳା ପ୍ରତି ପ୍ରଶ୍ନ ଉଠାଇଥିଲେ। ପୁଅକୁ ବିଦ୍ୟାଳୟ କର୍ତ୍ତୃପକ୍ଷ ଘରେ ନ ଛାଡ଼ି ତାକୁ ଡାକ୍ତରଖାନା ନେଇଥିଲେ ତା'ର ମୃତ୍ୟୁ ହୋଇ ନ ଥାନ୍ତା ବୋଲି ଗୁରୁବାରୀ କହିଛନ୍ତି। ଘଟଣାକୁ ଗୁରୁତ୍ୱର ସହ ନେଇ ଡିଇଓ ସାହୁ ଏହାର ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ଏକ ଟିମ୍ ଗଠନ କରାଯାଇ ଘଟଣାର ତଦନ୍ତ ହୋଇଥିଲା। ତଦନ୍ତରୁ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ରାଓ ନିଜ ଦାୟିତ୍ୱରେ ଅବହେଳା କରିଥିବା ସ୍ପଷ୍ଟ ହୋଇଥିଲା। ଏ ସମ୍ପର୍କିତ ରିପୋର୍ଟ ପାଇବା ପରେ ଡିଇଓ ସାହୁ ଦାୟିତ୍ୱରେ ଥିବା ସମ୍ପୃକ୍ତ ଭାରପ୍ରାପ୍ତ ପ୍ରଧାନଶିକ୍ଷକଙ୍କୁ ନିଲମ୍ବିତ କରିଥିଲେ। ଏ ସମ୍ପର୍କରେ ଡିଇଓ ସାହୁଙ୍କୁ ପଚାରିବାରୁ ସେ କହିଲେ, ତଦନ୍ତ ରିପୋର୍ଟକୁ ଭିତ୍ତିକରି ଉପରୋକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି।

# ୧୧ ଜିଲା ପାଇଁ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ୧୫୦,୮୪,୬୪,୦୪୮ ଟଙ୍କା ଖର୍ଚ୍ଚ କରିଛି

ଭୁବନେଶ୍ୱର, ୨୦।୨
(ବନ୍ଦନା ସେଠୀ)

ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ପାଣ୍ଠିରୁ ମଞ୍ଜୁର ହୋଇଥିବା ପ୍ରକଳ୍ପଗୁଡ଼ିକର କାର୍ଯ୍ୟାନ୍ୱୟନ ପାଇଁ ୨୦୨୪-୨୫ରେ ମୋଟ ୧୫୦ କୋଟି ୮୪ ଲକ୍ଷ ୬୪ ହଜାର ୦୪୮ ଟଙ୍କା ଖର୍ଚ୍ଚ ହୋଇଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁବାର ବିଧାନସଭାରେ ସୂଚନା ଦେଇଛନ୍ତି। ଲାଞ୍ଜିଗଡ ବିଧାୟକ ପ୍ରଦୀପ କୁମାର ଦିଶାରୀଙ୍କ ପ୍ରଶ୍ନର ଉତ୍ତର ରଖି ମୁଖ୍ୟମନ୍ତ୍ରୀ କହିଛନ୍ତି, ପଶ୍ଚିମ ଓଡ଼ିଶାର ୧୧ଟି ଜିଲାରେ ଖର୍ଚ୍ଚ ହୋଇଥିବା ମୋଟ ଅର୍ଥ ମଧ୍ୟରୁ ଅନୁଗୋଳର ୨୫ ପ୍ରକଳ୍ପରେ ୨,୮୦,୦୫,୨୫୮ ଟଙ୍କା ଖର୍ଚ୍ଚ ହୋଇଛି। ସେହିପରି ବରଗଡ଼ ଜିଲାର ୩୫୩ଟି ପ୍ରକଳ୍ପରେ ୨୯,୧୪,୪୫,୦୯୪ ଟଙ୍କା, ବଲାଙ୍ଗୀର ଜିଲାର ୧୧୨ଟି ପ୍ରକଳ୍ପରେ ୭,୯୬,୭୭,୦୪୧ ଟଙ୍କା, ବୌଦ୍ଧର ୭୫ଟି ପ୍ରକଳ୍ପରେ ୩,୩୭,୪୮,୭୨୭ ଟଙ୍କା, ଦେପଗଡ଼ର ୧୦୨ଟି ପ୍ରକଳ୍ପରେ ୬,୫୬୪୩,୧୨୧ ଟଙ୍କା, ଝାରସୁଗୁଡାର ୧୬୧ ପ୍ରକଳ୍ପରେ ୯,୩୦,୮୮,୯୨୦ଟଙ୍କା ଓ କଳାହାଣ୍ଡିର ୨୪୫ଟି ପ୍ରକଳ୍ପରେ ୧୪,୬୨,୨୩,୪୫୧ଟଙ୍କା ଖର୍ଚ୍ଚ ହୋଇଛି। ସେହିପରି ନୂଆପଡା ଜିଲାର ୧୭୯ଟି ପ୍ରକଳ୍ପରେ ୮,୯୮,୩୬,୦୫୦ ଟଙ୍କା, ସମ୍ବଲପୁରର ୧୬୬ଟି ପ୍ରକଳ୍ପରେ ୨୮,୧୫,୦୦,୬୫୫ ଟଙ୍କା, ସୁବର୍ଣ୍ଣପୁରର ୧୮୯ ପ୍ରକଳ୍ପରେ ୧୪,୩୨,୩୧,୧୨୬ଟଙ୍କା ଏବଂ ସୁନ୍ଦରଗଡ଼ର ୫୫୯ଟି ପ୍ରକଳ୍ପରେ ୨୫,୬୦,୬୪,୫୯୮ଟଙ୍କା ଖର୍ଚ୍ଚ ହୋଇଥିବା ମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି।


# Classified Everyday
0674-2580101, 9692975378



REAL ESTATE
SALE

ପୁରୀରେ ଏକ ସ୍ଥିତିବାନ ଘର ବିକ୍ରି ହେବ। ଯୋଗାଯୋଗ ଫୋନ୍ ନମ୍ବର- 6372724096. D-3006

**Land/ plot and building of 7000sqft two storied for sale in Keonjhar Town, land area 1 acre, Contact: 8260780200.** D-75597

BDA & ORERA approved 3BHK Luxurious Apartments, At- Budha Nagar, Kalpana Square, Bhubaneswar. 2BHK Apartments At- Kantilo, Sundarpada, Bhubaneswar nearing completion & ready to possess 2/3BHK flats near Badagada Canal Road, Mouza- Meherpalli for sale. Bank Finance available. Contact: 9861467987, 9861336178. D-2828

**Get most bigest asset for future investment on land/plots in BDA proposed greater Bhubaneswar area for uncomparable return in short period. 7978701424.** D-76242

ଆଶ୍ଚର୍ଯ୍ୟଜନକ ଅପ୍ରିୟ ସତ୍ୟ, ଦଶହଜାରରୁ ତିନିଲକ୍ଷ ମଧ୍ୟରେ best investment project- 8917622925. D-2923

**Gharabari converted plots available near Hitech Square, Sundarpada, Bhubaneswar. For more details contact: 9437226965, 9778832554.** D-3005

ଫୁଲନଖରା ନିକଟସ୍ଥ **Sum Hospital-2** ଓ **Grand Bazar** ସମ୍ମୁଖରୁ ଅଳ୍ପ ଦୂରତାରେ ବାସୋପଯୋଗୀ ଘରବାରି ପ୍ଲଟ୍ କିଣନ୍ତୁ। 6372509299. D-76239

Contact for House Construction (Simplex/ Duplex/Apartment) and Interior Design (Modular Kitchen/ TV Unit/ Wardrobe) by experts. 7008550473. D-2995

ହଂସପାଳ ଛକରୁ 8K.M. ଭିଙ୍ଗାରପୁରରେ 1300sqft. 7,80,000/- ପ୍ଲଟ୍ ବିକ୍ରିହେବ। 9114705579. D-76238

Outright/ Sharing Lands available for Apartment/ Duplex Projects around Bhubaneswar/ Cuttack. 8984349324/ 9692207504/ 7008521277/ 8599857228/ 7077798353. D-2996

**Building for sale 35000sqft with land area 2 acre or more near Brahmapur, Ganjam for Hospital / College / School, Contact: 8260780200.** D-75598




Hospital commercial space used Infertility IVF Center, Chandrasekharpur, Bhubaneswar. 9437008388. D-74724

**2Acre (87000 sqft) NH facing plot near Chandanpur, Puri for any commercial purposes Rent/Lease. 9438400633** D-76236




Positively health benefited SPA by expert female therapist, Jaydevbihar. 8458048909. D-76196

Newly open health benefits SPA by experience lady therapist. 8658088274. D-76197

Positively health benefited SPA by expert female therapist, Bapujinagar. 8018429809. D-76198

## LOST

I, Girish Chandra Paul, S/o- Late Mahesh Chandra Paul, resident of S-5/91, Niladri Vihar, Bhubaneswar wish to sell my property , Plot No.- 270, Khata No.- 703/26, Mouza- Patrapada, Bhubaneswar, Dist.- Khurda, Area 100 Decimal. The Original ROR (Patta) of the said property was lost on 10th Feb 2025 at about 11A.M. In this regards, I have filed a lost report at Chandrasekharpur Police Station, Bhubaneswar, GD No.- 15 dated 15th Feb. 2025. D- 3003

## AFFIDAVIT

By virtue of an affidavit sworn before Executive Magistrate, Bhubaneswar, dated 29.01.2025 I, Rajesh Kumar Muduli, Address: At- Nilachakra Nagar Salia Sahi, P.O.- R.R.L, P.S.- Nayapalli, Bhubaneswar, PIN- 751013, Dist.- Khordha declare that I have changed my name from Ashirbad Muduli to Rajesh Kumar Muduli. Henceforth, I shall be known as Rajesh Kumar Muduli for all purposes.
Rajesh Kumar Muduli D-3004

By virtue of an affidavit sworn before Executive Magistrate, Bhubaneswar dated 19.02.2025, I, M. Debaraj, Address: At- Dalapalanka, P.O.- Ramachandrapur, P.S.- K. Nuagaon, Dist.- Ganjam, Odisha 761010, declare that I have changed my name from M. Raju to M. Debaraj. Henceforth, I shall be known as M. Debaraj for all purposes.
M. Debaraj D-3009

By virtue of an affidavit sworn before the Executive Magistrate, Badamba, dated 14.02.2025, I, Malati Sethi, W/o- Artabandhu Sethi, Address: At- Ratapat, P.O.- Ratapat, P.S.- Badamba, Dist.- Cuttack-754037. Declare that I have changed my name from Malata Sethi to Malati Sethi. Henceforth, I shall be known as Malati Sethi for all purposes.
Malati Sethi D-3013

By virtue of an affidavit sworn before Executive Magistrate, Cuttack, dated 18.02.2025, I, Kamala Purty, Address: At- Tangurusahi, P.O.- Nuagaon, P.S.- Ghagarabeda, Dist.- Mayurbhanj, Odisha 757035, declare that I have changed my name from Manguli Purtty to Kamala Purty. Henceforth, I shall be known as Kamala Purty for all purposes.
Kamala Purty D-3008

By virtue of affidavit No.- 3669 and No.- 3670 dtd 13.08.2024, I Hari Jally, father of Sruti Jally and Bijayalaxmi Jally have changed their names from Gunu Jally to Sruti Jally and Raju Jally to Bijayalaxmi Jally respectively. Henceforth, my both daughter's will be known as Sruti Jally and Bijayalaxmi Jally in future for all purposes. D-75491

By virtue of an affidavit sworn before Executive Magistrate, Basudevpur, dated 14.02.24, I, Ananta Panda, S/o- Sanatan Panda, Age- 53, At- Kapagadia, P.O.- Padmapur, Dist.- Bhadrak, P.S.- Basudevpur declare that my nick name wrongly written as Jaga Panda in my Aadhaar Card No.- xxxx xxxx 8083 and Ananta Prasad Panda is same and one person. D-3012

ମୁଁ ମରିୟମ ତୁରୁକ, ବୟସ- ୨୯ବର୍ଷ, ସ୍ୱାମୀ- ରବି କରକରିଆ, ଗ୍ରାମ- ବରଜା, ପୋଷ୍ଟ- ସେରିଗୁମା, ଥାନା- କଲ୍ୟାଣସିଂହପୁର, ଜିଲ୍ଲା- ରାୟଗଡ଼ା। ମୋର ବିବାହ ପରେ ମୋର ନାମ ମିରିୟମ କରକରିଆ ନାମରେ ମୋ ଆଧାର କାର୍ଡ ବଦଳ ହୋଇଛି, ଯାହା ତିନି ଥର ସଂଶୋଧନ କରାଯାଇଛି। ଏବେ ଆଉ ଥରେ ସଂଶୋଧନ କରିବା ପାଇଁ ଆଧାର କେନ୍ଦ୍ରକୁ ଗଲେ ସଂଶୋଧନର ଲିମିଟ୍ କ୍ରସ୍ ହୋଇଯାଇଥିବାରୁ ହୋଇପାରୁନି। ମୁଁ +୩ରେ ଅଧ୍ୟୟନ କରୁଅଛି। ମୋର ବିଶ୍ୱବିଦ୍ୟାଳୟରେ ABC ID ମଧ୍ୟ ଆଧାର ଭୁଲ୍ ଯୋଗୁଁ ହୋଇପାରୁନାହିଁ ଏବଂ ମୋର ଜନ୍ମ ତାରିଖ ମଧ୍ୟ ୧୫।୦୮।୧୯୯୫ ପରିବର୍ତ୍ତେ ଭୁଲ୍ ବଶତଃ ୧୫।୦୫।୧୯୯୫ ହୋଇଯାଇଛି। ଏଣୁ ମୋର ଆଧାର କାର୍ଡରେ ମୋର ନାମ ମରିୟମ ତୁରୁକ ଓ ଜନ୍ମ ତାରିଖ ୧୫।୦୮।୧୯୯୫ ସଂଶୋଧନ କରିବା ପାଇଁ ଚାହୁଁଛି। ଧ-୩୦୧୬

I, BALAKRUSNA DHARUA, S/o- Natabar Dharua, resident of Village- Jharmunda, P.O.- Pardhiapali, P.S.- Loisingha, Dist.- Balangir, Odisha declare by this affidavit No.-20, dt.20.02.2025 that now onwards I shall be known as BALAKRUSHNA DHARUA for all future purposes. D-3015

By virtue of an affidavit sworn before Executive Magistrate, Chandbali on dated 17.02.2025, I Itishree Mohanty, DOB- 05.08.2005, Address: D/o- Gourahari Mohanty, of Vill- Kulhibindha, P.O.- Tentulidihi, P.S.-Chandbali, Dist.- Bhadrak declare that I have changed my name from "Rajalaxmi Mohanty" to "Itishree Mohanty". Henceforth, I shall be known as "Itishree Mohanty" for all purposes. D-3017

I, Sarojini Samal, D/o- Shyam Sundar Samal, At-Rustampur, P.O.- Nahanga, Dist.- Balasore, PIN- 756059 have change my name in my Postal Life Insurance bearing No.- R-OR-EA-754860 and my all Official documents to Anushaya Jena affidavit dated 26.12.2024 infront to Magistrate vide Registration No.- 4004. D-3018

I, ETTI MOHAPATRA, W/o- SUJIT MOHAPATRA, resident of 29/147, 2nd floor, Omm Garden, Maitri Vihar, Rail Vihar road, Bhubaneswar, PIN- 751023, Dist.- Khordha declare by this affidavit No.- 68, dated- 19.02.2025 that now onwards I shall be known as ETTI MAHAPATRA for all future purposes. D-3019

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## LEGAL NOTICE

IN THE COURT OF THE 2ND ADD. CIVIL JUDGE (SR. DIVISION), CUTTACK
CIVIL SUIT NO.- 666/24

ଅମୂଲ୍ୟ କୁମାର ପଟ୍ଟନାୟକ ଓଗେର ....ବାଦୀମାନେ
ବନାମ
ବଦନୀ ବିଶୋଇ ଓଗେର ..... ପ୍ରତିବାଦୀମାନେ

ଦେୱାନୀ କାର୍ଯ୍ୟବିଧି ଆଇନର ଅର୍ଡର ୫ ରୁଲ୍ ୨୦ ଅନୁଯାୟୀ ନୋଟିସ

ପ୍ରାପ୍ତେଷୁ,
ପ୍ରତିବାଦୀ ନଂ. ୩- ସଞ୍ଜୁଶ୍ରୀ ପଟ୍ଟନାୟକ,ବୟସ ୪୫ବର୍ଷ, ସ୍ୱାମୀ: ରାଜକିଶୋର ମହାନ୍ତି, ସା: ଭଗତପୁର, ପୋ.ଅ: ତେଲେଙ୍ଗାବଜାର, ଥାନା: ପୁରୀଘାଟ, ସହର ଓ ଜିଲ୍ଲା: କଟକ, ପିନ- ୭୫୩୦୦୯ ।
.......ପ୍ରତିବାଦୀ

ଏତଦ୍ୱାରା ଉପରଲିଖିତ ପ୍ରତିବାଦିନୀଙ୍କୁ ଜଣାଇ ଦିଆଯାଉଛି ଯେ, ଉପରୋକ୍ତ ବାଦୀମାନେ ଅତ୍ର ମୋକଦ୍ଦମା ବର୍ଣ୍ଣିତ ବିବାଦୀୟ ବୃତ୍ତିକୁ ବଣ୍ଟନ କରିବା ନିମନ୍ତେ ଦାଏର କରିଛନ୍ତି। ଏଥକୁ ଅତ୍ର ମୋକଦ୍ଦମାରେ ଉପରଲିଖିତ ଠିକଣାରେ ଆପଣଙ୍କ ନାମରେ ବାରମ୍ବାର ନୋଟିସ୍ ଯିବା ସତ୍ତ୍ୱେ ଆପଣ ଅନୁପସ୍ଥିତ ଥିବାର ରିପୋର୍ଟମାନ ହେବାରୁ ନୋଟିସ୍ ଜାରି ନ ହୋଇ ଫେରିଆସୁଛି । ଏଣୁ ଅତ୍ର ନୋଟିସ୍ ଦ୍ୱାରା ଜଣାଇ ଦିଆଯାଉଛି ଅତ୍ର ମୋକଦ୍ଦମାର ତାରିଖ ତା୨୮।୦୩।୨୦୨୫ରିଖ ଦିବା ୧୦.୩୦ ଘଟିକାକୁ ଧାର୍ଯ୍ୟ ହୋଇଅଛି । ଅତ୍ର ଧାର୍ଯ୍ୟ ତାରିଖେ ଆପଣ କିମ୍ବା ଆପଣଙ୍କ ତରଫରୁ କ୍ଷମତାପ୍ରାପ୍ତ ବ୍ୟକ୍ତିଙ୍କ ଜରିଆରେ ଅତ୍ର ଅଦାଲତରେ ହାଜର ହୋଇ ଜବାବମାନ ଦାଖଲ କରିବେ। ନଚେତ୍ ଆଇନ ଅନୁଯାୟୀ ଉପରୋକ୍ତ ଆପଣଙ୍କ ଅନୁପସ୍ଥିତିରେ ଫଏସଲା କରାଯିବ । ଅତ୍ର ଅଦାଲତର ତା୦୪।୦୨।୨୦୨୫ରିଖେ ମୋହର ଓ ସ୍ୱାକ୍ଷର କ୍ରମେ ଦିଆଗଲା।
ସ୍ୱା./-୨ୟ ଆଡିସିନାଲ ସିଭିଲ ଜଜ୍, ସିନିୟର ଡିଭିଜନ୍ ଅଦାଲତ, କଟକ
ଧ-୩୦୦୨

DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

## ମନେ ପଡ଼ନ୍ତି

### ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



✓ଦୀପ୍ତିମୟୀ ପରିଜା
ବନ୍ଧମୁଣ୍ଡା, ମଠସାହି, ତେନ୍ତୁଳିପଦା, ଜଗତ୍‌ସିଂହପୁର
ଆବିର୍ଭାବ: ୦୧।୦୭।୧୯୬୪
ତିରୋଧାନ: ୧୧।୦୨।୨୦୨୫
ମା' ଶାରଳାଙ୍କ ନିକଟରେ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରାର୍ଥନା ।
-:ଶୋକସନ୍ତପ୍ତ:-
ସ୍ୱାମୀ- କ୍ଷେତ୍ର ମୋହନ ପରିଜା, ପ୍ରକାଶ ପରିଜା, ସରିତା ପରିଜା, ଜୁଲି, ମାଉଁ, ଟୁଟୁଲି, ବନ୍ଧୁ ଓ ପରିବାରବର୍ଗ ।
ଧ-୩୦୧୪

### ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



✓ନିର୍ମଳା ଜେନା
ସ୍ୱାମୀ: ମହେନ୍ଦ୍ରନାଥ ଜେନା
ପୋଖରୀପୁଟ, ଭୁବନେଶ୍ୱର
ଆବିର୍ଭାବ: ୧୫.୦୫.୧୯୫୫
ତିରୋଧାନ: ୧୧.୦୨.୨୦୨୫
ତୁମର ଅନାବିଳ ସ୍ନେହ, ଶ୍ରଦ୍ଧା ଓ ଅଶେଷ ତ୍ୟାଗ ଆମ ପାଇଁ ପ୍ରେରଣାର ଉତ୍ସ ହୋଇ ରହିବ । ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଠାରେ ବିନମ୍ର ପ୍ରାର୍ଥନା ।
ଶୋକ ସନ୍ତପ୍ତ:
ପୁତ୍ର: ସୁଧୀର, ସଲିଳ, କନ୍ୟା: ସୁକାନ୍ତି, ନାତୁଣୀ: ନିକି, ସୋନା, ନାତି: ଚିଣ୍ଟୁ ଓ ବନ୍ଧୁ ପରିଜନ
ଧ-୭୬୨୪୧

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in

# ଚାମ୍ପିୟନ୍ସ ଟ୍ରଫିରେ ଭାରତ-ପାକିସ୍ତାନ

**ଆଇସିସି ଚାମ୍ପିୟନ୍ସ ଟ୍ରଫିର ନବମ ସଂସ୍କରଣ ଆରମ୍ଭ ହୋଇଯାଇଛି। ଟୁର୍ନାମେଣ୍ଟର ସବୁଠାରୁ ହାଇ ପ୍ରୋଫାଇଲ୍ ମ୍ୟାଚ ଆସନ୍ତା ୨୩ ତାରିଖରେ ଦୁବାଇରେ ଅନୁଷ୍ଠିତ ହେବ। ପରସ୍ପରର ସମ୍ମୁଖୀନ ହେବେ ଦୁଇ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଭାରତ ଓ ପାକିସ୍ତାନ। ଚାମ୍ପିୟନ୍ସ ଟ୍ରଫିରେ ଉଭୟ ଦଳ ମଧ୍ୟରେ ଅନୁଷ୍ଠିତ ମ୍ୟାଚର ରେକର୍ଡକୁ ନେଇ ସ୍ୱତନ୍ତ୍ର ଉପସ୍ଥାପନା...**

ଆଇସିସି ଚାମ୍ପିୟନ୍ସ ଟ୍ରଫିର ନବମ ସଂସ୍କରଣ ପାକିସ୍ତାନ ଓ ଦୁବାଇରେ ଆରମ୍ଭ ହୋଇ ଯାଇଛି। ଉଦ୍‌ଘାଟନୀ ମ୍ୟାଚରେ ଆୟୋଜକ ପାକିସ୍ତାନ ୬୦ ରନରେ ନ୍ୟୁଜିଲାଣ୍ଡଠାରୁ ପରାସ୍ତ ହୋଇ ଥିବାବେଳେ ଗୁରୁବାର ଭାରତ ଏହାର ପ୍ରଥମ ମ୍ୟାଚ ଖେଳିସାରିଛି। ଟୁର୍ନାମେଣ୍ଟର ସବୁଠାରୁ ହାଇ ପ୍ରୋଫାଇଲ୍ ମ୍ୟାଚ ଆସନ୍ତା ୨୩ ତାରିଖରେ ଅନୁଷ୍ଠିତ ହେବ। ପରସ୍ପରର ସମ୍ମୁଖୀନ ହେବେ ଦୁଇ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଭାରତ ଓ ପାକିସ୍ତାନ। ସୁରକ୍ଷା ଦୃଷ୍ଟିରୁ ପାକିସ୍ତାନ ଯିବାକୁ ମନା କରି ଦେଇଥିବାରୁ ହାଇବ୍ରିଡ୍ ମୋଡ୍‌ରେ ଭାରତର ସମସ୍ତ ମ୍ୟାଚ ଦୁବାଇରେ ଖେଳାଯିବ। ତେଣୁ ଭାରତ-ପାକିସ୍ତାନ ମୁକାବିଲା ସେଠାରେ ଅନୁଷ୍ଠିତ ହେବ। ଏହି ହାଇ ଭୋଲ୍ଟେଜ ମ୍ୟାଚ ପାଇଁ ମଝିରେ ଆଉ ମାତ୍ର ଗୋଟିଏ ଦିନ ସମୟ ଥିବାବେଳେ ଚାମ୍ପିୟନ୍ସ ଟ୍ରଫିରେ ଉଭୟ ଦଳ ମଧ୍ୟରେ ଅନୁଷ୍ଠିତ ମ୍ୟାଚର ରେକର୍ଡକୁ ନେଇ ସ୍ୱତନ୍ତ୍ର ଉପସ୍ଥାପନା...

### ଭାରତ ୨, ପାକିସ୍ତାନ ୩

ରେକର୍ଡ ଦେଖିଲେ ଭାରତ ୨ ଥର ୨୦୦୨ ଓ ୨୦୧୩ରେ ଚାମ୍ପିୟନ୍ସ ଟ୍ରଫି ହାସଲ କରିଛି। ପାକିସ୍ତାନ ୨୦୧୭ରେ ଥରେ ଏହା ହାସଲ କରିପାରିଛି। ଗତବର୍ଷ ଅର୍ଥାତ୍ ୨୦୨୪ରେ ଦିନିକିଆ ଅନ୍ତର୍ଜାତୀୟ କ୍ରିକେଟ ସେତେ ଗୁରୁତ୍ୱ ପାଇ ନ ଥିଲା। ଆମେରିକା ଓ ୱେଷ୍ଟଇଣ୍ଡିଜରେ ଟି୨୦ ବିଶ୍ୱକପ ଅନୁଷ୍ଠିତ ହୋଇଥିବାରୁ ଏହି ଫର୍ମାଟକୁ ଗୁରୁତ୍ୱ ଦିଆ ଯାଇଥିଲା। ଏହା ବ୍ୟତୀତ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଫାଇନାଲକୁ ମଧ୍ୟ ଦଳଗୁଡ଼ିକ ଗୁରୁତ୍ୱର ସହ ନେଇଥିଲେ। ପ୍ରାୟ ୩୦ ବର୍ଷ ବ୍ୟବଧାନରେ ପାକିସ୍ତାନ ଏକ ଆଇସିସି ଇଭେଣ୍ଟ ଆୟୋଜନର ସୁଯୋଗ ପାଇଛି। ଆଇସିସି ଚାମ୍ପିୟନ୍ସ ଟ୍ରଫିରେ ଭାରତ ଓ ପାକିସ୍ତାନ ମଧ୍ୟରେ ମୋଟ ୫ ଥର ଭେଟ ହୋଇଛି। ପ୍ରଥମ ୨ଟି ମ୍ୟାଚ ପାକିସ୍ତାନ ଜିତି ଥିବାବେଳେ ପରବର୍ତ୍ତୀ ୨ଟି ମ୍ୟାଚରେ ବିଜୟୀ ହୋଇ ବିଜୟ/ପରାଜୟ ରେକର୍ଡକୁ ବରାବର କରିଥିଲା ଭାରତ। ମାତ୍ର ପରବର୍ତ୍ତୀ ମୁକାବିଲାରେ ପାକିସ୍ତାନ ବିଜୟ ହାସଲ କରିବା ସହିତ ପ୍ରଥମଥରପାଇଁ ଚାମ୍ପିୟନ ହୋଇ ଗୋଟିଏ ପାଦ ଆଗରେ ରହିଛି।

### ୨୦୦୪: ପାକିସ୍ତାନ ୩ ଉଇକେଟରେ ବିଜୟୀ

୧୯୯୮ରୁ ଚାମ୍ପିୟନ୍ସ ଟ୍ରଫି ଆରମ୍ଭ ହୋଇଥିଲେ ହେଁ ୩ ସଂସ୍କରଣ ପରେ ଭାରତ-ପାକିସ୍ତାନ ଭେଟ ପ୍ରଥମଥରପାଇଁ ୨୦୦୪ରେ ହୋଇଥିଲା। ଇଂଲଣ୍ଡର ବର୍ମିଂହାମରେ ସେପ୍ଟେମ୍ବର ୧୯ରେ ଅନୁଷ୍ଠିତ ମ୍ୟାଚରେ ପାକିସ୍ତାନ ୩ ଉଇକେଟରେ ବିଜୟୀ ହୋଇଥିଲା। ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ସୌରଭ ଗାଙ୍ଗୁଲିଙ୍କ ନେତୃତ୍ୱାଧୀନ ଦଳ ୪୯.୫ ଓଭରରେ ୨୦୦ ରନକରି ଅଲ୍‌ଆଉଟ ହୋଇଯାଇଥିଲା। ମିଡିଲ ଅର୍ଡରରେ ରାହୁଲ ଦ୍ରାବିଡ (୬୭ ରନ)ଙ୍କ ଅର୍ଦ୍ଧଶତକ ଓ ଶେଷ ଭାଗରେ ଅଜିତ ଅଗରକରଙ୍କ ୪୭ ରନକୁ ଛାଡ଼ିଦେଲେ ଅନ୍ୟ ସମସ୍ତ ଭାରତୀୟ ବ୍ୟାଟର ପାକିସ୍ତାନ ବୋଲରଙ୍କ ମୁକାବିଲାରେ ବିଫଳ ହୋଇଥିଲେ। ପାକିସ୍ତାନ ପକ୍ଷରୁ ନଭେଦ-ଉଲ୍-ହାସନ ଓ ଶୋଏବ ଅଖତର ୪ଟି ଲେଖାଏ ଉଇକେଟ ନେଇଥିଲେ। ୨୦୧ ରନର ବିଜୟ ଲକ୍ଷ୍ୟକୁ ପିଛା କରି ପାକିସ୍ତାନ ଏକଦା ୨୧ ରନ ମଧ୍ୟରେ ୩ଟି ଉଇକେଟ ହରାଇ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲେ ହେଁ ମିଡିଲ ଅର୍ଡରରେ ମହମ୍ମଦ ୟୁସୁଫଙ୍କ ଅପରାଜିତ ୮୧ ରନ ବଳରେ ୪୯.୨ ଓଭରରେ ୭ ଉଇକେଟ ହରାଇ ମ୍ୟାଚ ଜିତି ନେଇଥିଲା। ଅଧିନାୟକ ଇଞ୍ଜାମାମ ଉଲ୍ ହକ୍ (୪୧) ଓ ଶାହିଦ ଆଫ୍ରିଦୀ (୧୨ ବଲ୍‌ରୁ ୨୫ ରନ)ଙ୍କ ଅବଦାନ ମୂଲ୍ୟବାନ ସାବ୍ୟସ୍ତ ହୋଇଥିଲା। ମ୍ୟାଚ ବିଜୟୀ ଇନିଂସ ପାଇଁ ମହମ୍ମଦ ୟୁସୁଫ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ।

### ୨୦୦୯: ପାକିସ୍ତାନ ୫୪ ରନରେ ବିଜୟୀ

ଦକ୍ଷିଣ ଆଫ୍ରିକାର ସେଞ୍ଚୁରିଅନଠାରେ ଭାରତ ପାକିସ୍ତାନ ଦ୍ୱିତୀୟ ମୁକାବିଲା ୨୦୦୯ ସେପ୍ଟେମ୍ବର ୨୬ରେ ହୋଇଥିଲା। ଏଥିରେ ୟୁନିସ ଖାଁଙ୍କ ନେତୃତ୍ୱାଧୀନ ପାକିସ୍ତାନ ୫୪ ରନରେ ବିଜୟୀ ହୋଇ ଆଧିପତ୍ୟ ଅବ୍ୟାହତ ରଖିଥିଲା। ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିବା ପାକିସ୍ତାନ ଶୋଏବ ମଲିକଙ୍କ ଶତକ ସହାୟତାରେ ୫୦ ଓଭରରେ ୯ ଉଇକେଟ ହରାଇ ୩୦୨ ରନ କରିଥିଲା। ଶୋଏବ ୧୨୮ ଓ ମହମ୍ମଦ ୟୁସୁଫ ୮୭ ରନର ଗୁରୁତ୍ୱପୂର୍ଣ୍ଣ ଇନିଂସ ଖେଳିଥିଲେ। ଭାରତ ପକ୍ଷରୁ ଆଶିଷ ନେହେରା ସର୍ବାଧିକ ୪ଟି ଉଇକେଟ ନେଇଥିଲେ। ୩୦୩ ରନ ବିଜୟ ଲକ୍ଷ୍ୟର ପିଛା କରି ମହେନ୍ଦ୍ର ସିଂ ଧୋନୀଙ୍କ ନେତୃତ୍ୱାଧୀନ ଟିମ୍ ଇଣ୍ଡିଆ ୪୪.୫ ଓଭରରେ ୨୪୮ ରନକରି ଅଲ୍‌ଆଉଟ ହୋଇଯାଇଥିଲା। ରାହୁଲ ଦ୍ରାବିଡ ୭୬, ଗୌତମ ଗମ୍ଭୀର ୫୭ ଓ ସୁରେଶ ରାଇନା ୪୬ ରନ କରିଥିଲେ ହେଁ ତାହା ବିଜୟ ପାଇଁ ପର୍ଯ୍ୟାପ୍ତ ହୋଇ ନ ଥିଲା। ପାକିସ୍ତାନ ବୋଲରଙ୍କ ମଧ୍ୟରେ ମହମ୍ମଦ ଅମିର, ନଭେଦ-ଉଲ-ହାସନ, ସଇଦ ଆଜମଲ ଓ ଶହିଦ ଆଫ୍ରିଦୀ ୨ଟି ଲେଖାଏ ଉଇକେଟ ନେଇ ଭାରତର ବ୍ୟାଟିଂ ବିପର୍ଯ୍ୟୟ ଘଟାଇଥିଲେ। ଶତକୀୟ ଇନିଂସ ପାଇଁ ଶୋଏବ ମଲିକ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ।

### ୨୦୧୩: ଭାରତ ୮ ଉଇକେଟରେ ବିଜୟୀ (ଡି/ଏଲ୍)

ଆଇସିସି ଚାମ୍ପିୟନ୍ସ ଟ୍ରଫିରେ ଭାରତ-ପାକିସ୍ତାନ ତୃତୀୟ ମୁକାବିଲା ଇଂଲଣ୍ଡର ବର୍ମିଂହାମଠାରେ ୨୦୧୩ ଜୁନ୍ ୧୫ରେ ଅନୁଷ୍ଠିତ ହୋଇଥିଲା। ବର୍ଷା ବାଧାପ୍ରାପ୍ତ ମ୍ୟାଚରେ ଡକ୍‌ୱର୍ଥ ଲୁଇସ (ଡି/ଏଲ୍) ନିୟମରେ ଭାରତ ୮ ଉଇକେଟରେ ବିଜୟୀ ହୋଇଥିଲା। ଟସ୍ ଜିତି ଭାରତୀୟ ଦଳର ଅଧିନାୟକ ମହେନ୍ଦ୍ର ସିଂ ଧୋନୀ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ। ବୋଲରମାନେ ଚମତ୍କାର ବୋଲିଂ କରି ମିସ୍‌ବା-ଉଲ୍-ହକ୍‌ଙ୍କ ନେତୃତ୍ୱାଧୀନ ପାକିସ୍ତାନକୁ ୩୯.୪ ଓଭରରେ ୧୬୫ ରନ ମଧ୍ୟରେ ସୀମିତ ରଖି ଦେଇଥିଲେ। ଅସଦ ସଫିକ ସର୍ବାଧିକ ୪୧ ରନ କରିଥିଲେ। ଭୁବନେଶ୍ୱର କୁମାର, ଇଶାନ୍ତ ଶର୍ମା, ରବିଚନ୍ଦ୍ରନ ଅଶ୍ୱିନ ଓ ରବୀନ୍ଦ୍ର ଜାଡେଜା ୨ଟି ଲେଖାଏ ଉଇକେଟ ନେଇ ପାକିସ୍ତାନର ବ୍ୟାଟିଂ ବିପର୍ଯ୍ୟୟ ଘଟାଇଥିଲେ। ବର୍ଷା ଯୋଗୁ ମ୍ୟାଚ ବାଧାପ୍ରାପ୍ତ ହେବାରୁ ଭାରତ ସମ୍ମୁଖରେ ୨୨ ଓଭରରେ ୧୦୨ ରନର ରିଭାଇଜ୍ ଟାର୍ଗେଟ୍ ରଖାଯାଇଥିଲା। ଭାରତ ୧୯.୨ ଓଭରରେ ୨ ଉଇକେଟ ହରାଇ ବିଜୟ ଲକ୍ଷ୍ୟରେ ପହଞ୍ଚି ଯାଇଥିଲା। ଶିଖର ଧାୱନ ୪୮ ଓ ବିରାଟ କୋହଲି ୨୨ ରନରେ ଅପରାଜିତ ରହି ଭାରତ ବିଜୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ। ଚମତ୍କାର ବୋଲିଂ କରି ୮ ଓଭରରେ ମାତ୍ର ୧୯ ରନରେ ୨ ଉଇକେଟ ହାସଲ କରିଥିବାରୁ ଭୁବନେଶ୍ୱର କୁମାର ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଫାଇନାଲରେ ଇଂଲଣ୍ଡକୁ ହରାଇ ଭାରତ ଏହି ସଂସ୍କରଣରେ ଚାମ୍ପିୟନ ହୋଇଥିଲା।

### ୨୦୧୭: ଭାରତ ୧୨୪ ରନରେ ବିଜୟୀ (ଡି/ଏଲ୍)

ଗତ ୨୦୧୭ ସଂସ୍କରଣରେ ଭାରତ ଓ ପାକିସ୍ତାନ ପରସ୍ପରକୁ ୨ ଥର ଭେଟିଥିଲେ। ଜୁନ ୪ରେ ବର୍ମିଂହାମରେ ଅନୁଷ୍ଠିତ ମୁକାବିଲାରେ ଭାରତ ଡକ୍‌ୱର୍ଥ ଲୁଇସ ପଦ୍ଧତିରେ ୧୨୪ ରନରେ ବିଜୟୀ ହୋଇଥିଲା। ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଭାରତ ରୋହିତ ଶର୍ମାଙ୍କ ୯୧, ଅଧିନାୟକ ବିରାଟ କୋହଲିଙ୍କ ଅପରାଜିତ ୮୧, ଶିଖର ଧାୱନଙ୍କ ୬୮ ଓ ଯୁବରାଜ ସିଂଙ୍କ ୫୩ ରନ ବଳରେ ନିର୍ଦ୍ଧାରିତ ୪୮ ଓଭରରେ ୩ ଉଇକେଟ ହରାଇ ୩୧୯ ରନ କରିଥିଲା। ବର୍ଷା ଯୋଗୁ ଖେଳ କିଛିସମୟ ବାଧାପ୍ରାପ୍ତ ହେବାରୁ ସର୍ଫରାଜ ଅହମଦଙ୍କ ନେତୃତ୍ୱାଧୀନ ପାକିସ୍ତାନ ସମ୍ମୁଖରେ ରିଭାଇଜ୍ ଟାର୍ଗେଟ ୪୧ ଓଭରରେ ୨୮୯ ରନ ରଖା ଯାଇଥିଲା। ମାତ୍ର ଓପନର ଆଝାର ଅଲୀ (୫୦)ଙ୍କ ଅର୍ଦ୍ଧଶତକ ସତ୍ତ୍ୱେ ପାକିସ୍ତାନ ୩୩.୪ ଓଭରରେ ୧୬୪ ରନକରି ଅଲ୍‌ଆଉଟ ହୋଇଯାଇଥିଲା। ଭାରତ ପକ୍ଷରୁ ଉମେଶ ଯାଦବ ୩ଟି ଏବଂ ହାର୍ଦ୍ଦିକ ପାଣ୍ଡ୍ୟା ଓ ରବୀନ୍ଦ୍ର ଜାଡେଜା ୨ଟି ଲେଖାଏ ଉଇକେଟ ନେଇଥିଲେ। ୩୨ ବଲ୍‌ରୁ ୫୩ ରନ କରିଥିବାରୁ ଯୁବରାଜ ସିଂ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ।

### ୨୦୧୭ (ଫାଇନାଲ): ପାକିସ୍ତାନ ୧୮୦ ରନରେ ବିଜୟୀ

ସଂଯୋଗ ବଶତଃ ଏହି ସଂସ୍କରଣରେ ଭାରତ ଓ ପାକିସ୍ତାନ ଫାଇନାଲରେ ପରସ୍ପରକୁ ପୁଣି ଭେଟିଥିଲେ। ଭାରତ କ୍ରମାଗତ ଦ୍ୱିତୀୟ ଥରପାଇଁ ଫାଇନାଲ ଖେଳୁଥିବାରୁ ହଟ୍ ଫେଭରାଇଟ ରହିଥିଲା। ମାତ୍ର ଏଥିରେ ଭାରତକୁ ୧୮୦ ରନରେ ହରାଇ ପାକିସ୍ତାନ ପୂର୍ବ ପରାଜୟର ମଧୁର ପ୍ରତିଶୋଧ ନେଇଥିଲା। ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ପାକିସ୍ତାନ ଫଖର ଜମନ (୧୧୪ ରନ)ଙ୍କ ଶତକ, ଆଝାର ଅଲୀଙ୍କ ୫୯, ମହମ୍ମଦ ହାଫିଜଙ୍କ ଅପରାଜିତ ୫୭ ଓ ବାବର ଆଜମଙ୍କ ୪୬ ରନ ବଳରେ ୫୦ ଓଭରରେ ୪ ଉଇକେଟ ହରାଇ ୩୩୮ ରନ କରିଥିଲା। ଭାରତ ବଡ଼ ସ୍କୋରର ପିଛା କରିଥିବାବେଳେ ଟପ୍ ଓ ମିଡିଲ ଅର୍ଡର ବ୍ୟାଟିଂ ବିଫଳତା ଯୋଗୁ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ୭୬ ରନ ସତ୍ତ୍ୱେ ଲକ୍ଷ୍ୟଠାରୁ ବହୁ ଦୂରରେ ରହି ୩୦.୩ ଓଭରରେ ୧୫୮ ରନରେ ଅଲ୍‌ଆଉଟ ହୋଇଯାଇଥିଲା। ପାକିସ୍ତାନ ବୋଲରଙ୍କ ମଧ୍ୟରେ ମହମ୍ମଦ ଅମିର ଓ ହାସଲ ଅଲୀ ୩ଟି ଲେଖାଏ ଉଇକେଟ ନେଇଥିଲେ। ଫଖର ଜମନ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ।



୨୦୧୩: ଉଇକେଟ ନେବାପରେ ରବିଚନ୍ଦ୍ରନ ଅଶ୍ୱିନଙ୍କୁ ବଧେଇ।
ଯୁବରାଜ ସିଂ



ଶୋଏବ ମଲିକ ଓ ମହମ୍ମଦ ୟୁସୁଫ
ଟ୍ରଫି ସହ ସର୍ଫରାଜ ଅହମଦ




# ଖେଳ ଜଗତର ଭିତିରି କଥା

### ଆର୍ଟିଫିସିଆଲ ଟର୍ଫ ପିଚ୍ ବ୍ୟବହାରକୁ ବିରୋଧ

ସାଓ ପାଉଲୋ: ପ୍ରାକୃତିକ ଘାସର ପିଚ୍ ବଦଳରେ ଫୁଟବଲ ଲିଗ୍ ମ୍ୟାଚ ପାଇଁ ଆର୍ଟିଫିସିଆଲ ଟର୍ଫ ବ୍ୟବହାରକୁ ଜୁନିୟର ନେମାର, ମେମ୍ଫିସ ଡେପେ ଓ ଥିଆଗୋ ସିଲଭାଙ୍କ ଭଳି ଜଣାଶୁଣା ବ୍ରାଜିଲ ଖେଳାଳି ବିରୋଧ କରିଛନ୍ତି। ଆର୍ଟିଫିସିଆଲ ଟର୍ଫ ବ୍ୟବହାର ଦ୍ୱାରା ଖେଳାଳିଙ୍କର ଆହତ ହେବା ସମ୍ଭାବନା ବୃଦ୍ଧି ପାଇବ ବୋଲି ସେମାନେ ଅନ୍‌ଲାଇନରେ ସମାନ ମତ ରଖିଛନ୍ତି। ବ୍ରାଜିଲର ଶୀର୍ଷ ସ୍ତରୀୟ ଫୁଟବଲ ଲିଗ୍‌ରେ ଡିଫେଣ୍ଡିଂ ବ୍ରାଜିଲିଆନ ଚାମ୍ପିୟନ ବୋଟାଫୋଗୋ, ପାଲମେରାସ ଓ ଆଥଲେଟିକୋ ପାରାନାଏନ୍ସେ ଆଦି କ୍ଲବ ଆର୍ଟିଫିସିଆଲ ଟର୍ଫ ବ୍ୟବହାର କରୁଛନ୍ତି। ଏଥିଯୋଗୁ ଏହି ଦଳଗୁଡ଼ିକ ବିପକ୍ଷରେ ଖେଳାଯିବାକୁ ଥିବା ଆୱେ ମ୍ୟାଚକୁ କିଛି ଭେଟେରାନ ଓ ନେମାରଙ୍କ ଭଳି ଆହତ ସମସ୍ୟାରୁ ପ୍ରତ୍ୟାବର୍ତ୍ତନ କରୁଥିବା ଖେଳାଳିମାନେ ବହିଷ୍କାର କରିଛନ୍ତି। ପାଲମେରାସ ପକ୍ଷରୁ କୁହାଯାଇଛି ଯେ ଆର୍ଟିଫିସିଆଲ ଟର୍ଫକୁ ଫିଫାର ସ୍ୱୀକୃତି ମିଳିଛି। ୨୦୨୦ଠାରୁ ଏହାର ନିୟମିତ ଯାଞ୍ଚ କରାଯାଉଛି। ଏଣୁ ଏଥିରେ ପ୍ରାକୃତିକ ଘାସ ପଡ଼ିଆ ଭଳି ସମାନ ମାନଦଣ୍ଡ ରହିଛି।

### ଇଲେକ୍ଟ୍ରିକ ପାୱାରବୋଟିଂ

ମୁମ୍ବାଇ: ବିଶ୍ୱର ପ୍ରଥମ ଅଲ୍-ଇଲେକ୍ଟ୍ରିକ ପାୱାରବୋଟିଂ ପ୍ରତିଯୋଗିତା ୟୁଆଇଏମ୍ଇ ୱାନ ୱାର୍ଲ୍ଡ ଚାମ୍ପିୟନଶିପରେ ଅନୁଷ୍ଠିତ ହେବ। ଭାରତୀୟ ଦଳର ଷ୍ଟାର ବ୍ୟାଟର ବିରାଟ କୋହଲି, ଟେନିସ କିମ୍ବଦନ୍ତୀ ରାଫାଲ ନାଡାଲ ଓ ବାସ୍କେଟବଲ ଆଇକନ ଲେବ୍ରନ ଜେମ୍ସ ପ୍ରମୁଖ ବିଭିନ୍ନ ଦଳର ମାଲିକାନା ହାସଲ କରିଛନ୍ତି। ଏହି ବିଶ୍ୱସ୍ତରୀୟ ସିରିଜରେ କୋହଲିଙ୍କ ଟିମ୍ ବ୍ଲୁ ରାଇଜିଂ, ବାସ୍କେଟବଲ ଆଇକନ ଜେମ୍ସଙ୍କ ଟିମ୍ ଅଲଉଲା, ସଙ୍ଗୀତ ପ୍ରଯୋଜକ ଓ ଡିଜେ ଷ୍ଟିଭ ଆଓକିଙ୍କ ଆଓକି ରେସିଂ ଟିମ୍ ଓ ଏନ୍‌ଏଫ୍‌ଏଲ୍ କିମ୍ବଦନ୍ତୀ ଟମ୍ ବ୍ରାଡିଙ୍କ ଟିମ୍ ବ୍ରାଡି, ଚେଲସି ଦଳର ଷ୍ଟାର ଡିଡାୟର ଡ୍ରୋଗବାଙ୍କ ଟିମ୍ ଡ୍ରୋଗବା, ଟେନିସ କିମ୍ବଦନ୍ତୀ ନାଡାଲଙ୍କ ଟିମ୍ ରାଫା, ହଲିଉଡ ଅଭିନେତା ୱିଲ ସ୍ମିଥଙ୍କ ୱେଷ୍ଟବ୍ରୁକ ରେସିଂ ପ୍ରତିଦ୍ୱନ୍ଦ୍ୱିତା କରିବେ। ଏହି ପ୍ରତିଯୋଗିତାର ବିଭିନ୍ନ ପର୍ଯ୍ୟାୟ ରେସ ଜେଦ୍ଦା, ମିଆମି, ମଣ୍ଟେ କାର୍ଲୋ ଓ ଦୋହାଠାରେ ଅନୁଷ୍ଠିତ ହେବ।

### ମନୁଙ୍କ କୋଚ୍ ରହିବେ ରାଣା

ନୂଆଦିଲ୍ଲୀ: ପ୍ୟାରିସ ଅଲିମ୍ପିକ୍ସରେ ଡବଲ ପଦକ ହାସଲ କରି ଇତିହାସ ସୃଷ୍ଟି କରିଥିବା ତାରକା ମହିଳା ଶୁଟର ମନୁ ଭାକରଙ୍କ କୋଚ୍ ଭାବେ ଅପରିବର୍ତ୍ତିତ ରହିବେ ଯଶପାଲ ରାଣା। ଏହାକୁ ମନୁ ନିଜେ ସ୍ପଷ୍ଟ କରିଛନ୍ତି। ଦ୍ରୋଣାଚାର୍ଯ୍ୟ ପୁରସ୍କାର ପ୍ରାପ୍ତ ଯଶପାଲଙ୍କୁ ନ୍ୟାଶନାଲ ରାଇଫଲ ଆସୋସିଏଶନ ଅଫ ଇଣ୍ଡିଆ (ଏଆର୍‌ଏଆଇ) ପକ୍ଷରୁ ପିସ୍ତଲ ଶୁଟରଙ୍କ ଲାଗି ହାଇ ପରଫର୍ମାନ୍ସ ଟ୍ରେନର ନିଯୁକ୍ତ କରାଯାଇଛି। ୪ ଥରର ଏସିଆନ ଗେମ୍ସ ଗୋଲ୍ଡ ମେଡାଲିଷ୍ଟ ରାଣାଙ୍କ ସହିତ ବିବାଦ କାରଣରୁ ମନୁ ଟୋକିଓ ଅଲିମ୍ପିକ୍ସ ପୂର୍ବରୁ ଅଲଗା ହୋଇଯାଇଥିଲେ। ମାତ୍ର ଟୋକିଓ ଅଲିମ୍ପିକ୍ସ ପରେ ସଂଘର୍ଷ କରୁଥିବା ମନୁ ରାଣାଙ୍କ ମାର୍ଗଦର୍ଶନରେ ଶୁଟିଂକୁ ଉଲ୍ଲେଖନୀୟ ପ୍ରତ୍ୟାବର୍ତ୍ତନ କରିବା ସହ ସ୍ୱାଧୀନ ଭାରତର ପ୍ରଥମ ଆଥଲେଟ ଭାବେ ଅଲିମ୍ପିକ୍ସର ଗୋଟିଏ ସଂସ୍କରଣରେ ଦୁଇଟି ପଦକ ଜିତିଥିଲେ। ସେ ୧୦ ମିଟର ଏୟାର ପିସ୍ତଲ ଓ ୧୦ ମିଟର ଏୟାର ପିସ୍ତଲ ମିକ୍ସଡ ଟିମ୍ ଇଭେଣ୍ଟରେ ବ୍ରୋଞ୍ଜ ପଦକ ଜିତିଥିଲେ। ରାଣାଙ୍କୁ ହାଇ ପରଫର୍ମାନ୍ସ କୋଚ ନିଯୁକ୍ତ କରାଯାଇଥିଲେ ହେଁ ମନୁ ଏବେ ବି ଯଶପାଲଙ୍କୁ ତାଙ୍କ ମେଣ୍ଟର ଭାବେ ଦେଖୁଛନ୍ତି। ମୁଁ କେବଳ ଗୋଟିଏ କଥା କହିପାରିବି ଯେ, ରାଣା ମୋର କୋଚ। ସେ ମୋ ପାଇଁ ଜଣେ ମହାନ କୋଚ ହୋଇ ରହିଛନ୍ତି ବୋଲି ମନୁ ବିବିସି ସ୍ପୋର୍ଟ୍ସଓମେନ ଅଫ ଦି ଇୟର ୨୦୨୪ ପୁରସ୍କାର ଜିତିବା ପରେ ପ୍ରକାଶ କରିଛନ୍ତି।

### ଦୁବାଇରେ ଭାରତୀୟ ପ୍ରଶଂସକଙ୍କ ଭିଡ଼

ଦୁବାଇ:ମସ୍କଟର ରେହମାନ ଜାଇଦ ଓ ଓମାନର ଫାତିମା ଭାରତୀୟ କ୍ରିକେଟରଙ୍କ ଝଲକ ପାଇବା ପାଇଁ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରିଥିଲେ। କାରଣ ଏହି ଦେଶଗୁଡ଼ିକର କ୍ରିକେଟ ପ୍ରଶଂସକଙ୍କୁ ଭାରତୀୟ କ୍ରିକେଟରଙ୍କୁ ଦେଖିବାକୁ କଦାଚିତ ସୁଯୋଗ ମିଳେ। ଚାମ୍ପିୟନ୍ସ ଟ୍ରଫି ଲାଗି ଭାରତୀୟ ଦଳ ଆଇସିସି କ୍ରିକେଟ ଏକାଡେମୀରେ ପ୍ରାକ୍ଟିସ ଚଳାଇଥିବା ବେଳେ ଏକାଡେମୀ ବାହାରେ ୨୦୦ରୁ ଊର୍ଦ୍ଧ୍ୱ ପ୍ରଶଂସକ ଏକତ୍ରିତ ହୋଇଥିଲେ। ସେମାନଙ୍କ ମଧ୍ୟରେ ଭାରତ, ପାକିସ୍ତାନ, ବାଂଲାଦେଶ, ନେପାଳ, ଓମାନ, ୟୁକେ ଓ ୟୁଏସ୍‌ଏର ନାଗରିକ ଥିଲେ। ଭାରତୀୟ କ୍ରିକେଟ ଦଳର ସଦସ୍ୟ ସୋମବାର ସନ୍ଧ୍ୟାରେ ୩ ଘଣ୍ଟା ଧରି ଟ୍ରେନିଂ କରିଥିଲେ। ପ୍ରଶଂସକ ଓ ଭାରତୀୟ କ୍ରିକେଟରଙ୍କ ମଧ୍ୟରେ ଏକ ବ୍ୟାରିକେଡ ଓ କିଛି ସୁରକ୍ଷା କର୍ମୀ ଛିଡ଼ା ହୋଇଥିଲେ। ଭାରତୀୟ ଖେଳାଳିଙ୍କ ନେଟ ସେସନ ଶେଷ ହେବା ପର୍ଯ୍ୟନ୍ତ ପ୍ରଶଂସକମାନେ ଅପେକ୍ଷା କରିଥିଲେ। କ୍ରିକେଟରମାନେ ବସ୍‌କୁ ଫେରିବା ଅବସରରେ ଫ୍ୟାନ୍ସଙ୍କ ସହିତ ଫଟୋ ଉଠାଇବା ସହିତ ଅଟୋଗ୍ରାଫ ଦେଇଥିଲେ। ଓମାନରୁ ଆସିଥିବା ୧୭ ବର୍ଷୀୟା ଫାତିମା ତାଙ୍କ ଟି-ଶାର୍ଟରେ ଶ୍ରେୟାସ ଆୟାରଙ୍କ ଅଟୋଗ୍ରାଫ ନେଇଥିଲେ। ଏ ସମ୍ପର୍କରେ ସେ କହିଥିଲେ, ମୁଁ ବହୁତ ଖୁସି। ଅତି ନିକଟରୁ ଭାରତୀୟ କ୍ରିକେଟରଙ୍କୁ ଦେଖିବାକୁ ସୁଯୋଗ ଦେଇଥିବାରୁ ଆମେ ଆଇସିସି ନିକଟରେ କୃତଜ୍ଞ। ମୁଁ ଟି-ଶାର୍ଟରେ ଅଟୋଗ୍ରାଫ ପାଇଛି। ଏହା ସତ ବୋଲି ବିଶ୍ୱାସ ହେଉ ନାହିଁ। ବିରାଟ କୋହଲିଙ୍କୁ ଦେଖିଲି। ସେ ଖୁବ୍ ଭଲ ମଣିଷ। ମୁଁ ଅଳ୍ପକେ ମହମ୍ମଦ ଶାମିଙ୍କ ଅଟୋଗ୍ରାଫ ନେବାରେ ବିଫଳ ହୋଇଥିଲି।


ନେମାର


ପୁରସ୍କାର ଗ୍ରହଣ ଅବସରରେ ମନୁ ଭାକର



ଶ୍ରେୟସ ଆୟାରଙ୍କ ସହ ଫାତିମା

### ଲଭ

ଦିନିକିଆ କ୍ରିକେଟରେ ସର୍ବନିମ୍ନ
ସ୍କୋରକୁ ଡିଫେଣ୍ଡ କରି
ଆମେରିକା ବିଶ୍ୱ ରେକର୍ଡ କରିଛି
ୱାର୍ଲ୍ଡ କପ୍ ଲିଗ୍‌ରେ ନରି
ଆକିବ ଲିଆସ ଡରି
ପଞ୍ଚଷଠି ରନରେ ଅଲ୍ ଆଉଟ ଦେଶ
ଓମାନର ଗଲା ଶିରୀ।



ନ୍ୟୁଜିଲାଣ୍ଡଠୁ ଇନାଗୁରେଶନ
ମ୍ୟାଚ ହାରି ପାକିସ୍ତାନ
ଅନୁକୂଳ ବିଗିଡ଼ିଲା କହି କେତେ
ଦୁଃଖୀ ପାକିସ୍ତାନୀ ଫ୍ୟାନ
ଈର୍ଷା ଦ୍ୱେଷ ଭରା ମନ
କରାଚୀ ଫିଲ୍ଡରେ ଭାରତ ତ୍ରିରଙ୍ଗା
ନ ରଖିବା କାର୍ଯ୍ୟ ହୀନ।

ଶେଷରେ କରାଚୀ ଷ୍ଟାଡିୟମଠାରେ
ଉଡ଼ିଲା ତ୍ରିରଙ୍ଗା ବାନା
ନିଜ ଭୁଲ ବୁଝିପାରିକି ପିସିବି
ପଟ୍ଟ ଚେଞ୍ଜ କଲା ସିନା
ସେ ଲୋକ, ସେ ଦେଶ ସୁନା
ହାରିବା ଜିତିବା ଭୁଲି ଯିଏ କରେ
ବିପକ୍ଷକୁ ଲଭ୍ ଅନା।

–ସୁବାସ ଚନ୍ଦ୍ର ପ୍ରଧାନ

# ବିଜୟ ସହ ଭାରତର ଅଭିଯାନ

**ଦୁବାଇ,୨୦।୨**

ଭାରତୀୟ ଦଳ ଚାମ୍ପିୟନ୍ସ ଟ୍ରଫିରେ ବିଜୟ ସହ ଅଭିଯାନ ଆରମ୍ଭ କରିଛି। ସ୍ଥାନୀୟ ଅନ୍ତର୍ଜାତୀୟ କ୍ରିକେଟ ଷ୍ଟାଡିୟମରେ ଗୁରୁବାର ଆଇସିସି ଚାମ୍ପିୟନ୍ସ ଟ୍ରଫିର ଦ୍ୱିତୀୟ ମ୍ୟାଚରେ ଭାରତ ୬ ଉଇକେଟରେ ବାଂଲାଦେଶକୁ ପରାସ୍ତ କରିଛି। ବାଂଲାଦେଶ ଦ୍ୱାରା ଧାର୍ଯ୍ୟ ୨୨୯ ରନର ଟାର୍ଗେଟକୁ ଶୁବମନ ଗିଲଙ୍କ ଅପରାଜିତ ଶତକ ବଳରେ ଭାରତୀୟ ଦଳ ୪୬.୩ ଓଭରରେ ୪ ଉଇକେଟ ବିନିମୟରେ ହାସଲ କରିନେଇଛି। ଶୁବମନ ଗିଲଙ୍କୁ ପ୍ଲେୟର ଅଫ ଦି ମ୍ୟାଚ ବିବେଚିତ କରାଯାଇଛି। ଏହି ବିଜୟରୁ ୨ ପଏଣ୍ଟ ସହ ଭାରତ ଗ୍ରୁପ-ଏ'ରେ ନ୍ୟୁଜିଲାଣ୍ଡ ପଛକୁ ଦ୍ୱିତୀୟ ସ୍ଥାନରେ ରହିଛି। ଆସନ୍ତା ୨୩ ତାରିଖରେ ଭାରତୀୟ ଦଳ ତା'ର ଦ୍ୱିତୀୟ ମ୍ୟାଚରେ ଚିରପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ଭେଟିବ। ଟସ୍ ଜିତି ବ୍ୟାଟିଂ କରିଥିବା ବାଂଲାଦେଶ ୩୫ ରନ ମଧ୍ୟରେ ଟପ ଅର୍ଡରର ୫ ଉଇକେଟ ହରାଇ ସଙ୍କଟରେ ପଡ଼ିଥିଲା। ଏଭଳି ବିପଦଜନକ ସ୍ଥିତିରେ ତୋହିଦ ହ୍ରିଦୟ ଓ ଜାକର ଅଲୀ ଷଷ୍ଠ ଉଇକେଟ ଲାଗି ୩୪.୧ ଓଭରରେ ୧୫୪ ରନର ଭାଗୀଦାରି କରି ଦଳୀୟ ସ୍ଥିତିରେ ସୁଧାର ଆଣିଥିଲେ। ୧୧୪ ବଲର ସମ୍ମୁଖୀନ ହୋଇଥିବା ଅଲୀ ୪ ଚୌକା ସହାୟତାରେ ୬୮ ରନ କରିଥିଲେ। ତାଙ୍କୁ ମହମ୍ମଦ ଶାମି ପାଭିଲିଅନ ପଠାଇଥିଲେ। ଏହାପରେ ହ୍ରିଦୟ ଶତକ ପୂରଣ କରିବା ସହ ଏକାକୀ ଦଳୀୟ ସ୍କୋରକୁ ୨୨୮ ରନରେ ପହଞ୍ଚାଇଥିଲେ। ହ୍ରିଦୟ ୧୧୮ ବଲରେ ୬ ଚୌକା ଓ ୨ ଛକା ସହିତ ୧୦୦ ରନ କରି ହର୍ଷିତ ରାଣାଙ୍କ ବଲରେ ଆଉଟ ହୋଇଥିଲେ। ଦଳ ପକ୍ଷରୁ ତଞ୍ଜିଦ ହାସନ ୨୫ ଓ ରିଶାଦ ହୋସେନ ୧୮ ରନ କରିଥିଲେ। ଦଳର ୫ ବ୍ୟାଟର ଖାତା ଖୋଲି ପାରିନଥିଲେ। ଭାରତୀୟ ଦଳ ପକ୍ଷରୁ ବୋଲିଂରେ ଶାମି ୫ ଉଇକେଟ ସଫଳତା ହାସଲ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ହର୍ଷିତ ରାଣା ୩ ଓ ଅକ୍ଷର ପଟେଲ ୨ ଉଇକେଟ ଅକ୍ତିଆର କରିଥିଲେ।

ଜବାବରେ ରୋହିତ ଶର୍ମା ଓ ଗିଲଙ୍କ ଓପନିଂ ଯୋଡ଼ି ଭାରତକୁ ଭଲ ଆରମ୍ଭ ପ୍ରଦାନ କରିଥିଲା। ଦୁହେଁ ପ୍ରଥମ ଉଇକେଟ ପାଇଁ ୬୯ ରନ ଯୋଡ଼ିଥିଲେ। ଅଧିନାୟକ ରୋହିତ ୩୬ ବଲରେ ୭ ଚୌକା ସହିତ ୪୧ ରନ କରି ଆଉଟ ହୋଇଥିଲେ। ନଂ-୩ ସ୍ଥାନରେ ବ୍ୟାଟିଂ ଆସିଥିବା ବିରାଟ କୋହଲି ଗିଲଙ୍କ ସହ ଧୈର୍ଯ୍ୟର ସହ ବ୍ୟାଟିଂ କରି ଦ୍ୱିତୀୟ ଉଇକେଟ ଲାଗି ୪୩ ରନ ଭାଗୀଦାରି କରିଥିଲେ। ଏହାପରେ ଭାରତ କ୍ରମାଗତ ବ୍ୟବଧାନରେ ୩ ଉଇକେଟ ହରାଇଥିଲା। କୋହଲି ୨୨, ଶ୍ରେୟାସ ଆୟାର ୧୫ ଓ ଅକ୍ଷର ପଟେଲ ୮ ରନ କରି ଆଉଟ ହୋଇଥିଲେ। ଏଭଳି ସ୍ଥିତିରେ ଗିଲଙ୍କ ସହ ଲୋକେଶ ରାହୁଲ ମ୍ୟାଚ ପରିସମାପ୍ତି ଘଟାଇ ଥିଲେ। ଦୁହେଁ ପଞ୍ଚମ ଉଇକେଟ ପାଇଁ ଅବିଭାଜିତ ୮୭ ରନ ଯୋଡ଼ିଥିଲେ। ଗିଲ ୧୨୯ ବଲରେ ୯ ଚୌକା ଓ ୨ ଛକା ସହିତ ୧୦୧ ରନ କରିଥିଲେ। ଏହା ତାଙ୍କ ଦିନିକିଆ କ୍ୟାରିୟରର ଅଷ୍ଟମ ଶତକ ଥିଲା। ରାହୁଲ ୧ ଚୌକା ଓ ୨ ଛକା ସହିତ ୪୧ ରନ କରି ଅପରାଜିତ ରହିଥିଲେ। ବାଂଲାଦେଶ ପକ୍ଷରୁ ବୋଲିଂରେ ରିଶାଦ ହୋସେନ ୨ଟି ଉଇକେଟ ନେଇଥିବା ବେଳେ ତସ୍କିନ ଅହମ୍ମଦ ଓ ମୁସ୍ତାଫିଜୁର ରହମାନ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

**ସଂକ୍ଷିପ୍ତ ସ୍କୋର**

ବାଂଲାଦେଶ: ୪୯.୪ ଓଭରରେ ୨୨୮/ଅଲଆଉଟ (ତୋହିଦ ହ୍ରିଦୟ-୧୦୦, ଜାକର ଅଲି-୬୮, ତାନ୍‌ଜିଦ ହସନ-୨୫; ମହମ୍ମଦ ଶାମି-୫/୫୩, ହର୍ଷିଦ ରାଣା-୩/୩୧, ଅକ୍ଷର ପଟେଲ-୨/୪୩)।

ଭାରତ: ୪୬.୩ ଓଭରରେ ୨୩୧। (ଶୁବମନ ଗିଲ୍-୧୦୧*, ରୋହିତ ଶର୍ମା- ୪୧, କେ.ଏଲ୍ ରାହୁଲ-୪୧*, ବିରାଟ କୋହଲି-୨୨; ରିସାଦ ହୋସେନ-୨/୩୮)।



ଅପରାଜିତ ଶତକ ଅବସରରେ ଶଟ୍ ଖେଳୁଛନ୍ତି ଶୁବମନ ଗିଲ୍।

# ସୁଚିତ୍ରାଙ୍କୁ ସ୍ୱର୍ଣ୍ଣ ପଦକ

**ଜାତୀୟ ପାରା ଆଥ୍‌ଲେଟିକ୍ସ**

**ଭୁବନେଶ୍ୱର, ୨୦।୨ (ତପନ ସ୍ୱାଇଁ)**

ଚେନ୍ନାଇରେ ଚାଲିଥିବା ୨୩ତମ ଜାତୀୟ ପାରା ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍‌ରେ ଗୁରୁବାର ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି ଓଡ଼ିଶାର ସୁଚିତ୍ରା ପରିଡ଼ା। ସେ ମହିଳା ଏଫ୍-୫୫ ଜାଭେଲିନ୍ ଥ୍ରୋ ଇଭେଣ୍ଟରେ ୧୮.୭୯ ମିଟର କ୍ଲିୟର କରି ନୂଆ ଜାତୀୟ ରେକର୍ଡ ସୃଷ୍ଟି କରିବା ସହ ସ୍ୱର୍ଣ୍ଣିମ ସଫଳତା ପାଇଛନ୍ତି। ବୁଧବାର ୨ଟି ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ ତାରକା ସ୍ପ୍ରିଣ୍ଟର ଜୟନ୍ତୀ ବେହେରା। ସେ ମହିଳା ଟି-୪୭ ବର୍ଗର ୧୦୦ ମିଟର ରେସ୍‌ରେ ୧୩.୪୩ ସେକେଣ୍ଡ ଓ ଟି-୪୭ ମହିଳା ବର୍ଗର ୪୦୦ ମିଟର ରେସ୍‌ରେ ୧:୦୧.୧୯ ସେକେଣ୍ଡ ସମୟ ନେଇ ସ୍ୱର୍ଣ୍ଣ ପଦକ ଜିତିଥିଲେ।



ପଦକ ସହ ଜୟନ୍ତୀ ବେହେରା (ବାମ)।

**ଏଫ୍‌ଆଇଏଚ୍ ହକି ଆଜିର ମ୍ୟାଚ**

**ପୁରୁଷ**

ଆର୍ଜେଣ୍ଟିନା ବନାମ ଅଷ୍ଟ୍ରେଲିଆ
ସମୟ: ଅପରାହ୍ନ ୩ଟା ୩୦।
ଭାରତ ବନାମ ଆୟର୍ଲାଣ୍ଡ
ସମୟ: ୭ଟା୩୦

**ମହିଳା**

ଇଂଲଣ୍ଡ ବନାମ ନେଦରଲାଣ୍ଡ
ସମୟ: ଅପରାହ୍ନ ୩ଟା
ଆର୍ଜେଣ୍ଟିନା ବନାମ ଅଷ୍ଟ୍ରେଲିଆ
ସମୟ: ସନ୍ଧ୍ୟା ୬ଟା
ଭାରତ ବନାମ ଜର୍ମାନୀ
ସମୟ: ୫ ଟା ୧୫।

# ଭାରତ ୨-୦ରେ ବିଜୟୀ

**ପିଙ୍କ୍ ଲେଡିଜ କପ୍**

**ଶାରଜା,୨୦।୨(ପି.ଟି.)**

ପିଙ୍କ ଲେଡିଜ୍ କପ୍ ମହିଳା ଫୁଟବଲ ପ୍ରତିଯୋଗିତାରେ ଭାରତ ବିଜୟ ସହ ଅଭିଯାନ ଆରମ୍ଭ କରିଛି। ଗୁରୁବାର ଖେଳାଯାଇଥିବା ପ୍ରଥମ ମ୍ୟାଚରେ ଭାରତ ୨-୦ ଗୋଲରେ ଜୋର୍ଡାନକୁ ପରାସ୍ତ କରିଛି। ନୂଆ କୋଚ କ୍ରିସ୍ପିନ ଛେତ୍ରୀଙ୍କ ମାର୍ଗଦର୍ଶନରେ ଏହା ଭାରତୀୟ ଦଳ ଲାଗି ପ୍ରଥମ ବିଜୟ। ମ୍ୟାଚରେ ବିଜୟୀ ଦଳ ପାଇଁ ମିଡଫିଲ୍ଡର ପ୍ରିୟଙ୍କା ଦେବୀ (୨୩ତମ ମିନିଟ) ଓ ୱିଙ୍ଗର ମନୀଶା (୫୪ତମ) ଗୋଲ ସ୍କୋର କରିଥିଲେ। ଏହି ମ୍ୟାଚ ଜରିଆରେ ଲିଶାମ ବବିନା ଦେବୀ ତାଙ୍କର ଇଣ୍ଟରନ୍ୟାଶନାଲ କ୍ୟାରିୟର ଆରମ୍ଭ କରିଛନ୍ତି। ଆସନ୍ତା ୨୩ ତାରିଖରେ ଭାରତୀୟ ଦଳ ତା'ର ଦ୍ୱିତୀୟ ମ୍ୟାଚରେ ରୁଷିଆକୁ ଭେଟିବ।

# ଓଡ଼ିଶା ଏଚ୍‌ପିସି ଜିମ୍ନାଷ୍ଟଙ୍କୁ ୬ ସ୍ୱର୍ଣ୍ଣ ସମେତ ୧୧ ପଦକ



ପଦକ ସହ ଓଡ଼ିଶା ଏଚ୍‌ପିସି ଜିମ୍ନାଷ୍ଟ।

**ଭୁବନେଶ୍ୱର,୨୦।୨(ଅନାଦି କର)**

ଉତ୍ତରାଖଣ୍ଡର ଡେରାଡୁନରେ ଗତ ୮ରୁ ୧୩ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ୩୮ତମ ନ୍ୟାଶନାଲ ଗେମ୍ସରେ ଓଡ଼ିଶା ଜିମ୍ନାଷ୍ଟିକ୍ସ ହାଇ-ପର୍ଫରମାନ୍ସ ସେଣ୍ଟର (ଜିଏଚ୍‌ପିସି)ର ଜିମ୍ନାଷ୍ଟଙ୍କୁ ଉଲ୍ଲେଖନୀୟ ସଫଳତା ମିଳିଛି। ପ୍ରତିଯୋଗିତାରେ ଜିଏଚ୍‌ପିସିର ୧୨ ଜିମ୍ନାଷ୍ଟ ବିଭିନ୍ନ କ୍ୟାଟେଗୋରିରେ ଭାଗ ନେଇଥିବା ବେଳେ ସେମାନଙ୍କ ମଧ୍ୟରୁ ୭ ଜଣ ୧୧ ପଦକ ଜିତିଛନ୍ତି। ଏହି ପଦକ ତାଲିକାରେ ୬ଟି ସ୍ୱର୍ଣ୍ଣ, ୨ଟି ରୌପ୍ୟ ଓ ୩ଟି ବ୍ରୋଞ୍ଜ ରହିଛି।

ଓଡ଼ିଶା ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ଓମେନ ଆର୍ଟିଷ୍ଟିକ ଜିମ୍ନାଷ୍ଟିକ୍ସ (ଡବ୍ଲ୍ୟୁଏଜି) କ୍ୟାଟେଗୋରିରେ ପ୍ରଣତୀ ନାୟକ ବ୍ୟକ୍ତିଗତ ଅଲ-ଆରାଉଣ୍ଡରେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ଏଥିସହିତ ସେ ଭଲ୍ଟରେ ରୌପ୍ୟ ଓ ବାଲାନ୍ସ ବିମରେ ବ୍ରୋଞ୍ଜ ପଦକ ହାତେଇଥିଲେ। ଦଳଗତ ଇଭେଣ୍ଟରେ ପ୍ରଣତୀ ନାୟକ, କରିଷ୍ମା, ଆଦିତୀ ତୋଡି ଓ ରିତିକା ଦାସଙ୍କୁ ନେଇ ଗଠିତ ଓଡ଼ିଶା ଓମେନ୍ସ ଆର୍ଟିଷ୍ଟିକ ଜିମ୍ନାଷ୍ଟିକ୍ସ (ଡବ୍ଲ୍ୟୁଏଜି) ଦଳ ବ୍ରୋଞ୍ଜ ପଦକ ଜିତି ଇତିହାସ ସୃଷ୍ଟି କରିଛି। ସିନିୟର ପୁରୁଷ ଆର୍ଟିଷ୍ଟିକ ଜିମ୍ନାଷ୍ଟିକ୍ସ (ଏମ୍ଏଜି) କ୍ୟାଟେଗୋରିରେ ଓଡ଼ିଶା ପକ୍ଷରୁ ପ୍ରତିନିଧିତ୍ୱ କରିଥିବା ରାକେଶ କୁମାର ପାତ୍ର ଷ୍ଟିଲ ରିଙ୍ଗ୍ସ ଓ ପାରାଲାଲ ବାର୍ସରେ ସ୍ୱର୍ଣ୍ଣ ପଦକ ଜିତିଥିବା ବେଳେ ତପେଶ୍ୱର ନାଥ ଦାସ ଭଲ୍ଟରେ ରୌପ୍ୟ ପଦକ ଅର୍ଜନ କରିଥିଲେ।

ଜିଏଚ୍‌ପିସିର ଅନ୍ୟ ଜିମ୍ନାଷ୍ଟ ତପନ ମହାନ୍ତି ସର୍ଭିସେସ ପକ୍ଷରୁ ପ୍ରତିନିଧିତ୍ୱ କରି ପୁରୁଷ ଆର୍ଟିଷ୍ଟିକ ଜିମ୍ନାଷ୍ଟିକ୍ସ (ଏମ୍ଏଜି)ରେ ସ୍ୱର୍ଣ୍ଣ ପଦକ ଜିତିବା ସହ ବ୍ୟକ୍ତିଗତ ଅଲ-ଆରାଉଣ୍ଡ ଚାମ୍ପିଅନ ହୋଇଥିଲେ। ସେ ଫ୍ଲୋର ଏକ୍ସରସାଇଜରେ ଗୋଲ୍ଡ ଓ ଷ୍ଟିଲ ରିଙ୍ଗ୍ସରେ ବ୍ରୋଞ୍ଜ ପଦକ ହାତେଇଥିଲେ। ଦଳଗତ ଚାମ୍ପିୟନଶିପରେ ସର୍ଭିସେସ ଏମଏଜି ଦଳର ସଦସ୍ୟ ଭାବେ ତପନ ଆଉ ଏକ ସ୍ୱର୍ଣ୍ଣ ଜିତିଥିଲେ।

# ଭାରତ ବିପକ୍ଷ ମ୍ୟାଚ ଖେଳିବା ପାଇଁ ଦୁବାଇ ଗଲା ପାକିସ୍ତାନ

**ଚାମ୍ପିୟନ୍ସ ଟ୍ରଫି**

**କରାଚୀ, ୨୦।୨ (ପି.ଟି.)**

ଭାରତ ବିପକ୍ଷ ଚାମ୍ପିୟନ୍ସ ଟ୍ରଫି ମ୍ୟାଚ ଖେଳିବା ଲାଗି ପାକିସ୍ତାନ କ୍ରିକେଟ ଦଳ ଗୁରୁବାର ଦୁବାଇ ଗସ୍ତ କରିଛି। ଭାରତ ବିପକ୍ଷ ମ୍ୟାଚ ପୂର୍ବରୁ ଓପନର ଫଖର ଜମାନଙ୍କ ଆଣ୍ଠୁରେ ଆଘାତ ଲାଗିଥିବାରୁ ପାକିସ୍ତାନ ଦଳକୁ ଶକ୍ତ ଆଘାତ ଲାଗିଛି। ତାଙ୍କ ସ୍ଥାନରେ ଇମାମ୍ ଉଲ୍ ହକ୍ ପାକିସ୍ତାନ ଦଳ ସହିତ ଦୁବାଇ ଯାଇଛନ୍ତି। ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ଇଣ୍ଟରନ୍ୟାଶନାଲ କ୍ରିକେଟ କାଉନ୍‌ସିଲର ଇଭେଣ୍ଟ ଟେକ୍‌ନିକାଲ କମିଟିର ଅନୁମୋଦନ ଆଣି ଦଳରେ ପରିବର୍ତ୍ତନ କରିଛି। ଭାରତ-ପାକିସ୍ତାନ ମ୍ୟାଚ ରବିବାର ଦୁବାଇ ଅନ୍ତର୍ଜାତୀୟ କ୍ରିକେଟ ଷ୍ଟାଡିୟମରେ ଖେଳାଯିବାର କାର୍ଯ୍ୟକ୍ରମ ରହିଛି। ୨୯ବର୍ଷୀୟ ଇମାମ୍ ତାଙ୍କ ଦେଶ ପାଇଁ ୭୨ ଅନ୍ତର୍ଜାତୀୟ ଦିନିକିଆ ଖେଳିଛନ୍ତି। ଏଠାରେ ବୁଧବାର ନ୍ୟୁଜିଲାଣ୍ଡ ବିପକ୍ଷ ଚାମ୍ପିୟନ୍ସ ଟ୍ରଫି ଓପନର ମ୍ୟାଚ୍‌ରେ ଜମାନ୍ ଆଘାତପ୍ରାପ୍ତ ହୋଇଥିଲେ। ୩୪ ବର୍ଷୀୟ ଏହି ଖେଳାଳି ପାକିସ୍ତାନ ତରଫରୁ ୮୬ ଅନ୍ତର୍ଜାତୀୟ ଦିନିକିଆ ଖେଳିଛନ୍ତି। ତାଙ୍କର ବ୍ୟାଟିଂ ଆଭରେଜ ୪୬ରୁ ସାମାନ୍ୟ ଅଧିକ ରହିଛି। ମାଂସପେଶୀରେ ଯନ୍ତ୍ରଣା ଅନୁଭବ କରିବାରୁ ଇନିଂସର ଅଧିକାଂଶ ସମୟ ସେ ପଡ଼ିଆ ବାହାରେ ଥିଲେ। ମ୍ୟାଚର ପ୍ରଥମ ଓଭରରେ ବଲ୍‌ର ପିଛାକରୁଥିବା ବେଳେ ସେ ଆଘାତପ୍ରାପ୍ତ ହୋଇଥିଲେ। ଫଳରେ ବୁଧବାର ଦ୍ୱିତୀୟ ଇନିଂସରେ ସେ ବ୍ୟାଟିଂ ଓପନ କରିବାକୁ ଆସିପାରି ନ ଥିଲେ। ତାଙ୍କ ସ୍ଥାନରେ କାମଚଳା ଭାବେ ସୌଦ ଶକିଲ ଆସିଥିଲେ। ଜମାନ ୪ ନମ୍ବର ସ୍ଥାନରେ ଆସି ବହୁ କଷ୍ଟରେ ୪୧ ବଲ୍‌ରୁ ୨୪ ରନ କରିଥିଲେ। ଏହି ମ୍ୟାଚରେ ପାକିସ୍ତାନ ୬୦ରନରେ ପରାଜିତ ହୋଇଥିଲା।

# ଜାତୀୟ ସିନିୟର ରୋଲ୍ ବଲ୍ ପାଇଁ ଓଡ଼ିଶା ଦଳ



କର୍ମକର୍ତ୍ତାଙ୍କ ସହ ଓଡ଼ିଶା ରୋଲ୍‌ବଲ୍ ଦଳ।

**ଭୁବନେଶ୍ୱର, ୨୦।୨ (ତପନ ସ୍ୱାଇଁ)**

ତାମିଲନାଡୁର ତ୍ରିଚିଠାରେ ୨୧ତମ ଜାତୀୟ ସିନିୟର ରୋଲ ବଲ୍ ଚାମ୍ପିୟନଶିପ୍ ୨୨ ତାରିଖରୁ ଆରମ୍ଭ ହେବ। ୨୫ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ସମ୍ମାନଜନକ ପ୍ରତିଯୋଗିତା ପାଇଁ ଗୁରୁବାର ଓଡ଼ିଶା ଦଳ ଘୋଷଣା କରାଯାଇଛି। ଅଭିଜିତ ସ୍ୱାଇଁ ଅଧିନାୟକ ମନୋନୀତ ହୋଇଥିବାବେଳେ ମୋହନ ପାତ୍ର, ଅଂଶ ତିୱାରୀ, ଧ୍ରୁବଜ୍ୟୋତି ସ୍ୱାଇଁ, ରାଜୀବ କୁମାର ସାହୁ ଓ ଅମିତ କଅଁର ଦଳରେ ସ୍ଥାନ ପାଇଛନ୍ତି। ତାମିଲନାଡୁ ଯିବା ପୂର୍ବରୁ ଘାଟିକିଆର କେ୭ ବିଡିଏ ରୋଲ ବଲ୍ ମିନି ଷ୍ଟାଡିୟମରେ ବିଦାୟୀ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ଓଡ଼ିଶା ରୋଲ ବଲ୍ ଆସୋସିଏଶନ ସମ୍ପାଦକ ପାର୍ଥ ସାରଥି ଜେନା, ଘାଟିକିଆ ଉନ୍ନୟନ କମିଟି ସଦସ୍ୟ ଅଶୋକ କୁମାର, ଭୁଜବଳ, ସମୀର ନନ୍ଦ ଓ ପ୍ରସନ୍ନ କୁମାର ଭୁଜବଳ ପ୍ରମୁଖ ଉପସ୍ଥିତ ଥିଲେ।

# ହାଇକୋର୍ଟ, ଭୁବନେଶ୍ୱର ବାର୍ ସେମିଫାଇନାଲରେ

**ପ୍ରଶାନ୍ତ ସ୍ମାରକୀ ଆଇନଜୀବୀ କ୍ରିକେଟ**

**ଭୁବନେଶ୍ୱର, ୨୦।୨ (ତପନ ସ୍ୱାଇଁ)**

ଭୁବନେଶ୍ୱର ବାର୍ ଆସୋସିଏଶନ ଆନୁକୂଲ୍ୟରେ ବିଜେବି କଲେଜ ପଡ଼ିଆରେ ୧୦ମ ପ୍ରଶାନ୍ତ ରାଉତରାୟ ସ୍ମାରକୀ ଅଲ୍ ଓଡ଼ିଶା ଆଇନଜୀବୀ କ୍ରିକେଟ ଟୁର୍ନାମେଣ୍ଟର ୨ଟି କ୍ୱାର୍ଟର ଫାଇନାଲ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶା ହାଇକୋର୍ଟ ଓ ଭୁବନେଶ୍ୱର ବାର୍ ଦଳ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଓଡ଼ିଶା ହାଇକୋର୍ଟ ଦଳ ୭ ଉଇକେଟରେ ଗଞ୍ଜାମ ବାର୍ ଆସୋସିଏଶନକୁ ପରାସ୍ତ କରିଛି। ଗଞ୍ଜାମ ବାର୍ ୧୬ ଓଭରରେ ୯୨ ରନକରି ଅଲ୍‌ଆଉଟ ହୋଇ ଯାଇଥିବାବେଳେ ଓଡ଼ିଶା ହାଇକୋର୍ଟ ଦଳ ୧୧.୨ ଓଭରରେ ୩ ଉଇକେଟ ହରାଇ ୯୬ ରନ ସଂଗ୍ରହ କରି ନେଇଥିଲା। ୪ ଓଭରରେ ମାତ୍ର ୧୮ ରନ ଦେଇ ୩ଟି ଉଇକେଟ ନେଇଥିବା ଅଧିନାୟକ ଏସ୍.ଏସ୍. ରାୟ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଅତିଥି ପ୍ରଶାନ୍ତ ରଞ୍ଜନ ପଟ୍ଟନାୟକ, ସୁଦାମ ଦାସ, ଅରୂପଚାନ୍ଦ ପ୍ରମୁଖ ପୁରସ୍କାର ପ୍ରଦାନ କରିଥିଲେ। ଅନ୍ୟ ଏକ କ୍ୱାର୍ଟର ଫାଇନାଲରେ ଭୁବନେଶ୍ୱର ବାର୍ ୪୬ ରନରେ ସମ୍ବଲପୁର ବାର୍ ଆସୋସିଏଶନକୁ ହରାଇ ଦେଇଛି। ଭୁବନେଶ୍ୱର ବାର୍ ୧୭ ଓଭରରେ ୪ ଉଇକେଟ ହରାଇ ୧୪୬ ରନ କରିଥିଲା। ସମ୍ବଲପୁର ବାର୍ ୧୭ ଓଭରରେ ୧୦୦ ରନକରି ସମସ୍ତ ଉଇକେଟ ହରାଇଥିଲା। ୩ ଓଭରରେ ମାତ୍ର ୯ ରନ ଦେଇ ୪ ଉଇକେଟ ନେଇଥିବା ବିଜୟୀ ଦଳର ଶରତ କୁମାର ଜେନା ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇ ଟୁର୍ନାମେଣ୍ଟ କମିଟି ଅଧ୍ୟକ୍ଷ ଏସ୍.ଏନ୍. ଦାସଙ୍କଠାରୁ ପୁରସ୍କାର ଗ୍ରହଣ କରିଥିଲେ।




Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ